
# ବେଦାନ୍ତା

Spreading Knowledge Amongst Mankind......

ଜୁନ-୨୦୧୯ JUNE - 2019



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ପ୍ରକୃତିର ତାଣ୍ଡବ ନୃତ୍ୟ, ପ୍ରାକୃତିକ ପରିବେଶ ଯଥା ଜଳବାୟୁ ଇତ୍ୟାଦି ମଣିଷର ଚରିତ୍ର ଏବଂ କାର୍ଯ୍ୟକଳାପ ଆଦିକୁ ପ୍ରଭାବିତ କରିଥାଏ । ପ୍ରକୃତିର ଭୟଙ୍କର ରୂପ ଆଗରେ ଆମେ ଯେ କେତେ ଯେ ଛାର, ତାହା ପୁଣିଥରେ ଆଣି ଦେଇଛି "ଫନି" ରୂପରେ । ଫନି ର ପ୍ରଳୟଙ୍କାରୀ କରାଳ ରୂପ ସ୍ମାର୍ଟ ସିଟି ଭୁବନେଶ୍ୱରକୁ କରିଛି ଛାରଖାର । ଆମେ ଦଶବର୍ଷ ପଛକୁ ଫେରିଯାଇଛେ କହିଲେ ଅତ୍ୟୁକ୍ତି ହେବନାହିଁ । ପାଣିପାଗର ପରିବର୍ତ୍ତନ ଯୋଗୁଁ ଏଭଳି କ୍ରାନ୍ତିମଣ୍ଡଳୀୟ ବାତ୍ୟା ବାରମ୍ବାର ହେଉଛି । ଯାହାର ଅକଳନ ଧନଜୀବନ ହାନିର କାରଣ ଅଟେ । ଏହା ଏକ ଭୟାଭୟ ସମସ୍ୟା ଯାହାକୁ ନଜରଅନ୍ଦାଜ କରାଯାଇ ନପାରେ । ୧୯୯୯ ମହାବାତ୍ୟା, ହୁଡ୍ ହୁଡ୍, ତିତଲି, ଫାଇଲିନ୍, ପୁଣି ଫନି, ଏମିତି କେତେ ବାତ୍ୟା, ଝଡ ଓଡିଶା ମାଟିକୁ ଛୁଇଁଛି । ବିପଦ ଆସିଛି । ମିଳିମିଶି ମୁକାବିଲା କରିଛନ୍ତି ସମସ୍ତେ । ସାମୁଦ୍ରିକ ଝଡ ଫନି ମାଡରେ ଭିଷଣ କ୍ଷତିଗ୍ରସ୍ତ ଓଡିଶା ମାଟିର ପ୍ରତ୍ୟେକ ନାଗରିକଙ୍କର ଦୃଢ ଉକ୍ତି । ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନରେ ସାମୁଦ୍ରିକ ଝଡର ପ୍ରଥମ ଅବତରଣ ଭୂମି ଥିଲା ପୁରୀ ଜିଲ୍ଲା । ଏହିଠାରୁ ହିଁ ପ୍ରଥମ ଧ୍ୱଂସର ବିପ୍ଳାତ ଆରମ୍ଭ । ସମୁଦ୍ରର ବିକଟାଳ ଗର୍ଜନକୁ ଶୁଣିଥିଲେ ଗାଁ ଲୋକେ । ଡକାଡକ ହୋଇ ଗୁଲିଯାଇଥିଲେ ଗାଁ ପାଖ ବାତ୍ୟା ଆଶ୍ରୟସ୍ଥଳକୁ । କୌଳିକ ବୃତ୍ତିକୁ ନେଇ ପରିବାର ପୋଷୁଥିବା ମତ୍ସ୍ୟଜୀବୀ ଝଡ ପୂର୍ବରୁ ଘାଟରେ ବାନ୍ଧିଥିଲେ ହଜାର ହଜାର ନୌକା । ୧୯୯୯ ମହାବାତ୍ୟାଠାରୁ ଭୟଙ୍କର ରୂପ ନେଇଥିଲା ଫନି । ବର୍ଷା ପବନ ସହ ସମୁଦ୍ର ଏବଂ ଚିଲିକାର ଜୁଆର

ଅତୀତର ସମସ୍ତ ରେକର୍ଡକୁ ଅତିକ୍ରମ କରିଥିଲା । ମୂଷଳଧାରାରେ ବର୍ଷା ସହ ଦୁଇଶହ କ.ମି. ରୁ ପବନ ଅଧିକ ବେଗରେ ଗୁହୁଁ ଗୁହୁଁ ବଢ଼ିବାକୁ ଲାଗିଲା ।

ଭୋର ହେଲା । ପବନର ଗତି ଟିକଏ କମିଲା । ଲୋକେ ଯାହା ଦେଖିଲେ ବିଶ୍ୱାସ କରିପାରୁନଥିଲେ । ପୂର୍ବ ବାତ୍ୟାକୁ ଦୃଢ଼ତାର ସହିତ ମୁକାବିଲା କରିଥିବା ଲୋକେ, ପଶୁ, ଫନିର ପ୍ରକୋପରେ ଦୁର୍ବଳ ହୋଇପଡ଼ିଥିଲେ । ଗାଁ ରେ କେବଳ କୋଠାଘର ଛାଡ଼ିଦେଲେ ଆଉ କାହାର ଛପର ନଥିଲା । ବାରିହୋଇ ପଡୁଥିଲା ମଧ୍ୟବିତ ଏବଂ ଗରିବଙ୍କ ପ୍ରଭେଦ । କିନ୍ତୁ ଏହିସବୁ କୋଠାଘର ସେ ଦିନ ରାତିରେ ପାଲଟିଥିଲା ଅଭାବୀ ମଣିଷଙ୍କ ପାଇଁ ଆଶ୍ରୟଦାତା । ଆଜବେଷ୍ଟସ୍, ଖପର, ଟିଣ, ଟାଇଲ ଘରଗୁଡ଼ିକ କିଛି ନଥିଲା । ଖରାଟିଆ ଧାନ ଫସଲ, ନଡ଼ିଆ, ଆମ୍ବ ସବୁ ଫସଲ ନଷ୍ଟ ହୋଇଯାଇଥିଲା ଫନିର ପ୍ରକୋପରେ । ଗରିବ ଚାଷିମାନଙ୍କର ବର୍ଷଯାକର ଜମାପୁଞ୍ଜି ସବୁ ନଷ୍ଟ କରିଦେଇଥିଲା ଫନି । ରାସ୍ତା, ଜମି, ଜଙ୍ଗଲ ସବୁ ବାଲିସ୍ତୂପରେ ପରିଣତ ହୋଇଯାଇଥିଲା । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଧ୍ୱଂସ ବିଧ୍ୱଂସ କରିଦେଇଛି ଫନି । ମରାଳମାଳିନୀ ନୀଳାମ୍ବୁ ଚିଲିକାର ଶୋଭାରାଜି ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ । ଏଭଳି ପରିସ୍ଥିତିରେ ବିପନ୍ନଙ୍କ ଜୀବନ ଓ ଜୀବିକା ସ୍ୱାଭାବିକ ନୁହେଁ । ପୁରୀ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରରେ ଭୀଷଣ ଫନିର ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର ସହରର ପରିମଳ, ବିଦ୍ୟୁତ୍ ପାନୀୟ ଜଳଯୋଗାଣ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ । ସମସ୍ତ ଜଟିଳ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ପ୍ରତିଶ୍ରୁତି ଦେବାର କ୍ଷମତା ନାହିଁ । କେବଳ ସରକାରଙ୍କ ଭରସା । ବିପ୍ୟାତର ବିବଶ ବେଳରେ ଓଡ଼ିଶା ଲୋକଙ୍କ ଆତ୍ମୀୟତା ନିଆରା । ଦରିଆ ଏବଂ ହ୍ରଦ ଭିତରେ ଜୀବନ ଯାପନ କରୁଥିବା ଲୋକଙ୍କ ବିକାଶର ସ୍ୱପ୍ନ ସମ୍ଭାର ସମସ୍ତଙ୍କୁ ବିସ୍ମିତ କରୁଛି । ମନରେ ସୃଷ୍ଟି କରୁଛି ଅନେକ ପ୍ରଶ୍ନ । ସରକାର, ପ୍ରଶାସନ କଣ ସମ୍ଭାବନାର ଏହି ନୂତନ ସ୍ୱପ୍ନ ସମ୍ଭାରକୁ ଭୂମିସ୍ପର୍ଶ କରାଇପାରିବ ନାହିଁ ।

ରାଜ୍ୟରେ ଫନି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବ୍ୟାପକ ପରିମାଣରେ ଗଛ ଭାଙ୍ଗିଯାଇଛି । ରାଜ୍ୟ ସରକାରଙ୍କ ଆକଳନ ପାଖାପାଖି ୨୫ ଲକ୍ଷ ଗଛ ନଷ୍ଟ ହୋଇଛି । ଓଡ଼ିଶାର ସବୁଜିମାକୁ ପୁଣି କିପରି ଫେରାଇ ଅଣାଯାଇପାରିବ, ଏହା ଏକ ଜଟିଳ ସମସ୍ୟା । କେନ୍ଦ୍ର ସରକାରଙ୍କ

ଗ୍ରୀନ୍ ଇଣ୍ଡିଆ ମିସନ୍ ନ୍ୟାସନାଲ୍ ଏଗ୍ରୋ ଫରେଷ୍ଟ୍ରି, ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ, ତଥା ନେସନାଲ ଏନଫରେଷ୍ଟେସନ୍ ପ୍ରୋଗ୍ରାମ ଅନ୍ତର୍ଗତ ରାଜ୍ୟ ସରକାରଙ୍କୁ ସବୁପ୍ରକାର ସାହାର୍ଯ୍ୟ ଏବଂ ସହଯୋଗ ମିଳିବା ଉଚିତ । ଓଡିଶାର ଫନି ପ୍ରଭାବିତ ନଡିଆ ଚାଷିମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଅନ୍ତର୍ଗତ ସୁବିଧା ସୁଯୋଗ ନେଇ ଆଶଙ୍କା ସୃଷ୍ଟି କରାଯାଇଛି । ରାଜ୍ୟକୁ ଆର୍ଥିକ ଅନୁଦାନ ମିଳିବାରେ କୌଣସି ପ୍ରତିବନ୍ଧକ ରହିବନାହିଁ ବୋଲି ଆଶା କରାଯାଉଛି । ଓଡିଶାରେ କ୍ରମାଗତ ଭାବେ ବାତ୍ୟା, ବନ୍ୟା ଓ ଜଳବାୟୁ ପରିବର୍ତ୍ତନ ହେଉଥିବା ଯୋଗୁଁ ରାଜ୍ୟରେ କିଭଳି ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଇବ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାରମ୍ଭିକ ମନ୍ତବ୍ୟ ଆରମ୍ଭ ହୋଇଛି । ପ୍ରସ୍ତାବିତ ଜଳବାୟୁ ନିବେଶ ଯୋଜନା ଅନ୍ତର୍ଗତ ଖାଲି ପଡି ରହିଥିବା ଜମିରେ ମୂଲ୍ୟବାନ କାଠ ପ୍ରସ୍ତୁତ ହେବାଭଳି ବୃକ୍ଷାରୋପଣ କରାଯିବାର ଅନୁମତି ଦିଆଯିବା ଯୋଜନା ଚାଲିଛି ।

ଫନି ପ୍ରଳୟର ତାଣ୍ଡବ ଗତି ଚାଲିଯିବାର କିଛିଦିନ ବିତିଗଲାଣି । ବାତ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକତା ଫେରିବା ବହୁତ ଦୂରରେ । ୧୧ଟି ଜିଲ୍ଲା, ୪୬ଟି ସହରାଞ୍ଚଳ ଏବଂ ୧୪,୮୩୫ ଗାଁର ପ୍ରାୟ ଦେଢକୋଟି ପିଡିତଙ୍କ ପାଇଁ ଜୀବନଯାତ୍ରା ସ୍ୱାଭାବିକତାର ରୂପରେଖ, ଆଶା ଉଙ୍କିମାରୁଛି । ଫନି ପରେ ପ୍ରବଳ ଗରମ ଏବଂ ଗୁଳୁଗୁଳରେ ପାଣି ଆଉ ବିଜୁଳି ବିନା ଅସହ୍ୟ ସ୍ଥିତି ଏବେ ମଧ୍ୟ ଦେଖାଯାଉଛି । ଏସବୁ ସୁଧୁରିବ କେବେ? ସୁଧାରିବ କିଏ? ଲୋକଙ୍କ ମନରେ ଅନେକ ପ୍ରଶ୍ନ ।

କୌଣସି ସନ୍ଦେହ ନାହିଁ ଯେ ବାତ୍ୟା ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି । ରାତାରାତି ସ୍ୱାଭାବିକତା ଫେରିବା ସମ୍ଭବ ନୁହେଁ । ଏଥିପାଇଁ ସମୟ ଦରକାର । କିନ୍ତୁ କେତେ ସମୟ? ପରିସ୍ଥିତିକୁ ସୁଧାରିବାର ଆଶା ଏବେ ହତାଶାରେ ପରିଣତ ହୋଇ କ୍ରମେ ଅସନ୍ତୋଷର ରୂପ ନେଇଛି । ବାତ୍ୟା ଯୋଗୁଁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି । ଦେଢ ଲକ୍ଷରୁ ଅଧିକ ବିଦ୍ୟୁତ ଖୁଣ୍ଟ ଉପୁଡିଛି କିମ୍ବା ଭାଙ୍ଗିଯାଇଛି । ଟ୍ରାନ୍ସଫରମର୍ ଅଚଳ ହୋଇ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସଂପୂର୍ଣ୍ଣ କ୍ଷତିଗ୍ରସ୍ଥ । ରାଜଧାନୀର ସ୍ଥିତି ମଧ୍ୟ ଅଚଳ । ସବୁଠାରୁ ଅଧିକ ବାତ୍ୟା ପିଡିତ ପୁରୀ ଏବଂ ଅନ୍ୟ କ୍ଷତିଗ୍ରସ୍ତ ଗ୍ରାମାଞ୍ଚଳ ସ୍ଥିତି କଣ ହୋଇଥିବ?

ବିଦ୍ୟୁତ ସେବା ପୁନଃର୍ବାର ବ୍ୟବସ୍ଥା କ୍ଷେତ୍ରରେ ମନ୍ଥରତା ଏବଂ ଅନିଶ୍ଚିତତାର ମୁଖ୍ୟ କାରଣ ହେଲା କୁଶଳୀ ଲୋକଶକ୍ତିର ଅଭାବ । ପୁନଃନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ବିକଳ୍ପ ରଣକୌଶଳ ଖୋଜାଯିବା ଆବଶ୍ୟକ। ଅନେକ ଉଦାହରଣ ଅଛି। କୁଶଳୀ ଶ୍ରମିକଙ୍କୁ ପୁନଃନିର୍ମାଣ କାର୍ଯ୍ୟରେ ସହାୟତା ଲାଗି ସାଧାରଣ ଜନତାଙ୍କ ସହଯୋଗ ଲୋଡା ଯାଇପାରେ । ଆଗରୁ ଗାଁ ରାସ୍ତା ଖରାପ ହୋଇଗଲେ ଲୋକେ ନିଜେ ମାଟି ପକେଇ ଠିକ୍ କରି ଦେଉଥିଲେ । ଏବେ ସରକାରୀ ଫଣ୍ଡ କୁ ଅପେକ୍ଷା କରାଯାଉଛି । କେବେ ଆସିବେ, ଠିକ୍ କରିବେ । ଏବେ ସ୍ଥିତି ବଦଳିବା ଦରକାର । ପୁନଃନିର୍ମାଣ କାର୍ଯ୍ୟରେ ନିୟୋଜିତ ସରକାରୀ ଦଳ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ ସହଯୋଗ ଏବଂ ସମନ୍ୱୟ ପ୍ରତି ଜନ ପ୍ରତିନିଧି ଦଳ ନିର୍ବିଶେଷରେ ରାଜନୈତିକ ନେତୃବର୍ଗ, ବିଭିନ୍ନ ଅଞ୍ଚଳର ମୁରବିମାନଙ୍କର ଗଠନମୂଳକ ଭୂମିକା ସାଂପ୍ରତିକ କଠିନ ପରିସ୍ଥିତିରେ ମୁକାବିଲା ପାଇଁ ଅବଶ୍ୟ ସହାୟକ ହେବେ । ବାଧାପ୍ରାପ୍ତ ଜୀବନଯାତ୍ରାର ପୂର୍ବାବସ୍ଥା ଫେରାଇ ଆଣିବା ଦିଗରେ ଜନ ପ୍ରତିନିଧିଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ।

ପରିବେଶରେ ଦେଖାଯାଇଥିବା ଅସନ୍ତୁଳନ କଥା ତ ସମସ୍ତେ ଜାଣନ୍ତି । କିନ୍ତୁ ଜାଗୃକତା କେତେ? ପ୍ରକୃତିକୁ ସୁରକ୍ଷା କଲେ ପ୍ରକୃତି ଆମକୁ ମଧ୍ୟ ରକ୍ଷା କରିବ । ମେ ମାସରେ ଝଡ ବାତ୍ୟା ହେବା ଏକ ବିରଳ କଥା। ଏହା ନିୟମିତ ଧାରା ରେ ପରିଣତ ହୋଇଯିବନି ତ? ଆମ ଗର୍ବର ବିକାଶ ମଡେଲ୍ ସ୍ମାର୍ଟ ସିଟିକୁ ବାତ୍ୟାର ବିଭିଷିକା ଚୁରମାର୍ କରିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଇଭଳି ବାତ୍ୟା ବାରମ୍ବାର ଆସି ଧନ ଜୀବନ କ୍ଷୟକ୍ଷତିର କାରଣ ହେଉଛି ।

ଭାରତୀୟ ସଂସ୍କୃତିରେ ପର୍ଯ୍ୟାବରଣକୁ ପଞ୍ଚଦେବ ଅର୍ଥାତ, ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶ ରୂପରେ ପ୍ରତିଷ୍ଠା କରାଯାଇଛି। ଏହି ଜୀବନରକ୍ଷକ ଦେବତାମାନଙ୍କୁ ଯଜ୍ଞରେ ପଞ୍ଚବେଦୀ ଉପରେ ସ୍ଥାପନା କରି ପୂଜା କରାଯାଏ । ଏହି ପଞ୍ଚଦେବ ପୂଜାର ବର୍ଣ୍ଣନ ଏହି କଥାକୁ ସୁଚାଇଥାଏ ଯେ ସେଗୁଡିକ ଶୁଦ୍ଧ ରଖାଯାଉ । ଅନ୍ୟଥା ଆମର ଜୀବନ ସଂକଟରେ ପଡିପାରେ । ଆଜି ଏହି ପଞ୍ଚ ଦେବତାଙ୍କୁ ପ୍ରଦୂଷିତ କରି କେବଳ ମାନବ ଜାତି ନୁହେଁ, ବରଂ ସମସ୍ତ ପ୍ରାଣୀ ତଥା ବୃକ୍ଷ- ବନସ୍ପତି ମାନଙ୍କ ବିନାଶର ସ୍ଥିତି ସୃଷ୍ଟି କରାଯାଉଛି।

ପର୍ଯ୍ୟାବରଣ ଶୁଦ୍ଧି ର ଅର୍ଥ ଜୀବନର ସୁରକ୍ଷା । କିନ୍ତୁ ଆଜିର ବୈଜ୍ଞାନିକ ଗବେଷଣାର ନିଷ୍କର୍ଷ ହେଉଛି ବର୍ତ୍ତମାନର ବିକଶିତ ସଭ୍ୟତା ଯଦ୍ୱାରା ପର୍ଯ୍ୟାବରଣ ଦିନକୁଦିନ ପ୍ରଦୂଷିତ ହେବାକୁ ଲାଗିଛି । ଏବଂ ତାର କୁପ୍ରଭାବ ପ୍ରକୃତି ଏବଂ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି । ଆଧୁନିକ ସମୟରେ ଶିଳ୍ପସଂସ୍ଥା, କାରଖାନା ଏବଂ ମିଲ୍ ଦ୍ୱାରା ନିର୍ଗତ ରାସାୟନିକ ପଦାର୍ଥ, ଅଳିଆ, ପ୍ଲାଷ୍ଟିକ୍, ଗ୍ୟାସ, ଧୂଆଁ, ଧୂଳି, ମୋଟର- ରେଳଗାଡି ଇଞ୍ଜିନର ଧୂଆଁ ଏବଂ ପେଟ୍ରୋଲ- ଡିଜେଲ ଆଦିର ଧୂଆଁ ଦ୍ୱାରା ପ୍ରାକୃତିକ ପରିବେଶ ଦୂଷିତ ହେଉଛି । ପ୍ରଦୂଷିତ ପର୍ଯ୍ୟାବରଣର ମୁଖ୍ୟ କାରଣ ହେଉଛି ବିଜ୍ଞାନର ପ୍ରଗତି, ମନୁଷ୍ୟର ଅପ୍ରାକୃତିକ ଜୀବନଯାପନ ଏବଂ ଲୋକସଂଖ୍ୟା ବୃଦ୍ଧି । ବାହାର ପ୍ରକୃତି ପ୍ରଦୂଷିତ ହେବାରୁ ପ୍ରାଣୀମାନଙ୍କ ଭିତର ପ୍ରକୃତି ମଧ୍ୟ ଦୂଷିତ ହେବାରେ ଲାଗିଛି । ପ୍ରତି ୧୦୦ ଜଣ ଲୋକଙ୍କ ଭିତରେ ୭୫ ଜଣ ଲୋକ ଚିଡିଚିଡା ସ୍ୱଭାବ, ଆକ୍ରୋଶ, ଚିନ୍ତା, ଭୟ, ମାନସିକ ଗ୍ରୁପ, ଉଚ୍ଚ ରକ୍ତଗ୍ରୁପ, ନିମ୍ନ ରକ୍ତଗ୍ରୁପ ରୋଗରେ ପିଡିତ ଅଛନ୍ତି । ଲୋକମାନଙ୍କ ମଧ୍ୟରେ ଦୁର୍ଭାବନା ଈର୍ଷା, କ୍ରୋଧ, ଆବେଗ, ହିଂସୁକ ପ୍ରବୃତ୍ତି ବିକାର ସୃଷ୍ଟି ହେଉଛି । ବୈଶ୍ୱିକ ପ୍ରଦୂଷଣ ହେତୁ ବ୍ୟକ୍ତି ମଧ୍ୟରେ ପଶୁତା ଏବଂ ପାଶବିକ ପ୍ରବୃତ୍ତି ଜନ୍ମ ନେଉଛି । ଏଣୁ ପର୍ଯ୍ୟାବରଣ ସଂରକ୍ଷଣ ଆଜିର ଯୁଗରେ ସର୍ବାଧିକ ଆବଶ୍ୟକ ହୋଇଯାଇଛି । ସମୟ ପୂର୍ବରୁ ଚିନ୍ତା ନକଲେ ବିନାଶଲୀଳା ଆରମ୍ଭ ହୋଇପାରେ । ଆମମାନଙ୍କୁ ମନେ ରଖିବାକୁ ହେବ ଯେ ଆମ ପାଖରେ ଆଉ ଏକ ବାସପୋଯୋଗୀ ପୃଥିବୀ ନାହିଁ । ତେଣୁ ସଚେତନତା ଆଜିଠାରୁ ଆରମ୍ଭ । ନଚେତ୍ ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଜନିତ ଅନେକ ହତାଶା ଏବଂ ବିବଶତା ଆଜିଠାରୁ ହିଁ ଆମମାନଙ୍କ ଆଗରେ ପ୍ରଶ୍ନ ଏବଂ ବିପଦ ସୃଷ୍ଟି କରୁଛି ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଉର୍ବଶୀ | ମମତା ଦାଶ | ୧୨ |
| ସାତକୋଶିଆ ଗଣ୍ଡର କାହାଣୀ | ଅଶୋକ ବିଶ୍ବାଳ | ୧୪ |
| ମାୟା ଅବା ମୃତ୍ୟୁ | ସାଗରିକା ମହାନ୍ତି | ୨୨ |
| ଉତ୍କଳୀୟଙ୍କ ଭାସ୍କର୍ଯ୍ୟ | ରାଜଶେଖର ସି. "ଚମା" | ୨୪ |
| ମଜଭୁତ ସଡକ | ଶାନ୍ତିଲତା ମିଶ୍ର | ୨୫ |
| ଜଗତକରତା ସେଇ | ଶିଶିର କୁମାର ପଣ୍ଡା | ୩୧ |
| ଯୁଦ୍ଧ ସରିନ | ବିନୟ ମହାପାତ୍ର | ୩୨ |
| ମୋ ବୋଉ | ଅନୁସୂୟା ମିଶ୍ର | ୩୪ |
| ଶୋଳ ମଙ୍ଗଳା | ସୁଲୋଚନା ପଟ୍ଟନାୟକ | ୩୬ |
| ଆଖି ର ଭାଷା | ଆଶୁତୋଷ ମେହେର | ୪୩ |
| ହେ'ସମୟ | ଅମ୍ବିକା ସ୍ୱାଇଁ | ୪୪ |
| ଜହ୍ନ ଓ ମୁଁ | ମୀନାକ୍ଷି ପାଢୀ | ୪୫ |
| ମାନସିକ | ଲୋପାମୁଦ୍ରା ମିଶ୍ର | ୪୬ |
| ଛାଡି ଦେଇଥିଲି | ପ୍ରେମଶିଲ୍ ରାଉତ | ୫୨ |
| ଫନ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୪ |
| ଅଘଟଣ ବେଳା | ଡକ୍ଟର ବିଜ୍ଞାନୀ ଦାସ | ୫୬ |
| କୋଇଲି, ଗଲ୍ ପୁନ୍ ବାହୁଡି ନଇଲ୍ | ଶଶଧର ମହାପାତ୍ର | ୬୬ |

| | | |
|---|---|---|
| ମନର ମଣିଷ | ସୀତାରାମ ଦାଶ | ୭୧ |
| ପରଜା ଉପନ୍ୟାସର ତିନଟି ଗାଁ | ପ୍ରିୟବ୍ରତ ପାତ୍ର | ୭୨ |
| ଜୀବନ ଡାଏରୀ | ଡ. ଜ୍ଞାନେଶ୍ୱର ମିଶ୍ର | ୮୩ |
| ଦାଦନ | ସନ୍ତୋଷ ପଟ୍ଟନାୟକ | ୮୫ |
| ସ୍ୱପ୍ନର ନାୟିକା<br>ସତ୍ୟର ସନ୍ଧାନ | ପ୍ରଶାନ୍ତ କୁମାର ପଧାନ<br>ବରଦା ପ୍ରସନ୍ନ ଦାସ | ୮୭<br>୮୮ |
| ବୈଶାଖର କୋପ | ନବେଦିତା ମହାପାତ୍ର | ୯୫ |
| କାହାଣୀ ଲେଖୁଛି | କାର୍ତ୍ତିକ ପାଣିଗ୍ରାହି | ୯୬ |
| ଅବଶୋଷ | ସିଦ୍ଧେଶ୍ୱର ତ୍ରିପାଠୀ | ୯୮ |
| ଜେଜେ | ସୁବଳ ମହାପାତ୍ର | ୯୯ |
| ଲକ୍ଷ୍ମଣ ରେଖା | ଶଙ୍କର୍ଷଣ କର | ୧୦୪ |
| ମାଆ ମୋ ଈଶ୍ୱରୀଟିଏ | ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୧୦୫ |
| ଅଧୁରା କାହାଣୀ | ସଂଯୁକ୍ତା ରାଉତ | ୧୦୭ |
| ସ୍ୱପ୍ନରେ ଦେଖା କୋଣାର୍କ: ପିକନକ୍ ରେ | ପ୍ରଶାନ୍ତ କୁମାର ନାଥ | ୧୦୯ |
| ଫନ ପରବର୍ତ୍ତି କବିତା | ଚନ୍ଦ୍ର ଶେଖର ଗୋ | ୧୨୦ |
| ବାବାଜୀଙ୍କ ଲୋଟା ଓ ଜନତାଙ୍କ ନୋଟା | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୨୩ |
| ନୀଳାଞ୍ଜନା | ଆଶା ସାହୁ ( ଆରତୀ) | ୧୨୪ |
| ଅଫେରା ଅତିତ | ସୁନତା ଗୌଡ | ୧୩୭ |
| ଫଣୀ | ସନାତନ ମହାକୁଡ | ୧୩୯ |

| | | |
|---|---|---|
| ଅଗ୍ନିସ୍ନାତା | ସୁଷମା ପରିଜା | ୧୪୦ |
| ଅଧର୍ମ ସଂସ୍ଥାପନାୟଥେ ଯୁଗେ ଯୁଗେ | ମନୋଜ ଦାସ | ୧୪୭ |
| ବୁଝାମଣା | ଯଶୋବନ୍ତ ପଟ୍ଟନାୟକ | ୧୪୯ |
| ଓଷ ମଉସା | ପରମିତା ମିଶ୍ର | ୧୫୦ |
| କୋଣାର୍କ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୩ |
| ସୁଖର ଗୃବିକାଠି | ଅନାମ ଚରଣ ସାହୁ | ୧୫୪ |
| ବାର୍ଦ୍ଧକ୍ୟ ଭତ୍ତା | ଅନଙ୍ଗ ମଞ୍ଜରୀ | ୧୫୫ |
| ମିଥ୍ୟା ବନ୍ଧନ | ପ୍ରଦୀପ ବନ୍ଧ | ୧୫୭ |
| କାଳଆରେ ତୁମକୁ ମାଗିବିନ କଛି | ସୁଦାମ ଗୌଡ଼ | ୧୫୯ |
| ମାଗି ଓଳଗି ଯାଚ କଲ୍ୟାଣ | ସନ୍ତୋଷ କୁମାର ମହାନ୍ତି | ୧୬୦ |
| ତୁମକୁ ଖୋଜୁଛି | ସୁବାସ ଚନ୍ଦ୍ର ମୁଦୁଲି | ୧୬୬ |
| ରୁମାଲ୍ | ତରଙ୍ଗ ଚଣ୍ଡି | ୧୬୭ |
| ପ୍ରତିଶୋଧ | ପୂର୍ଣ୍ଣଚନ୍ଦ୍ର ରଣା | ୧୬୮ |
| ଅକଲ୍ ଗୁଡୁମ୍ | ମନୋଜ ମହାନନ୍ଦ | ୧୭୧ |
| ମନେ ରଖ | ଅକ୍ଷୟ କୁମାର ବେହେରା | ୧୭୩ |
| ଛାୟା | ଦୀପକ ଷଡଙ୍ଗୀ | ୧୭୪ |
| ଶାଶ୍ୱତ ପ୍ରେମ | ଅଜୟ କୁମାର ବେହେରା | ୧୭୯ |
| ଫନ | କାହ୍ନୁ ଚରଣ ସାହୁ | ୧୮୦ |

| | | |
|---|---|---|
| ଋଣ ମୁକ୍ତ ର ଶେଷ ପନ୍ଥା ଆତ୍ମହତ୍ୟା? | ପ୍ରକାଶ ସାହୁ | ୧୮୨ |
| ମନ ମୋର ଏକ କାଗଜ ଡଙ୍ଗା | ନରେନ୍ଦ୍ର ପ୍ରସାଦ ବେହେରା | ୧୮୬ |
| ନଦୀ ତିରେ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୧୮୮ |
| ପ୍ରତିଶ୍ରୁତି | ଶିବରାମ ଦଲେଇ | ୧୯୦ |
| କେଜାଣି କାହିଁକି | ଲିନା ମହାନ୍ତି | ୧୯୩ |
| ପ୍ରେମିକ | କବି ପ୍ରସାଦ | ୧୯୫ |
| ସେ ସଞ୍ଜ୍ | ପ୍ରବୀଣ୍ ରମେଶ୍ | ୧୯୬ |
| ଅଭିମାନ ସାଙ୍ଗ | କେଶରୀ ପ୍ରସାଦ ମହାନ୍ତି | ୧୯୭ |
| ପିତା ମାତା | ପ୍ରକାଶ ଚନ୍ଦ୍ର ମୁଦୁଲି | ୨୦୧ |
| ଶ୍ରମିକ | ଦୀନବନ୍ଧୁ ପୋଇ | ୨୦୨ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୦୫ |
| ପ୍ରତୀକ୍ଷା | ଧିରେନ୍ ବାଗ | ୨୦୬ |
| ମା' | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୦୮ |
| ତୁମକୁ ଦେଖିଲି ପରେ | ପ୍ରଶାନ୍ତ କୁମାର ନାଥ | ୨୧୦ |
| ବାସ୍ତବତା | ଶ୍ରୀକ୍ଷେତ୍ର ସୁନ୍ଦର | ୨୧୧ |
| ତୁମେ ଯଦି ହେବ | ସାଗର ପ୍ରଧାନ | ୨୧୩ |
| ସ୍ୱାଧିନ ଆଉ କେବେ ପାଏଲ | ଏମ୍. ବିଜୟ କୁମାର | ୨୧୪ |
| ଭିତ୍ତିହୀନ ବିଶ୍ୱାସର ସଂକେତ | ବାଲ୍ମୀକ ନାୟକ | ୨୧୬ |

# ଶିଶୁ ବିଭାଗ


| | | |
|---|---|---|
| ଅଙ୍କୁର ବିଲତି | ରଞ୍ଜିତ କୁମାର ସାହୁ | ୨୨୪ |
| ବାପା ମୋ ପରିଚୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୨୭ |
| ଖଟା ମିଠା ଫଳ | ରାଜଶେଖର ସି "ଚମା" | ୨୨୮ |
| ପିଲାଙ୍କ ପାଇଁ ଗପଟିଏ | ନରେନ୍ଦ୍ର ପ୍ରସାଦ ବେହେରା | ୨୩୦ |
| ଅଂଶୁଘାତ | ଚନ୍ଦ୍ର ଶେଖର ଗୋ | ୨୩୨ |
| ଆପଣ ମାନେ ସବୁ ଖୁସି ତ<br>ପାଠକୁ ଯାଅନ ଡରି | ସନ୍ତୋଷ କୁମାର ମହାନ୍ତି<br>ପ୍ରଶାନ୍ତ କୁମାର ନାଥ | ୨୩୩<br>୨୩୬ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୭ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୩୮ |

# ଉର୍ବଶୀ



ମମତା ଦାଶ

ରୂପସୀ ନାରୀ
ମୁଖ ସୌରଭ ନଭଗ୍ଧରିଣୀ
କମଳ, କର୍ପୂର, କୁଙ୍କୁମ, କୁଟଜରେ
ଅତୁଲ୍ୟ ସୌନ୍ଦର୍ଯ୍ୟର ଶୃଙ୍ଗାର ॥

ମଧୁର ସ୍ମୃତି ହୃଦୟ ମନ୍ଦିରରେ
ପ୍ରକୃତି ବୈଭବରେ ଭର୍‌ ଅମନ୍ଦ
ସ୍ୱର୍ଣ୍ଣ ବର୍ଣ୍ଣବଲ୍ଲରୀରେ
ଫୁଲପରି ଫୁଟିଥିବା ମୁଖ
ନଶାର ଦ୍ୱାରରେ ଉନ୍ମେଷର ସୁଖ ॥

ପ୍ରକୃତିର ଯୌବନ ଶୃଙ୍ଗାର
ଦେବ, ଗନ୍ଧର୍ବ, ଅସୁର ପଙ୍କ୍ତି
ଅନୁସରଣ କରେ ହୋଇ ଅଧିର
ଜୀବନ ଉତ୍ସର୍ଗ ପଦବୀର ଭ୍‌ର ॥

ସମର୍ପଣରେ ଭର୍‌ ସେବାର ଭ୍‌ବ
ଦୟା ମାୟା ଭର୍‌ ମଧୁରିମାରେ
ଅଗାଧ ବିଶ୍ୱାସ
ହୃଦୟ ର ରତ୍ନନଧି ସ୍ୱଚ୍ଛ
ସୌରଭରେ ପୂର୍ଣ୍ଣ ବିଶ୍ୱ ଇତିହାସ ॥

ବିଧାତାର କଲ୍ୟାଣୀ ସୃଷ୍ଟି
ସଫଳତାର ମାନବତା କୀର୍ତ୍ତି
ବିଜୟିନୀ ମାନବତା ବନେ
ଅଖିଳ ମାନବ ଭାବନାର ସତ୍ୟ ॥

ସମୟର ସୂର୍ଯ୍ୟ
ଭୂମିରୁ ଆକାଶ
ଦେବତାଙ୍କର ଶାନ୍ତି
ଇନ୍ଦ୍ରଦେବଙ୍କ ଶୀତଳତାର ଭକ୍ତି ॥

ଦ୍ୱିଧାଗ୍ରସ୍ତ ମାନବ ପରି
ମର୍ତ୍ତ୍ୟ ନରର ଭାଗ୍ୟ
ଯାହାର ମନରେ ଦ୍ୱନ୍ଦ ପରିତାପ ନାହିଁ
ଅପସରା ସ୍ୱର୍ଗରୁ ଆସନ୍ତି
ନତ୍ୟ ନୂତନତା ପରିବର୍ତ୍ତନ ପାଇଁ ॥

ସମ୍ପାଦିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ସାତକୋଶିଆ ଗଣ୍ଡର କାହାଣୀ

## ( ଚତୁର୍ଥ ଭାଗ)



ଅଶୋକ ବିଶ୍ୱାଳ

"ଏଠିକାର କୁମ୍ଭୀରମାନଙ୍କ ଉପରେ କଛି କହିପାରିବ କ? " ମୁଁ ତାଙ୍କୁ ପଗ୍ଚରିଲି ।

"ଏଠି କୁମ୍ଭୀର ନଦୀରେ ପହଁରେ । ଅନେକ ସମୟରେ ନଈ କୂଳରେ ଥିବା ବାଲି ଉପରେ ଶୋଇରହେ । ଆଜି ପର୍ଯ୍ୟନ୍ତ କେବେ ବି ଡଙ୍ଗାକୁ ଆକ୍ରମଣ କରି ନାହିଁ । ଡଙ୍ଗା ଆଉ କୁମ୍ଭୀର ମଧରେ ଯେମିତି ଅଛି ଦେଢଶୁର ଭାଇ ବୋହୂର ସମ୍ପର୍କ । କଏ କାହାକୁ ଛୁଇଁବେ ନାହିଁ । କୁମ୍ଭୀର ହେଉଛି ଭାଇ ବୋହୂ ଆଉ ଡଙ୍ଗା ହେଉଛି ଦେଢଶୁର । ଦେଢଶୁର ପାଖକୁ ଭାଇ ବୋହୂ ଆସିବ ନାହିଁ । ଭାଇ ବୋହୂ ଠାରୁ ଦେଢଶୁର ମଧ ଦୂରରେ ରହିବ । କେଉଟ ସମ୍ପ୍ରଦାୟରେ ଭାଇ ବୋହୂ ଦେଢଶୁରର ଛାଇ ପର୍ଯ୍ୟନ୍ତ ମାଡେ ନାହିଁ । ଦୂରରୁ ପ୍ରଣାମ କରେ। ଆଉ କୁମ୍ଭୀର ବି ସେହି ନୟମ ମାନୁଥାଏ । କେବେ ବି ଡଙ୍ଗାର ପାଖକୁ ଆସେ ନାହିଁ । କନ୍ତୁ ଦୁଃଖର କଥା ଧିରେ ଧିରେ ସେଇ ପ୍ରଥା ଲୋପ ପାଇଯାଉଛି । କୁମ୍ଭୀରମାନେ ନୟମ ଭୁଲିଯାଉଛନ୍ତି, ଅନେକ ସମୟରେ ଡଙ୍ଗାର ପାଖକୁ ଆସିଯାଉଛନ୍ତି । ବେଳେବେଳେ ତ ସେମାନେ ଲାଙ୍ଗୁଡରେ ଛୁଇଁ ଦେଉଛନ୍ତି ।" ତାଙ୍କ ସ୍ୱରରେ ଥିଲା ଅବିଶ୍ୱାସ। ସେ ଏତେ ଦିନ ପର୍ଯ୍ୟନ୍ତ କ'ଣ ଶୁଣି ଆସିଥିଲେ, ଆଉ କଣ ପ୍ରକୃତରେ ଘଟୁଛି, ଆଉ ଧିରେ ଧିରେ କ ପରିବର୍ତ୍ତନ ଘଟିଯାଉଛି ମହାନଦୀର ଗଭୀର ପାଣିରେ । ତାଙ୍କ ମୁହଁରେ କେମିତି ଏକ ଶୁନ୍ୟତା ଭରିଯାଉଥିଲା ।

ତା ପରେ ସେ ମୋତେ କହିବାକୁ ଆରମ୍ଭ କଲେ ମହାନଦୀର କୁମ୍ଭୀରମାନଙ୍କର କଥା ।

“ଏଠି ମହାନଦୀରେ କୁମ୍ଭୀରମାନେ ୩୦ ରୁ ୪୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଆନ୍ତି । ବର୍ଷା ସମୟରେ, ଟିକଏ ଉଚ୍ଚା ଜମିରେ । ଛୋଟିଆ ଗାତଟିଏ କରିଥାଆନ୍ତି ବାଲି ଉପରେ, ସେଇଠି ଅଣ୍ଡା ଦେଇଥାଆନ୍ତି । ମା ପାଣିରେ ରହେ ଆଉ ଦେଖେ ଯେମିତି ତାର ଅଣ୍ଡା ଭଲ ଭାବରେ ଅଛି । ତା'ପରେ ଅଣ୍ଡାଟି ଫୁଟେ । ଅଣ୍ଡାରୁ ବଡ ଏଣ୍ଟୁଅ ଭଳ ଛୁଆମାନେ ବାହାରନ୍ତି । ସେମାନେ ସାଧାଣଣତଃ ନଇ ପାଣି ପାଖକୁ ଆସିନ୍ତି । ଯଦି ସବୁ ଅଣ୍ଡା ଗୁଡିକ ଫୁଟିବ, ତେବେ ନଈରେ କୁମ୍ଭୀର ଭର୍ତ୍ତି ହୋଇଯିବେ, ଆଉ ସେମାନେ ଗାଈ, ବାଛୁରୀ, ବଳଦମାନଙ୍କୁ ଖାଇଯିବେ । ତେଣୁ କୁମ୍ଭୀର ମା ଲକ୍ଷ୍ୟ କରେ, ନଈକୂଳକୁ ଛୁଆଙ୍କୁ ଆସିବାକୁ ଦିଏ । କୁମ୍ଭୀର ମା ଖୁବ୍ ଜୋରରେ ପହଁରେ । ସବୁଠାରୁ ଜୋରରେ ପହଁରୁଥିବା ଛୁଆକୁ ଧରେ ଆଉ ଖାଇଦିଏ । ଏମିତି ସେ ଅଧିକାଂଶ ଛୁଆକୁ ଖାଇଦିଏ । ଖାଲି ୩/ ୪ଟି ଛୁଆ ବଞ୍ଚନ୍ତି । ଏହା ହେଉଛି ନିୟମ କୁମ୍ଭୀର ଦୁନିଆରେ ।” ସେ ମୋତେ ବୁଝାଉଥିଲେ ।

ଅନେକ ଅବିଶ୍ୱାସ ଥିଲା ତାଙ୍କ କଥାରେ । ସେ କଥାଟି ବିଜ୍ଞାନ ସମ୍ମତ ଭାବରେ ବୁଝାଇ ପାରୁନଥିଲେ, ତାଙ୍କର ବିଶ୍ୱାସ ଅନୁସାରେ ବୁଝାଉଥିଲେ । ଏ କଥାରେ ସମ୍ପୂର୍ଣ୍ଣ ସତ୍ୟତା ମଧ୍ୟ ନଥିଲା । କିନ୍ତୁ ତାଙ୍କର ଜ୍ଞାନ ଯେ ଥିଲା ସୀମିତ, ଛୁଆମାନଙ୍କୁ ଅନେକ ସମୟରେ ବଡ ମାଛମାନେ ଖାଇଯାଆନ୍ତି । କିନ୍ତୁ ମୁଁ ତାଙ୍କ କଥା ଶୁଣିବାକୁ ଚାହୁଁଥିଲି ତାଙ୍କ ମୁହଁରୁ ।

“କିନ୍ତୁ କାହିଁକି? ” ମୁଁ ତାଙ୍କୁ ପଚାରିଲି ମୁଁ ଯେମିତି ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

“ମା ଭାବେ ବର୍ତ୍ତମାନ ଛୁଆଟି ଏତେ ଛୋଟ, ଆଜି ମୋତେ ପହଁରିବାରେ ହରାଇ ଦେଉଛି, ଯେତେବେଳେ ଏହା ପୁରା ବଡ ହୋଇଯିବ, ମୋତେ ସହଜରେ ହରାଇଦେବ । ତେଣୁ ତାକୁ ମାରିଦେବା ଉଚିତ୍ । ଏହା ଭାବି କରି ସବୁଠାରୁ ସବଳ ଆଉ ଜୋରରେ ପହଁରୁଥିବା କୁମ୍ଭୀର ଛୁଆକୁ ମାରିଦିଏ ।” ଲୋକଟି ମୋତେ ଉତ୍ତର ଦେଉଥିଲା ସରଳ ବିଶ୍ୱାସରେ, ଏହାହିଁ ତ ସେ ଏତେ ଦିନ ଧରି ଶୁଣି ଆସିଛନ୍ତି ।

"ଏହି ପାଣିରେ ଘଡିଆଳ, ଯାହାକୁ ଥଣ୍ଟିଆ କୁମ୍ଭୀର କୁହାଯାଏ, ଆଉ ମଗର ଯାହାକୁ ଗୋମୁହାଁ କୁମ୍ଭୀର କୁହାଯାଏ, ରହନ୍ତି । ଘଡିଆଳର ମୁହଁର ଥୋବଣୀରେ ଏକ ଘଡି ଭଳ ମାଂସ ପିଣ୍ଡୁଳା ଥାଏ । ଏହି କୁମ୍ଭୀର ଗୁଡିକ ଆକ୍ରାମଣାତ୍ମକ ନୁହନ୍ତି । କନ୍ତୁ ଗୋମୁହାଁ କୁମ୍ଭୀର ଆକ୍ରମଣାତ୍ମକ । ଆଜି ପର୍ଯ୍ୟନ୍ତ ଏମାନେ ଡଙ୍ଗାକୁ ଆକ୍ରମଣ କରିନାହାନ୍ତି । ଏମାନଙ୍କ ମଧ୍ୟରେ ଆଉ ଡଙ୍ଗା ମଧ୍ୟରେ ଅଛି ଭାଇ ବୋହୂ ଦେଢଶୁରର ସମ୍ପର୍କ ।" ଏତିକ କହି ସେ ଟିକେ ଥକଯାଇଥିଲେ ।

ମୁଁ ମୋ ଜ୍ଞାନକୁ କୁମ୍ଭୀରମାନଙ୍କ ଉପରେ ସତେଜ କରି ନେଉଥିଲି । ସାତକୋଶିଆର କୁମ୍ଭରକୁ ଜାଣିବାକୁ ହେଲେ କଛି କୁମ୍ଭୀରମାନଙ୍କ ବିଷୟରେ ଜାଣିବା ଦରକାର । ଏଠିକାର ବିଶ୍ୱାସ, ଅନ୍ଧବିଶ୍ୱାସ ଯାହାର ଗଣ୍ଡର ପାଣି ସହିତ ମିଶି ରହିଛି, ଜାଣିବା ଦରକାର । ମଧୁର ପାଣିରେ ରହୁଥିବା କୁମ୍ଭୀର ଘଡ଼ିଆଳ ସାଧାରଣତଃ ଅଲଗା ଅଲଗା ନଈ ପାଣିରେ ରହନ୍ତି, ଯେମିତିକ ବ୍ରହ୍ମପୁତ୍ର, ଗଙ୍ଗା ମହାନଦୀ ଆଦି ନଦୀରେ ମିଳଥାଆନ୍ତି । କଛି ପରିମାଣରେ ମଧ ଏମାନେ ମାୟନମାର ଦେଶର ଇରାବତୀ ନଦୀରେ ମିଳଥାଆନ୍ତି । ଏମାନଙ୍କ ବଞ୍ଚିବା ପାଇଁ ଗଭୀର ସ୍ଥିର ପାଣି ଦରକାର, ଗଭୀର ପାଣି ଖୁବ୍ ଜୋରରେ ବୋହୁଥିବ । ଘଡିଆଳମାନଙ୍କର ଶରୀର ମାଟି ଉପରେ ଗ୍ଭଲିବା ପାଇଁ ହୋଇ ନାହିଁ । ବେଳେ ବେଳେ ଘଡିଆଳ ପାଣି ଛାଡି କୂଳକୁ ଆସେ ଖରା ପୋଇଁବା ପାଇଁ, କମ୍ବା ଅଣ୍ଡା ଦେବା ପାଇଁ ।

ଏହି କୁମ୍ଭୀରମାନଙ୍କ ଥୋବଣୀରେ ଏକ ଗୋଲ ମାଂସ ପିଣ୍ଡୁଳା ଅଛି, ଖାଲି ଅଣ୍ଡିରାର ମାଂସ ପିଣ୍ଡୁଳା ଦେଖାଯାଏ, ଏହାକୁ ଓଡିଆରେ ଘଡା କୁହାଯାଏ । ଏହି ଘଡାର ଆକାର ବୟସ ସହିତ ବଦଳେ । ଆଉ ବୃଦ୍ଧ ଘଡିଆଳ କ୍ଷେତ୍ରରେ ଏହା ଛୋଟ ହୋଇଯାଏ । ଏହି ଘଡା ଦ୍ୱାରା କୁମ୍ଭୀରଟି ଏକ ହମ୍ ଶବ୍ଦ ତିଆରି କରେ । ଏହି ପିଣ୍ଡୁଳାର ଆକାର ମାଇ କୁମ୍ଭୀରମାନଙ୍କୁ ଆକର୍ଷଣ କରିବାରେ ସାହାଯ୍ୟ କରେ । ସେମାନେ ପାଣିରେ ଛୋଟ ଛୋଟ ବୁଦ୍ ବୁଦ୍ ତିଆରି କରନ୍ତି ।

ଛୋଟ ଘଡିଆଳମାନେ ପୋକଜୋକ, ବେଙ୍ଗ ଆଦି ଖାଇଥାଆନ୍ତି । ବଡ଼ ଘଡିଆଳମାନେ କେବଳ ମାଛ ଖାଆନ୍ତି । ବେଳେବେଳେ ସେମାନେ ଭାସି କରି ମରି ପଡିଥିବା ଜନ୍ତୁକୁ ଖାଇଥାଆନ୍ତି । ସେମାନଙ୍କର ଲମ୍ବା ପତଳା ମୁହଁ ମାଛ ଧରିବା ପାଇଁ ଉପଯୁକ୍ତ । ମୁହଁରେ ଥାଏ ଅଂସଖ୍ୟ ଛୁଞ୍ଚି ଭଳ ଦାନ୍ତ ଯାହାକ ମାଛକୁ ଜୋରରେ କାମୁଡି ଧରିପାରେ, ଆଉ ମାଛଟି ଖସି ଯାଇପାରେ ନାହିଁ । ଘଡ଼ିଆଳ ମଣିଷ ଖାଇନପାରେ, ଏହାର ପତଳା ମୁହଁରେ ମଣିଷ ଖାଇବା ଅସମ୍ଭବ । ଏହା ବଡ ଜୀବକୁ ଖାଇନପାରେ । ଘଡିଆଳର ମିଳନ ଋତୁ ଶୀତ ଋତୁରେ ହୁଏ, ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଲାଗି ରହିଥାଏ । ବସା ବାନ୍ଧିବା ଆଉ ଅଣ୍ଡା ଦେବା ଖରାଦିନରେ ହୁଏ, ସାଧାରଣତଃ ମାର୍ଚ୍ଚ ଏପ୍ରିଲ ମାସ ପର୍ଯ୍ୟନ୍ତ, ସେତେବେଳେ ନଦୀଧାର ପତଳା ହୋଇଯାଏ, ବାଲି ଚଡ଼ା ଲମ୍ବା ଥାଏ । ସେଠାରେ ମା ଗୋଟିଏ ଛୋଟ ଗାତ କରେ, ମାଇ ଘଡିଆଳ ୩୦ ରୁ ୫୦ଟି ପଯ୍ୟନ୍ତ ଅଣ୍ଡା ଦେଇପାରେ। ତା'ପରେ ସେ ଗାତକୁ ଢାଙ୍କି ଦିଏ । ଘଡିଆଳ ଛୁଆ ପ୍ରାୟ ୯୦ ଦିନ ପରେ ବାହାରି ଆସେ। ସେମାନେ ତା'ପରେ ସେମାନେ ନିଜେ ପାଣିକୁ ଗ୍ଲିଯାଆନ୍ତି । ଅନ୍ୟ କୁମ୍ଭୀରମାନଙ୍କ କ୍ଷେତ୍ରରେ ମା କୁମ୍ଭୀରମାନେ ଛୁଆକୁ ପାଣିକୁ ନେଇଯାଆନ୍ତି । କନ୍ତୁ ଘଡିଆଳମାନେ ନେଇପାରନ୍ତି ନାହିଁ କାରଣ ସେମାନଙ୍କ ଦାନ୍ତ ଅତି ମୁନିଆ, ଛୁଆକୁ ଧରିବା ପାଇଁ ଏହା ଉପଯୁକ୍ତ ନୁହେଁ । ମା କନ୍ତୁ ଏଇ ଛୋଟ ଛୁଆମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ପାଣିରେ ରକ୍ଷା କରେ ।

"ଏବେ କୁମ୍ଭୀରମାନଙ୍କର ସଂଖ୍ୟା ବଢ଼ିଯାଇଛି । ଆଗରୁ ଲୋକମାନେ କୁମ୍ଭୀରମାନଙ୍କୁ ସେମାନଙ୍କର ଚମଡ଼ା ପାଇଁ ମାରୁଥିଲେ । ମୋ ଜେଜେ ବାପା କୁମ୍ଭୀରମାନଙ୍କ ଧରିବା ଉପରେ ଆମକୁ ଅନେକ କାହାଣୀ କହନ୍ତି" ସେ ମୋତେ କହୁଥିଲେ । ମୁଁ ମଧ ସେ କୁମ୍ଭୀରମାନଙ୍କୁ ଧରିବା କାହାଣୀ ଶିଣିବାକୁ ଇଚ୍ଛୁକ ଥିଲି ।

ମୋ ଆଗରେ ଥିବା ଛୋଟ ବାଲୁଆ ଜମିକୁ ଅନାଇଲି । ସୁନେଲି ବାଲି ସବୁ ଲାଗୁଥିଲା ତରଳ ସୁନା, ସକାଳର ସୂର୍ଯ୍ୟକରଣରେ ଚମକୁଥିଲା । ଗୋଟିଏ କାଠ ଗଡ଼ା ପାଣିକୁ ଲାଗିକରି ଥିଲା, କଛି ଅଂଶ ବାଲି ଉପରେ ପଡିଥିଲା, ଲାଗୁଥିଲା ଯେମିତି ଗୋଟିଏ କୁମ୍ଭୀର

ସେଠି ଶୋଇଛି । ପରେ ମହାନଦୀର ଉଚ୍ଚ ବନ୍ଧ ସବୁ ଆରମ୍ଭ ହୋଇଥିଲା, ଆଉ ତା ପରେ ଆରମ୍ଭ ହୋଇଯାଇଥିଲା ବଡ ବଡ ସବୁଜ ପାହାଡମାନ । ଏମିତି ଏକ ଜାଗାରେ କୁମ୍ଭୀରକୁ ଧରିବା ନଷ୍ଟିତ ଭାବରେ କାଠିକର ପାଠ ହୋଇଥିବ, ପାଣି ଏଠି ଏତେ ଗଭୀର। ସବୁଆଡେ ଅଗମ୍ୟ ଅରଣ୍ୟ । ଆଉ ଏଠି ଲୋକମାନେ କେମିତି କୁମ୍ଭୀର ଧରୁଥିଲେ? ସେତେବେଳେ ତ କୁମ୍ଭୀରମାନେ ମହାବିଶାଳ ହୋଇଥିବେ । ତା ପରେ ସେ କହିବାକୁ ଆରମ୍ଭ କଲେ ସେହି କାହାଣୀମାନ ଯାହା ସେ କେବେ ଜେଜେ ବାପାଙ୍କଠାରୁ ଶୁଣିଥିଲେ ।

ଆଗରୁ କଟକ ଏବଂ ଅନ୍ୟ ଦୂର ଜାଗାରୁ ଲୋକେ କୁମ୍ଭୀର ଧରିବା ପାଇଁ ସାତକୋଶିଆ ଗଣ୍ଡକୁ ଆସୁଥିଲେ । ସେମାନେ ବଡ ଡଙ୍ଗା ନେଇ ଆସୁଥିଲେ । ସେଥିରେ ଛେଳ, କୁକୁଡ଼ା ଆଦି ରହିଥାଏ । ଏହି ଜନ୍ତୁମାନଙ୍କୁ କୁମ୍ଭୀର ଖାଇବାକୁ ପସନ୍ଦ କରେ । ତା ପରେ ଏହି ଜନ୍ତୁମାନଙ୍କ ଦେହରେ କଣ୍ଟା ବାନ୍ଧି ମହାନଦୀ ପାଣିକୁ ଫୋପାଡି ଦିଆଯାଏ । ସେଇ କଣ୍ଟାରେ ଶକ୍ତ ଦଉଡିମାନ ବନ୍ଧାଯାଇଥାଏ । କୁକୁଡାଟି ପାଣିରେ ପଡି ଡେଣା ଫଡ ଫଡ କରେ । ଆଉ କୁମ୍ଭୀର ଏମିତି ଏକ ହଲଚଲ ଦେଖି ଶିକାର ଆଡକୁ ଆକର୍ଷିତ ହୁଏ, ଛୋଟ ଶିକାରକୁ ପାଣିରେ ଗିଳି ଦିଏ । ମୁନଆ କଣ୍ଟାଟି କୁମ୍ଭୀରର ତଣ୍ଟିରେ ଲାଗିଯାଏ । ଆଉ କୁମ୍ଭୀର ଖସିପାରେ ନାହିଁ । କିନ୍ତୁ ଏହା ପଳାଇବାକୁ ଚେଷ୍ଟା କରେ, ବହୁ ଜୋରରେ ପହଁରେ । ଶକ୍ତ ରସିଟି ତା ସହ ପାଣିରେ ଭାସିଯାଉଥାଏ । ଆଉ ଡଙ୍ଗାଟି ତା ପଛରେ ଭାସେ । କୁମ୍ଭୀର ପହଁରିବାରେ କିଛି ଲାଭ ନଦେଖି ପଛରେ ଭାସି ଆସୁଥିବା ଡଙ୍ଗାକୁ ଆକ୍ରମଣ କରେ । ଡଙ୍ଗା ଉପରେ ଲୋକମାନେ ମୁନଆ ବର୍ଛା, ଯାହା ପଛରେ ହୁକ୍ ଲାଗିଛି ଆଉ ରସି ଲାଗିଛି, ଧରି ପ୍ରସ୍ତୁତ ହୋଇଥାଆନ୍ତି । ରାଗରେ ଅନ୍ଧ ହୋଇ କୁମ୍ଭୀର ଡଙ୍ଗାକୁ ଆକ୍ରମଣ କରିବାକୁ ଆସେ । ବର୍ଛା ଧରିଥିବା ଲୋକମାନେ ତା ଆଡକୁ ବର୍ଛା ଫୋପାଡନ୍ତି । ବର୍ତ୍ତମାନ କୁମ୍ଭୀର ଦେହରେ ବର୍ଛା ସବୁ ଲାଗିଯାଏ, ଆଉ କୁମ୍ଭୀର ଗଭୀର ଭାବରେ ଆଘାତ ପାଏ । ଅତି କଷ୍ଟ ହେଉଥିବାରୁ ସେ ଡଙ୍ଗା ଠାରୁ ଦୂରକୁ ପହଁରିବାକୁ ଚେଷ୍ଟା କରେ । କିନ୍ତୁ ତା ଦେହରେ ବର୍ତ୍ତମାନ ଅନେକ କଣ୍ଟା ଆଉ ରସି ଲାଗିରହିଥାଏ । ଦେହରୁ ପ୍ରବଳ ରକ୍ତସ୍ରାବ ହୋଇଥାଏ । ବହୁତ ଦୂରକୁ ଭାସିଯାଇପାରେ ନାହିଁ । ହାଲିଆ ହୋଇ ପଡେ ।

ତା ପରେ ଶିକାରୀମାନେ ପାଖକୁ ଆସି, ଏହାକୁ ଆକ୍ରମଣ କରି ଲମ୍ବା ବର୍ଛା ଦ୍ୱାର୍ ମାରି ଦିଅନ୍ତି । ପରେ କୁମ୍ଭୀରକୁ କୂଳକୁ ଆଣି ତା ଦେହରୁ ଚମଡା ଛାଲନ୍ତି ।

ଏହି କାହାଣୀ ମୋତେ ଇଂରାଜୀ ଭାଷା ସାହିତ୍ୟର ପ୍ରସିଦ୍ଧ 'ମୋବିଡିକ' ଉପନ୍ୟାସ କଥା ମନେ ପକାଇଦିଏ, ମୋବିଡିକ ନାମକ ତିମିର ଶିକାର କାହାଣୀକୁ ନେଇ ଏ ଉପନ୍ୟାସ ଲିଖିତ । ତିମିମାନଙ୍କୁ ସେମାନଙ୍କ ଚର୍ବି ପାଇଁ ହାରପୁନ୍ ଦ୍ୱାର୍ ମାରାଯାଏ । ମହାସମୁଦ୍ରରେ ମୋବିଡିକ ନାମକ ବିଶାଳ ତିମି ମୁଣ୍ଡ ଉଠାଇଛି ପାଣି ଉପରୁ । ଶିକାରୀ ଜାହାଜରେ ଲୋକମାନେ ତା ଆଡକୁ ହାରପୁନ୍ ଫୋପାଡୁଛନ୍ତି । ହାରପୁନରେ ଲାଗିଛି ଲମ୍ବା ରସି । ତା ଦେହରେ ଫୁଟିଯାଉଛି ଅନେକ ଅନେକ ହାରପୁନ୍ । କଷ୍ଟରେ ଯେମିତିକି ସେ ପାଗଳ ହୋଇଯାଉଛି ମୋବିଡିକ ଏହା ଚେଷ୍ଟା କରୁଛି ଦୂରକୁ ପହଁରି ଚାଲିଯିବ । ଏତେ ଲମ୍ବା ରସିମାନ ତାର ଗତିକୁ ଧିମା କରିଦେଉଛନ୍ତି । ଏହି ବିଶାଳ ତିମି ନଜର ଶକ୍ତି ହରାଇ ବସୁଛି । ଆଉ ଶେଷରେ ଶିକାରୀମାନେ ତିମିକୁ ମାରି ଦେଉଛନ୍ତି ।

ମୁଁ ଡଙ୍ଗାକୁ ଅନାଇଲି । ଡଙ୍ଗାଗୁଡିକ ମହାନଦୀର ନୀଳସବୁଜ ପାଣିରେ ନାଚୁଥିଲେ । ସୂର୍ଯ୍ୟ ବର୍ତ୍ତମାନ ଅଧିକ ଉଜ୍ଜ୍ୱଳ ହୋଇଯାଇଛି । ମୁଁ କେଉଟମାନଙ୍କୁ ଅନୁରୋଧ କଲି ପାଣି ଭିତରକୁ ନେଇଯିବା ପାଇଁ । ଜଣେ କେଉଟ ମୋତେ ପାଣି ଭିତରକୁ ନେଇଯିବା ପାଇଁ ରାଜି ହେଲା । ଅନ୍ୟମାନେ ଟିକଏ ହସିଲେ । ମୁଁ ମଧ ହସିଲି । ମୁଁ ମହାନଦୀ ଦେଖିବା ଚାହୁଁଥିଲି ପାଣିର ଭିତରୁ ଏପର୍ଯ୍ୟନ୍ତ ନଈବନ୍ଧରୁ ଦେଖିଆସିଛି ।

ଆମେ ପାଣି ଭିତରକୁ ପ୍ରବେଶ କଲୁ । ଛୋଟ ଛୋଟ ଲହଡ଼ିମାନ ଆମକୁ ଛୁଇଁ ଯାଉଥାଆନ୍ତି । ଆହୁଲାର ଶବ୍ଦ ଆଉ ଡଙ୍ଗାରେ ପିଟି ହୋଇଯାଉଥିବା ଛୋଟ ଲହଡ଼ିମାନଙ୍କ ଶବ୍ଦ ଯେମିତି ଏକ ନୂଆ ସୁର ତିଆରି କରୁଥାଏ । ନଦୀ ଧାରରେ ଥିବା ବିଶାଳ ପର୍ବତମାନଙ୍କର ଶାନ୍ତି ଯେମିତି ଶରୀରକୁ ଛୁଇଁ ଦେଉଥାଏ । ପାହାଡ଼ର ରଙ୍ଗ ପାଣିକୁ ରଂଜିତ କରୁଥାଏ । ଆକାଶ ସକାଳର କୁହୁଡ଼ିରେ ଯେମିତି ହାଲକା ହୋଇଯାଇଥାଏ, ନୀଳ ରଙ୍ଗ ଉପରେ ଏକ ହାଲକା ଧଳାର ଚାଦର । ମୁଁ ଆଗକୁ ଅନାଇଲି । ପର୍ବତ ପର୍ବତ

ଅସଂଖ୍ୟ ପର୍ବତ, ଲାଗୁଥିଲା ଯେମିତି ପର୍ବତ ଗୁଡିକ ପାଣି ଭିତରୁ ବାହାରି ଆସୁଛନ୍ତି । ଆଗରେ ମହାନଦୀ ବାଙ୍କି ଯାଇଥିଲା, ଆଉ ପର୍ବତ ଗୁଡିକ ଟିକଏ ପଛେଇ ଯାଇଥିଲେ, ଆକାଶକୁ ଛୁଉଁଥିଲେ, ସେମାନଙ୍କର ମୁଣ୍ଡ ସବୁ କୁହୁଡ଼ିରେ ଲୁଚ ଯାଇଥିଲା । ଅନେକ ପାହାଡ଼ ସବୁ ନଜର ସତ୍ତା ହଜାଇ ବସିଥିଲେ କୁହୁଡିରେ, କୁହୁଡିର ଲମ୍ବା ଆସ୍ତରଣରେ ହଜିଯାଇଥିଲେ, ସବୁଜିମା ହଜାଇ ବସିଥିଲେ । ଆମେ ଅଧିକା ପାଣିରେ ପ୍ରବେଶ କରିଥିଲୁ। ଆମର ଧାରରେ ଥିଲା ଏକ ବଡ ପାହାଡ । ସେ ପାହାଡ ଉପରକୁ ସୂର୍ଯ୍ୟ ଉଠି ଆସିଥିଲେ । ଜଙ୍ଗଲ ଧିରେ ଧିରେ ଆଲୋକତ ହୋଇ ଆସୁଥିଲା । ବର୍ତ୍ତମାନ ଜଙ୍ଗଲର ହାଲକା ସବୁଜ ରଙ୍ଗ ଲାଗୁଥିଲା ଗାଢ଼ ସବୁଜ । କମ୍ ଆଲୋକ ପଡୁଥିବ ଅଂଶର ରଙ୍ଗ ଥିଲା କଳା, କଏ ଟିକଏ କଳା, କଏ ତା ଠୁ ଅଧିକ କଳା ଆହୁରି ଅଧିକ କଳା; କଳା ରଙ୍ଗର ଏତେ ବିଭିନ୍ନତା ଥିଲା ସେ ସକାଳରେ । ସାତକୋଶିଆର ଗଣ୍ଡ ଲାଗୁଥିଲା ରହସ୍ୟମୟ କନ୍ତୁ ଅତୀବ ସୁନ୍ଦର, ଜଙ୍ଗଲର ରଙ୍ଗ ସବୁଆଡକୁ ରଙ୍ଗାଇ ଦେଇଥିଲା, ଏତେ ସବୁ ରଙ୍ଗର ଭିନ୍ନତା ମୋ ଉପରେ ଏକ ସମ୍ମୋହନ ଯେମିତି କରୁଥିଲା । ମୋ ମନ କେମିତି ସ୍ଥିର ହୋଇଯାଇଥିଲା । ମୁଁ ଆଉ ଏତେ ରଙ୍ଗକୁ ଗ୍ରହଣ କରିପାରୁନଥିଲି । ଅନ୍ଧାରୁ ଯେମିତି କଛି ଡଙ୍ଗା ବାହାରି ଆସିଲା । ସେଗୁଡିକ କୁହୁଡି ମଧ୍ୟରୁ ଆଲୁଅ ପଡୁନଥିବା ସ୍ଥାନ ଆଡକୁ ବାହାରି ଆସୁଥିଲେ । ଗଛର ପଟରେ ଥିଲା ସକାଳର ପର୍ବତମାନ ।

ମୁଁ ମୋର ନାଉରୀକୁ ଅନାଇଲି । ୨୦ ରୁ ୨୫ ବର୍ଷ ମଧ୍ୟରେ ବୟସ । ଆକାର ଛୋଟ । ଦେହରେ ଗୋଲାପି ରଙ୍ଗର ହାଫ୍ ସାର୍ଟ । ତାର ପଛରେ ଆଉ ଜଣେ କେଉଟ ବସିଥିଲା । କଶୋର ପାର ହୋଇ ସିଏ ଯେମିତି ଯୌବନକୁ ଆସୁଛି । ସେ ତାକୁ ସାହାଯ୍ୟ କରୁଥିଲା । ମୁଖ୍ୟ ନାଉରୀର ମୁହଁରେ ଥିଲା କଳା ଦାଢ଼ୀ । ଖୋର୍ଦ୍ଧା ଗାମୁଛା ତା ଶରୀର ଉପରେ ପଡିଥିଲା । ହାତରେ ପିନ୍ଧିଥିଲା ଗୋଟିଏ ଡେଉଁରିଆ । ଖରାରେ ସିଝିଯାଇଥିବା କଳା ଶରୀର ସକାଳର ସୂର୍ଯ୍ୟାଲୋକରେ ଚକ୍ ଚକ୍ କରୁଥିଲା ।

ମୁଁ ମହାନଦୀର ପାଣିକୁ ଅନାଇଲି । ମହାନଦୀରେ ଅନେକ ଛୋଟ ଢେଉ । ଆମ ଡଙ୍ଗାଟି ସେ ଢେଉରେ ଭାସୁଥିଲା । ତା ସହିତ ସ୍ୱର ଦେଉଥିଲା କେଉଟ ପୁଅର ଗୁଣୁଗୁଣୁ ଶବ୍ଦ ।

ସେଇ ଲୋକଟିର ଛୋଟ ଛାତି ଖୋଲା, ସାମାନ୍ୟ ଶରୀର, ଦେହରେ ନଥିଲା ଶକ୍ତ ମାଂସପେଶୀ, କିନ୍ତୁ ଶରୀରରେ ଥିଲା ଅମାପ ଶକ୍ତି, କଣ୍ଠରେ ଥିଲା ମହାନଦୀର ରୋମାଞ୍ଚ । ନଦୀର ସୁମଧୁର ସ୍ୱର ଯେମିତି ତା କଣ୍ଠକୁ ଆସିଯାଇଥିଲା । ସେ ଡଙ୍ଗା ବାହୁଥିଲା । ସୂର୍ଯ୍ୟ ଥିଲା ତା ପଛରେ । କେମିତି ଏକ ଆଭା ଥିଲା ତା ଚାରିପଟେ । ସେ ମୋତେ କାହାଣୀ କହୁଥିଲା, ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲା । ଭାସି ଆସୁଥିଲା ଆହୁଲାର ଶବ୍ଦ । ଏକ ମଧୁର ଶବ୍ଦ । ଡଙ୍ଗାଟି ଆମର ଗଭୀର ପାଣିକୁ ଚାଲିଯାଉଥିଲା । ସେ ମୋତେ କହୁଥିଲା ବିଶ୍ୱାସର କଥା, ମଣିଭଦ୍ରା ପାହାଡରେ ଲୁଚ ରହିଥିବା ସାପମାନଙ୍କ କଥା । ସୂର୍ଯ୍ୟ ଆମ ଡାହାଣରେ ଥିଲେ । ଢେଉମାନେ ନାଚୁଥିଲେ ଆଉ ଢେଉମାନଙ୍କ ଉପରେ ସୂର୍ଯ୍ୟ ପ୍ରତିଫଳିତ ହେଉଥିଲା । ଲାଗୁଥିଲା ଢେଉ ଗୁଡିକ ଯେମିତି ତରଳ ହୋଇଯାଇଛନ୍ତି । ଆହୁଲାଟି ବନ୍ଦ ହୋଇଯାଇଥିଲା । ବର୍ତ୍ତମାନ ଖାଲି ଥିଲା ମହାନଦୀର ମଧୁର ସ୍ୱର ।

"ଯେତେ ଦେହ ଧୂଳି
ଅଜାଟ ଝାଡଇ ପାପ
ଗୁଣିଆ ଝାଡଇ ଡ଼ାହାଣୀ ସିନା
ଗୁଣିଆ ଝାଡଇ ଡ଼ାହାଣୀ ସିନାରେ
କାଳିଆ ଝାଡଇ ପାପ
କାଳିଆ ଝାଡଇ ପାପରେ
କାଳିଆ ଝାଡଇ ପାପ..."

ଭକ୍ତିର ସଙ୍ଗୀତ, ମହାନଦୀର କେଉଟ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଗାଏ । ଶବ୍ଦରେ ଥାଏ ସଙ୍ଗୀତର ଧ୍ୱନୀ, ଆହୁଲାରେ ଚଳାଇବାରେ ଥାଏ ସଙ୍ଗୀତର ମୂର୍ଚ୍ଛନା, ମହାନଦୀର ବକ୍ଷ କମ୍ପି ଉଠେ ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# ମାୟା ଅବା ମୃତ୍ୟୁ



ସାଗରିକା ମହାନ୍ତି

ଅର୍ଥ ନଥିଲେ ମଣିଷ କଣ ସତରେ  ହଜି ଯାଏ ?
ସ୍ୱାର୍ଥ ନଥିଲେ,  ପରିଚୟ ହୀନ ହେଇଯାଏ ଜୀବନ ?

ସମ୍ପର୍କର ଆହୁଲ୍ ଧରି,  ମୋ ଜୀବନ ବୋଇତରେ
କାତ ମାରିବାର ଅଭିନୟ କରନ୍ତି ସେମାନେ ।
କଛି ନବା ପାଇଁ ନୁହେଁ,,,,,,,
ବରଂ,  ନଜର ଦୁଃଖ,  ବ୍ୟାକୁଳତା,   ପରାକ୍ରମ ଓ ଗାରିମାର ଖଟା ମିଠା କାହାଣୀ କୁ ମୋ
ଆଞ୍ଜୁଳରେ ଢାଳ ଦେବା ପାଇଁ ଆସନ୍ତି ସେମାନେ ।

ଆଉ ଫେରି ଗଲା ବେଳେ,
ଜଙ୍ଗଲ ଭିତରେ  ଗଛ  ଜାଳଦେବା ପରି,
ମୋ ହୃଦୟକୁ ବି ଜାଳ ଦେଇ ଯାଆନ୍ତି ସେମାନେ,
ବିନା ଦିଆସିଲ କାଠିରେ,  ନଜ  ନଜର  ନର୍ଲଜପଣରେ  ।

ମୋ ଜିହ୍ୱାରେ ଶବ୍ଦଗୁଡା ବି ଅସହାୟ, ଅବଶ ହେଇପଡ଼ନ୍ତି, ଫୁଲେଇ ନଈର ପ୍ରଖର
ସୁଅରେ ଭସିଯାଉଥିବା କେଉଁ ଏକ କଶୋରୀର ଆର୍ତ୍ତନାଦ ପରି ।

ଆତ୍ମତୃପ୍ତିର କୋଳାହଳ ଭିତରେ ହଜିଯାଏ ମୋ ସରଳ ହୃଦୟ ।
କ୍ଷତ ବିକ୍ଷତ ହୁଏ, ବୋଲମାନ ପଞ୍ଜୁରୀ ଭିତରେ ରହୁଥିବା ମୋ ଆଶାୟୀ ମନଟା ।

ଶେଷରେ, "ମୁଁ", "ମୁଁ" ର ଆତ୍ମପ୍ରଳାପ କରି, ସେମାନଙ୍କ ପରି ମୁଁ ବି ପାଲଟି ଯାଏ
ଜୀବନ୍ୟାସ ପାଇଥିବା ଗୋଟେ କଥା କୁହା କଣ୍ଢେଇ ।

ଅଦ୍ଭୂତ ଏ ପରିବର୍ତ୍ତନ ।
ହତବମ୍ବ ଲ୍‌ଗେ ଦେଖି ନଜର ଏ ନର୍ବିକାର ଚଉ ।
ପ୍ରେମ, ପ୍ରବଂଚନା, ପର, ଆପଣା, ଆଜି ସବୁ ତ ସମାନ ମୋ ଆଖିରେ ।
ଖୋଲ୍‌ ଆକାଶର ବିହଙ୍ଗ ମୁଁ ।
ଆଜି ମୁଁ ମୁକ୍ତ, ମାୟା ଅବା ମୃତ୍ୟୁରୁ ।

ନବୀ ମୁମ୍ବାଇ, ମହାରାଷ୍ଟ୍ର

**"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଉତ୍କଳୀୟଙ୍କ ଭାସ୍କର୍ଯ୍ୟ



ରାଜଶେଖର ସି. "ଚମା"

ଉତ୍କଳ ପ୍ରଦେଶ ର ଭବ୍ୟ ଭାସ୍କର୍ଯ୍ୟ ସ୍ୱୟଂ ଏକକ କାଞ୍ଚନ ଖଣି,
କଳିଙ୍ଗ ମନ୍ଦିର ଶିଳ୍ପକଳା କାରୁକାର୍ଯ୍ୟ ସୌନ୍ଦର୍ଯ୍ୟ ଯେ ମଉଡ଼ମଣି,
ଶତାବ୍ଦୀ ଶତାବ୍ଦୀ ବିଦ୍ୟମାନ ରହିବ ଯାହାର ବିବରଣୀ ଗୃହାଣି,
ଆଖି ଲାଖି ରହି ଯାଏ ଦେଖି କଳାକୃତି ନର୍ତ୍ତକୀଙ୍କର ତ୍ରିଭଙ୍ଗୀ ଠାଣି ।୧।

ଅବର୍ଣ୍ଣନୀୟ ଯେ କୋଣାର୍କ ଶ୍ରୀସୂର୍ଯ୍ୟ ମନ୍ଦିର ର ଜୀବନ୍ତ ମୂର୍ତ୍ତିକଳା ଚାତୁର୍ଯ୍ୟ,
ଅତି ଅଦ୍ଭୁତ ତ୍ରିଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଜଣାଏ ମୂର୍ତ୍ତିଶିଳ୍ପୀଙ୍କ ସାମର୍ଥ୍ୟ,
ବହୁ ପ୍ରସିଦ୍ଧ ଯେ ବୌଦ୍ଧ ଗୌରିଶମ୍ଭୁ ଖିଚିଂ କିଚକେଶ୍ୱରୀ ମନ୍ଦିର ର ଲାବଣ୍ୟ,
ଶୌର୍ଯ୍ୟ ସୋମବଂଶୀ ଭଞ୍ଜବଂଶୀ ଗଙ୍ଗବଂଶୀ ରାଜାଙ୍କ ଯାହା ସୌହାର୍ଦ୍ଦ୍ୟ ସୌଜନ୍ୟ ।୨।

ପୁରୀ ଶ୍ରୀମନ୍ଦିର ର ସଦା ରହିବ ଧାର୍ମିକ ସାଂସ୍କୃତିକ ପ୍ରାଧାନ୍ୟ,
ଶ୍ରୀଜଗନ୍ନାଥଙ୍କ ଭବ୍ୟ ରମ୍ୟ ରୀତି- ନୀତି ସ୍ୱୟଂ ଅନନ୍ୟ ଐଶ୍ୱର୍ଯ୍ୟ,
ପ୍ରତିଭାଦୀପ୍ତ ଔଡ୍ର ବାସ୍ତୁବିଦ୍ୟାବିତ୍ ଙ୍କର ସୁଗୁରୁ ରହିବ ପ୍ରାଶସ୍ତ୍ୟ,
ଅବାକ ହୋଇ ଯାଏ ଦେଖି ଶିଳା ଶିଳ୍ପକାରଙ୍କ ନିରୁପମ ନୈପୁଣ୍ୟ ।୩।

ବିଶ୍ୱବିଖ୍ୟାତ ଯେ ଉତ୍କଳୀୟଙ୍କ ସୁରମ୍ୟ ସ୍ଥାପତ୍ୟ ଆଧିପତ୍ୟର ଐତିହ୍ୟ,
ପ୍ରତି ଦେଉଳ ର ରୂପରେଖା ଗଠନପ୍ରଣାଳୀ ପରିକଳ୍ପନା ଅସାମାନ୍ୟ,
ଶିଳ୍ପକାରଙ୍କ ଜ୍ଞାନକୌଶଳ ରୁ ଶିରୋଧାର୍ଯ୍ୟ ହେଲା ତାଙ୍କ ପ୍ରାବୀଣ୍ୟ,
ସୃଷ୍ଟି ଜଗତ ରେ ଅଗ୍ରଗଣ୍ୟ ରହିବ ଉତ୍କଳୀୟଙ୍କ ଭାସ୍କର୍ଯ୍ୟ ର ସାମ୍ରାଜ୍ୟ ।୪।

chvrajasekhar@gmail.com

# ମଜଭୁତ ସଡକ



ଶାନ୍ତିଲତା ମିଶ୍ର

ଆମେରିକାର ଚିକାଗୋ ସହରରୁ ପାଞ୍ଚ ଦିନ ଏକ କନଫରେନସରେ ଯୋଗ ଦେଇ ସାରି ତାପରେ ଆଉ ଏକ ସପ୍ତାହ ରହି ବୁଲି ବୁଲି କରି ଫେରିବା ପରେ, "ପ୍ରମୋଦା' ଆଇଏସ ପରୀକ୍ଷା ଦେବାର ନିଷ୍ପତ୍ତି ନେଇଗଲେ । ଉଚ୍ଚଶିକ୍ଷା ଏପରି ଏକ ଅସ୍ତ୍ର ବିନା ଯୁଦ୍ଧ ବିନା ରକ୍ତପାତରେ ବହୁତ ପ୍ରକାରର ଶତ୍ରୁଙ୍କୁ ଏକା ଥରେ ଦମନ କରିହେବ । ପରିବେଶ ପରିସ୍ଥିତିର ସହଯୋଗ ନଥିବାରୁ ସେ ଉଚ୍ଚଶିକ୍ଷା ପାଇଁ ଇଚ୍ଛା ରଖିଥିଲେ ବି ସେଥିରୁ ସେ କ୍ଷାନ୍ତ ହୋଇଥିଲେ । ଅର୍ଥର ଆବଶ୍ୟକତା ନହାତି ଭଳି ଭାବରେ ଥିବାରୁ ସେ ପଢା ସରିବା ସଙ୍ଗେ ସଙ୍ଗେ ଏଇ ପ୍ରଫେସର ଚାକିରୀରେ ଯୋଗ ଦେଇଥିଲେ ।

ଆମେରିକାର ମହିଳା ମାନଙ୍କର କାର୍ଯ୍ୟକାରୀ ଶକ୍ତି, ମନୋବଳ, ନିର୍ଭିକତା, ଏକା ଏକା ସଂସାରର ସବୁ ବାଧା ବିଘ୍ନର ସମ୍ମୁଖୀନ ହୋଇ ଏକ ସହଜ ଜୀବନ ଯାପନ କରିବାର ସାହସିକତା ତାଙ୍କୁ ମୁଗ୍ଧ କରିଥିଲା । ସେଇ ସୀମିତ ସମୟ ଭିତରେ ସେ ଯେଉଁ ମହିଳା ମାନଙ୍କ ସହିତ ମିଶିବାର ସୁଯୋଗ ପାଇଥିଲେ ସମସ୍ତଙ୍କ ସହି ତ କଥାବାର୍ତା କରିଥିଲେ । ଏପରି କି କନଫରେନସ ଆୟୋଜକ ମାନଙ୍କ ଠାରୁ ଆରମ୍ଭ କରି ଝାଡୁ ଦେଉଥିବା ମହିଳା ମାନଙ୍କ ସହିତ ।

ସେମାନଙ୍କ ବ୍ୟକ୍ତିଗତ ଜୀବନ ଠାରୁ ଆରମ୍ଭ କରି ସେମାନଙ୍କ କାମ ଧନ୍ଦା ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ । ସବୁଠାରୁ ବେଶୀ ଭଲ ଲାଗିଥିଲା ସେମାନଙ୍କ ନିର୍ଭିକ ସ୍ପଷ୍ଟ ଉତ୍ତର ଶୁଣି । ସେଦି ସନ୍ଧ୍ୟା ପାଞ୍ଚଟାରେ ଏକ ରେଷ୍ଟୁରାଣ୍ଟରେ ଖାଇବା ସମୟରେ ଜଣେ ୱେଟରସଙ୍କ ସଙ୍ଗେ କଥା ହେଉ ହେଉ ଜାଣିଲେ, ନାମ ତାର "ସମିନା' । ସ୍ୱାମୀ

ତାର କାର୍ ଦୁର୍ଘଟଣାରେ ଗ୍ୱଲିଗଲ୍ ପରେ ଗ୍ୱେ୍ରଚି ପିଲ୍ଙ୍କୁ ପାଳବାର ଦାୟିତ୍ୱ ଏବେ ତାର । ବୟସ ତାର ଅତି ବେଶୀରେ ତିରିଶ ଉପରେ । ବାପା ତାର ଇମିଗ୍ରାଣ୍ଟ ଥିଲେ । ସଧାରଣ କର୍ମଗ୍ୱରୀ ଥିଲେ ଏକ ଫ୍ୟାକଟ୍ରୀରେ । ବହୁତ କଷ୍ଟ କରି ପରିବାର ପୋଷଣ କରିଥିଲେ । ମା ବି ମ୍ୟାକଡୋନାଲଡରେ ରେ୍ଷେଇ କାମ କରି ଦୁଇ ପୁଅ ଓ ଗୋଟିଏ ଝିଅ ସହିତ ସୁଖୀ ପରିବାର ଟିଏ ଗଢି ପାରିଥିଲେ ।

ସମିନା ହାଇସ୍କୁଲ ପରେ ତାର ଜଣେ ସହପାଠୀଙ୍କୁ ବାହାହୋଇ ତା ସଂସାରରେ ବି ଭଲରେ ଥିଲ୍ । କନ୍ତୁ ସ୍ୱାମୀର ହଠାତ୍ ଏପରି ଦୁର୍ଘଟଣା ଜନତ ମୃତ୍ୟୁରେ ସବୁ କଛି ତା ଜୀବନରେ ଓଲଟ ପାଲଟ ହୋଇଗଲ୍ । ବାପ ବି ଆଗରୁ ଗ୍ୱଲି ଯାଇଥିଲେ । ଏକା ମା ଆଗେଇ ଆସିଥିଲ୍ ତାର ଗ୍ୱେ୍ରଚି ଛୁଆଙ୍କୁ ଦେଖା ରଖା କରିବାକୁ । ତାହେଲେ ସେ କଛି କାମ ଧନ୍ଦା କରି ପାରିବ । ସେ ତିନଟି ଗ୍ୱକରି ତିନ ଜାଗାରେ କରେ । ଗୋଟେ ଅଫିସରେ ସକାଳ ନଅରୁ ଦି ଗ୍ୱରିଟା ପର୍ଯ୍ୟନ୍ତ କ୍ଲର୍କ କାମ କରେ, ତା ପରେ ସପ୍ତାହକୁ ତିନ ଦିନ ସନ୍ଧ୍ୟା ପାଞ୍ଚରୁ ଗ୍ୱତି ନଅଟା ପର୍ଯ୍ୟନ୍ତ ଗୋଟେ ଡିପାର୍ଟମେଣ୍ଟ ଷ୍ଟୋରରେ କାମ କରେ । ଆଉ ଶନବାର ରବିବାରରେ ଆସି ଏଇ ରେଷ୍ଟୁରାଣ୍ଟରେ କାମ କରେ ।

ଇଛା ହେଉଥିଲ୍ ସମିନାକୁ କଛି ବଡ ରକମ ଟିପସ ଦିଅନ୍ତେ କ । କନ୍ତୁ ତାଙ୍କ ନଜର ଅବସ୍ଥା ସମିନା ଠାରୁ ଆହୁରି ଖରାପ । ସେ ତାଙ୍କ ୟୁନଭରସିଟି ତରଫରୁ ଏ କନଫରେନସରେ ଯୋଗ ଦେବାକୁ ଆସିଛନ୍ତି । ସବୁ ଖର୍ଚ୍ଚ ୟୁନଭରସିଟି ହିଁ ଦେଇଛି । ତାଙ୍କ ନଜ ପାଖରେ ଗୋଟେ ଫଟା କଉଡି ବି ନାହିଁ । ନଜ ପଢା ଖର୍ଚ୍ଚ ପାଇଁ ଯୋଉ ଧାର ଉଧାର, ଲୋ୍ନ ସବୁ ନେଇଥିଲେ ତାହା ଏ ପର୍ଯ୍ୟନ୍ତ ସୁଝା ସରିନ । ସମିନାର ସାହସିକତା ଓ କର୍ମ କ୍ଷମତାକୁ ବହୁତ ବହୁତ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ତା ଠାରୁ ଅନେକ କଛି ଶିଖିଗଲେ । ଜୀବନର କୈାଣସି ପରିସ୍ଥିତିର ମୁକବିଲ୍ ସାହାସିକତା ଓ ଧୈର୍ଯ୍ୟର ସହିତ କରିବା ଉଚତ୍।

ପ୍ରମୋଦା ପିଲ୍ବେଳେ ବହୁତ ଭଲ ପାଠ ପଢୁଥିଲେ । ବୋଉର ଉତ୍ସାହ ତାଙ୍କୁ ବେଶୀ ବେଶୀ ପାଠ ପଢିବାକୁ ପ୍ରେରଣା ଯୋଗୋଉ ଥିଲ୍ । ସବୁଦିନ ରାତିରେ ବୋଉ ଗପ କହେ।

ଯେତେ ସବୁ ମହା ପୁରୁଷ, ବୀର ସାହାସି ପୁରୁଷ, ଜ୍ଞାନୀ ମହା ମାନବ ମାନଙ୍କ କଥା ଗଳ୍ପ ଛଳରେ କହି ଉପଦେଶ ଦିଏ ପାଠ ପଢିବାକୁ । କାରଣ ବୋଉର ବି ପିଲାବେଳେ ବହୁତ ଇଛା ଥିଲା ପାଠ ପଢିବାକୁ । କିନ୍ତୁ ତାକୁ ସୁବିଧା ସୁଯୋଗ ମିଳି ନଥିଲା ନବମ ଶ୍ରେଣୀ ପରେ ବିବାହ କରାଇ ଦିଆ ଯାଇଥିଲା । ଶାଶୁ ଘରେ ଆସି ବହି ଖଣ୍ଡେ ଧରି ବସି ପଢିବାକୁ ତାକୁ କେବେ ବି ସମୟ ହେଉ ନଥିଲା । ବଡ ପରିବାରରେ କାମ କରି କରି ଦିନ ଯାଉଥିଲା ।ଅଧିକ କାମ ବି ବୋଉକୁ କରିବାକୁ ପଡୁଥିଲା ଜେଜେ ମାଙ୍କ ଅସୁସ୍ଥତା ଯୋଗୁ ।

ତେଣୁ ବୋଉ ତା ଝିଅ କେମିତି ବହୁତ ପାଠ ପଢି ନିଜ ଗୋଡରେ ଠିଆ ହେବ ତାର ସବୁବେଳେ ସେଇ ଚିନ୍ତା । କିନ୍ତୁ ଭାଗ୍ୟ ତାକୁ ସହଯୋଗ ଦେଲାନି । ପ୍ରମୋଦା କଲେଜରେ ଦୁଇ ବର୍ଷ ପଢିଛି କି ନାହିଁ ତାଙ୍କ ବାପା ଚାଲିଗଲେ । ଘରେ ଦଦେଇ କକେଇ ମାନେ ତାଙ୍କ ପାଠ ବନ୍ଦ କରି ଦେଇ ବାହା କରିଦେବାର ଆୟୋଜନରେ ଲାଗିଗଲେ । ମା ଝିଅ ସେମାନଙ୍କ କଥାରୁ ବାହାରି ଯିବାକୁ ସାହାସ କରି ପାରିଲେନି । କିନ୍ତୁ ବୋଉ ଭିତରେ ଭିତରେ ଛଟପଟ ହେଉଥାଏ ପ୍ରମୋଦା ବି, କଣ କରିବେ କିଛି ବୁଦ୍ଧି ବାଟ ତାଙ୍କୁ ଦିଶୁ ନଥାଏ । ବହାଘର ପାଖେଇ ଆସୁଥାଏ ।

ଦିନେ ରାତିରେ ବୋଉ ତାଙ୍କୁ ଉଠେଇ କହିଲେ ତୁ ଏ ଘର ଛାଡି ଚାଲି ଯା । ତାର ଯାହା ସବୁ ଗହଣା ଗାଣ୍ଠି ଥିଲା ଟଙ୍କା ଥିଲା ସବୁ ତା ହାତରେ ଧରେଇ ଦେଲେ । ପ୍ରଥମେ ତ ବୋଉର କଥା ପ୍ରମୋଦା କିଛି ବୁଝି ପାରିଲେନି । ନିଦ ମଳ ମଳ ଆଖିରେ ଖାଲି ତା ମୁହଁକୁ ଚାହିଁ ରହିଲେ । କିଛି ସମୟ ପରେ ପ୍ରକୃସ୍ଥିତ ହେଲା ପରେ ଭାବିଲେ ବୋଉ ଯାହା କହୁଛି କିଛି ଭୁଲ କହୁନାହିଁ । ଘର ଲୋକ ମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଏଇ ମାତ୍ର ବୋଧେ ଗୋଟିଏ ରାସ୍ତା ।

ବୋଉର ଏ ସାହାସ ଦେଖି ତାଙ୍କର ବି ମନରେ ସାହାସ ଆସିଗଲା । ଏଇ ହଉଛି ପ୍ରକୃଷ୍ଟ, ଆଉ ଏକ ମାତ୍ର ରାସ୍ତା ବର୍ତ୍ତମାନ, କାରଣ ଭାବିବା ପାଇଁ ବେଶୀ ସମୟ ନାହିଁ ଆଉ ହାତରେ । ଏ ଘରେ ମା ଝିଅଙ୍କୁ ସମସ୍ତେ ବୋଝ ବୋଲି ଭାବୁଛନ୍ତି । ବୋଉ ଯେତେ କାମ କରୁ ତାର କିଛି ମୂଲ୍ୟ ନାହିଁ । ପାହାନ୍ତିଆରୁ ଘରେ ସମସ୍ତେ ଉଠିବା ପୂର୍ବରୁ ସେ ଷ୍ଟେସନ

ଅଭିମୁଖେ ଯାତ୍ରା କରିଥିଲେ । ଆଶ୍ରୁଳ ନେତ୍ରରେ ଦୁହେଁ ଦୁହିଁଙ୍କ ଠାରୁ ବିଦାୟ ନେଇଥିଲେ । ସକାଳୁ ଯାହା ହବ ଦେଖାଯିବ । ବୋଉ କହିଥିଲା "ତୋର ନିନ୍ଦା ମୁଁ ସହିନେବି କିନ୍ତୁ ନିର୍ଯ୍ୟାତନା ନୁହେଁ ।"

ସେହି ଦିନ ଠୁ ପ୍ରମୋଦା ଦୀର୍ଘ ପାଞ୍ଚ ବର୍ଷ ହୋଇ ଗଲାଣି ଆଉ ଘରକୁ ଫେରି ନାହାଁନ୍ତି । ବୋଉ ତା ବାପ ଘର ଯିବା ବାହାନାରେ ଆସି ତାଙ୍କୁ ଦେଖି ଦେଇ ଯାଏ । ସେ କଲେଜକୁ ଫେରି ଟ୍ୟୁସନ କରି ଏଠି ସେଠି କାମ କରି ପାଠ ପଢିବାରେ ମନ ଦେଲେ । ବୋଉକୁ ସେଦି ଏତେ ସାହାସ କିଏ ଦେଲା ଏବେବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବୋଉ କହୁଥିଲା ସେ ଗୋଟିଏ ଗପ ପଢୁ ପଢୁ ତା ମୁଣ୍ଡର ଏ ବୁଦ୍ଧି ଟି ପସିଲା । ବୋଉକୁ ଗପ ବହି ପଢିବାକୁ ବହୁତ ଭଲ ଲାଗେ । କିନ୍ତୁ ତାକୁ ସୁବିଧା ସୁଯୋଗ ମିଳେନା ସତ କିନ୍ତୁ ରୋଷେଇ ପାଇଁ ଯାହା ସବୁ ଘରକୁ ସଉଦା ପତ୍ର ଆସେ କାଗଜ ବା ଖବର କାଗଜ ଠୁଙ୍ଗାରେ ସେ ଠୁଙ୍ଗା ସବୁ ସାଇତି ରଖି ରାତିରେ ଶୋଇଲା ବେଳେ ପଢେ । ସେଇଥିରୁ ଗୋଟେ ସେ ଗପ ପଢିଥିଲା ।

ବୋଉ ପାଇଁ ସେ ବଡ ହୋଇ ଗଲେ ଗୋଟେ ଛୋଟ ଲାଇବ୍ରେରୀ ତିଆରି କରିଦେବେ ଯେ ବୋଉ ବସି ଗପ ବହି ପଢୁଥିବ । କିନ୍ତୁ ଏ ସ୍ୱପ୍ନ ପୂର୍ଣ୍ଣ ହେବ ଯଦି ସେ ପାଠ ପଢି ନିଜ ଗୋଡରେ ଠିଆ ହୋଇ କିଛି କରି ପାରିବେ । ସେ ହାଇସ୍କୁଲ ପରୀକ୍ଷାରେ ଷ୍ଟେଟରେ ପ୍ରଥମ ହୋଇଥିଲେ ତାପରେ କଲେଜରେ ଦି ବର୍ଷ ବି ଫାଷ୍ଟ କ୍ଲାସରେ ତୃତୀୟ ସ୍ଥାନ ପାଇଥିଲେ । ପଢିବାର ଝୁଙ୍କ ଆହୁରି ବଢି ଯାଇଥିଲା । ଦୁର୍ଭାଗ୍ୟ ଯଦିଓ ଆଗେଇ ଆସିଥିଲା ତାଙ୍କ ପଥ ରୋଧ କରିବାକୁ କିନ୍ତୁ ବୋଉ ଓ ତାଙ୍କ ନିଜର ମନୋବଳ ପାଖରେ ଭାଗ୍ୟ ହାର ମାନିବାକୁ ବାଧ୍ୟ ହୋଇଥିଲା ସେଦିନ ।

ସେଦିନ ସେ ଏକ ମନ୍ଦିରକୁ ଯାଇ ଶପଥ ନେଇଥିଲେ ନିଜର ଲକ୍ଷ ସ୍ଥଳରେ ନପହଞ୍ଚିଲା ପର୍ଯ୍ୟନ୍ତ ସେ ଘରକୁ ଫେରିବେନି । କିନ୍ତୁ ରୀତିମତ ବୋଉ ପାଖକୁ ଚିଠି ଦିଅନ୍ତି କିନ୍ତୁ ଘର ଠିକଣାରେ ନୁହେଁ । ଘରେ ସମସ୍ତେ ଜାଣନ୍ତି ଯେ ତାଙ୍କର ଘର ଛାଡି ଯିବାରେ ବୋଉକୁ କିଛି ଜଣା ନାହିଁ ନଚେତ ବୋଉର ଅବସ୍ଥା ବି ବହୁତ ଖରାପ ହୋଇଥାନ୍ତା । ବୋଉ ମିଛ ମିଛ ତାକୁ ଗାଳି ଦେଇ କାନ୍ଦାକଟା କରି ନାଟକ କରିଥିଲା । କିନ୍ତୁ ସେ ଚିଠି ପଠାନ୍ତି ବୋଉର

ଜଣେ ବିଧବା ମାଉସୀ ଝିଅ ଭଉଣୀ ଯିଏ କ ରହୁଥିଲେ ତାଙ୍କ ଘର ଠାରୁ କଛି ଦୂରରେ । ବୋଉ ସହିତ ତାଙ୍କର ଭଲ ସଂପର୍କ ଥିଲା । ସେ ସବୁ ଜାଣିଥିଲେ । ତେଣୁ ଲୁଚେଇ କରି ବୋଉକୁ ଚଠି ଦେଇ ଆସନ୍ତି ।

ସେ ୟୁନଭରସିଟିରେ ଗ୍ଷକରୀ ପାଇଲା ପରେ ବର୍ଷକ ଭିତରେ ଏକ ସୁଯୋଗ ମିଳଗଲା ଆମେରିକା ଯାଇ ଏଇ କନଫରେନ୍ସରେ ଯୋଗ ଦେବାକୁ । ଯଦି ସେ ତାଙ୍କ ଦେଶର ମା, ଭଉଣୀ ଓ ମହିଳା ମାନଙ୍କ ପାଇଁ କଛି କରିବାକୁ ଗ୍ଷହାନ୍ତି ତେବେ ତାଙ୍କ ଜ୍ଞାନକୁ ୟୁନଭରସିଟି ଭିତରେ ସୀମିତ ନରଖି ବ୍ୟାପ୍ତ କରିବାକୁ ପଡିବ । ତେବେ ଦେଶର ମହିଳା ମାନଙ୍କ ପରିସ୍ଥିତିରେ ସୁଧାର ଆଣି ପାରିବେ । ପ୍ରଥମେ ନଜ ହାତକୁ କଛି ପାଓ୍ୱାର ଆଣିବାକୁ ହେବ। ପ୍ରଥମେ ଏଇ କଚ୍ଚା ରାସ୍ତାକୁ ମଜଭୁତ ସଡକରେ ସେ ପରିଣତ କରି ପାରିବେ ।

ସ୍ୱାମୀ ମରିଗଲେ ବା ଛାଡିଦେଲେ ଜଣେ ନାରୀର ଜୀବନ ଯେ ସେଇଠି ଶେଷ ହୋଇ ଯିବ ତାର ସେପରି ଭାବିବା ଉଚତ୍ ନୁହେଁ । ତାକୁ ନଜ ଗୋଡରେ ନଜେ ଠିଆ ହୋଇ ପରିବାରରେ ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ଉଚତ୍ । ସବୁଠାରୁ ବଡ ହେଲା ମନୋବଳ। ତାକୁ ମଜଭୁତ କରିବା ଉଚତ୍ । ମନ ଭିତରେ ବହୁତ କଛି କରିବାର ସ୍ୱପ୍ନ ନେଇ ସେଦି ପ୍ରମୋଦା ଫେରିଥିଲେ ନଜ ଦେଶକୁ । ଜୀବନ ଓ ସମୟକୁ ଡରି ନଯାଇ ସବୁ କ୍ଷେତ୍ରରେ ତାର ମୁକାବିଲା କରିବାର ସାହସିକତା ଶିକ୍ଷା କରି ନଜ ଦେଶକୁ ଫେରିଥିଲେ।

ଦେଶକୁ ଫେରି ବୋଉ ପାଖକୁ ଚଠି ଦେଇ ତାଙ୍କ ଭବିଷ୍ୟତର ଲକ୍ଷ ଜଣେଇ ଦେଇ ନଜ କାମରେ ଲାଗିଗଲେ । ଆଇଏସ୍ ପରୀକ୍ଷା ଦେଇ ସେଥିରେ କୃତକାର୍ଯ୍ୟ ହେଲେ । ଶିକ୍ଷା ବିଭଗର ଆଡମିଷ୍ଟ୍ରେଟର ହେଲାପରେ ତାଙ୍କର ମୁଖ୍ୟ ଲକ୍ଷ ହେଲା ସେ ନାରୀ ଶିକ୍ଷାକୁ ବାଧ୍ୟତା ମୂଳକ କରିବେ ଧନୀ ଗରିବ ନର୍ବିଶେଷରେ ଆଉ ମାଗଣା ବି । ହାଇସ୍କୁଲ ଶେଷ ପର୍ଯ୍ୟନ୍ତ । ଖାଲି ସେତିକ ନୁହେଁ ସେମାନଙ୍କୁ ମାଗଣା ବହି ପତ୍ର ଖାତା କଲମ ଏବଂ ସ୍କୁଲ ଇଉନଫର୍ମ ବି ଯୋଗେଇ ଦିଆଯିବ । ମେଧାବୀ ଛାତ୍ରୀ ମାନେ ଉଚ୍ଚଶିକ୍ଷା ପାଇଁ କଲେଜରେ ପଢିବାକୁ ଇଚ୍ଛୁକ ଝିଅ ମାନଙ୍କୁ ସ୍କଲରସିପ୍ ଓ ଲୋନ୍‌ର ବ୍ୟବସ୍ଥା ବିନା ସୁଧରେ କରି

ଦିଆଯିବ, ଯୋଉ ମାନଙ୍କ ପାଖରେ ସମ୍ବଳ ନଥିବ । ସସ୍ତା ଓ ସହଜରେ ହଷ୍ଟେଲରେ ରହିବାର ସୁଯୋଗ ମଧ୍ଯ ଯୋଗାଇ ଦିଆଯିବ ।

ବୋଉକୁ ତାଙ୍କର ସବୁ ପ୍ଲାନ ଜଣେଇ ଦେଇଥିଲେ । ବୋଉ ବହୁତ ଖୁସି ହୋଇଥିଲା । ତା ପରି ଆଉ କୋଉ ଝିଅ ମନ କଥା ମନରେ ମାରି ଆଖିରୁ ଲୁହ ଢାଳ ଢାଳ ଦିନ ବିତେଇବନି। କିନ୍ତୁ ବୋଉ କ୍ରମଶଃ ରୋଗାକ୍ରାନ୍ତ ହୋଇ ଯାଉଥିଲା । ପ୍ରମୋଦା ତାର ଉପଯୁକ୍ତ ଯତ୍ନ ନେବା ପାଇଁ ବିଶେଷ ସମୟ ଦେଇ ପାରି ନଥିଲେ । ବୋଉକୁ ଆଣି ପାଖରେ ରଖିଥିଲେ ସତ କିନ୍ତୁ ବୋଉ ସେତେବେଳକୁ ଶେଷ ଅବସ୍ଥାରେ ପହଞ୍ଚି ଯାଇଥିଲା। ଖାଲି ଶୁଣି କରି ଖୁସି ହେଉଥିଲା । ବିଶେଷ ଚାଲିବୁଲି କରି ପାରୁ ନଥିଲା । ବିଶେଷ ପାଠ ପଢି ନପାରିବାର ସୁଯୋଗ ତାକୁ ନମିଳିଥିବାର ଅବଶୋଷ ନେଇ ଏ ସଂସାରରୁ ଚାଲିଗଲା ସତ କିନ୍ତୁ ଝିଅ ତାଙ୍କର ଶେଷ ଇଛା ଯେ ପୂର୍ଣ କରି ପାରିବ ତାଙ୍କ ପରି ଅନେକ ଝିଅ ଜୀବନକୁ ସାର୍ଥକ କରି ଦେଇ ପାରିବ ସେ ବିଶ୍ୱାସ ତାଙ୍କର ଥିଲା ସେଇ ଖୁସି, ଆତ୍ମ ସନ୍ତୋଷ ଟିକକ ନେଇ ଏ ସଂସାରରୁ ସେ ଗଲା ।

ବୋଉ ଗଲା ପରେ ମନର ସେ ଉତ୍ସାହ, ଆଗ୍ରହରେ ଟିକେ ଭଟ୍ଟା ପଡିଗଲା ସତ କିନ୍ତୁ କ୍ଷଣକ ପାଇଁ । ତାଙ୍କ ଜୀବନ ପରିଧି ଭିତରକୁ ସମରଙ୍କର ଆସିବା ଏକ ବରଦାନ ଥିଲା ବା ବୋଉର ଆର୍ଶୀବାଦ ଥିଲା । ସମରଙ୍କ ପ୍ରେରଣା ଶତ ସିଂହର ବଳ ଯୋଗେଇ ଦେଇଥିଲା । ସେ ବୋଉର ସ୍ୱପ୍ନ ପୁରା କରିବାରେ ଲାଗିଗଲେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଜଗତକରତା ସେଇ



ଶିଶିର କୁମାର ପଣ୍ଡା

କେହିନୁହଁ ବଡ଼ କେ ନୁହଁ ସାନ
ହୁଅ ହିନ୍ଦୁ କବା ମୁସଲମାନ
ସଭିଙ୍କ ରକତ ନାଲି
ତେବେ କଆଁ ଭୁଲି ସେନେହ ପୀରତି
ହିଂସାରେ ମାତୁଛ ଖାଲି ?

ରାମଙ୍କୁ ଡାକ କ ଆଲ୍ଲାଙ୍କୁ ଡାକ
ବିପଦ ବେଳରେ ରହିବେ ପାଖ
ଜଗତକରତା ସେଇ
ଶ୍ରେଷ୍ଠ ଜୀବ କରି ଧରାରେ ଛାଡ଼ିଛି
ମଣିଷ ଜନମ ଦେଇ ।

ତାଙ୍କୁନେଇ ପୁଣି କରୁଛୁ ଗୋଳ
ଜାତିଧର୍ମ ନେଇ ହୋଇଛୁ ଭୋଳ
ବାଦ ବିବାଦରେ ମାତି
ଆମେ ଯଦି ସବୁ ଏପରି କରିବା
କ ଶିଖିବେ ପୁଅ ନାତି ?

କୁଆଁସ, ମେରଦା କାଟିଆ, ଯାଜପୁର

# ଯୁଦ୍ଧ ସରିନ



ବିନୟ ମହାପାତ୍ର

ଯୁଦ୍ଧ ସରିନ,
କଛି ଘଡିର ଯୁଦ୍ଧବିରାମ କେବଳ,
ଶିବୀରକୁ ଯାଅ,
କ୍ଷତାକ୍ତ ଶରୀରେ ମଲମ ଲଗାଇ
ଲହୁ ଲୁହ ଆଉ ବୁନ୍ଦା ବୁନ୍ଦା
ସ୍ୱେଦ କଣିକାର ଦାଗ ଧୋଇନଅ ।
ଏକ ନୂତନ କୁରୁକ୍ଷେତ୍ର
ଧର୍ମକ୍ଷେତ୍ର ନାହିଁ ଆଜି,
ନୁହେଁ ଧର୍ମ ଅବା ଅଧର୍ମ ଲଢେଇ
କମ୍ବା ଯୁଦ୍ଧ ନ୍ୟାୟ ଅନ୍ୟାୟର ପାଇଁ ।
କାହାପାଇଁ ଯୁଦ୍ଧ ଏଇ
ପେଟ ଗୃଖଣ୍ଡର କ୍ଷୁଧାର ଲଢେଇ,
କଏ ଲଢିଯାଏ,  କଏ ଲଢେଇ ଦିଏ
ଥାଟବାଟ ଆଉ ରାଜ ସିଂହାସନ ପାଇଁ ।

ଅର୍ଜୁନ ବିନାହିଁ ଆଜି

ତ୍ୟାଗୀଦେବ ଗାଣ୍ଡିବ ତାର

ଆପଣା ଜନର ଲହୁ କଳ୍ପନାରେ

ଅସହାୟେ ହାତ ଟେକିଦେଇ

କାକୁସ୍ଥ, ଜନାର୍ଦ୍ଦନ ପାଦେ ମଥା ନେବ ନୋଇ ।

କୃଷ୍ଣ ବି କାହିଁ ଆଜି ?

କଏବା ଶୁଣାଇ ଦେବ ଅମୃତ ଗୀତାବାଣୀ ।

ମହାମାନୀ ଦୂର୍ଯୋଧନ ମେଳେ

ସବୁରି ହୃଦୟେ ଜିତିବାର ଅଦମ୍ୟ ଲାଳସା

ଅସ୍ତ୍ରନାହିଁ ଶସ୍ତ୍ରନାହିଁ ଅଛି ଖାଲି

ମିଥ୍ୟା ପ୍ରତିଶୃତିର ଅମୋଘବାଣୀ ।

ଲୋଭ ପ୍ରଲୋଭନର ବ୍ରହ୍ମାସ୍ତ୍ରେ

ସଜ୍ଜିତ ରଥି ମହାରଥି,

ଏ କୁରୁକ୍ଷେତ୍ରେ ପରୋକ୍ଷ ଯୁଦ୍ଧରେ

ବଳି ପଡି ଯାଆନ୍ତି ଭାଇ ବନ୍ଧୁ ସାଥୀ

ଲୁଟିଯାଏ ସୁଖ ଶାନ୍ତି ଅର୍ଜିତ ସମ୍ପତ୍ତି ।

କଟ୍ ସ୍କୋୟାର, ପଟିଆ

# ମୋ ବୋଉ



ଅନୁସୂୟା ମିଶ୍ର

ବୋଉକୁ ଫରକ୍ ପଡ଼େନ କଛି
ମଦର୍ସ ଡ଼େ ଆସିଲେ କେତେ
ନ ଆସିଲେ କେତେ
ଆଗ୍ରହର ଅଗଣାଟାରେ ମୋର
ଛାଇ ହୋଇ ରହିଥାଏ ସିଏ ସେଇମିତି।
ମୋର ବି କୋଉ ମନେ ରହେ
ମଦର୍ସ ଡ଼େ'
କେବେ ଆସେ କେବେ ଗୁଲିଯାଏ !
ନା କେବେ ଆଦର କରିଛି ତାକୁ
ପାଦତଳେ ଗୋଲ୍‌ପର ଗୁଛୁଟିଏ ରଖି
ନା ଆଙ୍କିପାରିଛି ଶବ୍ଦର ରଙ୍ଗତୁଳୀ ନେଇ
ଅସୀମ ତା ମହନୀୟତାର ପ୍ରଶସ୍ତି,
ତଥାପି
ଯେବେବି ମୁଁ ଗୋଡ଼ କାଢ଼େ ଘରୁ
ଆଉ କହେ, "ବୋଉଲୋ, ମୁଁ ଯାଉଛି"
ଧାଇଁ ଆସେ ସିଏ ଦୁନଆକୁ ପଛରେ ରଖି
ବିଛାଇଦିଏ
ଏରୁଣ୍ଡିରୁ ମୋ ଚଲ୍‌ପଥର ଶେଷମୁଣ୍ଡ ଯାଏଁ

ତାର ମଙ୍ଗଳମୟୀ ଦୃଷ୍ଟି
କହେ, "ଯାଉଛି ନୁହଁ ଧନ
ଆସୁଛି ବୋଲି କୁହନ୍ତି "।
ଫେରିଆସେ ମୁଁ ବି
ମମତାର ଆଶ୍ରୟକୁ ତାର
ଦିନତାମାମ୍ ଜୀବନ ସହ ଯୁଝି ଯୁଝି,
ଲେ଼ଟିପଡ଼େ ଅଭୟ ତା ଆଞ୍ଚଳ ଭିତରେ
ପୋଛିଦିଏ ପଣତରେ ତାର
ସକଳ ମୋର କର୍ମକ୍ଳାନ୍ତି
ଭୁଲିଯାଏ ଦୁନଆର ସମସ୍ତ ଦୁର୍ବିସହତାକୁ
କେଇ ଘଡ଼ି କୋଳରେ ତାର ମଥା ରଖି
ସ୍ୱସ୍ତିର ଉଚ୍ଛ୍ୱାସଟିଏ
ଓଠଧାରୁ ଅଜାଣତେ ହିଁ ଝରିଯାଏ
"ମୋ ବୋଉ ପରି କଏ ଅଛି !"
ବାସ୍...
ସେଇ ତାର ପ୍ରାପ୍ତିର ପରାକାଷ୍ଠା
ନତି ନତି
ସେତିକ ହିଁ ତାର କୋଟିନିଧି।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ଶୋଳ ମଙ୍ଗଳା



ସୁଲୋଚନା ପଟ୍ଟନାୟକ

ଆକାଶର ବାହାଘର ସରିଯାଇଥାଏ । କୁଣିଆଙ୍କର ତଥାପି ଯିବା ଆସିବା ଗ୍ଭଲିଥାଏ । ବୋହୂ ଦେଖିବାକୁ, ବୋହୂଘର ଭାର ଖାଇବାକୁ ଲୋକମାନଙ୍କର ଖୁବ ଆଗ୍ରହ । ବୋଉ ଛୋଟ ଛୋଟ ଡବା କରି, ଲଡୁ, ଆରିସା, ନମିକ ଓ ଗଜା ଇତ୍ୟାଦି ସଜାଡି ରଖିଥାଏ ଲୋକମାନଙ୍କୁ ଦେବାପାଇଁ । ବାହାଘରକୁ ଯିଏ ଆସନ୍ତି ଘରେ ଖିଆ ପିଆ କରନ୍ତି, ଗଲା ବେଳକୁ ବୋହୂ ଘରୁ ଆସିଥିବା ଭାର ନେଇ ଯାଆନ୍ତି । ବୋଉର ଛାତି ଫୁଲି ରହିଥାଏ ଖୁସିରେ । ଗାଁରୁ ଆସିଥିବା ହଳଆ ମୁଲିଆଙ୍କର ଗୋଡ ତଳେ ଲାଗୁ ନଥାଏ । ବାବୁଘରେ ଭଲ ଖାଇ ପିଇ, କଛି ଦିନ ରହି ସହର ବୁଲି ଦେଖନ୍ତି । ଗଲା ବେଳକୁ ସାଆନ୍ତାଣୀଙ୍କ ହାତରୁ, ବାହାଘର ଲୁଗାପଟା ନେଇ ଘରକୁ ଫେରନ୍ତି । ବାହାଘର ତ ସବୁଦିନ ହୁଏନ । ଏମିତି କଦବା କ୍ୱଚତ ମଉକା ମିଳେ । ବାବୁଙ୍କର ଦୁଇ ପୁଅ, ଦୁଇ ଝିଅ । ଆକାଶ ହେଉଛି ସାନ ପୁଅ । ଏହା ପରେ ଆଉ କେଉଁ ବାହାଘର ହେବନା ସେମାନଙ୍କୁ ଏଭଳ ସୁଯୋଗ ମିଳବ? ନାତି ନାତୁଣୀ ବଡ ହୋଇ କିଏ କେଉଁଠି ବାହା ହେବେ କିଏ ଜାଣେ ? ବୟସ ହେଲାପରେ ନା ନଜ ଦେହର ଭରସା ଅଛି ନା ଜୀବନର ଭରସା ଅଛି ? ଆଜି ଅଛ ତ କାଲି କଥା କିଏ କହିପାରିବ? ସେଇ ତ କାଲି ପରି ମନେ ହେଉଛି, ଚନ୍ଦ୍ରାମଣୀ କକେଇଙ୍କର ଯିବାର ଛଅ ମାସ ହୋଇଗଲାଣି । କେତେ ଖୁସି ହୋଇଥାନ୍ତେ ଆକାଶର ବାହାଘର ଦେଖି । ନଜେ ବିଗ୍ରଜବାବୁଙ୍କ ସହ ଗ୍ଭତା ଗ୍ଭତି ଯଗି ତାଲିକା କରିଥାନ୍ତେ, ବାହାଘର ନମନ୍ତ୍ରଣ କାର୍ଡ ବାଣ୍ଟିବାରେ ବି ସାହାଯ୍ୟ କରିଥାନ୍ତେ ନଶ୍ଚୟ । ରନ୍ଧା ରନ୍ଧି ଭୋଜି ଇତ୍ୟାଦି ତଦାରଖ କରିବା ବି ତାଙ୍କର କାମ । ଯାହାଘରେ ଗାଁରେ ବାହାଘର ହେଲା, ସେଠିକୁ ତାଙ୍କୁ କିଏ ଡାକୁ ନ ଡାକୁ ସିଏ ଆଗଭର ହୋଇ ଯାଇ ସାହାଯ୍ୟ କରନ୍ତି । ତାଙ୍କ ବ୍ୟତୀତ ନରି ପିଇଷା ବି ଆଗ ପଛ ନ ଭାବି ସବୁଠି, ସବୁ କାମରେ ସାହାଯ୍ୟ କରନ୍ତି । ଦୁଇ ବର୍ଷ ହୋଇଗଲାଣ, ଟାଇଫଏଡରେ ପଡି ତାଙ୍କର ଦେହାନ୍ତ ହୋଇଯାଇଛି । ତାଙ୍କ

ପୁଅ ଜଗନ୍ନାଥ ଏବେ କଲେଜ ସାରି ଭୁବନେଶ୍ୱରରେ ଚାକରୀ କରୁଛି । ଆକାଶର ବାହାଘରକୁ ଆସି ସିଏ ଘରେ ରହି ପୁଅଟିଏ ପରି କାମ ଦାମ, ଘର ସଫାରେ ସାହାଯ୍ୟ କରୁଛି ।

ବାହାଘର ସମୟଟା ଏଭଳ ଏକ ସମୟ, ସମସ୍ତେ ହସ ଖୁସିରେ ଏକଜୁଟ ହୋଇ କାମକୁ ବଢାଇ ନଅନ୍ତି । ରାଗ, ରୁଷା, ଅଭିମାନ କୁଆଡେ ପାଣି ଫୋଟକା ପରି ମିଳାଇଯାଏ । ଆକାଶ ସହ ବନ୍ଧୁ ଅଜୟର ମନାନ୍ତର ଆକାଶର ବାହାଘର ବେଳକୁ କୁଆଡେ ଉଭେଇ ଯାଇଛି । ସିଏ ମଧ ବାହାଘରରେ ଅଣ୍ଟା ବାନ୍ଧି ଲାଗି ଯାଇଛି । ହାଇସ୍କୁଲରେ ପଢିଲା ବେଳେ ଦୁହେଁ ଅପଡ ହୋଇଥିଲେ ସାଇର ଝିଅ ଅମିତାକୁ ନେଇ । ଅଜୟର ଘରକୁ ଦୁଇଟି ଘର ଛାଡି ରାଧାଗୋବିନ୍ଦ ମନ୍ଦିର ପାଖକୁ ରହୁଥିଲେ ଅମିତାର ବାପା ତ୍ରିଲୋଚନ ହୋତା । ଭାରି ରକ୍ଷଣଶୀଳ ଥିଲେ ତ୍ରିଲୋଚନ ବାବୁ । ଘର ବାରଣ୍ଡାକୁ ବି କୋଉ ପୁଅପିଲାଙ୍କୁ ଚଢାଇ ଦିଅନ୍ତି ନାହିଁ । ଝିଅ ସହ କଥା ହେବାକୁ ସମସ୍ତଙ୍କୁ ମନା । କେହି ଆଡ ଆଖିରେ ଚାହିଁବାକୁ ବି ସାହାସ କରନ୍ତି ନାହିଁ । ଏଣେ ଅମିତା କେତେବେଳେ ବାପା ନଥିବା ସୁଯୋଗ ଦେଖି, ମନ୍ଦିର ଯିବା ବାହାନାରେ ଯାଇ ଅଜୟ ଆଉ ଆକାଶଙ୍କ ସାଙ୍ଗେ ଦେଖା କରୁଥିଲା । ଅଜୟ ଏବଂ ଆକାଶ, ଦୁଇ ସାଙ୍ଗଙ୍କର ଅମିତାର ଭଲ ପାଇବା ପାଇବାପାଇଁ ଭାରି ପ୍ରତିଯୋଗିତା ଚାଲିଥିଲା । ସେଇଥିରେ ଆନନ୍ଦ ଥିଲା । ସେଇଥିରେ ରାଗ ଥିଲା । କେତେ ରାଗ ରୁଷାରେ ଦିନ ଯାଉଥି । କେଉଁଦିନ ରାଗରେ ଦୁଇ ବନ୍ଧୁଙ୍କର ସଂପର୍କରେ ତିକ୍ତତା ଆସିଯାଇଥିଲା । ଶେଷକୁ କଲେଜରେ ପଢିଲାବେଳକୁ ତିକ୍ତତାର ଆଧିକ୍ୟରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ବନ୍ଦ ହୋଇଗଲା । ଏଣେ ଦୁଇ ବର୍ଷ ଭିତରେ ତ୍ରିଲୋଚନ ଝିଅର ବାହାଘର ଗୋଟିଏ ବଡ ଡାକ୍ତର ଦେଖି କରିଦେଲେ । ଆକାଶ ଆଉ ଅଜୟ ଭକୁଆ ଭଳ ଚାହିଁ ରହିଲେ । ଅମିତା ବି.ଏ. ପାସ କରୁ କରୁ ବାହାହୋଇ ଖୁସିରେ ଘର ସଂସାର କଲା । ଅଜୟ ଆଉ ଆକାଶ ପୁଣି ନଜର ବଂଧୁତ୍ୱର ପୁନରୁଦ୍ଧାର କରି ଅତୀତକୁ ଆଲୋଚନା କରି ହସି ଉଡାଇ ଦେଲେ ।

ଆକାଶକୁ ସେତେବେଳେ ୧୯ ବର୍ଷ ହୋଇଥାଏ । ତାର ବାହାଘର କଥା କାହା ଚନ୍ତାକୁ ବି ଆସିନଥାଏ । ପୁଅପିଲାଙ୍କର ବହାଘର ୧୯ ବର୍ଷରେ କେହି ଚନ୍ତା କରେନା କମ୍ବା କରିବାକୁ ଉପଦେଶ ଦିଏନା । ଚାକରୀ, ରୋଜଗାର ନଥାଇ କେହି ଝିଅ ଦେବାକୁ ଇଛା କରନ୍ତି ନାହିଁ। ସେ ବୟଷରେ କଦବା କ୍ୱଚତ ଝିଅ ପୁଅ ଭବିଷ୍ୟତର ଚନ୍ତା ନ କରି ଘରେ କାହାକୁ

କଛି ନ କହି ବେଳେ ବେଳେ ବାହା ହୋଇ ଯାଆନ୍ତି । ପରେ ଅନେକ ପଶ୍ଚାତାପ କରନ୍ତି କମ୍ବା ଅନେକ ଅସୁବିଧାର ସମ୍ମୁଖିନ ହୋଇ ଅଳ୍ପ ବୟସରେ ଦାୟିତ୍ୱ ସମ୍ପର୍ଣ୍ଣ ହେବାକୁ ବାଧ ହୋଇଥାନ୍ତି ।

ଏ ଭିତରେ ଦଶ ବର୍ଷ କୁଆଡେ ଗ୍ଲିଗଲାଣି । ଆକାଶର ଗ୍ଲକରୀ କରିବାର ଛଅ ବର୍ଷ ହୋଇଗଲାଣି । ଭଲ ଗ୍ଲକରୀ, ଭଲ ଦରମା, ପୁଣି ଭୁବନେଶ୍ୱରରେ ରହୁଛି । ସବୁ ଆଡୁ ସବୁ ଭଲ । ରମାଦେବୀ କଲେଜର ପଛ ପଟେ ଘର ଭଡା ନେଇ ରହୁଛି । ଦୁଇ ବଖରିଆ ଘର । ଏକୁଟିଆ ପାଇଁ ସେଇ ଯଥେଷ୍ଟ । ବେଳେ ବେଳେ ସାଙ୍ଗମାନେ ଆସି ତା'ପାଖେ ଗ୍ରତି କଟାନ୍ତି । ବେଳେ ବେଳେ ମାଆ ବାପା ଆସି ଶନିବାର ରବିବାର କଟାନ୍ତି । ସହରର ଭଲ ଯାଗାରେ ରହୁଛି ବୋଲି ସମସ୍ତଙ୍କର ଯିବା ଆସିବା ଗ୍ଲିଥାଏ । ନଅ ନମ୍ବରରେ ତିନ ମହଲାର ବିଲ୍ଡିଙ୍ଗଟିଏ । ପୁରୁଣା ସହର, ପୁରୁଣା ଘର । ତେଣୁ ଏଲିଭେଟର ନାହିଁ । କେତେ ଦୃଷ୍ଟିରୁ ଆକାଶକୁ ସିଡି ଚଢି ଯିବା ଆସିବା କରିବାକୁ ଭଲ ଲାଗେ । ସ୍ୱାସ୍ଥ୍ୟ ପାଇଁ ଏହା ନଶ୍ଚୟ ଭଲ । ଏବେ ବାହାଘର ହେବା ପରଠାରୁ ଆକାଶ ଘରଟିଏ କଣିବାକୁ ଚନ୍ତା କରୁଛି । ବେଳେ ବେଳେ ଭ୍ବୁଛି କଅଣ କଲେ କ୍ୱାଟର୍ସଟା ତା ନାଁରେ ଯଦି ହୋଇପାରନ୍ତା! ଭଡାଘରେ ଜଗି ରଖି ଚଳବାକୁ ପଡେ । ମାଲିକଙ୍କର ଅନେକ ତାଗିଦା ଥାଏ । ଘରକୁ ସାଙ୍ଗମାନେ ଆସିଲେ ପାଟି ତୁଣ୍ଡ ହୁଏ, ପାଖ ପାଡିଶା ମାନେ ନାଲିଶ କରନ୍ତି। ଗ୍ତିରେ ଟିଭି ଦେଖିଲେ, ଟିଭି ଶବ୍ଦରେ ପଡିଶାଘର ପିଲାଙ୍କର ପାଠ ପଢାରେ ଆସୁବିଧା ଇତ୍ୟାଦି ଇତ୍ୟାଦି ... । ଏଭଳ ଅନେକ ଚନ୍ତା ତା ମନରେ । ଏଇ ଘରେ ଥାଇ ନଜର ପରିବାର ବଢାଇବା ବି ଗୋଟିଏ ଚନ୍ତାର ବିଷୟ । ତାହା ଏକରକମର ଭଲ ଚନ୍ତା। ଭଲ କଥା । କନ୍ତୁ ସମୟଟା ଠିକ କ ନାଇଁ ସିଏ ଜାଣି ପାରୁନ । କାମରୁ ଫେରିବା ପରେ ଇଆଡୁ ସିଆଡୁ ଚନ୍ତାରେ ତା ମୁଣ୍ଡଟା ସବୁବେଳେ ଭ୍ରି ଥାଏ । ସେଦିନ ପାଗ ଭଲ ଥିଲା । ମନରେ ଥିବା ପ୍ରଶ୍ନର ସୂନ୍ଦର ଉତ୍ତର ପାଇବା ପାଇଁ ଆକାଶ ବାହାରକୁ ଗ୍ଲିବାକୁ ଯାଇଥାଏ। ନୂଆ ହୋଇ ପାଖଘରେ ଆସିଥିବା ପିଲାଟିଏ ବାହାରି ଆସି, ଆକାଶକୁ ଅଙ୍କଲ ଅଙ୍କଲ କହି କଥା କହିବାରେ ଲାଗିଲା । କାହିଁକ କେଜାଣି ଆକାଶକୁ ଭଲ ଲାଗିଲା ପିଲାଟି ସହ କଥା ହେବାକୁ। ତା ସହ ଇଆଡୁ ସିଆଡୁ କଥା ହେଉ ହେଉ ସିଏ ଭୁଲିଗଲା ଯେ ପିଲାଟିକୁ ସିଏ ଚହ୍ନିନ ଆଉ ଘର ପାଖରୁ ପ୍ରାୟ କଛି ଦୂର ସେମାନେ ଗ୍ଲି ଆସିଲେଣି । ହଠାତ ପଛରୁ କାହାର ଡାକ ଶୁଣି ସିଏ ପଛକୁ ଅନାଇ ଦେଖିଲା, ସ୍ତ୍ରୀ ଲୋକଟିଏ "କୁନମୁନ

କୁନମୁନ" ଡାକ ତାଙ୍କ ପଛରେ ଆସୁଛି । କେମିତି ଚହ୍ନା ଚହ୍ନା ମନେ ହେଲ୍ ସେ ଚେହେର୍, ନାଁଟା କନ୍ତ ମନକୁ ଆସୁ ନଥାଏ । ପାଖକୁ ଯାଇ ଦେଖିଲ୍ ଖୁବ୍ ଚହ୍ନା ମନେ ହେଉଛି ସ୍ତ୍ରୀଲୋକଟି କନ୍ତ ନାଁଟା ତଥାପି ପାଟିକୁ ଆସୁନଥାଏ । ସିଏ କନ୍ତ ଚହ୍ନି ପାରିଲ୍ ଆକାଶକୁ । ହସି ହସି ଆକାଶ ସହ କଥା ହେଲ୍ । ଗପୁ ଗପୁ ଦଶ ମିନଟ ହୋଇଗଲ୍ଣି । ସିଏ ଅମିତା ବୋଲି ଜାଣିବା ପରେ ଦୁହେଁ ଖୁବ ଖୁସି ହୋଇଗଲେ ପୁରୁଣା ଅତୀତକୁ ମନେ ପକାଇ ଅମିତା କହିଲ୍, ଆକାଶ ଜାଣିଛ, "ନବମ ଶ୍ରେଣୀରୁ ମୁଁ ତୁମକୁ ଭଲ ପାଉଥିଲି । ସେତେବେଳେ ସାହାସ ହେଉ ନଥିଲ୍ । ବାହା ହେବା ଦିନରୁ ମୋର ଅନେକ ଦମ୍ଭ ଆଉ ସାହାସ ହୋଇ ଯାଇଛି । ତେଣୁ ତୁମକୁ ସହଜରେ ଏଭଳଆ କଥାଟିଏ କହିଦେଲି । ହେଲେ ସିଏ ପୁରୁଣା କଥା । କନ୍ତ ମନେ ହେଉଛି ତୁମେ ସେମିତି ଯୁବକ ହୋଇ ରହିଛ । ମୁଁ କନ୍ତ ବୁଢୀ ହୋଇ ଗଲିଣି । ମୋ ଝିଅକୁ ଦେଖ, ତାକୁ ବି ଦଶ ବର୍ଷ ହୋଇଗଲ୍ଣି । ହଉ, କେତେବେଳେ ସୁବିଧା ଦେଖି ଆମ ଘର ଆଡେ ଆସ । ମୁଁ ତୁମକୁ ମୋ ସ୍ୱାମୀଙ୍କ ସଙ୍ଗେ ଚହ୍ନା କର୍ଇଦେବି" । ଆକାଶ ଆଶ୍ଚର୍ଯ୍ୟ ଚକତ ହୋଇ ଯାଇଥାଏ । ସେଦିନର କଥା ସେଇଠି ଶେଷ କରି ସିଏ ଆଉ ଆଗକୁ ନଯାଇ ଘରକୁ ଫେରିଲ୍ । ଅମିତା କୁନମୁନକୁ ନେଇ ଅଦୃଶ୍ୟ ହୋଇ ଗଲ୍ଣି କେତେବେଳୁ ।

ସପ୍ତାହେ ପରେ ସେଦିନର ଶନବାର ସକାଳୁ ବାପା ବୋଉ କୌଣସି କାମ ନେଇ କଟକ ଯିବାକୁ ବାହାରିଥାନ୍ତି । ଆକାଶ ବାଧ ହୋଇ ଉଠିବାକୁ ଇଛା ନଥିଲେ ବି ଉଠିଲ୍ । ସ୍ତ୍ରୀ ରୀତା ଶାଢି ପିନ୍ଧି ସଜ ହୋଇ ଗ୍ଲହା କପେ ଧରି ଆସି ଠିଆ ହୋଇଥାଏ । ରୀତା ହାତରୁ ଗ୍ଲହା କପ୍‌ଟା ନେଇ ଟେବୁଲ ଉପରେ ରଖି ତରବରରେ ଗାଧୁଆ ଘରୁ ଦାନ୍ତଟା ଘସି ଗ୍ଲଲିଆସିଲ୍ ଆକାଶ । ରୀତାକୁ ଶାଢି ପିନ୍ଧା ଦେଖି ଆଶ୍ଚର୍ଯ୍ୟ ହେଲ୍ । କଅଣ ପଗ୍ଲରିବ ଜାଣି ପାରିଲ୍ନ । ରୀତା କହିଲ୍, "ଆକାଶ, କାଲି ର୍ତିରେ ବାପା ବୋଉ କଟକ ଯିବା କଥା କହୁଥିଲେ । ଶୁଣିବା ପରଠାରୁ ମୋତେ ଆଉ ନଦ ହୋଇନ । ତୁମେତ କୁମ୍ଭକର୍ଣ୍ଣ ନଦରେ ଶୋଇଗଲ ! ମୁଁ ଭ୍ବିଲି ମୋ ବାପା ବୋଉଙ୍କୁ ଯାଇ ଦେଖିଆସିବି । ଗଲ୍ ବେଳେ ବାପା ବୋଉ ମୋତେ ମହାନଦୀ ବିହାରରେ ଛାଡି ଦେଇ ଆସିବେ ଆଉ ସପ୍ତାହକ ପରେ ତୁମେ ଯାଇ ମୋତେ ନେଇ ଆସିବ । ହଠାତ ଏ ଭଳ ପ୍ରସ୍ତାବ ଶୁଣି ଆକାଶ ଆଶ୍ଚର୍ଯ୍ୟ ହୋଇଗଲ୍ । ବାହାଘର ପରେ ଏସବୁ ଚଳେନା କହିବାକୁ ତାର କୁଣ୍ଠାବୋଧ ହେଲ୍ । ସହଜେ ବାହାଘରର ଶୋଳ ମଙ୍ଗଳା ଯାଇନ । ସିଏ ନଜେ ବି ସଂକୁଚତ ହେଲ୍ ବାପା ବୋଉଙ୍କୁ

କଅଣ କହିବ ବୋଲି ! କଥାକୁ ସହଜ କରିବାକୁ ରୀତା କହିଲା, "ତୁମେ ଗ୍ଲହା ପିଅ, ମୁଁ ଯାଏ ବୋଉଙ୍କଠୁ ଅନୁମତି ନେଇ ଆସିବି" । ଆକାଶ ଗ୍ଲହା ପିଇବାକୁ ଆରମ୍ଭ କଲା । ରୀତା ଦୁଇ ମିନଟରେ ସକେଇ ସକେଇ ସୁଁ ସୁଁ ହୋଇ ଫେରି ଆସି ଖଟର ବାଡାକୁ ଧରି ଠିଆ ହୋଇଥାଏ । ବୋଉର କଥା ବାହାରୁ ଶୁଣାଯାଉଥାଏ । "କାହାକୁ କହିବି, ଆଜିକାଲି ଯୁଗ ହେଲାଣି ଅଜବ । ଏ ଝିଅମାନଙ୍କର କାହାକୁ ଖାତିର ନାହିଁ । ଆରେ, ବାପଘରକୁ ଯିବାକୁ ଯଦି ଡର ସହୁନ, ବାହା ହେଉଥିଲ କାହିଁକ ? ସବୁତ ମୋ' ପୋଡା କପାଳ ! କଅଣ କହିବି ? ଭାବିଥିଲି ବୋହୁ ଘରେ ରହିଲେ ମୁଁ ଦିନେ ଅଧେ କୁଆଡେ ବୁଲି ଆସିବି । ଏ ଭଳ ଛୋଟ କଥାଟିଏ ବି ମୋ ଭାଗ୍ୟରେ ନାହିଁ" । ସ୍ୱାମୀ ବିରଜବାବୁଙ୍କୁ ଡାକ କହିଲେ, "ଗ୍ଲଲ ଜିନଷ ସଜାଡ । ଆମର କୁଆଡେ ଯିବାର ନାହିଁ । ମୋର ଏଠି ରହିବା ଦରକାର ନାହିଁ । ଗ୍ଲଲ ଗାଁକୁ ଗ୍ଲଲିଯିବା । ନହେଲ ଟାକ୍ସିଟାଏ ଡାକ । କଟକରୁ ସିଧା ସିଧା ଗାଁକୁ ଫେରିଯିବା" ।

ବିରଜବାବୁ କହିଲେ, "ଆରେ ଏତେ ଅସ୍ଥିର ହେଉଛ କାହିଁକ, ପୁଅ ଉଠୁ । ତା' ସହ କଥା ହୋଇ ଯିବାକଥା ଠିକ କରିବା । ଏତେ ବ୍ୟସ୍ତ କାହିଁକ" ? ଆକାଶ ବାପା ବୋଉଙ୍କ କଥା ଶୁଣି ବାହାରକୁ ଆସି ଠିଆ ହେଲା, ବୋଉକୁ କହିଲା, "ରୀତା ଘରକୁ ଯିବ କହୁଛି । ତୁମେମାନେ ତାକୁ ଯଦି ନ ନେଇ ପାରିବ, ମୁଁ ଯାଇ ଛାଡି ଦେଇ ଆସିବି । ଏଥିରେ ବଡ କଥାଟାଏ କଅଣ ହୋଇଗଲା ? ସେଇ ପୁରୁଣାକାଳଆ କଥାକୁ ଧରି ରଖିଲେ କଅଣ ହେବ? ଆଜିକାଲି ଯୁଗ କେଉଁଠି ପହଞ୍ଚିଲାଣି, ଆମେ ଏ ସବୁ ମାନକ ଚଳଲେ ଘରେ ଅଶାନ୍ତି ଛଡା ଆଉ କଛି ହେବନ । ତାଛଡା, ରୀତାକୁ ଜବରଦସ୍ତି ଏଠି ରହିବାକୁ କହିବା ଭଲ ନୁହେଁ । ଶଠିଘର, ବାହାଘର, ଦଶଘର, ଶୋଳ ମଙ୍ଗଳା ଇତ୍ୟାଦି ମାନ ଆମର ଅବା କେଉଁ ଉନ୍ନତି ହୋଇଯାଇଛି ? ରୀତା ନଥିଲା ବେଳେ ତ ଆମେ ପୁଣି ରହୁଥିଲେ ? ଆଜି ସେ ପୁରୁଣାକାଳଆ କଥାକୁ ଗଣ୍ଠି କରି ରଖିବାରେ କଛି ଲାଭ ନାହିଁ । ମୋର ସେ ବିଷୟରେ କଛି କହିବାର ନାହିଁ" । ସେଇଆ କହି ସିଏ ସାର୍ଟ ଖଣ୍ଡେ ଗଳାଇ ଫୋନରେ ଟାକ୍ସି ଡାକ ଅପେକ୍ଷାରେ ରହିଲା । ରୀତା ଏପଟ ସେପଟ ହେଉଥାଏ । ବାପା ବୋଉ ମୁହଁ ବନ୍ଦ କରି ଅପେକ୍ଷା କରିଥାନ୍ତି । ବୋଉ ଭାବୁଥିଲା, କେତେ ଶୀଘ୍ର ପୁଅର କେତେ ପରିବର୍ତ୍ତନ ହୋଇଗଲା, ବାହାଘର ଦଶ-ପନ୍ଦର ଦିନ ହୋଇଛି କ ନାହିଁ । ସ୍ତ୍ରୀ ଯେମିତି କମିଆ କରିଦେଇଛି ! ସିଏ ଯାହା କହିବ ସେଇଆ । ବିରଜ, ସ୍ତ୍ରୀ ସେବତୀଙ୍କୁ ଚୁପ ରହିବାକୁ

ଇଙ୍ଗିତ ଦେଲେ । ସେବତୀ ଚୁପ ହୋଇନପାରି ସତେ ଯେମିତି ଓଲଟିପଡି କହିଲେ, "ଆକାଶ, ହଁ ପୁଅ ତୁ ବଡ ହେଲୁଣି, ବାହାଘର ବି ହୋଇଗଲାଣି, ତୋ ଜୀବନ ବଦଳଗଲାଣି । ରୀତାକୁ ଖୁସି ରଖିବା ତୋର କର୍ତ୍ତବ୍ୟ । ଶୋଳ ମଙ୍ଗଳାରୁ ଆମକୁ କଅଣ ମିଳବ ? ରୀତି, ନୀତ, ନୟମର କୌଣସି କାରଣ ନାହିଁ, ଅର୍ଥ ନାହିଁ । ହଁ, ଶୋଳ ମଙ୍ଗଳା କଥା, ଯେହେତୁ ପୁଅ ବାହାଘର, ଘରକୁ ଲୋକଙ୍କର ଯିବା ଆସିବା ସରିନ । ବୋହୁ ଦେଖିବାକୁ ତଥାପି ଲୋକ ଆସୁଛନ୍ତି । ଲୋକ ତ କେତେ କଥା କହିବେ । ତେବେ ମୁଁ ସମସ୍ତଙ୍କୁ ବୁଝାଇଦେବି । କହିଦେବି ଯେ "ଏମାନେ ହେଲେ ଆଜିକାଲିକା ପିଲା, ଦଶ ମଙ୍ଗଳା, ଶୋଳ ମଙ୍ଗଳା କଥା ଏମାନେ ବୁଝନ୍ତି ନାହିଁ, ମାନନ୍ତି ନାହିଁ । ପିଲାଏ ତ ଆଜିକାଲି କୋର୍ଟରେ, ମନ୍ଦିରରେ ବାହା ହେଉଛନ୍ତି, ବାହାଘର ଆଗରୁ ମଧ୍ୟ ଏକାଠି ରହୁଛନ୍ତି । କାହାର କଛି ଅସୁବିଧା ହେଉନ, ଜୀବନରେ କଛି ଅଘଟଣ ଘଟୁନ । ସବୁ ହେଉଛି, "ମାନିଲେ ଠାକୁର, ନମାନିଲେ ପଥର" ର ଉଦାହରଣ ପରି । ତୁ ବ୍ୟସ୍ତ ହୁଅନ । ବୋହୁକୁ ନେଇ ତା ବାପ ଘରେ ଛାଡି ଦେଇ ଆସ । ତା ମନ ବୁଝିଗଲେ ସିଏ ଫେରିବ ! ତୁମ ଖୁସିରେ ଆମର ଖୁସି" ।

ପୁଅକୁ କହିଲା ସିନା, ମନ କନ୍ତୁ ବୁଝୁ ନଥାଏ । ଆଖିକୁ ଲୁହ ଆସିଯାଉଥାଏ । ପୁଅ ବାହାଘର ସ୍ୱପ୍ନ, ବୋହୁ ପରସାର ସ୍ୱପ୍ନ, ସବୁ କୁଆଡେ ତା ଲୁହରେ ଅମାନିଆ ହୋଇ ବୋହି ଯାଉଥାଏ । ସିଏ ଶୋଇବା ଘର ବନ୍ଦ କରି, ଲୁଗାଟା ପାଲଟିଦେଇ ତକିଆରେ ମୁହଁ ମାଡି ପଡିରହିଲା କଛି ସମୟ । ଦଶ ମିନଟପରେ ମନକୁ ବୁଝାଇ ଠାକୁରଙ୍କ ପାଇଁ ଦୁଇଟା ଟଗର ଫୁଲ ଆଣିବାକୁ ବାହାର ଗୋଲ ଚଉତରା ଆଡକୁ ଗଲା । ଦେଖିଲା ମଉସୁମୀ ତାପାଇଁ ଫୁଲ ତୋଳ ସେଠି ଅନୁପମା ସହ ଗପରେ ବସିଯାଇଛି । ସେଦିନ କାହା ସହ ଗପିବାକୁ ତାର ଇଛା ହେଲା ନାହିଁ । ଅପରାଜିତା ଫୁଲ ଆଣିଲା ନାହିଁ । ମଉସୁମୀ ଦେଇଥିବା ଫୁଲକୁ ଡାଲାରେ ରଖି ଠାକୁର ପୂଜାରେ ବସିଗଲା । ଚନ୍ଦନ ଗୋଳାରେ ବି ମନ ଲାଗୁନଥାଏ । ଆଖିରୁ ଲୁହ ବୋହି ଚାଲିଥାଏ । ଆଖିର ଲୁହରେ ସ୍ତ୍ରୀଲୋକମାନେ ତାଙ୍କ ମନର କୋହକୁ ବୁଝାନ୍ତି ପରା ! ନଜ ବାହାଘର କଥା ମନେ ପଡିଗଲା ସେବତୀର । ସେତେବେଳେ ତାର ସାହାସ ନଥାଏ ସ୍ୱାମୀ ସହ ବସି କଥା ହେବାକୁ, ନଜ ବାପଘରକୁ ଯିବାକୁ ଅନୁରୋଧ କରିବାକୁ । ଶୋଳ ମଙ୍ଗଳା ତ ଦୂରର କଥା, ବର୍ଷକ ପର୍ଯ୍ୟନ୍ତ ବାପଘର ଯିବାର ନାଁ ଧରିନ ସିଏ । ଶାଶୁଘରକୁ ନଜ ଘର କରିବାର ଇଛାରେ ଲାଗିପଡିଥାଏ । ଶାଶୁ

ଜବରଦସ୍ତି ପୁଅକୁ କହି ଏକାଠି ସେମାନେ ପୁରୀ ଜଗନ୍ନାଥ ଦର୍ଶନକୁ ଯାଇଥିଲେ । ସେଇଥିରେ ସିଏ ଖୁସି ଥିଲା, ଶାଶୁ ଖୁସିଥିଲେ । ଶାଶୁଙ୍କ କହିବା ଅନୁସାରେ ପିଲା ହେଲାପରେ ସିଏ ବାପଘର ଯାଇ ବୁଲି ଆସିଥିଲା । ସପ୍ତାହେ ରହିବାପରେ ତାକୁ ଯେମିତି ଛାଟିପିଟି ଲାଗିଲା । ଶାଶୁ ଏକାଥିବେ ଭାବି ସିଏ ନଜେ ଫେରିବାକୁ ଗ୍ୱହିଁଥିଲା । ବର୍ତ୍ତମାନ ଯୁଗ ଅଲଗା । ପିଲାଙ୍କ ଚନ୍ତାଧାରା ଅଲଗା । ପିଲାଙ୍କୁ ନେଇ ଚଳବା ଏବଂ ପିଲାଙ୍କ ପାଖରେ ରହି ଚଳବାର ଧାରା ଭିନ୍ନ । ସିଏ ଆକାଶକୁ ଡାକ କହିଲା, "ପୁଅ ତୁ ରୀତାକୁ ନେଇ କଛିଦିନ ବୁଲିଆସ । ଆଜିକାଲି ପରା ତାକୁ ହନମୁନ ନା କଅଣ କହୁଛନ୍ତି ! ତୁ କହିଲେ, ଆମେ ରହିଯିବୁ ଆଉ କଛିଦିନ । ସମୟ ନେଇ ଆମକୁ ଚଳବାକୁ ହେବ । ମୋ ପାଇଁ ତୁ ଚନ୍ତା କରନ । ମୁଁ ତ ପୁରୁଣାକାଳଆ ଲୋକ, କେତେବେଳେ କଅଣ କହିଦେଉଛି, ତାକୁ ମନରେ ଧରନ । ଆଜି ଆମେ ଗାଁକୁ ବାହାରିଯିବୁ ଭାବିଥିଲୁ । ପୁଣି ତୁ ଡାକଲେ , ତୋର ଦରକାର ପଡିଲେ ଆମେ ଆସିଯିବୁ" । ସେବତୀ ରୀତାକୁ ଭିତରକୁ ଡାକଲେ, ତାକୁ କୋଳାଗ୍ରତ କଲେ । ପୁଣି ସେଇ ଅମାନଆ ଲୁହରୁ ଦୁଇ ଟୋପା ବୋହିଗଲା ତାଙ୍କୁ ହାଲୁକା କରି ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆଖି ର ଭାଷା



ଆଶୁତୋଷ ମେହେର

ପ୍ରେମ ସିନା ହୁଏ ହୃଦୟେ ତରଙ୍ଗ
ଆଖିରେ ସେ ଭାଷା ପାଏ,
ରଙ୍ଗ ଭରେ ଆଣି ଇନ୍ଦ୍ରଧନୁ ଠାରୁ
ଆଖିରେ ଚମକ ଦିଏ ।।
ଗହାଣୀ ରେ ଭରେ ମନ ରାଇଜର
ରାଜକୁମାର ର କଥା
ପ୍ରେମ ବାରି ଧାର ଅବିରତ ବହେ
କେତେ ଯେ ଅକୁହା ବ୍ୟଥା ।।
ସେ ବ୍ୟଥାରେ ଭରା ଯୋଜନ କାହାଣୀ
ଆଖିର ଭାଷାରେ ଲେଖା
ଗାଇ ଗଲେ ସବୁ ମରମ ଦରଦ
ଯେବେ ହୋଇ ଯାଏ ଦେଖା ।।
ମନ ର କୋଣରେ ଭୁରୁ ଭୁରୁ ବାସେ
ସେ କେଉଁ ଗହନ ଗପ
ଆଖିର ଭାଷାରେ ପ୍ରେମ ଅକ୍ଷରରେ
ଲେଖା ହୁଏ ଗପସପ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ହେ'ସମୟ



ଅମ୍ବିକା ସ୍ୱାଇଁ

ହେ'ସମୟ, ତୁମେ କଣ ଭାବୁଛ ?
ମୋତେ ହରେଇ ଦେଇଛ !!!
ଶୁଣି ପାରୁଛି ତୁମ ଅଟ୍ଟହାସ୍ୟ ର ସ୍ୱର
ତଥାପି ମୁଁ ଅଟକ ଯିବିନ
ଚାଲିବାକୁ ବାକ ଅଛି
ପଥ ମୋର ବହୁ ଦୂର .....!!!
ତୁମେ ତ ଦିଗହର୍ ପକ୍ଷୀ
ମୁକ୍ତା କାଶେ ଉଡି ଯାଅ ପଙ୍ଖ ଝାଡ଼ି
କେତେବେଳେ କେଉଁ ଦିଗେ
ଚାଲି ଯାଅ ମାଡି....
ତୁମ ଉପରେ ବା ଭରସା କଣ?
ହେ' ସମୟ ତୁମେ ସିନା
ଏକଲୟେ ଚାଲି ଯାଅ ତୁମ ବାଟେ
ପଛକୁ ଚାହିଁନା ଫେରି.....
ହେଲେ, ତୁମ ସାଥେ ତାଳ ଦେଇ
ଉଡି ଉଡି ଯିବାକୁ ମୁଁ କରୁଛି ପ୍ରୟାସ
ଦେଖ ସମୟ ଦେଖ....
ତୁମେ ମୋତେ ଧର୍ ନ ଦେଲେ ବି
ତୁମକୁ ଧରିବି ମୁଁ କୌଶଳେ ଜାବୁଡ଼ି......।।।

ଶ୍ୟାମପୁର, ଭୁବନେଶ୍ୱର

# ଜହ୍ନ ଓ ମୁଁ



ମୀନାକ୍ଷି ପାଢୀ

ଭିଜା ଆଖି, ଓଦା ସ୍ୱପ୍ନ
ଗ୍ରନ୍ଥି ଓ ନୀରବତା.....
ଜହ୍ନ ସହ କଥାବାର୍ତ୍ତା..... ।
ଜହ୍ନ ଜଳେ, ମନ ତଳେ
ଅନୁରାଗେ ନୀରବରେ ଦୀପଟିଏ ପରି.....
ଜୋଛନା ର ଫୁଲଶେଯେ
କାକୁସ୍ଥ ସେ ଉନ୍ନିଦ୍ର ଚକୋରୀ !
ଜହ୍ନ ସହ ଘୁରେ ସ୍ୱପ୍ନ,
ଉଡେ ମନ ଆକାଶ ରେ ଗୁଡିଟିଏ ପରି
ଅଜସ୍ର ସ୍ତବ୍ଧତା ଚିରି,
ଛୁଇଁଯାଏ ତୋ ବ୍ୟାକୁଳ ଇଚ୍ଛା,
ଅଜାଣତେ ମୋ ରକ୍ତରେ,
ଖେଳଯାଏ ତୃଷାର୍ତ୍ତ ଭଉଁରୀ.....
ତୁ ପୁଣି ଶୋଷୁଥାଉ,
ମୋ ନୀଳ ଜହର ଖୋଜି,
ଇଚ୍ଛାମତେ.....
ବସନ୍ତ ର ମହୁମାଛି ପରି.....!

ଶିକ୍ଷୟିତ୍ରୀ, ଚକଟା ପେଣ୍ଠ, ଗଂଜାମ

# ମାନସିକ



ଲୋପାମୁଦ୍ରା ମିଶ୍ର

ଓଡିଶା ର କଳାହାଣ୍ଡି ଜିଲ୍ଲା । ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । କଳାହାଣ୍ଡି ର ଜୟପାଟଣା ବ୍ଲକ ରେ ଆମ ସ୍ୱଳ୍ପ ରହଣୀ କାଳର ସ୍ମୃତି ଚୀରସ୍ମରଣୀୟ । କୌଣସି ମନୋରମ ସୁନ୍ଦର ସ୍ଥାନ ଓ କଛି ସ୍ନେହିଁ ମଣିଷଙ୍କ ଗଭୀର ଅତ୍ମୀୟତା କୁ ଭୁଲିଯିବା ଏତେ ସହଜ ନୁହେଁ । ସେହି ଜଙ୍ଗଲ, ଝରଣା ଓ ପାହାଡ ଘେର୍ କଳାହାଣ୍ଡି ରେ ଆମ ସୁଖୀ ଦାମ୍ପତ୍ୟ ଜୀବନର ଅୟମାରମ୍ଭ ହୋଇଥିଲ୍ । ଜୟପାଟଣାର ଘଟଣା ବହୁଳ ଦିନଗୁଡିକ ଆମ ମନ ଓ ହୃଦୟରେ ଜୀଇଁଥିବା ଯାଏଁ ତାଜା ରହିଥିବ ।

ଜୟପାଟଣା ର ଖୁବ ନକଟତମ ସୁନ୍ଦର ଓ ଦର୍ଶନୀୟ ସ୍ଥାନ ଦୁଇଟି ମୁଖିଗୁଡ଼ା ଓ ତାଳଗୁଡ଼ । ମୂଖିଗୁଡା ଜଗନ୍ନାଥ ମନ୍ଦିରର ଅପୂର୍ବ ସୌମ୍ୟ ଶାନ୍ତ ପରିବେଷ ଭକ୍ତ ଓ ପରିଦର୍ଶକଙ୍କର ମନକୁ ନଷ୍ଟୟ କଛି ସମୟ ପାଇଁ ଅଫୁରନ୍ତ ଆନନ୍ଦରେ ଭରିଦେବ । ଜଗନ୍ନାଥ ମନ୍ଦିର ଠୁ ଅଳ୍ପ ଦୂରରେ ଅବସ୍ଥିତ ଇନ୍ଦ୍ରାବତୀ ଡ୍ୟାମ୍ ପ୍ରୋଜେକ୍ଟ । ଇନ୍ଦ୍ରାବତୀର ଶୋଭ୍, ସବୁଜିମା, ବିଶାଳତା ଓ କଳକଳ ଜଳ ରୁ ବିଦ୍ୟୁତ ଉତ୍ପତ୍ତି ହେବାର ଯାନ୍ତ୍ରିକ କାରୁକାର୍ଯ୍ୟ, ସତରେ ତାଜୁବ୍ କରିଦେଲ୍ ଭଳ । ଇନ୍ଦ୍ରାବତୀ ଡ୍ୟାମ୍ ମୂଖିଗୁଡା ର ଅନ୍ୟ ଏକ ବିଶେଷ ଆକର୍ଷଣ । ମୂଖିଗୁଡା ପରି ତାଳଗୁଡ଼ର ମାଆ ଡୋକରୀ ମନ୍ଦିର ଆଉ ଏକ ଅତୀବ ଚତାକର୍ଷକ ସୁନ୍ଦର ସ୍ଥାନ । ସେହି ଡୋକରୀ ମନ୍ଦିର ପରିଦର୍ଶନ ର ଅଭୁଲ୍ ସ୍ମୃତି ଆଜି ବି ମୋ ମନରେ ସତେଜ ଓ ସ୍ୱଚ୍ଛ । ଏବେ ଯଦି କେବେ ମୁଁ ମୋବାଇଲ୍ ରେ ତାଳଗୁଡ଼ ର ଫୋଟୋ ଦେଖେ ସେହିଦିନର ସ୍ମୃତି ମୋ ଚକ୍ଷୁ ସାମ୍ନାରେ ଆପେ ଆପେ ଭ୍ସି ଉଠେ । ମନଟା ମୋର ସେହି ବୃଦ୍ଧବ୍ୟକ୍ତି ଜଣଙ୍କ ପାଖକୁ ସ୍ୱତସ୍ଫୁର୍ତ୍ତ ଭ୍ବେ ଟାଣିହୋଇଯାଏ ।

ସେଦିନ ଥିଲା ଦୁର୍ଗାଷ୍ଟମୀ । ହଜବ୍ୟାଣ୍ଡ ଙ୍କ ବନ୍ଧୁ ମିଷ୍ଟର ଜଗମୋହନ ଅଗ୍ରୱାଲ ତାଙ୍କ ପରିବାର ସହ ଆମକୁ ମାଆ ଡୋକରୀ ମନ୍ଦିର ଦର୍ଶନାର୍ଥେ ନିମନ୍ତ୍ରଣ କଲେ । ତାଳଗୁଡର ଅବସ୍ଥିତି ଜୟପାଟଣା ଠାରୁ ମାତ୍ର ଦଶ ରୁ ବାର କିଲୋମିଟର ଦୂରରେ । ଭବାନୀପାଟଣା ରୁ କେହି ଡୋକରୀ ମନ୍ଦିର ଆସିବାକୁ ଚାହିଁଲେ ତାଙ୍କୁ ଅଣସ୍ତରି - ସତୁରୀ କିଲୋମିଟର ରାସ୍ତା ଅତିକ୍ରମ କରି ଆସିବାକୁ ପଡିବ ତାଳଗୁଡ଼ କୁ ।

ଆମେ ଖୁବ ସକାଳୁ ବାହାରିଲୁ । ଆମ ସହ ଅଗ୍ରୱାଲବାବୁଙ୍କ ପତ୍ନୀ ଓ ପିଲାମାନେ ଥାଆନ୍ତି । ଆମେ ଖୁବ କମ ସମୟ ଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଗଲୁ । ଗାଡିଟି ଅଳ୍ପ ଦୂରରେ ରଖି ଆମେ ପାଦ ଚଲା ରାସ୍ତା ରେ ଆଗକୁ ଶହେ ମିଟର ଚାଲି ଚାଲି ଗଲୁ । ମନ୍ଦିର ପାଖକୁ ଯିବା ପାଇଁ ରାସ୍ତାଟି ଝରଣାର ନୀଳ ପାଣିକୁ ଦୁଇ ଭାଗ କରି ଚରି ଆଗକୁ ଲମ୍ବିଯାଇଛି । ସେଠିକା ନୀଳ ପାହାଡ, ନୀଳ ଜଙ୍ଗଲ, ନୀଳ ପାଣି ଓ ନୀଳ ଆକାଶ ର ନୀଳିମା କୁ ଦେଖି ଯେ କେହି ବି ଅଭିଭୂତ ହୋଇପାରେ ।

ସେଠି ପହଞ୍ଚିଲା ପରେ ମିଷ୍ଟର୍ ଓ ମିସେସ୍ ନାୟକ ଙ୍କ ସହ ମଧ୍ୟ ଆମର ଭେଟ ହେଲା । ମିସେସ ଅଗ୍ରୱାଲ ଓ ମିସେସ ନାୟକ ପୂଜାପାଇଁ ଭିତରକୁ ଗଲେ । ଆମେ ସେ ଜାଗାଟିକୁ ପ୍ରଥମ କରି ଯାଇଥିବାରୁ ବୁଲି ବୁଲି ସବୁ ଦେଖୁଥାଉ । ପୂଜା ପାଇଁ ମନ୍ଦିର ଆଗରେ ଛୋଟିଆ ଅସ୍ଥାୟୀ ବଜାରଟିଏ ପଡିଛି । କୁନି କୁନି ପିଲାମାନେ ଖେଳନା ଦୋକାନ ଆଗରେ ଭିଡ଼ କରିଥାନ୍ତି । ଲୋକଙ୍କ ଏତେ ଗହଳୀ ଭିତରେ ମଧ୍ୟ ମନ୍ଦିରର ପରିବେଷଟି ଅଦ୍ଭୁତ ରୂପେ ଶାନ୍ତ ଓ ମୁଗ୍ଧକର ।

ସବୁ ସୁନ୍ଦର ନିଆରା ଜାଗାର ଫୋଟୋ ଉଠେଇବାକୁ ଖୁବ ଭଲ ପାଉଥିବା ମୋ ହଜବ୍ୟାଣ୍ଡ କିଛି ସୁନ୍ଦର ମୁହୂର୍ତ୍ତ ଗୁଡିକୁ କ୍ୟାମେରା ରେ ଧରି ରଖୁଥିବା ବେଳେ ଫୁଲ ଦୋକାନ ଆଗରେ କାହାକୁ ଦେଖି ପକେଇ ସେ ଆଡକୁ ଅଗ୍ରସର ହେଲେ । ମୁଁ ବି ଚାଲିଲି ପଛେ ପଛେ ।

ଆମେ ପାଖକୁ ଯାଇ ଦେଖିଲୁ ଜଣେ ବୃଦ୍ଧ ଫୁଲ ଓ ଭୋଗ ଦୋକାନ ଆଗରେ ଠିଆ ହୋଇ କଣ କଣାକଣି କରୁଛନ୍ତି । ଆମେ ତାଙ୍କୁ କିଛି ମାସ ଆଗରୁ ଆମ କ୍ୱାର୍ଟର୍ସ୍ ରେ ଭେଟିଥିଲୁ । ସେଦିନ କିନ୍ତୁ ସେ ଏକା ନଥିଲେ, ସାଙ୍ଗରେ ଥିଲେ ତାଙ୍କ ବୃଦ୍ଧା ପତ୍ନୀ । ବୃଦ୍ଧ ଜଣଙ୍କ

ଭୀଷଣ ଜ୍ୱରରେ କମ୍ପୁଥିଲା ବେଳେ ତାଙ୍କ ବୃଦ୍ଧା ପତ୍ନୀ ତାଙ୍କୁ ସଙ୍ଗରେ ନେଇକରି ଆସିଥିଲେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ । ୟାଙ୍କର ଡିୟୁଟି ସରିଯାଇଥିଲା । ଆମେ ଘରେ ବସି ଟିଭି ଦେଖୁଥିଲୁ ବୃଦ୍ଧ ଦମ୍ପତି ଆସି ଡୋରବେଲ୍ ଦେଲେ । ଇଏ ଯାଇ ଦେଖିଲେ ବୁଢ଼ାଲୋକଟି ଜର ରେ ଥରୁଛନ୍ତି । ତାଙ୍କୁ ଦେଖି ଔଷଧ ଲେଖିଲେ । ପାଖରେ ଥିବା କଛି ଔଷଧ ଦେଇ ଗୋଟେ ଟାବଲେଟ୍ ସଙ୍ଗେ ସଙ୍ଗେ ଖାଇବାକୁ କହିଲେ । ମତେ ଡାକ କହିଲେ," ଘରେ କଣ ଖାଇବା ଅଛି ଆଣିଦିଅ ମଉସା ଖାଇକରି ଔଷଧଟା ନେବେ "। ମୁଁ ସଙ୍ଗେ ପାଣି ଓ ବିସ୍କିଟ୍ ଆଣିଦେଲି । ବୁଢ଼ୀ ମାଉସୀ ବଡ଼ କଷ୍ଟରେ ବୃଦ୍ଧ ସ୍ୱାମୀଙ୍କୁ ତାଙ୍କର ବିସ୍କିଟ୍ ଓ ଔଷଧ ଖୁଆଇଲେ ।

ୟାଙ୍କ ଠୁ ସବୁ ବୁଝି ନେଲା ପରେ ମାଉସୀ ଜଣଙ୍କ ତାଙ୍କ ପିନ୍ଧା ଶାଢ଼ୀ ର କାନରୁ ଗଣ୍ଠି ଖୋଲିଲେ ଆଉ ସେଥିରେ ମୋଡି ମାଡି ରଖିଥିବା ମଳଆ ଦଶ ଟଙ୍କିଆ, କୋଡିଏ ଟଙ୍କିଆ ନୋଟ ଦୁଇ ତିନୋଟି କାଢି ୟାଙ୍କ ହାତକୁ ବଢ଼ାଉ ଥିଲେ, ଇଏ ଟଙ୍କାତକ ମାଉସୀ ଙ୍କ ହାତରେ ପୁଣି ଗୁଞ୍ଜିଦେଇ କହିଲେ, "ରଖ ମାଉସୀ, ମଉସାଙ୍କୁ ଫ୍ରୁଟସ୍ କଣି ଖାଇବାକୁ ଦେବ "।

ବୁଢ଼ୀ ମୁଣ୍ଡରେ ହାତ ରଖି ୟାଙ୍କୁ ପ୍ରଣାମ ଜଣେଇଲେ ଓ ପୁଣି ଆଶୀର୍ବାଦ ଭଙ୍ଗୀ ରେ ହାତ ଉଠେଇ ଆମ ଦୁହିଁଙ୍କ ଆଡ଼କୁ ବଢ଼େଇଲେ । ସେମାନେ ସେଦିନ କ୍ୱାର୍ଟର୍ସ ରୁ ବାହାରିଗଲା ପର୍ଯ୍ୟନ୍ତ ମୁଁ ଦ୍ୱାର ପାଖରେ ଠିଆ ହୋଇ ସେମାନଙ୍କୁ ଦେଖୁଥିଲି ଓ ମନେ ମନେ ଭାବୁଥିଲି "ଆହାଃ ! ବିଗ୍ରୁରୀ ମାଉସୀଙ୍କ ର ଘରେ ଆଉ କେହି ନାହାଁନ୍ତି ବୋଧେ ! ଏକା ଏକା ରୋଗୀଣା ସ୍ୱାମୀଙ୍କୁ ତାଙ୍କର ମେଡିକାଲ ଧରି ଆସିଛନ୍ତି। । ବୁଢ଼ା ସ୍ୱାମୀ ଟା ପ୍ରତି କେତେ ପ୍ରେମ, ଆଦର ଏ ମାଉସୀଙ୍କର !"

ଆଜି ଏଠି ସେହି ମଉସାଙ୍କୁ ଏକା ଦେଖି ଇଏ ପ୍ରଥମେ ପଗ୍ରୁରିଲେ, "ମଉସା ! ଚହ୍ନି ପାରୁଛ କ ନାହିଁ ? ଏବେ ଦେହ କେମିତି ଅଛି ? "

- - ଆଜ୍ଞା ଜୁହାର । ଚହ୍ନିବିନ କେମିତି ? ଦେହ ମୋର ଠିକ ଅଛି ବାବୁ । ବୁଢ଼ା ବୟସ ହେଲା । ଆଉ ବା କେତେ କାଳ !

- - ଏକା ଏକା କେମିତି ? ମାଉସୀ କୁଆଡେ ଗଲେ କ ?

- - ଆଜ୍ଞା ସେଦିନ ସେ ସିନା ମତେ ଠିକ ବେଳକୁ ଆପଣଙ୍କ ପାଖକୁ ନେଇ ଉଷୁଦ ପତର ଦେଇ ଭଲ କଲା, ହେଲେ ସେ ବିଗ୍ରୁରୀ ମୋ ସାଙ୍ଗ ଦେବାପାଇଁ ଆଉ ରହିଲା ନାହିଁ ।

ବୃଦ୍ଧଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇ ପଗ୍ରୁରିଲି "କାହିଁକି ମଉସା? ତାଙ୍କର କଣ ହୋଇଥିଲା କ? ସେଦିନ ତ ସେ ବେଶ୍ ସୁସ୍ଥ ଜଣାପଡୁଥିଲେ ।"

- - ମାଆ ! ଯାହା ଦଇବ ର ବିଧାନ, ତାକୁ ଆଉ କଏ କଣ କରିବ ? ଆମେ ତ ଦୁଇପଗ୍ରଣୀ ଓଳଏ ଗ୍ରନ୍ଧି ଦୁଇଓଳ ଖାଇ ରହି ଯାଉଥିଲୁ । ମାସକ ତଳେ ଗାଁର ଜଣଙ୍କ ଘରେ ପୂଜା ହେଉଥିଲା । ସେଠୁ ପ୍ରସାଦ ଖାଇ ଗ୍ରତି ରେ ଦୁହେଁ ଫେରୁଥିଲୁ, ଅନ୍ଧାରୁଆ ଗ୍ରସ୍ତା ରେ ବିଷଧର ସାପ ଟିଏ ବୁଢୀ କୁ ଦଂଶିଲା । ସିଏ ଭ୍ରବିଲା ପୋକ ଟେ କ କଣ କାମୁଡି ଦେଇଥିବ । ଘରେ ଆସି ଗୋଡ଼ରେ ହଳଦୀ ଲଗେଇ ଶୋଇପଡିଲା । ସକାଳୁ ଉଠିଲା ବେଳକୁ ପାଟିରୁ ତାର ଫେଣ ବାହାରି ପଡିଛି । ବୁଢୀ ଆଉ ଜୀବନରେ ନଥିଲା ମାଆ । ମୁଇଁ ଏବେ ଏକା ଏକା ଦିନ କଟଉଛି । ମାଆଙ୍କୁ ଡାକୁଛି ଗୋଡ଼ ହାତ ଗ୍ରଲୁ ଥାଉ ଥାଉ ଜୀବନ ଟା ମୋର ଗ୍ରଲିଯାଉ ।

ଲୋକଟିର ଦୁଖଃଦ କାହାଣୀ ଶୁଣି ମନଟା ଭ୍ରରି ଭ୍ରରି ଲାଗିଲା । ଏ ଭିତରେ ଆମ ପାଖରେ ଆସି ହସ୍ପିଟାଲର ଆଉ ଜଣେ ଷ୍ଟାଫ୍ ଠିଆ ହେଲେଣି । ସିଏ ବୃଦ୍ଧଙ୍କୁ ଚହ୍ନିଥିଲେ ବୋଧେ । ତାଙ୍କୁ ଲକ୍ଷ କରି ପଗ୍ରୁରିଲେ, "ମଦନ ମଉସା ! ପୂଜା କରିବାକୁ ଆସିଥିଲ ବୋଧେ? "

- - ହଁ ପୁଅ । ମନୁଆଁ ପାଇଁ ତା ମାଆ ମାନସିକ ରଖିଥିଲା ପଗ୍ର ଅଷ୍ଟମୀ ରେ ପୂଜା ଟେ ଦେବ ବୋଲି ।

ହଜବ୍ୟାଣ୍ଡ ଉତ୍ସୁକତା ର ସହ ପଗ୍ରୁରିଲେ, "ମଉସା ! ମନୁଆଁ କଏ? ତୁମ ପୁଅ କ? "

- - ଆଜ୍ଞା ହଁ । ମୋ ପୁଅ । ଗଲ୍ ବରଷ ତାକୁ ଡେଙ୍ଗୁ ହେଲ୍ । କଟକ ଯାଇ ବଡ ମେଡିକାଲ ରେ ପଡିଲ୍ । ଅବସ୍ଥା ଟା ଆଜ୍ଞା ଭଲ ନାଇଁ ଥିଲ୍ । ତା ମାଆ ବହୁ ଠାକୁର ଠାକୁରାଣୀ ଙ୍କ ପାଖେ ମାନସିକ କରିଥି । ମନୁଆଁ ବି ଆମର ଆଜ୍ଞା ଭଲ ହେଇଗଲ୍ । ସବୁ ମାନସିକ ପୂରଣ ହେଇଛି । ଏଇ ଡୋକରୀ ଙ୍କ ପୂଜା ମାନସିକ ଟା କନ୍ତୁ ପୁରା କରିବାକୁ ବୁଢୀ ଆଉ ରହିଲାନ । ସିଏ ନରହିଲ୍ ବୋଲି କଣ ଆଉ ମାନସିକ ଟା ଅପୁରା ରଖି ପୁଅ ର ଅନଷ୍ଟ କରିବି?

- - ମଉସା ତୁମ ପୁଅ ମନୁଆଁ କୋଉଠି ? ଆଉ କଣ ତୁମର କେହି ପୁଅ ନାହାଁନ୍ତି?

- - ଗୋଟେଟି ଝିଅ ରେ ଗୋଟିଏ ପୁଅ ମନୁଆଁ । ସିଏ ପା ବଲାଙ୍ଗୀର ର ଜିଲ୍ଲାପାଳ ଙ୍କ ଅଫିସ ର କଣ ଗୋଟେ ସରକାରୀ ଗ୍ଣକରୀ କରୁଛି । ବାହା ହେଇଛି । ଦୋଅଟି ନାତି ମୋର ଅଛନ୍ତି।

ଆମ ପାଖରେ ଠିଆ ହୋଇଥିବା ୟାଙ୍କ ଷ୍ଟାଫ୍ ଜଣଙ୍କ ମଉସାଙ୍କୁ ଲକ୍ଷ କରି କହିଲେ, "ମଦନ ମଉସା ! ତୁମେ କାହିଁକି ଏଠି ଏ ଭଙ୍ଗା ଘରଟା ରେ ଏକା ରହୁଛ? ବଲାଙ୍ଗୀର ରେ ତୁମ ପୁଅ ର ସରକାରୀ ଘର ଅଛି । ସେଇଠିକୁ ଯାଅ ଆରାମ ରେ ରହିବ ।"

- - ନାଇଁ ରେ ପୁଅ । ମୁଁ ଆଉ ଏଠୁ ଛାଡ଼ି କୁଆଡେ ଯିବି ? ସେଇ ଭଙ୍ଗା ଘର ପା ମୋର ଆରମ୍ଭ ଆଉ ଶେଷ । ସେଇ ଘରଟାରେ ମନୁଆଁ ମାଆ ର ସବୁଯାକ ସ୍ମୃତି ବି ଅଛି । ମୁଁ ସେହି ଭଙ୍ଗା ଗ୍ଣଳଆ ର ପିଣ୍ଡା ରେ ବସିଥିଲେ ମତେ ଲାଗେ ମନୁଆଁ ମାଆ ମୋରି ଆଗରେ ପଛରେ ଏପଟ ସେପଟ ହେଉଛି । ମୁଁ ସକାଳୁ ଉଠି ବାହେରେଇ ଘର ଆଡେ ଗଲେ, ମତେ ଲାଗେ ଚୁଲି ରେ ଗ୍ଣ' ବସେଇବାକୁ ବୁଢୀ ଜାଳ ସଜାଡୁଛି । ରାତିରେ ଶୋଇଥିଲା ବେଳେ ବୁଢୀ କୁ ଖୁଁ ଖୁଁ ହେଇ କାଶୁଥିବାର ମୁଁ ଶୁଣିପାରେ। ଘରେ ସବୁବେଳେ ମତେ ତା ହାତର ଚୁଡ଼ି ଆଉ ପାଦ ପାଉଁଜୀର ରୁଣୁ ଝୁଣୁ ଶବ୍ଦ ଶୁଭିଯାଉଥାଏ । ତୁମେ କୁହ ବାବୁ ତାକୁ ଏଇଠି ଏକା ଛାଡି ମୁଁ କଣ ଆଉ କୋଉଠି ରହିପାରିବି? ସେ ମୋତେ ଖୋଜିବନି? ନାଇଁ ନାଇଁ ମଲାଯାଏଁ ମୁଁ ଏଇଠି ପଡିରହିବି । କୁଆଡେ ଆଉ ଯିବିନି । ତା ଛଡା କେଡେ ଘରଟେ ବା ଛୁଆଟା ପାଇଛି ! ସେଇ ଦୁଇ ବଖୁରିଆ ଘରେ ଛୁଆ ପିଲା ନେଇ ବଡ କଷ୍ଟ ରେ ସେ ଚଳୁଛି । ଦରମା ବି ତାର ବହୁତ କମ । ମୁଁ ଏଠି ରହିଲେ ବିଲ ବାଡ଼ି କଥା ହେଲେ

ବୁଝିପାରୁଛି । ଧାନ ଗ୍ଭଉଳ କଛି ଅମଳ ହେଉଛି । ମୋର କଛି ଅସୁବିଧା ନାହିଁ । କାହିଁକି ଅଯଥା ରେ ସେଠିକି ଯାଇ ଛୁଆଟାର ବୋଝ ବଢେଇବି?

ବୃଦ୍ଧଙ୍କ କଥାଗୁଡାକ କାହିଁକି କେଜାଣି ଛାତି ରେ ଗଳଯାଉଥିଲା । ସେ ଆମକୁ 'ଆସୁଛି ଆଜ୍ଞା' କହି ପଛ କରି ମନ୍ଦିର ଭିତରକୁ ଗ୍ଭଲିଗଲେ ପୁଅ ପାଇଁ କରିଥିବା ତାଙ୍କ ସ୍ୱର୍ଗବାସୀନ ପତ୍ନୀଙ୍କର ମାନସିକ କୁ ପୂରଣ କରିବା ଉଦେଶ୍ୟରେ । ଆମେ ବି ବୁଲା ବୁଲି ସାରି ଜୟପାଟଣା ଫେରିଆସିଲୁ ।

ଘରେ ପହଞ୍ଚିଲା ପରେ ମୋର କୌଣସି କାମରେ ଆଉ ମନ ଲାଗିଲା ନାହିଁ । ବୃଦ୍ଧଙ୍କ କଥା ଗୁଡିକ ମତେ ଆଚ୍ଛନ୍ନ କରିରଖିଥିଲା । ଏକା ରହୁଥିବା ଘରଟି ଭିତରେ ମୃତ ପତ୍ନୀଙ୍କ ଅସ୍ତିତ୍ୱ କୁ ଅନୁଭବ କରି ସେ ବିଚଗ୍ଭ ଦିନ କାଟୁଛନ୍ତି । କନ୍ତୁ ଆଉ କଛି ଦମ୍ପତି ଗୋଟେ ଛାତ ତଳେ ରହୁଥିବା ସତ୍ୱେ ମଧ୍ୟ ପରସ୍ପର ର ଅସ୍ତିତ୍ୱ ଠୁ ଯୋଜନ ଯୋଜନ ଦୂରରେ ।

ପରଲୋକଗତା ସେହି ମାଉସୀଙ୍କ କଥା ମନକୁ ଆସିବା କ୍ଷଣେ ମୋର ଆଉ ଜଣଙ୍କ କଥା ଖୁବ ମନେ ପଡୁଥିଲା । ଯିଏ ମୋ ଠୁ ଏବେ ଗ୍ଭରିଶହ ପଗ୍ଭଶ କଲୋମିଟର ଦୂରରେ । ସିଏ ବି ଆମ ଭ୍ଭଇ ଭଉଣୀ ସମସ୍ତଙ୍କ ପାଇଁ ସବୁ ଦେବା ଦେବୀଙ୍କ ଆଗରେ ଦିନ ଗ୍ଭତି ଗୁହାରୀ କରେ । ଆମର ଶୁଭ ମନାସି ଗ୍ରାମ ଦେବତୀ ଓ ଗଛ ଠାକୁରଙ୍କ ପାଖେ ମାନସିକ ରଖେ ।

ନନ୍ଦିପୁର, ଦଶରଥ ପୁର, ଯାଜପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଛାଡି ଦେଇଥିଲି



ପ୍ରେମଶିଲ୍ ରାଉତ

କହିଥିଲ ତୁମେ ଛାଡ ସେ କଥା ଆଉ କୁହନ

ମୁଁ କହିବା ଛାଡ଼ି ଦେଇଥିଲି,

ମୋ ହୃଦୟର ବେଦନା, ମୋ ପ୍ରେମ ସଂଗୀତ

ମୋ ଜୀବନର ମିଠା ଗୀତ ଏମିତି ଅନେକ କଛି ।

କଥା କଥାରେ ତୁମେ ସବୁବେଳେ କହୁଥିଲ ଛାଡ ଖାଲି ଛାଡ

ଛାଡ଼ି ଦେଇଥିଲି ତୁମକୁ

ଝରଣାର କୁଳୁକୁଳୁ ନାଦେ ବହିବାକୁ

ତୁମର ସାଇତା ସ୍ୱପ୍ନ ରେ ଭସିଯିବାକୁ ।

ମୁଁ ଛାଡି ଦେଇଥିଲି ତୁମକୁ

ବିବାହ ବନ୍ଧନରେ ବାନ୍ଧି ହୋଇ

ସ୍ୱପ୍ନ ର ଘର ତୋଳବାକୁ

ନୂଆ ନୂଆ ଆଶା ଓ ଉନ୍ମୋଚନରେ ମଜ୍ଜିଯିବାକୁ ।

ଛାଡ଼ି ଦେଇଥିଲି ତୁମକୁ ହସଖୁସିର ତାଜମହଲ ତୋଳବାକୁ

ନୀଳ ଆକାଶ ର ପରୀ ରାଇଜରେ ଉଡ଼ିବାକୁ

ବସନ୍ତ ର ସବୁଜିମା ଭରା ପ୍ରକୃତି ସାଥିରେ ଖେଳବାକୁ

ଛାଡ଼ି ଦେଇଥିଲି ତୁମ ଅନ୍ତରାଳ ର ଗୁପ୍ତ ପବିତ୍ର ପ୍ରେମ କାହାଣୀକୁ ।

ମୁଁ ଥିଲି ତୁମ ଜୀବନର କଣ୍ଟା, ବାଧା ଓ ବନ୍ଧନ
ସେଥିପାଇଁ ମୋ ଜୀବନକୁ ଚୁର୍ ମାର୍ କରି
ଛାଡ଼ି ଦେଇଥି ଲି ତୁମକୁ ।
ତୁମ ଲମ୍ବା ରାସ୍ତା ର ବୋଧେ ବାଧକ ସାଜିଥିଲି ମୁଁ
ହେଲେ ଆଜି ସେଇ ଲମ୍ବା ରାସ୍ତା ରେ କଛି ନାହିଁ
ନା ଅଛି ମୁଁ ନା କଣ୍ଟା ନା ବାଧା ବିଘ୍ନ ନା ଜୁଆର ଢେଉ
ସବୁ ଫାଙ୍କା ଫାଙ୍କା ଶୂନ୍ୟ
ଠିକ୍ ଯେମିତି ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ
ରାସ୍ତା ର ଦୁଇ ପାର୍ଶ୍ୱରେ ଥିବା ନା ନା ଜାତିର ଥୁଣ୍ଟା ଗଛର ଅବସ୍ଥା ।

ଗ୍ରାମ- ବୃନ୍ଦାବାହାଲ, କଳାହାଣ୍ଡି

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁଲାଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁନ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ଫନି



ଭାସ୍କର ଚନ୍ଦ୍ର ଖଣ୍ଡା

ବାଂଗଲାଦେଶରୁ ତୁମ୍ଭ ନାମ କୃତି
ପାଇଲ୍ ସେ ନାମ ତୁମ୍ଭର ସ୍ୱୀକୃତି
ଛାଡି ଦେଲ ବିଷ ତୁମ୍ଭ ସ୍ୱଭାବରୁ
ବିଷଧର ସେଇ ଫଣା ଛିଟିକାରୁ
ପତିତପାବନ ବାନା ଗଲ୍ ଉଡି
ଜଗତ ଗୋସାଇଁ ଗଲେ ସତେ ଛାଡି ॥

ଉଠେ ପ୍ରଶ୍ନ ଆଜି ଆହେ ମହାବାହୁ
ନୀଳାଞ୍ଚଳେ ତୁମ୍ଭେ ବିଜେ ଥାଉ ଥାଉ
ସାଜିଲ୍ କାହିଁକି ପ୍ରକୃତିର ଦାଉ
ବଟ ବୃକ୍ଷ ଶାଖା ହୋଇଣ ବିଛିନ୍ନ
ତୁମ୍ଭରି ଆଳୟ ହେଲ୍ ଛିନ୍ନ ଭିନ୍ନ
ଝରୁଥିଲ୍ ଲୁହ ସେ ଚକା ଆଖିରେ
ଶୁଣିଲି ଏ କଥା ଜନ ମାନସରେ ॥

ଗ୍ଲେ ପବ୍ ପ୍ରଭୁ ତୁମ୍ଭ ଇଶାବ୍ରେ
ସାବ୍ ଜଗତ ଗୋସାଇଁ
ଯାହାବି ହୋଇଛି ତୁମ୍ଭ ସମ୍ମତିରେ
କହିବକ ଥରେ ସାଇଁ

କ କରିଥିଲା ସେ ସବୁଜିମା ରାଶି
କରିଲ ତା ବଂଶ ନାଶି
ମହା ଦୃମ ସବୁ ଫନ ପ୍ରକୋପରୁ
ପଡ଼ିଲେ ଭୂତଳେ ଖସି ॥

ଅନ୍ଧାର ଘଟିଲା ପଥ ନ ଦିଶିଲା
ହାହାକାର ଦେଲା ହୁରି
ବିଜୁଳବି ଗଲା ପାଣି ନ ମିଳଲା
ଭାଳେଣି ପଡିଲା ଝରି
ରାଜଧାନୀ ଛାଡି ଗ୍ରାମମୁଖୀ ହେଲେ
ସତେ ତୁମ୍ଭ ମନ ବାଂଛା
ଶତୃତାକୁ ଭୁଲି ମିତ୍ରତା ବାନ୍ଧିଲେ
ସେକ ଥିଲା ତୁମ୍ଭ ଇଛା ॥
ଥାଉ ପଛେ ଯା'ର ଯେତେ ଅର୍ଥବଳ
ପ୍ରକୃତି ଆଗରେ ହୀନ
ଭାରସାମ୍ୟ ରକ୍ଷା କରିବାକୁ ହେବ
ପ୍ରକୃତିର ସେ ନିୟମ
ଶିଳ୍ପ ଉନ୍ନତିର ବିକାଶ ସାଧନ
ହେବ ସମ୍ଭବ ସୃଷ୍ଟିରେ
ଜଂଗଲ ସମ୍ପଦ ସବୁଜିମା ରାଶି
ବଢିବ ଯଦି ସାଥିରେ
ଏ ଦୁର୍ବିପାକକୁ ଯିବା ଭୁଲି ଆଜି
ଗଢିବା ନୂଆ ଓଡିଶା
ବୁଣିବା ସପନ ସାମଞ୍ଜସ୍ୟ ରଖି
ପୂର୍ଣ୍ଣ ହେବ ସବୁ ଆଶା ॥

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ଅଘଟଣ ବେଳା



ଡକ୍ଟର ବିଜ୍ଞାନୀ ଦାସ

ଏ ସପ୍ତାହଟା କଣ ଥିଲା କେଜାଣି, ସବୁ କଛି ଗୋଳମାଳ ହୋଇଯାଉଥିଲା । ଲାଲି ଜାଣିପାରୁନଥିଲା, କଣ କରିବ । ଏମିତି ଆଗରୁ ହୋଇଛି । ଅନେକ ଖରାପ ଘଟଣା ଏକାସାଙ୍ଗରେ ଘଟିଛି । ଜୀବନକୁ ବ୍ୟତିବ୍ୟସ୍ତ କରିପକାଇଛି । ତାପରେ ସବୁ ପୁଣି ଠିକ୍‌ଠାକ୍ ହୋଇଯାଇଛି । ଯଦିଓ ଠିକ୍‌ଠାକ୍ ହେବାକୁ ଅନେକ ସମୟ ଲାଗିଛି । ହେଲେ ସେସବୁ ଅନେକଟା ଘଟୁଥିଲା ତାର ଅନଭିଜ୍ଞତାକୁ ନେଇ । ଏବେ ତ ସିଏ ଅଭିଜ୍ଞ । ଏମିତି ବୟସରେ ପୁଣି ଏଭଳ ବୋକାମୀ ହେବ ବୋଲି କଏ ଭାବିବ ?

ଲାଲିର ଅନେକ ବିଷୟରେ ଆଗ୍ରହ । ହେଲେ ଲାଲି ଜାଣିଛି, ଏତେ ସବୁ ବିଷୟ ଏକାସାଙ୍ଗରେ ସମ୍ଭାଳବା ସହଜ ନୁହେଁ । ଜୀବନଟା ସାରା ଅନ୍ୟମାନଙ୍କ ବିଷୟରେ ଭାବିଭାବି ନଜ ଶରୀର ଓ ମନ ପ୍ରତି ବଡ ଅବିଚାର କରିଆସିଛି ଲାଲି । ସେଦିନ ଟୋଷ୍ଟମାଷ୍ଟର୍ କ୍ଲବରେ ସ୍ୱେଚ୍ଛାସେବୀ ଭାବେ କାମ କରିବା କଥାଟା କହିଦେଲା ଯେ, ଆଉ ଜଣେ ତା' ଉପରେ ମନ୍ତବ୍ୟ ଦେଇ କହିଥିଲେ, "ତମେ ବହୁତ ଭାଗ୍ୟବାନ ଲାଲି, ତମକୁ କଛି ଫାଙ୍କା ସମୟ ମିଳୁଛି ସ୍ୱେଚ୍ଛାସେବୀ ଭାବେ କାମ କରିବା ପାଇଁ, ହେଲେ ମୋର ସପ୍ତାହଟା ଏମିତି ବିତୁଛି ଯେ, ସ୍ୱେଚ୍ଛାସେବୀ ଭାବେ କଛି ସମୟ ଦେବା ବି ସମ୍ଭବ ହେବନ ।''

ପରେ ଲାଲି ତାକୁ ପଚାରିଥିଲା, "ମୁଁ ବୁଝୁଛି । କାମ ଓ ଘର ଦାୟିତ୍ୱ ଅନେକ ସମୟ ସାପେକ୍ଷ ।''

ସିଏ କହିଲା, "ହଁ ସେଇଆ ତ, ତାପରେ ନିଜ ସ୍ୱାସ୍ଥ୍ୟପ୍ରତି ବି ଯତ୍ନ ନେବାକୁ ପଡେ । ଜିମ୍ ଯାଇ ବ୍ୟାୟାମ କରିବାକୁ ପଡେ, ପାର୍କରେ ଦଉଡିବାକୁ ପଡେ । ଶରୀରକୁ ସୁସ୍ଥସବଳ ରଖିବା ପାଇଁ ଏସବୁ ତ କରିବା ଉଚିତ । ସପ୍ତାହର ପାଞ୍ଚଦିନ ତ ଅଫିସ୍ କାମରେ ଗଲା । ଆଉ ଦୁଇଦିନ ଘରସଫା, ବ୍ୟାୟାମ, ବିଶ୍ରାମରେ ନ ବିତେଇଲେ, ପରବର୍ତ୍ତୀ ସପ୍ତାହ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରିବିନି ।"

ସେ ସାଙ୍ଗଟି ଆମେରିକାନ୍ । ହେଲେ ଭାରତୀୟ ହୋଇଥିବାରୁ ଲିଲିର ଅଧିକ କାମ । ସପ୍ତାହ ଶେଷ ଦୁଇଦିନ ଏମିତି ବିତେ ଯେ, ଜଣାପଡେ, ଅଫିସ୍ ଦିନଗୁଡିକ ବରଂ ଭଲ । ସାଙ୍ଗସାଥୀ ମାନଙ୍କର କେତେକେତେ ସମାରୋହ ସମୟ ଆସେ, ଜନ୍ମଦିନ, ବାହାଘର, ଗ୍ରାଜୁଏସନ୍, ବିବାହ ବାର୍ଷିକୀ, ବେବି ଶାୱାର୍, ୱେଡିଙ୍ଗ୍ ଶାୱାର୍ ଇତ୍ୟାଦି । ତା ସହିତ ଓଡିଆ ସମାଜର କାର୍ଯ୍ୟକ୍ରମ ବି ଚାଲୁଥାଏ । ଏମିତିରେ ସବୁ ସପ୍ତାହ ଶେଷର ଦିନ ଗୁଡିକ ବିତିଯାଏ । ଏବେ କିନ୍ତୁ ଲିଲି ନିଜକୁ ସଂଯମ କରିଛି । ସପ୍ତାହରେ ଗୋଟିଏ ଦିନ ସିଏ ବଲିଉଡ୍ ନାଚ ଶିଖିବାକୁ ଯାଉଛି । ବେଳେବେଳେ ରବିବାର ଦିନ, ସାଙ୍ଗମାନଙ୍କ ସହିତ ନାଚ ଅଭ୍ୟାସ କରୁଛି । ଏବେ ଧୀରେଧୀରେ ନିଜକୁ ସମାଜର କାର୍ଯ୍ୟକ୍ରମରୁ ଦୂରରେ ରଖିବାକୁ ଚାହୁଁଛି ।

ଏପ୍ରିଲ୍ ୨୦ ତାରିଖ । ନାଚ କ୍ଲାସ୍ ସାରି ସିଏ ପରିବା କିଣିବା ପାଇଁ ଗ୍ରୋଟୋ ଦୋକାନ ଗଲା । କାର୍ ବନ୍ଦ କରି ଲିଲି ଯାଇ ଗ୍ରୋଟୋ ଦୋକାନରେ ପରିବା କିଣାକିଣି କଲା । ପରିବା କିଣିସାରି ଶପିଙ୍ଗ୍- କାର୍ଟରେ ଗାଡି ପାଖକୁ ଆସୁଆସୁ ପର୍ସ ବାହାର କରି ଚାବି ଖୋଜିଲା ବେଳକୁ ଚାବି ନାହିଁ । "ହୁଏତ ଚାବି ଗାଡି ଭିତରେ ରହିଯାଇଛି", ଏମିତି ଭାବି ଗାଡି ପାଖକୁ ଆସି ଦେଖେ ତ, ଚାବି ଗାଡି ଭିତରେ ଅଛି ଯେ, ହେଲେ ଇଞ୍ଜିନ୍ ବି ଚାଲୁଛି । ନିଜ ଆଖିକୁ ବିଶ୍ୱାସ କରିପାରିଲାନି ଲିଲି । ଇଏ କେମିତିକା କାମ ସିଏ କରିଛି ? ଗାଡି ଭିତରକୁ ବାହାରକୁ ଆସିବା ବେଳକୁ ତା' ମନ କୋଉଠି ଥିଲା ଯେ, ଇଞ୍ଜିନ୍ ବି ବନ୍ଦ କରିବାକୁ ଭୁଲିଗଲା ? ଏବେ କଣ କରାଯିବ ? ଗୋଟିଏ ଉପାୟ । ଲଳିତଙ୍କୁ ଫୋନ୍ କଲା । ଲଳିତ ଘରେ ଥିଲେ । ତାଙ୍କୁ ଗାଡିର ଅଲଗା ଚାବିଟି ଆଣି ଆସିବାକୁ ଅନୁରୋଧ କଲା । ସିଏ ଆସୁଆସୁ ପଚିଶି ମିନଟ୍ ଲାଗିବ । ସେମିତି ଖରାରେ ଠିଆ ହୋଇ ଗାଡି ପାଖରେ ଜଗି ରହିଲା ଲିଲି । ବାହାରୁ ଇଞ୍ଜିନ୍‌ର ଶବ୍ଦ ଶୁଭୁଥାଏ । କେତେବେଳେ ଜୋରରେ ଚାଲୁଥାଏ ତ

କେତେବେଳେ ପୁଣି ବନ୍ଦ ହୋଇଯାଉଥାଏ । ଲାଲି ମନେମନେ ଈଶ୍ୱରଙ୍କୁ ଡାକୁଥାଏ । ଗାଡିଟିର ଇଞ୍ଜିନ୍ ଏମିତି ଗ୍ଲୁଛି ବୋଲି କିଛି ଅସୁବିଧା ନହେଉ । କାଳେ ନଆଁ ବାହାରି ପଡିବ, କି ଇଞ୍ଜିନ୍ ଏମିତି ଗ୍ଲିଗ୍ଲି ଖରାପ ହୋଇଯିବ । ପୁଣି ଡର ଲାଗୁଥାଏ ଲଳତଙ୍କୁ । ସିଏ ଯଦି ଜାଣିବେ, ଇଞ୍ଜିନ୍ ବି ବନ୍ଦ କରିନି ଲାଲି, ସିଏ ଆହୁରି ଗାଳିଦେବେ ।

୨୫ ମିନଟ୍ ୨୫ ଦିନ ଭଳି ଲାଗିଲା । ଡ୍ରାଇଭ୍ୱେରେ ଯିଏ ଗାଡି ନେଇ ପଶୁଥାଏ, ଲାଲି ତାକୁ ଗ୍ହୁଁଥାଏ । କାଳେ ଲଳତ ହୋଇଥିବେ । ଯଦିଓ ସିଏ ଜାଣିଥାଏ, ଲଳତ ଏତେ ଶୀଘ୍ର ଆସିନଥିବେ । ପ୍ରାୟ ଅଧଘଣ୍ଟାଏ ପରେ ଲଳତ ପହଞ୍ଚିଲେ । ସିଏ ପହଞ୍ଚୁପହଞ୍ଚୁ ଲାଲି ତାଙ୍କ ପାଖକୁ ଯାଇ ଗ୍ବି ନେଇଆସିଲା । ସିଏ ଆଉ ଗାଡି ରଖି, ଏ ଗାଡି ପାଖକୁ ଆସିଲେନି, ତେଣୁ ଇଞ୍ଜିନ୍ ଗ୍ଲୁଥିବା କଥା ଜାଣିପାରିଲେନି । ନହେଲେ ଗୋଟିଏ ବଡ ବିଭ୍ରାଟ ହୋଇଥାନ୍ତା । ଯାହାହେଉ, ରକ୍ଷା ।

ଗାଡିକୁ କିଛି ସମୟ ପାଇଁ ବନ୍ଦ କରି ପୁଣି ଥରେ ଇଞ୍ଜିନ୍ ଷ୍ଟାର୍ଟ କଲା ଲାଲି । ନା, ଆଜି ଆଉ କିଛି କରିବନି ସେ, ଏବେ ଘରକୁ ଫେରିଯିବ ଓ ଘରେ ହିଁ ରହିବ । ସେଇଟା ଶନିବାର ଥିଲା ।

ମଙ୍ଗଳବାର ଦିନ କଲେଜପାର୍କରେ ଗୋଟିଏ କନ୍ଫରେନ୍ସ୍ ଆଟେଣ୍ଡ୍ କରିବାର ଥାଏ । କନ୍ଫରେନ୍ସ୍ର ଆରମ୍ଭ ସମୟ ୯ଟା । ଘରୁ ୮ଟାରେ ବାହାରିବାକୁ ପଡିବ । ସବୁଦିନ ସିଏ ୯ଟାରେ ଘରୁ ବାହାରେ । ଆଜି କିନ୍ତୁ ଶୀଘ୍ର ବାହାରିବାକୁ ପଡିବ । ସକାଳୁ ଉଠି ଲାଲି ପ୍ରସ୍ତୁତ ହୋଇଗଲା । ୮ଟା ବେଳକୁ ତାର ସବୁ କାମ ସରିଯାଇଥିଲା । ସିଏ ବ୍ୟାଗ୍ ବାହାର କଲା, ଗ୍ବି ବାହାର କଲା, ଲଞ୍ଚ୍ ପ୍ୟାକ୍ କଲା ଓ ଘରୁ ଗାଡି ବାହାର କରି କଲେଜ୍ପାର୍କ ଅଭିମୁଖେ ଯାତ୍ରା ଆରମ୍ଭକଲା । ଅଫିସ୍ ବିଲ୍ଡିଙ୍ଗ୍ ଭିତରେ ପଶିବାକୁ ଗୋଟିଏ ଚେକ୍ପଏଣ୍ଟ ଦେଇ ଯିବାକୁ ପଡେ । ସେଠି ପରିଚୟ ପତ୍ର ସ୍କାନ୍ କଲେ, ଗାଡି ଯିବାପାଇଁ ରାସ୍ତା ଖୋଲିବ। ନହେଲେ ତମେ ଭିତରକୁ ଯାଇପାରିବନି । ଦେଖିବା ବେଳକୁ ଲାଲି ପାଖରେ ପରିଚୟ ପତ୍ର ନାହିଁ । ସିଏ ସବୁବେଳେ ପରିଚୟ ପତ୍ରଟି ବେକରେ ମାଳା କରି ଝୁଲାଏ । ବେକକୁ ବାରମ୍ବାର ଅଠାଳିଲା, ହେଲେ ପରିଚୟ ପତ୍ର ଗଲା କୁଆଡେ ? ବ୍ୟାଗ୍ପ୍ୟାକ୍ର ଗୋଟିଏ ନିର୍ଦ୍ଦିଷ୍ଟ ପ୍ୟାକ୍ ଭିତରେ ପରିଚୟ ପତ୍ର ରଖେ ସିଏ । ହେଲେ ତା ଭିତରେ ବି

ନଥିଲା । ଏବେ ମନେ ପଡିଲା । ପରିଚୟ ପତ୍ର ସିଏ ବେକରେ ପକେଇଥିଲା ଓ ତାପରେ ଉପର ସାର୍ଟଟା ସିଏ ବଦଳାଇଥିଲା । ହୁଏତ ପରିଚୟପତ୍ର ସେ ସମୟରେ ବାହାରେ ରଖିଦେଇଛି କ କଣ ? କଣ ପାଇଁ ଲାଲି ସେମିତି ଗଲା ? ପରିଚୟ ପତ୍ରକୁ ବେକରୁ ବାହାର କରିବା କଣ ଦରକାର ଥିଲା ? ଏବେ ଆଉ କୌଣସି ଉପାୟ ନାହିଁ, ଘରକୁ ଫେରିବାକୁ ହିଁ ହେବ, ନହେଲେ ତ ସିଏ ଅଫିସ୍ ବିଲ୍ଡିଙ୍ଗ୍ ଭିତରେ ପଶି ପାରିବନି । ସାଙ୍ଗମାନଙ୍କୁ ଡାକି ତାଙ୍କ ହେଫାଜତରେ ଅଫିସ୍ ଭିତରକୁ ଗଲେ ବି କିଛି ଲାଭ ହେବନି । କାରଣ ପରିଚୟ ପତ୍ର ବିନା କଂପ୍ୟୁଟର୍ ବି ଖୋଲି ପାରିବନି । ଅତଏବ ଲାଲି ପୁଣି ଘରକୁ ଫେରିଲା । ଘରେ ପରିଚୟ ପତ୍ର ମିଳିଲା । ତାକୁ ସଂଗ୍ରହ କରି, ଗଳାରେ ଝୁଲେଇ ପୁଣି ଘଣ୍ଟାଏ ଡ୍ରାଇଭ୍ କରି କଲେଜ ପାର୍କ ଆସିଲା । ସେତେବେଳକୁ କନ୍‌ଫରେନ୍‌ସ୍‌ର ଅନେକ କିଛି ସରିଗଲାଣି । ରାସ୍ତାରେ ଡ୍ରାଇଭିଙ୍ଗ୍ କରିକରି ସେତେବେଳକୁ ତିନିଘଣ୍ଟା ବିତିଗଲାଣି । ଇଚ୍ଛା କରିଥିଲେ ଜଣେ ଏତେବେଳକୁ ମେରୀଲାଣ୍ଡରୁ ନିଉଜର୍ସୀରେ ପହଞ୍ଚି ସାରନ୍ତାଣି । ଯାହା ହେଲା ହେଲା, କଣ କରାଯିବ । ମନକୁ ବୁଝେଇଲା ଲାଲି । ଏବେ ଆଉ ପରିଚୟ ପତ୍ରକୁ ବାହାର କରି ଗଳାରେ ଝୁଲେଇବନି। ବ୍ୟାଗ୍‌ପ୍ୟାକରେ ରଖିବ । ତାହେଲେ, ଯଦି କୌଣସି କାରଣରୁ ସିଏ ସାର୍ଟ ବଦଳାଇବାକୁ ମନସ୍ଥ କଲା ତ, ତେବେ ପରିଚୟ ପତ୍ର ଏମିତି ଛାଡିଯିବାର ଭୟ ନଥିବ ।

ତା ପର ସପ୍ତାହରେ ଆଉ ଗୋଟିଏ କନ୍‌ଫରେନସରେ କ୍ଲିଭ୍‌ଲାଣ୍ଡ ଯିବାର ଥିଲା । ଏ ପର୍ଯ୍ୟନ୍ତ ଆପ୍ରୁଭାଲ୍ ଆସିନଥିଲା । ଭାଗ୍ୟକୁ ଲଞ୍ଚ୍ ବ୍ରେକ୍‌ର ଇମେଲ୍ ଚେକ୍ କରୁକରୁ ଆପ୍ରୁଭାଲ୍ ଲେଟର୍ ଆସିଥିବାର ଦେଖିଲା ଲାଲି । ତାହେଲେ ପୁଣି ହୋଟେଲ୍ ବୁକ୍ କରିବାକୁ ପଡିବ । ୱାର୍ଲଡ୍‌ୱାଇଡ୍ ଟ୍ରାଭ୍‌ଲ୍ ଏଜେନ୍‌ସୀକୁ ଇମେଲ୍ ପଠେଇଲା । ପ୍ରଥମେ ନିଜେ ସବୁ ଏୟାର୍‌ଲାଇନ୍‌ସ୍ ଚେକ୍ କରି ସିଏ କେଉଁ ଫ୍ଲାଇଟରେ ଯିବ ଓ କେଉଁ ଫ୍ଲାଇଟରେ ଫେରିବ, ସେ ବିଷୟ ଜଣେଇଦେଲା । ଏବେ ଟିକେଟ୍ ପଇସା ବଢି ଯାଇଥିଲା । ମ୍ୟାନେଜର୍‌କୁ ସେ ବିଷୟ ଜଣେଇବାରୁ, ମ୍ୟାନେଜର୍ ଉତ୍ତରଦେଲା ଯେ ଯଦି ଟିକେଟ୍ ଦାମ ୧୦୦ ଡଲାର୍ ଅଧିକ ଥିବ, ତେବେ କିଛି ସମସ୍ୟା ହେବନି । ହେଲେ ମ୍ୟାନେଜର୍‌ର ଉତ୍ତର ଆସୁଆସୁ, ଟ୍ରାଭ୍‌ଲ୍ ଏଜେନ୍‌ସୀର ଅଫିସ୍ ବନ୍ଦ ହୋଇଯାଇଥିଲା । ବୁଧବାର ଦିନ, ସେ ଟିକେଟ୍ ଆଉ ସେ ଦାମରେ ନଥିଲା । ଆହୁରି ୯୦ ଡଲାର୍ ଅଧିକ ହୋଇଯାଇଥିଲା । ଏବେ ସେ ଦାମ୍‌ଟା

ଗ୍ରହଣୀୟ ହେବ କ ନା, ସେସବୁ ନେଇ ଇମେଲ୍‌ରେ ଚଠି ଦେଉଦେଉ, ଉତ୍ତର ପାଉପାଉ ସମୟ ଅତିବାହିତ ହେଉଥିଲା । ବଡ ଦ୍ୱନ୍ଦରେ ଥିଲା ଲାଲି । ଯାହା ହେଉ, ଶେଷକୁ ପୁଣି ଅଧିକ ଦାମରେ ଟିକେଟ୍ କଣିବାକୁ ମ୍ୟାନେଜର୍ ଅନୁମତି ଦେଲା ଓ ଟିକେଟ୍ କଣାହେଲା ।

ହୋଟେଲ୍ କନ୍ତୁ ମିଳୁନଥିଲା । କଣ ପାଇଁ କେଜାଣି ହନ୍‌ଟିଙ୍ଗଟନ୍ କନଭେନ୍ ସେଣ୍ଟର୍ ପାଖରେ ସବୁ ହୋଟେଲ୍ ଭର୍ତ୍ତି ହୋଇସାରିଥିଲା । ସବୁ ହୋଟେଲରେ ଦୁଇଦିନ, ତିନିଦିନ ଏମିତି ମିଳୁଥିଲା, କନ୍ତୁ କ୍ରମାଗତ ଭାବେ ପାଞ୍ଚଦିନ ପାଇଁ କୌଣସି ହୋଟେଲ୍ ଖାଲି ନଥିଲା। ପ୍ରଥମ ଦୁଇଦିନ ସିଏ ଓ୍ୱେଷ୍ଟିନ୍ ହୋଟେଲରେ ବୁକ୍ କଲା ଓ ଶେଷ ତିନିଦିନ ପାଇଁ ପାଖାପାଖି ହୋଟେଲ୍ ଖୋଜି ଶେଷରେ କଂଫୋର୍ଟ ଇନ୍ ହୋଟେଲ୍ ମିଳଲା । ହୋଟେଲ୍.କମ୍ ଓ୍ୱେବ୍‌ସାଇଟ୍‌କୁ ଯାଇ ସେଥିରେ ବୁକ୍ କରିଦେଲା ଲାଲି । ଗୁରୁବାର ଦିନ ଅପରାହ୍ନରେ ସମସ୍ତ କନ୍‌ଫରେନ୍‌ସ୍ ସମ୍ବନ୍ଧୀୟ କାଗଜପତ୍ର, ଟିକେଟ୍, ହୋଟେଲ୍ ଇନ୍‌ଫର୍‌ମିସନ୍ ସବୁ ପ୍ରିଣ୍ଟ୍ କରି ଗୋଟିଏ ଫୋଲ୍‌ଡର୍ ଭିତରେ ସଂଗ୍ରହ କରି ରଖିଲା । ଶୁକ୍ରବାର ଦିନ ସିଏ ଘରୁ କାମ କରେ । ଶୁକ୍ରବାର ଦିନ ହଠାତ୍ ଇମେଲ୍ ଆସିଲା କମ୍‌ଫୋର୍ଟ ଇନ୍, ଓ୍ୱାସିଂଟନ୍ ଡିସିରୁ । ସେଇଟାକୁ ଅଣଦେଖା କରିବାକୁ ଯାଉଥିଲା ଲାଲି, ହେଲେ ହଠାତ୍ ଦୃଷ୍ଟି ପଡିଗଲା, ହୋଟେଲ୍ ବୁକଙ୍ଗ୍ ବିଷୟରେ । ହୋଟେଲ୍ ବୁକ୍ ହୋଇଥିଲା ଓ୍ୱାସିଂଟନ୍ ଡିସିରେ, କ୍ଲିଭ୍‌ଲାଣ୍ଡରେ ନୁହେଁ । ମୁଣ୍ଡର ଚଡକ ପଡିଲା ଲାଲିର । ଏବେ କଣ ହେବ ? ସେ ଯେଉଁ ହୋଟେଲ୍ ରେଟରେ ବୁକ୍ କରିଥିଲା, ସେଇଟା ନନ୍ ରିଫଣ୍ଡେବ୍‌ଲ୍ । ଲାଲି ହୋଟେଲ୍.କମ୍‌ର କଷ୍ଟମର୍ ରିଲେସନ୍‌କୁ ଡାକ ଜଣେଇଲା । ସେମାନେ କମଫର୍ଟ ଇନ୍, ଡିସିକୁ ଡାକ ପଚାରିଲେ । ହୋଟେଲ୍.କମ୍ ଖବର ଦେଲା ଯେ, ଖର୍ଚ୍ଚ ହୋଇଥିବା ଅର୍ଥ ଆଉ ମିଳିବନ । ଲାଲିକୁ ଆଉଥରେ କ୍ଲିଭ୍‌ଲାଣ୍ଡରେ ବୁକ୍ କରିବାକୁ ପଡିବ । ସମୁଦାୟ ୫୭୫ ଡଲାର୍‌ର କ୍ଷତି। ଲାଲି ଅଧୈର୍ଯ୍ୟ ହୋଇଗଲା । ନଜେ କମଫର୍ଟ ଇନ୍, ଓ୍ୱାସିଂଟନ୍ ଡିସିକୁ ଡାକ ପଚାରିଲା । ସେମାନେ ବି ସେମିତି ଉତ୍ତରଦେଲେ । ଲାଲି ମ୍ୟାନେଜର୍ ସହିତ କଥା ହେବାକୁ ଚାହିଁଲା, ହେଲେ ମ୍ୟାନେଜର୍ ଅନୁପସ୍ଥିତ ଥିଲା । କଣ କରିବ, କଣ କରିବ, ବୁଦ୍ଧି ଦିଶିଲାନ ଲାଲିକୁ। ମ୍ୟାନେଜର୍‌କୁ ତା ପରଦିନ କଥା ହେବ ବୋଲି ସ୍ଥିର କରି ସିଏ ନଜକୁ ପ୍ରବୋଧନ ଦେଲା ।

ଯଦି ସେ ଅର୍ଥ ନ ମିଳେ, ତେବେ ନିଜକୁ ନିଜେ ଦଣ୍ଡ ଦେବ ବୋଲି ଲିଲି ସ୍ଥିର କରିଦେଲା। ହେଲେ ବୁଝିପାରୁନଥିଲା ସିଏ ଏମିତି ଭୁଲ୍ କେମିତି କଲା । ତା ଆଖିକୁ କଣ ଦିଶିଲାନି, ସିଏ କେଉଁ ସହରରେ ହୋଟେଲ୍ ବୁକ୍ କରୁଛି । ତାପରେ କଂପାନୀ ତରଫରୁ ତ ସିଏ କନ୍‌ଫରେନ୍‌ସ୍‌ ଯାଉଛି, ନିଜ ଖର୍ଚ୍ଚରେ ନୁହେଁ । ତାହେଲେ ଏତେ କାର୍ପଣ୍ୟ ଦେଖେଇ କମ୍ ଦାମ୍ ବୋଲି ସେ ନନ୍ ରିଫଣ୍ଡେବଲ୍ ଦରଟାକୁ ବାଛିବାର କି ଦରକାର ଥିଲା ? ହୋଟେଲ୍ ଖବର ବି ସେଲଫୋନ୍‌କୁ ଟେକଷ୍ଟ ଆକାରରେ ଆସିଥିଲା । ସେଇଟା ବି କେମିତି ଲିଲିର ଆଖିକୁ ଦିଶିଲାନି ? ଇଏ କଣ ଗ୍ଲିଚ ଲିଲିର ମୁଣ୍ଡର । ସ୍ୱାମୀ ଲଳିତ ଏ ବିଷୟ ଶୁଣି ରାଗିଲେ ସତ, ହେଲେ କ୍ରେଡିଟ୍ କାର୍ଡ ବ୍ୟାଙ୍କକୁ ଡାକି ଏ ବିଷୟ ଜଣେଇଲେ । ଯଦି ହୋଟେଲ୍ ଅର୍ଥ ନ ଫେରାଏ, ତେବେ କଣ କରାଯିବ ବୋଲି ପରାମର୍ଶ ମାଗିଲେ । ବ୍ୟାଙ୍କ୍ କର୍ମଚାରୀ ପରାମର୍ଶ ଦେଲେ, "ସବୁଠାରୁ ଭଲହେବ ଯେ, ତମେ କମଫର୍ଟ ଇନ୍‌ର ମ୍ୟାନେଜର୍ ସହିତ କଥା ହୁଅ । ତାଙ୍କୁ ପରିସ୍ଥିତି ବୁଝାଅ ଯେ ତମର କ୍ଲିଭ୍‌ଲାଣ୍ଡର ହୋଟେଲ୍ ବୁକ୍ କରିବାର ଥିଲା, ୱାଶିଂଟନ୍ ଡିସିରେ ନୁହେଁ । ହୁଏତ ସିଏ ବୁଝିଯିବେ । ଯଦି ସିଏ ନବୁଝିଲେ ଓ ଯଦି ତମେ ଚାହିଁବ, ତେବେ ଆଉଥରେ କାଲି ଡାକ, ଆମେ ସେ ଅର୍ଥ ଉପରେ କଟକଣା କରି ରଖିଦେବୁ । ତାପରେ ଦେଖିବା କଣ ହେଉଛି ।"

ନିଜ ଉପରେ ଅନେକ ରାଗ ଆସିଲା ଲିଲିର । ଇଏ ସବୁ କଣ ହୋଇଯାଉଛି ? ଲିଲିର କଣ ମୁଣ୍ଡ ଠିକ୍ ଭାବେ କାମ କରୁନି ? ନହେଲେ ଏମିତି ବୋକୀଙ୍କ ଭଳି କାମ କେମିତି କରୁଥିଲା ସିଏ ? ଶନିବାର ଦିନ ସିଏ ପୁଣି କମଫର୍ଟ ଇନ୍, ୱାସିଂଟନ୍ ଡିସିକୁ ଡାକିଲା । ହେଲେ ମ୍ୟାନେଜର୍ ନଥିଲେ । ସିଏ ସୋମବାର ଦିନ ଫେରିବେ ବୋଲି ତାଙ୍କ କର୍ମଚାରୀ କହିଲା । ଲିଲି ପୁଣି ଥରେ କ୍ଲିଭଲାଣ୍ଡର କମଫର୍ଟ ଇନ ରେ ମେ ୨ରୁ ୪ ତାରିଖ ପର୍ଯ୍ୟନ୍ତ ତିନିଦିନ ପାଇଁ ବୁକ୍ କରିଦେଲା ।

ସୋମବାର ଦିନ ସକାଳେ ସିଏ ପୁଣି କମଫର୍ଟ ଇନ୍, ୱାସିଂଟନ୍ ଡିସିର ମ୍ୟାନେଜର୍‌କୁ ଡାକିଲା । ମ୍ୟାନେଜର୍ ଫୋନ୍‌ରୁ ମେସେଜ୍ ଆସିଲା । ଲିଲି ତେଣୁ ତାର ଇମେଲ୍‌କୁ ଚିଠି ଲେଖିଲା । ଉତ୍ତରରେ ମ୍ୟାନେଜର୍ ଲେଖିଲା ଯେ ସିଏ ଦୁଇଦିନର ହୋଟେଲ୍ ଦାମ ଫେରେଇଦେବ, କିନ୍ତୁ ପେନାଲ୍ଟି ସ୍ୱରୂପ ଗୋଟିଏ ଦିନର ଭଡା ଓ ଟ୍ୟାକ୍ସ ରଖିବ । ଆଉ

କେତେ ଯୁକ୍ତି କରିବ ଲ୍ଲି । ନାହିଁ ମାମୁ ଠାରୁ କଣା ମାମୁ ଭଲ । ସିଏ ସେ ମ୍ୟାନେଜର୍‌କୁ ଧନ୍ୟବାଦ ଦେଇ ଉତ୍ତର ପଠେଇଲ୍ ଓ ସେ ବିଷୟ ସେଇଠାରେ ସାରିଲ୍ ।

ଏ ଭିତରେ ଆହୁରି ଅନେକ ଘଟଣା ଘଟିଥିଲ୍ । ଝିଅ ବାହାଘର ପାଇଁ ଭିଡିଓଗ୍ରାଫର୍ ସହିତ କଥାବାର୍ତ୍ତା କରି ଦରଦାମ୍ ନିର୍ଦ୍ଧାରିତ କରିବାର ଥିଲ୍ । ସେ କାମଟି ସିଏ ଏପ୍ରିଲ୍ ୨୬ ତାରିଖ ଦିନ ସାରିପାରିଲ୍ ।

ଝିଅ ବାହାଘର ପାଇଁ ନିମନ୍ତ୍ରଣ ପତ୍ର ଛପେଇବା ପାଇଁ ପ୍ରେସ୍‌କୁ ଯୋଗାଯୋଗ କରିବାକୁ ଲଳତ କହିଥିଲେ । ହେଲେ ଝିଅ ତା ମନେମନେ ଚଉଦ ପା । ତା ସାଙ୍ଗ ଦ୍ୱାରା ସିଏ ଗୋଟିଏ ଡିଜାଇନ୍ କରିଥିଲ୍ । ତାର ଜିଦ୍, ସିଏ ସେଇ ଡିଜାଇନ୍ ପ୍ରିଣ୍ଟ କରିବ । ଲ୍ଲିକୁ କିଛି ଭଲ ଲ୍ଗୁନଥିଲ୍ । ସିଏ କେତୋଟି ଭାରତୀୟ ଗ୍ରିଟିଙ୍ଗ୍ କାର୍ଡ କଂପାନୀ ମାନଙ୍କୁ ଯୋଗାଯୋଗ କଲ୍, ହେଲେ ସେମାନଙ୍କ ଦ୍ୱାରା କାର୍ଡ ପ୍ରିଣ୍ଟ କରାଇବା ଦାମ୍ ଠାରୁ, ପୋଷ୍ଟର ପଠାଇବା ଖର୍ଚ୍ଚ ଅଧିକ ଥିଲ୍ । କଣ ହେଲେ ଭଲ ହେବ, କିଛି ବି ମୁଣ୍ଡର ପଶୁନଥିଲ୍ । ଏଣେ ସାଙ୍ଗଟିଏ ଓଡିଶା ଯାଇଥିଲ୍, ସିଏ ସେଠି କାର୍ଡ ବିଷୟ ବୁଝାବୁଝି କରିବ ବୋଲି କହିଥିଲ୍ । ହେଲେ ଖବର ମିଳିଲ୍, ଓଡିଶାରେ ବାତ୍ୟା ହେବାର ସମ୍ଭାବନା ରହିଛି ।

ସେଥିପାଇଁ ଦୋକାନ, ବଜାର ସବୁ ବାତ୍ୟା ପ୍ରସ୍ତୁତିରେ ରହିଛନ୍ତି । ଏବେ ନୂଆ ଅର୍ଡର ନେଇ ଠିକ୍ ସମୟରେ କାମ ସାରିପାରିବା ଅବସ୍ଥାରେ ନାହାନ୍ତି ।

ଗୋଟିଏ ମଣିଷ, ଗୋଟିଏ ମୁଣ୍ଡ । ସେ ଗୋଟିଏ ମୁନ ଭିତରେ ଏତେଗୁଡିଏ ଘଟଣାକୁ ସନ୍ତୁଳିତ କରି ସମ୍ଭାଳିବାକୁ ପଡୁଥିଲ୍ । ପୁଣି ସେ ଭିତରେ ଏମିତି ସବୁ ଅଘଟଣ ଘଟୁଥିଲ୍ । ଅଫିସରେ କାମର ପାହାଡ । ଲ୍ଲି ସବୁ କାମକୁ ଯତ୍ନର ସହିତ କରେ ବୋଲି, ତା ଉପରେ ଅଧିକ କାମ ପଡେ । ଅସଲ କଥା ହେଲ୍, ଲ୍ଲିର ଅନେକ କାମ କରିପାରିବାର ଦକ୍ଷତା ଅଛି । ହେଲେ ସମୟ ତ ସୀମାବଦ୍ଧ । ଗୋଟିଏ ଦିନରେ ଚବିଶି ଘଣ୍ଟା । ଗୋଟିଏ ସପ୍ତାହରେ ସାତ ଦିନ । ସେ ଭିତରେ ଯଦି ଏକା ସମୟରେ ଅନେକ କଥା କରିବାକୁ ପଡେ, ମନ ତ ନିଶ୍ଚିତ ଭାବେ ବିବ୍ରତ ହେବ ।

ଲଳତ ସେଇ କଥା କହିଲେ । "ତୁ ବହୁତ କଥା ଏକା ସାଙ୍ଗରେ ମୁଣ୍ଡ ଭିତରେ ଭାବୁଛୁ । କାଲି ତତେ ଫ୍ଲାଇଟ୍ ନେଇ କ୍ଲିଭ୍‌ଲାଣ୍ଡ ଯିବାକୁ ପଡିବ । ତେଣୁ ତୁ ଏବେ ଆଉ କୌଣସି କଥା ନ ଭାବି ତୋ ଯାତ୍ରା ବିଷୟରେ ଭାବେ ଓ ପ୍ରସ୍ତୁତି କର ।"

ଲାଲି ସେଇ କଥା କଲା । ସବୁ କଥା ମୁଣ୍ଡ ଭିତରୁ ବାହାର କଲା । ଯାତ୍ରା ପାଇଁ ପ୍ରସ୍ତୁତି କରିଥିବା ଚଠାର ପ୍ରିଣ୍ଟଆଉଟ୍ ନେଲା ଓ ବେସେ୍‌ମଣ୍ଟରୁ ନାଲି ବାକ୍ସଟି ଆଣି ଯାତ୍ରା ପାଇଁ ସମସ୍ତ ଆସବାବପତ୍ର ସଜେଇବାରେ ଲାଗିଲା ।

ଏପ୍ରିଲ୍ ୩୦ ତାରିଖରେ ସିଏ କ୍ଲିଭ୍‌ଲାଣ୍ଡ ଗଲା । ସେଠି ପ୍ରଥମ ଦୁଇଦିନ ପାଇଁ ତାର ୱେଷ୍ଟିନ୍ ହୋଟେଲରେ ବୁକଙ୍ଗ୍ ଥିଲା । ବହୁତ ବଡ ରୁମ୍ । ଆରାମରେ ରହିବା ପାଇଁ ସବୁ କଛି ବ୍ୟବସ୍ଥା ଅଛି । ନଜକୁ ରୁମରେ ସେଟ୍ କରି, ଟିକେ ଜାମାପଟା ବଦଳେଇ ବାହାରକୁ ଯିବାକୁ ବାହାରିଲା । ହେଲେ ସେତେବେଳକୁ ବର୍ଷା ଆରମ୍ଭ ହୋଇଯାଇଥିଲା । ଲାଲି ପୁଣି ରୁମ୍‌କୁ ଫେରିଲା, ବାକ୍ସ ଭିତରୁ ଛତା ବାହାର କଲା ଓ ହୋଟେଲ୍ ବାହାରକୁ ଗଲା । ଆଗରୁ ଗୋଟିଏ ଭାରତୀୟ ଭୋଜନାଳୟର ଠିକଣା ଦେଖିଥିଲା, ତାର ନାମ ଥିଲା, ଇଣ୍ଡିଜ୍ । ସେଇ ରେଷ୍ଟୁରାଣ୍ଟଟି ୫୩୦, ଇଉକ୍ଲିଡ୍ ଆଭିନଉରେ ଥିଲା । ହୋଟେଲ୍ ଠାରୁ ପ୍ରାୟ ୯ ମିନଟ୍ ଚାଲିଚାଲି ଗଲେ ମିଳଯିବ ବୋଲି ଗୁଗୁଲରେ ଦେଖି ଜଣାପଡିଲା । ଗୁଗୁଲ୍‌ରୁ ଟିପିଥିବା ରାସ୍ତାର ଠିକଣା ଦେଖିଦେଖି ଲାଲି ଛତା ଧରି ଚାଲିବାକୁ ଲାଗିଲା । ପ୍ରାୟ ଦଶ ମିନଟ୍ ପରେ ସେ ଭୋଜନାଳୟଟି ପାଖରେ ପହଞ୍ଚି ଦେଖିବା ବେଳକୁ, ସେଇଟା ବନ୍ଦ । ସେଠି ଜଣେ ବ୍ୟକ୍ତି ଭୋନନାଳୟର ଚଟାଣ ସଫା କରୁଥାଏ । ଲାଲି ପଚାରିଲା, "ଏ ଭୋଜନାଳୟଟି କେତେବେଳେ ଖୋଲିବ କି? "

ସେ ବ୍ୟକ୍ତିଟି ଉତ୍ତରଦେଲା, "ଏ ଭୋଜନାଳୟଟି ବନ୍ଦ ହୋଇଯାଇଛି ।"

ମନେମନେ ନଜ ଭାଗ୍ୟ ଉପରେ ଭାରି ରାଗିଲା ଲାଲି । ଏବେ ତାହେଲେ କୋଉଠି ଖାଇବ ? ପାଖରେ ଗୋଟିଏ ଭିଏତ୍‌ନମିଜ୍ ରେଷ୍ଟୁରାଣ୍ଟ ଥିଲା । ଲାଲି ତା' ଭିତରେ ପଶିଲା । ସେ ରେଷ୍ଟୁରାଣ୍ଟରେ ଗୋଟିଏ ମିଶାମିଶି ପରିବା ତରକାରୀ ଓ ଭାତ ଅର୍ଡର୍ କଲା । ସେଇ ସାମାନ୍ୟ ଅର୍ଡର୍ ପାଇଁ ଲାଲିକୁ ଅଧଘଣ୍ଟାଏ ବସିବାକୁ ପଡିଲା । ସେଦିନ ସେମିତି ଗଲା ।

ଦୁଇଦିନ ପରେ ଲାଲିକୁ କମଫର୍ଟ ଇନ୍‌କୁ ବଦଳେଇବାର ଥିଲା । ହେଲେ କମଫର୍ଟ ଇନ୍‌ର ବୁକଙ୍ଗ୍ ସମ୍ବନ୍ଧୀୟ ଇମେଲ୍‌ଟି ଚେକ୍ କରି ପୁଣି ମୁଣ୍ଡର ଚଡକ ପଡିଲା । ହୋଟେଲ୍‌ର ପ୍ରଥମ ଦିନର ଦର ଥିଲା ୧୧୦ ଡଲାର୍‌ର, ଦ୍ୱିତୀୟ ଦିନର ଦର ଥିଲା ୧୨୦ ଡଲାର୍‌ର ଓ ତୃତୀୟ ଦିନର ଦର ଥିଲା, ୨୮୯ ଡଲାର୍‌ର । ଲାଲିର ଆପ୍ରୁଭାଲରେ ଦିନ ପିଛା ୧୯୦ ଡଲାର୍ ହୋଟେଲ୍ ଖର୍ଚ୍ଚ ପାଇଁ ରହିଥିଲା । ଏବେ ତ ବଡ ଅସୁବିଧା । ଆଗରୁ ମଧ ସେମିତି ଅସୁବିଧା ହୋଇଛି । ଏବେ କଣ କରିବ ଲାଲି । ହୋଟେଲ୍‌ର ରିସେପ୍‌ସନଷ୍ଟଙ୍କୁ ଲାଲି ପଚାରିଲା, "ଦେଖ, ତମେ ଏ ତିନଦିନକୁ ସମାନ ଭାବେ ଭାଗ କରି ମତେ ରସିଦ୍ ଦେଇପାରିବ କ ?" ରିସେପ୍‌ସନଷ୍ଟ କହିଲେ, "ନା, ଆମେ ସେମିତି କରିପାରିବୁନ । ତମେ ମ୍ୟାନେଜର୍ ସହିତ କଥାବାର୍ତ୍ତା କଲେ ସିଏ ହୁଏତ କଛି କରିପାରିବେ ।"

ହେଲେ ମ୍ୟାନେଜର୍ ସେ ସମୟେରେ ଉପସ୍ଥିତ ନଥିଲେ । ତା' ପରଦିନ ସକାଳେ ସିଏ ୯ଟା ବେଳେ ଆସିବାର ଥିଲା । ହେଲେ ସେତେବେଳକୁ ଲାଲିର କନ୍‌ଫରେନ୍‌ସ୍ ଚାଲିଥିବ । ତା ପରଦିନ ମେ ୩ ତାରିଖ ସକାଳେ ବ୍ରେକ୍‌ଫାଷ୍ଟ ପାଇଁ ଯିବାବେଳକୁ ଲାଲି ଦେଖିଲା ରିସେପ୍‌ସନରେ ଜଣେ ଭାରତୀୟ ସ୍ତ୍ରୀ ଲୋକ ବସିଛି । ଲାଲି ଭାବିଲା ହୁଏତ ସିଏ ମ୍ୟାନେଜର୍‌କୁ ଜାଣିଥିବ । ତେଣୁ ତାକୁ ପଚାରିଲା, "ମ୍ୟାନେଜର୍ ଆସିଲେଣି କ ?"

ସେ ସ୍ତ୍ରୀ ଲୋକ ଜଣକ ଉତ୍ତରଦେଲା, "ନା, କଣ କଛି ବିଶେଷ ଦରକାର ଥିଲା ?"

ଲାଲି ତାପରେ ନିଜ ସମସ୍ୟା ବୁଝେଇଲା ଓ ଅନୁରୋଧ କଲା ଯଦି ସେ ରିସେପ୍‌ସନଷ୍ଟ ଲାଲି ବିଷୟରେ ମ୍ୟାନେଜର୍ ସହିତ କଥା ହୋଇପାରିବ । ସେ ରିସେପ୍‌ସନଷ୍ଟର ନା ଦୀପା, ସିଏ ଗୁଜୁରାଟର । ସିଏ ରାଜି ହେଲା । ଦୀପାକୁ ଖୁବ୍ ଭଲ ମନେ ହେଉଥିଲା । ସେଦିନ ସନ୍ଧ୍ୟାବେଳେ କନ୍‌ଫରେନ୍‌ସ୍‌ରୁ ଫେରିବା ବେଳକୁ ଦୀପା ଚାଲିଯାଇଥିଲା । ହେଲେ ସିଏ ଦୀପାକୁ ପୁଣି ମେ ୪ ତାରିଖ ସକାଳେ ଭେଟିଲା । ଦୀପା କହିଲା, "ମୁଁ ମ୍ୟାନେଜର୍ ସହିତ କଥା ହେଲି । ସିଏ ସେ ତିନଦିନର ରେଟ୍‌କୁ ସମାନ ଭାବେ ବାଣ୍ଟି ଦେଇ ରସିଦ୍ ଦେବେ ବୋଲି ରାଜିହେଲେ ।"

ଯାହା ହେଉ, ଗୋଟିଏ ବଡ ସମସ୍ୟା ଗଲା । ଏବେ ସବୁ ଠିକ୍ ହୋଇଗଲା । ସେଦିନ ମନଖୁସିରେ ଲାଲି କନ୍‌ଫରେନ୍‌ସ୍‌କୁ ଗଲା ଓ ଚନ୍ତା ମୁକ୍ତ ହୋଇ ସବୁ ସେସନ୍‌ସ୍ ଆଟେଣ୍ଡ କଲା ।

ଏବେ ଯାହା ହେଉ, ସମସ୍ତ ଅଘଟଣର ପ୍ରବନ୍ଧ ହୋଇଯାଇଛି । ଭବିଷ୍ୟତରେ ପୁଣି କଣ ହେବ କଏ ଜାଣେ ? ତେବେ ଲାଲି ଏ ଭିତରେ ଅନେକ କଛି ଶିଖି ଯାଇଥିଲା । ସବୁ କଛିକୁ ଶତକଡା ଶହେ ଭାଗ ଯାଞ୍ଚ କରି ସାରି ଗ୍ରହଣ କରିବା ଉଚତ । ଅଧା ମନ ଏପଟେ, ଅଧା ମନ ସେପଟେ ରଖି କୌଣସି କାର୍ଯ୍ୟ କରିବା ଅନୁଚତ ।

ତଥାପି ଲାଲି ଆଶ୍ଚର୍ଯ୍ୟ ହେଉଥିଲା ଯେ ସିଏ କ୍ଲିଭ୍‌ଲାଣ୍ଡ ହୋଟେଲ୍ ଖୋଜୁଖୋଜୁ, ତାକୁ ଓ୍ୱାଶିଂଟନ୍ ଡିସିର ହୋଟେଲ୍ କାହିଁକି ମିଳଲା । ଏ ଇଣ୍ଟରେ୍ନେଟ୍ ଯୁଗ ଯେତିକି ଭଲ, ସେତିକି ଜଟିଳ, ସେତିକି ଅବୋଧ । ଟିକେ ଅନ୍ୟମନସ୍କ ହୋଇ କଛି କ୍ଲିକ୍ କରିଦେଲେ ମସ୍ତବଡ ଭୁଲ୍ ଘଟିବାର ସମ୍ଭାବନା ଅଛି । ତେବେ ପରବର୍ତ୍ତୀ ସମୟ ପାଇଁ ଇଏ ଏକ ବଡ ଶିକ୍ଷା ।

ସେଦିନ କନ୍‌ଫରେନ୍‌ସ୍ ସରିବା ପରେ ମନଖୁସିରେ ଲାଲି ବମ୍ବେ- ଗ୍ଯର୍ଟ ରେଷ୍ଟୁରାଣ୍ଟ୍ ଗଲା ଓ ସେଠାରେ ଆରାମରେ କୋବି ମଞ୍ଚୁରିଆନ୍ ଓ ଇଟିଲି- ସମ୍ବର୍ ଅର୍ଡର୍ ମଗେଇ ରାତ୍ରିଭୋଜନ ଉପଭୋଗ କଲା ।

ରଦରେ୍ଫାର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# କୋଇଲି, ଗଲ୍ ପୁତ୍ର ବାହୁଡି ନଇଲ୍



ଶଶଧର ମହାପାତ୍ର

କୋଇଲି, ପୁଅ ମୋ'ର କାଶ୍ମିରୀକୁ ଗଲ୍
କାହା ବୋଲେ ଗଲ୍ ପୁତ୍ର ବାହୁଡି ନଇଲ୍, ଲୋ କୋଇଲି
କୋଇଲି, ଗଲ୍ ପୁତ୍ର ବାହୁଡି ନଇଲ୍
ପୁଅ ବିନା ଏ' ଘର ଶୋଭ୍ ନ ପାଇଲ୍, ଲୋ କୋଇଲି

କୋଇଲି, ପୁଅ ନାଁ ଧରି ଆଜି ଡାକବି କାହାକୁ ?
ଏକମାତ୍ର ପୁଅ ଗଲ୍ ଯମ ଦରବାରକୁ, ଲୋ କୋଇଲି
କୋଇଲି, ଗଲ୍ ପୁତ୍ର ବାହୁଡି ନଇଲ୍
ପୁଅ ବିନା ଏ' ଘର ଶୋଭ୍ ନ ପାଇଲ୍, ଲୋ କୋଇଲି

ନାଁ "ମନୋଜ ବେହେରା", ଗାଁ ନାଁ ଅଟେ "ଗଜାବର"
ଛପନ ଇଞ୍ଚ ତା' ଛାତି, ଦେଖିବାକୁ ଅତୀବ ସୁନ୍ଦର
କୋଇଲି, ଗଲ୍ ପୁତ୍ର ବାହୁଡି ନଇଲ୍
ପୁଅ ବିନା ଏ' ଘର ଶୋଭ୍ ନ ପାଇଲ୍, ଲୋ କୋଇଲି

"ଜୀତେନ୍ଦ୍ର ବେହେରା" ବାପା; ମା' ମୁଁ ନାଁ ମୋ' ସାବିତ୍ରୀ
ପୁଅଟି ସତେକ ମୋ'ର ଖାଣ୍ଟି ହୀରା, ମୋତି
କୋଇଲି, ଗଲ୍ ପୁତ୍ର ବାହୁଡି ନଇଲ୍
ପୁଅ ବିନା ଏ' ଘର ଶୋଭ୍ ନ ପାଇଲ୍, ଲୋ କୋଇଲି

"ନଆଳ" ବ୍ଲକରେ ଘର, ପଞ୍ଚାୟତ ନାଁ "ରତ୍ନପୁର"
ଦି' ବର୍ଷ ତଳେ ମାତ୍ର ହେଇଥିଲା ତା'ର ବାଆଘର
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ତେତିଶ ବରଷ ମାତ୍ର, ଘରେ ଅଛି ପତ୍ନୀ ଚନ୍ଦ୍ରମୁଖୀ
ବର୍ଷକର ଗେଲ୍ଲୀ ଝିଅ, ସେ' ସୁଶ୍ରୀ, ସୁନାନାକୀ
ରକତକୁ ପାଣିକରି ବଳଦାନ ଦେଲା, ଲୋ କୋଇଲି
କାହା ବୋଲେ ଗଲା ପୁତ୍ର ବାହୁଡି ନଇଲା, ଲୋ କୋଇଲି

ଆଉ ଜଣେ ବୀରପୁତ୍ର ଗ୍ରାମ ନାଁ ଅଟେ "ନାଉଗାଁ"
ଓଡିଶା ମାଟିର ଗର୍ବ, ରଖିଗଲା ଚୀରଦିନ ନାଁ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ଜଗତ୍‌ସିଂହପୁର ଜିଲ୍ଲା, ବ୍ଲକ ନାଁ ଅଟଇ "ଶିଖର"
ବାପା- ମା' ବହୁ ଦିନୁ ଯାଇଛନ୍ତି ଛାଡି ଆରପୁର
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ନାଁ'ଟି "ପ୍ରସନ୍ନ ସାହୁ", ଭାରତରେ ସି.ଆର୍.ପି ଜବାନ
ହେଇଛନ୍ତି ଶହୀଦ ସେ' ଦେଶପାଇଁ ଦେଇ ବଳଦାନ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ଝୁରୁଛି ଭାରତବର୍ଷ, ଝୁରୁଅଛି ସାରା ଗ୍ରାମବାସୀ
କାନ୍ଦୁଛନ୍ତି ନୀରବରେ, କେତେକେତେ ଲୁହ ଯାଏ ଭାସି
ଏଇମାନେ ଦେଶପ୍ରେମୀ ଦେଶର ଗୌରବ ଲୋ, କୋଇଲି
ଗଲା ପୁତ୍ର ବାହୁଡି ନଇଲା, ଲୋ କୋଇଲି

କଲେଜ ପଢୁଆ ଝିଅ କାନ୍ଦିକାନ୍ଦି କହେ ଏବେ କଥା
ବାପାଙ୍କ ଖବର ଶୁଣି ତା'କୁ ସବୁ ଲାଗୁଅଛି ପିତା
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ଭାରତବାସୀଙ୍କୁ ଶାନ୍ତି ଆଉ ସୁରକ୍ଷା ଦେବାକୁ
ଜଗୁଛନ୍ତି ଦିନରାତି ବୀରପୁତ୍ର ଦେଶର ସୀମାକୁ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ପୁଲୱାମା ଘଟଣାରେ, ଚାଳିଶରୁ ଊର୍ଦ୍ଧ୍ୱ ବୀରପୁତ୍ର ମରିଗଲେ
ଆତଙ୍କବାଦୀଙ୍କ ବୋମାରେ ଶହୀଦ ସେ' ହେଲେ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ଦଶ ବର୍ଷର ପୁଅ ଶବ କାନ୍ଧେଇକି ନେଲା
କାନ୍ଦିକାନ୍ଦି ବାପାଙ୍କର ଚିତାଗ୍ନି ସେ' ଦେଲା
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ଶୋକାକୁଳ ପରିବେଶ ମନକୁ ଦହିଲା
ପାର୍ଥିବ ଶରୀର ଜଳ ପାଉଁଶ ହୋଇଲା
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ପାଖ ପାଞ୍ଚ ଖଣ୍ଡ ଗାଁ'ଲୋକେ ପହଞ୍ଚିଲେ
ଗୌରବର ଗାଥା ଗାଇ ଶ୍ରଦ୍ଧାଞ୍ଜଳ ଦେଲେ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ସିନ୍ଦୁର ଯେ ଲିଭିଗଲା ଆଜି କାହା ସ୍ତ୍ରୀ'ର ମଥାରୁ
କାଚ, ଶଙ୍ଖା ତଳେପଡି ଭାଙ୍ଗିଗଲା କାହାରି ହାତରୁ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

କହି ଯାଇଥିଲା ପୁଅ "ହୋଲି' ରେ ସେ' ଆସିବବୋଲି
ତା'ପାଇଁ କାନ୍ଦିକାନ୍ଦି ମା' ହେଲା ଅଧା ପାଗିଳ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ପ୍ରତିଶୋଧର ବହ୍ନି ଆଜି ଜଳେ ଦେଶ ସାରା
ଭାଇକୁ ମାରୁଛି ଭାଇ ନଦେଇ ଇସାରା
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

ତ୍ରୀରଙ୍ଗା ପତାକା ଉଡେ ଆଜି ଗୃହିଆଡେ
ଜନତାଙ୍କ ପ୍ରତିକ୍ରିୟା ସରକାର ଲୋଡେ
କୋଇଲି, ଗଲା ପୁତ୍ର ବାହୁଡି ନଇଲା
ପୁଅ ବିନା ଏ' ଘର ଶୋଭା ନ ପାଇଲା, ଲୋ କୋଇଲି

( ଓଡିଶାର ଗର୍ବ ଓ ଗୌରବ, ଦୁଇଟି ସୁପୁତ୍ର ( ମନୋଜ କୁମାର ବେହେରା ଓ ପ୍ରସନ୍ନ କୁମାର ସାହୁ) , ଯିଏ ଥିଲେ ଭାରତର ବୀର ଜବାନ । ଦିହେଁ ନକଟରେ କାଶ୍ମୀରର "ପୁଲଓ୍ୱାମାରେ' ଆତଙ୍କବାଦୀଙ୍କ ଦ୍ୱାରା ଘଟିଥିବା ବିସ୍ଫୋରଣରେ ପ୍ରାଣ ହରାଇ ଶହୀଦ ହୋଇଛନ୍ତି । ଧନ୍ୟ ସେମାନଙ୍କ ବାପା- ମା' ଯେଉଁମାନେ ତାଙ୍କୁ ଜନ୍ମ ଦେଇଛନ୍ତି । ମୁଁ ସେମାନଙ୍କର ଆତ୍ମାର ସଦ୍‌ଗତି କାମନା କରୁଛି । ତାଙ୍କରି ସ୍ମୃତିରେ ଏ' ଲେଖାଟି, "କୋଇଲି, କେଶବ ଯେ ମଥୁରାକୁ ଗଲା'' ଛାୟାରେ । )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

# ମନର ମଣିଷ



ସୀତାରାମ ଦାଶ

କଥା ଦେଇଥିଲ ଛାଡିବନ ହାତ,
ଅଧା ବାଟେ ରହିଗଲ ।।
ସାତ ଜନମର ସାଥି ହେବ କହି,
ପ୍ରତିଶ୍ରୁତି ଭୁଲିଗଲ ।।

ତୁମରି ପଥକୁ ଚାହିଁ ରହିଥିଲି,
ସାଥେ ଯିବାପାଇଁ ମନ୍ଦିର ।।
ଧଳା ଶାଢୀ ଖଣ୍ଡେ ଉପହାର ଦେଲ,
ଲିଭିଗଲା ମୋ ସିନ୍ଦୂର ।।

ତୁମେ ଗଲା ପରେ ମୁହଁ ବୁଲାଇଲେ,
ସାଙ୍ଗ ସାଥି ପ୍ରିୟଜନ ।।
ଦୁଃଖ ଯନ୍ତ୍ରଣା ରେ କେମିତି ବଞ୍ଚୁଛି,
ସେକଥା ଜାଣେ ମୋ ମନ ।।

ଜୀଅନ୍ତା ଶବ ମୁଁ ନଇତି ମରୁଛି
କେତେ ଦିନ ମୋର ଆୟୁ ।।
ମନର ମଣିଷ ଚାଲିଗଲା ପରେ
କାହିଁକି ବଞ୍ଚିବି ଆଉ ।।

ସାନମୂଳାଇ, ଗୋବିନ୍ଦପୁର, କଟକ

# ପରଜା ଉପନ୍ୟାସର ତିନଟି ଗାଁ

ପ୍ରିୟବ୍ରତ ପାଢ଼ୀ

ଲକ୍ଷ୍ମୀପୁର ।

କୋରାପୁଟ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଏକ ସୁନ୍ଦର ଗାଁ ।

ହେଇପାରେ, ଏହି ଗାଁ ରେ ଲୋକେ ଏତେ ଦାରିଦ୍ର୍ୟ ଭିତରେ ଗତି କରୁଥିଲେ ଯେ, ଶୟନେ ସପନେ ଭାବୁଥିଲେ – ଆହା ଲକ୍ଷ୍ମୀ କେବେ ଆମ ଗାଁରେ ଶ୍ରୀପାଦ ରଖନ୍ତେ କି? ଲକ୍ଷ୍ମୀଙ୍କ ପ୍ରୀତ୍ୟର୍ଥେ ଗାଁ ନାଁ ରଖିଥିବେ ଲକ୍ଷ୍ମୀପୁର ।

ହେଇପାରେ, ଅତୀତ ଦିନରେ ଏ ଗାଁର ଧନୀ ମହାଜନ, ଶୁଣ୍ଢି ଓ ମୁକୁଟି ସାହୁକାରମାନେ ଗରିପଟ ଗାଁରୁ ଲୁଟିପାଟି ଆଣି ଏତେ ସ୍ୱଚ୍ଛନ୍ଦରେ ଚଳୁଥିଲେ ଯେ, ଗରିପଟର ଦାରିଦ୍ର୍ୟ ପ୍ରପୀଡିତ ପ୍ରଜାମାନେ ଭାବୁଥିଲେ - ଲକ୍ଷ୍ମୀ ତ ଏ ଗାଁରେ ଚକାମାଡି ରହିଥିଲେ । ଅତଏବ ନାଁ ରଖିଥିବେ ଲକ୍ଷ୍ମୀପୁର ।

ହୋଇପାରେ ଉଭୟଟା ସତ! କାରଣ ଲକ୍ଷ୍ମୀପୁରରେ ଧନୀ ବି ଥିଲେ, ଦରିଦ୍ର ବି ଥିଲେ, ଏବେ ବି ଅଛନ୍ତି ।

ଲକ୍ଷ୍ମୀପୁରରେ ପୁଣି ତିନଟା ପୋଲିସ ଥାନା । ଗୋଟିଏ ସ୍ୱାଧୀନତା ପୂର୍ବର ଅତି ପୁରୁଣା ଥାନା, ଧ୍ୱସ୍ତ ପ୍ରାୟ, “ପରଜା”ର ସ୍ମୃତିକୁ ନେଇ ବଞ୍ଚି ରହିଛି । ଅନ୍ୟଟି ପୁରୁଣା ଥାନା, ମାଓ ବିସ୍ଫୋରଣରେ ଭୂଲୁଣ୍ଠିତ, ପରିତ୍ୟକ୍ତ । ମୁଖ୍ୟରାସ୍ତା କଡେ ଦରପୋଡ କାଠ ପରି ପଡି ରହିଛି । ଆତଙ୍କ ଆମୋଦରେ ପରିଣତ ହୋଇ ଦେଖଣାହାରୀଙ୍କୁ ଉଚ୍ଚାଟ କରୁଛି । ତୃତୀୟଟି ହେଲା ଆଜିର ନୂଆ ଥାନା, ମାଓ ଆକ୍ରମଣରେ ଭୟଭୀତ, ଅଥଚ ସୁରକ୍ଷିତ ।

ଆମେ ସେଇ ଦେଶ ସ୍ୱାଧୀନ ପୂର୍ବର ପୁରୁଣା ଥାନା ଆଗରେ ଠିଆହେଇଥିଲୁ । ପୁରୁଣା କାନ୍ଥ, ଖମ୍ବ ଓ ପିଣ୍ଡା କଛି ଏବେ ବି ରହିଛି, ଧ୍ୱସ୍ତ ସ୍ତୂପ ଭିତରେ ସାଉଁଟା ସୁରକ୍ଷିତ ବସ୍ତୁପରି । ଥାନାର କାଠ, କବାଟ ଓ ଇଟାବାଲିକୁ ଧର୍ମଭୀରୁ ଲୋକେ ଉଠେଇ ନେଉନାହାନ୍ତି । ବଡବଡ ଶାଳଗଣ୍ଡିର ଦୁଲ୍ ଦୁଇଚାରିଟି ଭଙ୍ଗା କାନ୍ଥ ଉପରୁ ତଳଯାଏ କଣେଇ ହୋଇ ପଡିଛି । କଳା ବାଲିଜନ୍ଦାର ବିରାଟ ଦଳ ସ୍ରୋତ ପରି ତା ଉପରେ ଚାଲିଛନ୍ତି, ଆଗାମୀ ଝଡବର୍ଷାର ସୂଚନା ଦେଇ । ବୋହି ଚାଲିଛନ୍ତି ଗୋଟେ ବିରାଟ ଦରମରା ଝିଂଟିକାକୁ । ସତେକ ଭିଡ ଭିତରେ ଜଗନ୍ନାଥଙ୍କ ରଥ ଚାଲିଛି । ଚାରିପଟର ବଡବଡ ଆମ୍ବଗଛ, ବଡ ବଡ ମହୁଫେଣାକୁ କାଖେଇ କରି ଠିଆ ହୋଇଛନ୍ତି, ଜାଗାଟିକୁ ଅଧିକ ଭୟାନକ କରି ରଖିଛନ୍ତି । ତାଳପତ୍ର ଆଡେଇ ଭିତରକୁ ଭିତରକୁ ଗଲି । କଣ୍ଟାଲାଗି ଦେହ ଚରିହେଲା, ପତ୍ରବାଜି ଆଖି ପୋଡିଲା । ତଥାପି ଉତ୍କଣ୍ଠା କମ୍ ନଥିଲା । ସତେକ "ପରଜା" ଉପନ୍ୟାସର ଫର୍ଦ୍ଦ ପରେ ଫର୍ଦ୍ଦେ ଅତିକ୍ରମ କରି ମୁଁ ଅଭ୍ୟନ୍ତରକୁ ଗତି କରୁଛି । ଏଇଟା ହେଉଛି ସେଇ ଥାନା, ଯେଉଁଠି "ପରଜା" ଉପନ୍ୟାସର ପ୍ରଥମ କୁଆଁ ଶବ୍ଦ ଶୁଭିଥିଲା ।

ସବ୍ ଡେପୁଟି ଥିବାବେଳେ କଥାକାର ଗୋପୀନାଥ ମହାନ୍ତି ଲକ୍ଷ୍ମୀପୁର୍ ରେଭିନ୍ୟୁ ଅତିଥି ଭବନରେ ପ୍ରାୟତଃ ରହୁଥିଲେ । ଲକ୍ଷ୍ମୀପୁର ଥାନାର ସବ୍- ଇନସିପେକ୍ଟର ଶ୍ରୀଧର ନାୟକ ଥିଲେ ତାଙ୍କର ବନ୍ଧୁ । ଥାନା ପିଣ୍ଡାରେ ଲଗାତାର ଜଣେ ଆଦିବାସୀ ବୁଢାକୁ ବଡ ଦୟନୀୟ ଭାବେ ପଡି ରହିଥିବା ଦେଖି କଥାକାର ତା ବିଷୟ ଜାଣିବାକୁ ଚାହିଁଲେ । ବେଳେବେଳେ ହାଡୁଆ ପିଠା ଦିଓଟିକୁ ପଛକୁ ଠେଲିଦେଇ, ଦୁଇ ଆଣ୍ଠୁ ସନ୍ଧିର ମୁଣ୍ଡଟିକୁ ଗୁଞ୍ଜି ବଡ ଦୀନହୀନ ଭାବେ ବୁଢାଟି ଶୋଇ ରହୁଥିଲା ବା ତୁହାଇ ତୁହାଇ ଖାସି ନୟାନ୍ତ ହୋଇ ପଡୁଥିଲା । ଶ୍ରୀଧର ନାୟକଙ୍କଠାରୁ ସେଇ ବୁଢା ବିଷୟରେ ଶୁଣିବାକୁ ପାଇ, କଥାକାର ଏଭଳ ସ୍ତବ୍ଧ ହୋଇଯାଇଥିଲେ ଯେ ତାଙ୍କ କବିପ୍ରାଣ ଦୋହଲି ଯାଇଥିଲା । ସେଇ ତରୁଣ କବିପ୍ରାଣର ବ୍ୟଥିତ ହୃଦୟର ରକ୍ତଝରାକୁ ହିଁ ସୃଷ୍ଟି ହୋଇଥିଲା – "ପରଜା" । ଏଥିରେ ରହିଛି ଗୋଟିଏ ପରଜା ଆଦିବାସୀ ପରିବାରର ଦାରିଦ୍ର୍ୟ, ଅସହାୟତା, ଶୋଷଣ ଆଦିର କରୁଣ ରୂପ ।

"ପରଜା" ର ଚରିତ୍ରମାନେ କାଳ୍ପନିକ ହେଲେ ସୁଦ୍ଧା, ଆମେ ପାଠକମାନେ ଧରିନେଉ ଯେ ସେଭଳି ଚରିତ୍ର ଓ ଘଟଣାମାନଙ୍କୁ କୋଉଠି ନା କୋଉଠି କଥାକାର ଭେଟିଥିଲେ । ସେହି ଚରିତ୍ରମାନେ ଆତଯାତ ହେଉଥିବା ଗାଁ, ନଈ, ଝୋଲ୍, ବଣପର୍ବତ ଆଦିଙ୍କୁ ଦେଖିବା ପାଇଁ ପାଠକମାନଙ୍କ ମଧ୍ୟରେ ତୀବ୍ର ଇଚ୍ଛା ହୋଇଥାଏ । ଉପନ୍ୟାସରେ ପାଖାପାଖି ୫୩ଟି ଗାଁ ର ନାଁ ରହିଛି, ପାଞ୍ଚଟି ଝୋଲର ନାଁ, ତିନିଟି ପର୍ବତର ନାଁ ରହିଛି । ତା ଭିତରୁ ଲକ୍ଷ୍ମୀପୁର, ଶୋରଶୁପଦର, ଥୋଟାଗୁଡା, କଦମଝୋଲ୍ ମୁଖ୍ୟ । ପ୍ରଥମ ଦଫାରେ ଆମେ ଲକ୍ଷ୍ମୀପୁର, କଦମଝୋଲ୍ ଓ ଥୋଟାଗୁଡା ବୁଲିଥିଲୁ ।

୧୯୪୩ ମସିହା ଜୁଲାଇ ୨୨ ତାରିଖରେ ପରଜା ଲେଖା ସରିଥିଲା । ତାର ସମ୍ଭାବନାର ପ୍ରଥମ ଉନ୍ମେଷ ଘଟିଥିଲା ଲକ୍ଷ୍ମୀପୁରର ଏହି ଅତି ପୁରୁଣା ଥାନା ଭିତରେ । ମତେ ଲାଗେ ପୃଥିବୀର ସବୁ ସଫଳ ଉପନ୍ୟାସ ଗୋଟିଏ ଗୋଟିଏ ଜୀବନ ସତ୍ତା । ଯେତେ ପୁରୁଣା ହେଲେ ସୁଦ୍ଧା ସେମାନେ ନିଜ ପ୍ରିୟ ପାଠକଙ୍କୁ ଲୋଡନ୍ତି । ଝୁଲାମୁଣାରେ ମୁଁ ମଧ୍ୟ ନେଇଥିଲି ପୁରୁଣା ପରଜା ବହିଖଣ୍ଡେ । ଉଦ୍ଦେଶ୍ୟ ଥିଲା ସତୁରୀ ଅଶୀ ବର୍ଷର ପରଜା ମଧ୍ୟ ଦେଖୁ ତାର ଜନ୍ମଘରଟିକୁ । ଭଙ୍ଗା ଘରକୁ ଦେଖି "ପରଜା" ଉପନ୍ୟାସ କଣ ଭାବୁଥିବ? ଗୋପୀନାଥଙ୍କ ଭାଷାରେ ପରଜାର ଅନୁଚ୍ଛେଦଟିଏ-

"ଫାଙ୍କା ଘର ଭିତରେ ଶୁକ୍ରୁ ପଶିଗଲା । ଗୁରିଆଡେ ହାହାକାର । ଠାଏ ଠାଏ ଛପର ଉଡିଯାଇଛି । କେଉଁଠି ବା ଝାଟି ଆଉ ଛପର ଏକାଠି ହୋଇ ତଳକୁ ଓହଳ ପଡିଛି । ବଡ ବଡ କଣା ବାଟେ ପାଣି ଅଜାଡି ଦେଉଛି ଭିତରେ । ସ୍ଥାନେ ସ୍ଥାନେ ଘର କଣରେ, କାନ୍ଥ ଉପରେ ବର୍ଷା ଧାର କଡର କଡର ଘାସ ଅଗଛିଆ ଗଜୁରି ଗଜୁରି ଉଠୁଛି । ସବୁ ବିପ୍ଲବ ଆଉ ହାହାକାର । ଭଙ୍ଗାଘର ଖାଁ ଖାଁ ଗୋଡାଇଲା । କେହି କୁଆଡେ ନାହିଁ । ଦୁଲୁଦୁଲୁ ବର୍ଷା, ପିଣ୍ଡା ପହଣ୍ଡାରେ କେଉଁଠି ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ଘର ଭିତରେ କେଉଁଠି ପୁଅମାନଙ୍କର ଭଙ୍ଗା ଡୁଙ୍ଗୁଡୁଙ୍ଗା ଦି ଖଣ୍ଡ, ଧୋକଡା ଚମରେ ଫିମ୍ପି ଲାଗି ଗଲାଣି, ଆଉ ଏଠି ସେଠି ଝିଅମାନଙ୍କର ପିନ୍ଧା ଲୁଗାର ଚିରାକନା ଖଣ୍ଡ ଦି ଖଣ୍ଡ । ଏହି ଘର ଦିନେ ଥିଲା ଗହଳ ଚହଳ, ଆଜି ତୁନ ତୁନ ।"

ପରଜାର ଶେଷ ଦୃଶ୍ୟ ବି ଏହିଠାରେ ଘଟିଥିଲା । ଟାଙ୍ଗିଆ ଗ୍ରେଟରେ ସାହୁକାରକୁ ମାରିଦେବା ପରେ ବାପ ଓ ଦୁଇପୁଅ ରକ୍ତରେ ଜୁଡୁବୁଡୁ ହୋଇ ସିଧା ଗ୍ଲି ଆସିଥିଲେ ଏହି ଥାନାକୁ । ସେମାନେ ଆସି ଥାନାବାବୁକୁ କହିଲେ - "ଆମେ ମଣିଷ ମାରିଛୁ । ଆମକୁ ଯୋଉ ଦଣ୍ଡ ଅଛି ସେଇ ଦଣ୍ଡ ଦିଅ ।"

ସବ୍- ଏନସିପେକ୍ଟର୍ ଚମକ ପଡି କହିଲେ – "ଏଁ" ।

ପୁରୁଣା ଥାନା ଭଙ୍ଗି ନୂଆ ଜାଗାରେ ଥାନା ତିଆରି ହେଲା । ଦୀର୍ଘ କେତେ ଦଶନ୍ଧିର ଗ୍ଜତ୍ୱ ପରେ ଦିନେ ମାଓବାଦୀଙ୍କ ବୋମା ବିସ୍ଫୋରଣରେ ତାହା ଧୂଳିସାତ ହେଲା । ଆଜି ବି ସେହି ଶ୍ରୀହୀନ ଧ୍ୱସ୍ତ ସ୍ଥାନ ପଡିରହିଛି । ତାଠୁ ସ୍ୱଳ୍ପ ଦୂରରେ ପୁଣି ତିଆରି ହେଲା ନୂଆ ଥାନା । ଆମେ ସେଇ ଥାନା ଦେଇ ଫେରି ଆସିଲୁ ।

ନୂଆ ଥାନାଟା ଏତେ ସୁରକ୍ଷିତ ଯେ ଲ୍ଗେ ଥାନାବାବୁମାନେ କେବଳ ନଜ ସୁରକ୍ଷା ନେଇ ଚନ୍ତିତ । ଜନତାଙ୍କ ସୁରକ୍ଷା ପାଇଁ ନୟୋଜିତ ସୁରକ୍ଷାକର୍ମୀ ନଜେ ଭୟରେ ଜଡଜଡ । କାନ୍ଥ ଉପରେ ତୀକ୍ଷ୍ଣଧାର ଥିବା କଣ୍ଟା ତାରର ବାଡ, ସତେକ ନର୍ମୂଳ ଲତାଟେ ଅବିଶ୍ରାନ୍ତ ଘୂରି ଘୂରି ମାଳ ଯାଇଛି । ବତୀଘର ପରି ଉଚ୍ଚ ଉଚ୍ଚ ଟାୱାର ଉପରେ ଅନବରତ ବନ୍ଧୁକଧାରୀଙ୍କ ପହର୍ । ଅପଲକ ନୟନରେ ସଶସ୍ତ୍ର ସେଣ୍ଟ୍ରି ଗେଟ୍ ପାଖରେ ଖୁଣ୍ଟପରି ଠିଆ । ଭିତରେ ବାଲିବସ୍ତାର ଅନୁଚ୍ଚ ବାଡ ସେକଡେ ବନ୍ଧୁକ ଘୋଡାରେ ଆଙ୍ଗୁଳ ରଖି ବସିଛନ୍ତି ଆଉ ଥୋଡାଏ ପୋଲିସ୍ । ଭୟ, ଆତଙ୍କ ଓ ରହସ୍ୟର ଏକ ପୁଞ୍ଜିଭୂତ ରୂପ ନେଇଛି ନାଲି ରଙ୍ଗର ପୋଲିସ୍ ଥାନା । ସାଧାରଣ ଲୋକଟିଏ ଅଭିଯୋଗ କରି ଯିବାକୁ ଭୟ ପାଇଯିବ । ଆଜି ଏଠି ବି ଅନେକ ଘଟଣା ଘଟୁଛି, ବୁକୁଫଟା କାହାଣୀ ସବୁ ଶୁଣିବାକୁ ମିଳୁଛି । ମାଓ ଆତଙ୍କ, ପୋଲିସ ଆତଙ୍କ, ମହାଜନୀ ଆତଙ୍କ – ସବୁର ଖବର ରହିଛି । କନ୍ତୁ ଗୋପୀବାବୁଙ୍କ ଭଳ ସ୍ରଷ୍ଟା ନାହାନ୍ତି ଯେ ସେସବୁକୁ ନେଇ ଉପନ୍ୟାସ ଲେଖିବେ ।

"ପରଜା" ର ଖଳନାୟକ ହେଉଛି ଥୋଟାଗୁଡାର ଶୁଣ୍ଡି ସାହୁକାର ଗ୍ମ ବିଶୋଇ । ଶୁକୁଜାନ ଓ ତାର ପିଲ୍ଏ ମିଶି କଦମଖୋଲ୍ ଗାଁରେ ସାହୁକାରକୁ ହାଣି ପକେଇଲେ ।

କୋରାପୁଟରୁ ବାହାରି ଦଶମନ୍ତପୁର ଦିବେ ଗଲାବେଳେ ପଞ୍ଚଡାରୁ ବୁଲି ଚଣାବାଟ ଗାଁ ପାଖରେ ପଡେ କଦମଝୋଲା ଗାଁ । ଥୋଟାଗୁଡା ରାବଣର ବଧଭୂମି ।

ହୁଏତ କେଉଁ ଅତୀତର ଗୋଟିଏ ମସ୍ତବଡ କଦମ୍ବଗଛ, କୌଣସି ଝୋଲା ପାଖରେ ଠିଆହୋଇ ସାରା ଗାଁଟିକୁ ଯଷ୍ଟି ଧାରି ଜଗୁଆଳ ପରି ଜଗି ରହିଥିଲା । ସମୟକ୍ରମେ ଜନପଦଟିର ନାମ କଦମଝୋଲା ହୋଇ ଯାଇଥିବ । ଶୁଣ୍ଡି ସାହୁକାର ରାମ ବିଶୋଇ ଏଭଳି ଗାଁର କୌଣସି ଏକ ଘରେ ଆଣି ରଖିଥିଲା ଜିଲିକୁ । ଜିଲି ପର୍ଜୁଣୀରୁ ଶୁଣ୍ଡିଆଣି ହୋଇ ଯାଇଥିଲା, ଦରିଦ୍ର ପରଜା ଝିଅରୁ ଧନୀ ଶୁଣ୍ଡିର ରକ୍ଷିତା ହୋଇ ଯାଇଥିଲା । ବାଗଦତ୍ତା ବାଗ୍ଲାର ପ୍ରତାରଣା, ସାଙ୍ଗ କାଜୋଡିର ବିଶ୍ୱାସଘାତକତା, ତଥା ବାପାଭାଇଙ୍କ ଚରମ ଅସହାୟତା ଓ ଛାଇପରି ଲାଗି ରହିଥିବା ଚରମ ଦାରିଦ୍ର୍ୟ ହିଁ ଜିଲିକୁ ଟାଣି ଆଣିଥିଲା, ଡୋକ୍ରା ଜମିଦାରର ଅନ୍ଧାରୁଆ ଘରକୁ । ହୁଏତ ଦିନ କେତେ ବାଦ ଜିଲି ତଉଲି ଥିବ ନିଜର ସମ୍ପତ୍ତି, ପ୍ରତିପତ୍ତି ଓ ଡୋକ୍ରା ଅଣ୍ଟାକୁ ଗୋଟିଏ ପଟେ ରଖି ଓ ଅନ୍ୟପଟେ ନିଜର ବାପାଭାଇ, ଜାତି, ପରମ୍ପରା, ଦାରିଦ୍ର୍ୟ ଓ ଅଭାବକୁ ରଖି । ବାଘପରି ଆଁ କରି ଖାଇ ଗୋଡାଉଥିବା ଦାରିଦ୍ର୍ୟରୁ ମୁକୁଳ ସାହୁକାର ଭଳି ଦରବୁଢାକୁ ଜାବୁଡି ଧରିବାର ବୋଧେ ଲେଉଠି ଭୁଲ୍ ନଥିଲା ବୋଲି ଜିଲି ଅନ୍ତତଃ ବୁଝୁଥିଲା ।

କଦମଝୋଲାରେ ପରିଲକ୍ଷିତ ହୋଇଥିଲା ପରଜାର ଶେଷ ଅଙ୍କ, ଅର୍ଥାତ୍ ଜମିଦାରର ସଂହାର ପର୍ବ । ଗାଁଟିରେ ସେଇ ଏକା ଦୃଶ୍ୟ, ଧାଡି ଧାଡି ନୁଆଁଣିଆ ଘର, ସଳଖ ମଝିଦାଣ୍ଡ । କୁକୁଡା ଓ ଘୁଷୁରୀଙ୍କ ଗହଳଚହଳ ଭିତରେ ବସିଥିଲେ ଏକାଧିକ ମହିଳା ଓ ଝିଅ । ଉକୁଣି ଖୋଜାରେ ସମସ୍ତେ ଥିଲେ ବ୍ୟସ୍ତ । ଜମିଦାର କେଉଁଠି ମରିଥିଲା ବୋଲି ମୁଁ କାହାକୁ ପଚାରିବାକୁ ଇଚ୍ଛା କରି ନଥିଲି । କୌଣସି ଏକ ପୁରୁଣା ଅଥଚ ଉଚା ପିଣ୍ଡା ଥିବା ଘରଟିକୁ ଧରିନେଲି ରାମ ବିଶୋଇ ବା ଜିଲି ଥିବା ଘର ବୋଲି ।

ସେଦିନ କ ବୀଭତ୍ସ ଘଟଣା ନ ଘଟିଥିଲା ଏହି ଘରର ପିଣ୍ଡାରେ । କୋରାପୁଟ ଅଦାଲତରେ ସବୁକଛି ହାରି ଆସିବା ପରେ ଶୁକ୍ରୁଜାନି ଓ ତାର ଦୁଇ ପୁଅ ହତାଶରେ ଭାଙ୍ଗି ପଡିଥିଲେ । ବଡ ବିକଳ ଭାବେ ନିଷ୍ପତ୍ତି ନେଲେ ଯେ ସେମାନେ ରାମବିଶୋଇର ଘରକୁ ଯାଇ ଗୋଡତଳେ

ଦଣ୍ଡା ଦଣ୍ଡା ହୋଇ ପଡିବେ ଏବଂ ଭୁଲ ହୋଇଗଲ୍ ବୋଲି ରାଜି ହୋଇଯିବେ । ସେମାନେ ଆଶା କରୁଥିଲେ ଯେ ସେମାନଙ୍କ ଦୁଃଖ ଓ କାନ୍ଦଣା ଦେଖି ସାହୁକାରର ପଥର ହୃଦୟ ତରଳ ଯିବ । ସେ ଫେରେଇ ଦେବ ଜମି । କନ୍ତୁ ହେଲା କଣ? ସାହୁକାର ଗୋଇଠା ମାରି ତିନିଜଣଯାକଙ୍କୁ କୁକୁର- ଘଉଡା କଲା । ତିନିଜଣଯାକ ତାକୁ ବି ସହିଥିଲେ କନ୍ତୁ ଅସହ୍ୟ ହୋଇଥିଲା ଜମିଦାରର ଶେଷ କେଇଧାଡି ଭର୍ତ୍ସନା । ସାହୁକାର ବାପପୁଅ ତିନିଜଣକୁ କହିଥିଲା –

"ହଁ ଜିଲି । ଆଉ ଗୋଟେ ବିଲି ଅଛି ପରା । ତାକୁ ବି ଆଣି ମତେ ଦେଇଯାଅ । ଜମି ନେଲି, ଗୋଟିଏ ଭଉଣୀକୁ ନେଲି । ଆହୁରୀ ଗୋଟିଏ ଭଉଣୀକୁ ନେବି, ଆଉ ଯେତେଯେତେ ବିଲ୍ ହେବ ସମସ୍ତିକ ନେବି; ଦାବା ଦରବାର ଲଗେଇ ଦେଇ କୋର୍ଟରୁ କୋର୍ଟ ରାଜ୍ୟଯାକ ବୁଲେଇବି, ଗୋଡି ଖଟେଇ ଖଟେଇ ଜୀବନଯାକ ନାକକୁ ତଳେ ଘୋଷାଡୁଥିବି; ତେବେ ଯାଇ ମୋ ନାଁ ରାମଚନ୍ଦ୍ର ସାହୁକାର ।"

ଏ କଥାରେ ପରଜା ପୁଅ ମାଣ୍ଡିଆ ଜାନ ଉତକ୍ଷିପ୍ତ ହୋଇ ଟାଙ୍ଗିଆ ଉଁଚେଇ ସାହୁକାରକୁ ହାଣି ପକେଇଲା । ବଣର ପଶୁ ପରି ଗର୍ଜନ କରି କହିଲା – ଭେଗ କରିପାରିଲୁ ନାହିଁ । ଭେଗ କରି ପାରିଲୁ ନାହିଁ ।

ବିଳବିଳେଇଲା ପରି ଜିଲି ରଡିକରି ଦୌଡି ପଳାଇଲା । ଜିଲି ଘର ଭିତରକୁ ପଳେଇଗଲା କ ଘର ଛାଡି ଅନ୍ୟନ୍ ପଳେଇଲା ଏକଥା ଅସ୍ପଷ୍ଟ । କନ୍ତୁ ଏତକ କହି କଥାକାର ସମଗ୍ର ପାଠକ ସମାଜ ଆଗରେ ଗୋଟିଏ ବଡ ସମ୍ଭାବନାର ଦ୍ୱାର ଖୋଲି ଦେଇଛନ୍ତି । ତାହା ହେଲା ପରଜା ୨ ର ଲେଖାହେବା ସମ୍ଭାବନା, ଯାହାକ ଜିଲିର ଜୀବନୀକୁ କେନ୍ଦ୍ରକରି ଗତିଶୀଳ ହେବ ଏବଂ ତାର ପ୍ରଥମ ପଦପାତ ଏହି ଗାଁରେ, କଦମଝୋଲାରେ ହେଇଥିବ ।

"ପରଜା" ର ମଧ୍ୟମ ପର୍ବରେ ଉଭାହୁଏ ସାହୁକାର ରାମଚନ୍ଦ୍ର ବିଶୋଇ । ତାର ଗାଁ ହେଉଛି ଥୋଟାଗୁଡା । ଯେଉଁଠି ରହି ସେ ଶାସନ ଚଳାଏ, ଶୋଷଣ କରେ, ଗୋଡିକୁ ଖଟାଏ, ଶଗଡ ଶଗଡ ଧାନମୁଗ ଥାକମାରି ରଖେ । ଥୋଟାଗୁଡା କ୍ରମେ ଅପଭ୍ରଂଶ ହୋଇ ତୋଟାଗୁଡାରେ ପରିଣତ, କାରଣ ଆଦିବାସୀମାନେ "ଥୋ" କୁ ସ୍ପଷ୍ଟରୂପେ ଉଚ୍ଚାରଣ

କରିପାରନ୍ତି ନାହିଁ। ମାନେ ଆମେ କଳ୍ପନା କରିପାରୁଥିବା ସବୁଠୁ ନୃଶଂଶ ଓ ଜଘଣ୍ୟ ଜମିଦାରର ଗାଁ।

କଥାକାରଙ୍କ ଭାଷାରେ – ସାହୁକାର ଜନାର୍ଦ୍ଦନ ବିଶୋଇର ପୁଅ ସାହୁକାର ରାମଚନ୍ଦ୍ର ବିଶୋଇ, ଜାତିରେ ଶୁଣ୍ଢି। ତା ବାଁ ହାତରେ ପଟେ ସୁନା ଚୁଡି। ତାର ଭେକ। କାନରେ ଦି ପଟ ସୁନା କୁଣ୍ଡଳ, ତାର ବଡାତି। ବଡବଡ ତୋରାଣି ଛଣା ବଶ ହଳକ, ଆଖିପତା ତଳେ ଗହୀର ଗହୀର ଆଖି, କୁଟିଳ ଚାହାଣି, ମୋଟାମୋଟା ଓଠ ଦି ଫାଳରେ ସବୁବେଳେ ହସ – ତାର ବିଚକ୍ଷ। ରହୁଥିଲା ଏହି ଥୋଟାଗୁଡାରେ।

ଆଖପାଖରେ ବନ୍ଧକ ଜମି ଓ ଗୋତିମାନଙ୍କର ଖେଦାସବୁ ବୁଲି ଦେଖିବା ପାଇଁ ରଖିଥିଲା ଗୋଟିଏ ଘୋଡା। ସବୁବେଳେ ଝୋଲା କଡେକଡେ ଦଳ ଟୁକୁଥିଲା ବୋଲି ଗାଁ ଲୋକେ ତାକୁ ଦଳଖିଆ ଘୋଡା ବୋଲି କହୁଥିଲେ।

ତୋୟାପୁଟରୁ ଚମ୍ପି ଦିଗେ ଚାଲିଥିଲୁ। ଭୀଷଣ ଉଠାଣି ରାସ୍ତା, ଲାଗୁଥିଲା ଦେଓମାଳ ଭଳି ଉତ୍ତୁଙ୍ଗ ଶିଖର ଦିଗେ ଯାତ୍ରା କରୁଛୁ। ଗଛପତ୍ର ଶୂନ୍ୟ ଟଙ୍ଗର ଭୂମି, ଉଠାଣି ରାସ୍ତା, ଜନମାନବଙ୍କ ଅନୁପସ୍ଥିତିରେ ଲାଗୁଥିଲା ଅଗନାଅଗନ ବନସ୍ତ ପରି ନରବ ନଥର। ମତେ ବୁଲେଇବାକୁ ବାହାରିଥିବ ବନ୍ଧୁଙ୍କ ଚମ୍ପି ପ୍ରତି ରହିଥିବା ଅହେତୁକ ଆକର୍ଷଣର କାରଣ ସେଯାଏ ମତେ ଅସ୍ପଷ୍ଟ ଥିଲା।

ଚମ୍ପି ଗାଁ ପାରି ହେଲାପରେ ପଡେ ଗୋଟିଏ ଉଚ୍ଚଜାଗା, ଯାହାର ତଳେ, ୧୦୦୦ ଫୁଟ ତଳେ ରହିଛି ବିରାଟ ଖାଲୁଆ ଜାଗା, କୋରାପୁଟିଆ ଝୋଲାର ଏକ ଅତିକାୟ ରୂପ। ବର୍ଷା ଦିନେ ଚାରିପଟେ ପାହାଡରୁ ପାଣି ଝରି ଭରି ହୋଇଯାଏ, ବାକି ଶୁଖିଯାଏ। ମାଇଲ୍ ମାଇଲ୍ ବ୍ୟାପି ସବୁଜ କ୍ଷେତର ପସରା, ସବୁଜ ଶାଢୀ ଗୁଡିଏ ଯେମିତି କିଏ ଶୁଖେଇ ଦେଇ ଚାଲି ଯାଇଛି। ଜମି ମଝିରେ ମଝିରେ କେଞ୍ଚୁଆ ଭଳି ଦିଶୁଥିବା ପାଦଚଲା ରାସ୍ତାରେ କିଏ ଜଣେ ଚାଲିଥିଲେ, ଏକଦମ୍ ଏକେଲା। ଦୂର ପର୍ବତ ପାଦତଳେ ଲୁଚ ରହିଥିଲେ କିଛି ଗାଁ, ଚହଲି ନଯାଇ ଚନ୍ଦ୍ରପଟ ପରି ଦିଶୁଥିବା ଧଳା ଧୂଆଁର କୁହୁଡି ସେସବୁର ଉପସ୍ଥିତିକୁ ଜାହିର କରୁଥିଲା।

ପ୍ରକୃତିର ସେହି ଅପସୋସ୍ ପସର୍‌କୁ ଦେଖିବୁ ବୋଲି ଦଣ୍ଡେ ବସିଗଲୁ । ବନ୍ଧୁଙ୍କ ମାମୁଁଘର ଥିଲା ସେହି ପର୍ବତ ଢାଲୁରେ ଲୁଚ ଯାଉଥିବା ଗାଁରେ । ସେ ଗାଁରୁ ନିତି ଗ୍ଭଲିଗ୍ଭଲି ଆସୁଥିବା କନକ ଗୋରୀ ଝିଅଟେ ପଢୁଥିଲା ଚମ୍ପିର ହାଇସ୍କୁଲରେ । ତା ପ୍ରତି ବନ୍ଧୁଙ୍କ ଥିଲା ପ୍ରବଳ ଆକର୍ଷଣ, ପରିପକ୍ୱ ପ୍ରେମ । ଅଥଚ ବୟସରେ ସାନ ଝିଅଟିର ପ୍ରେମ ପ୍ରସ୍ଫୁଟିତ ହୋଇକରି କଷି ଫଳରେ ପରିଣତ ହେଲା ବେଳକୁ ଅଘଟଣ ଘଟିଗଲା । ଲକ୍ଷ୍ମୀପୁରର ଶନିବାରିଆ ହାଟରେ ସାଙ୍ଗମାନଙ୍କ ସାଥିରେ ବୁଲୁଥିବା ବେଳେ କିଏ ଜଣେ ଝିଙ୍କି ନେଲେ, ବିଭା ହୋଇଗଲେ । ଏ ରକମ ବିବାହ ଏ ଅଞ୍ଚଳରେ ପ୍ରଚୁର । କନ୍ୟା ଜଣକ ପସନ୍ଦ କଲେ, ତା ବର ପାଖରେ ରହିପାରେ, ନତୁବା ଛାଡି ଆସିଯାଇ ପାରେ, ସମାଜ ସବୁକିଛିକୁ ସାଦରେ ଗ୍ରହଣ କରେ । ବନ୍ଧୁଙ୍କ ହତାଶ କରି ସେ ସରିଗିଫୁଲ ଆଉ ଫେରିଲା ନାହିଁ । ମାନେ ସୁଖରେ ଘର ସଂସାର କରି ରହିଗଲା । ବନ୍ଧୁ ସେବେଠୁ, ସମୟ ପାଇଲେ ସେହି ଉଚ୍ଚଜାଗାକୁ ଆସନ୍ତି, କିଶୋର ବେଳର ପ୍ରେମିକାର ଗାଁକୁ ଅନାନ୍ତି ଏବଂ ତାଙ୍କର ପ୍ରିୟ ଗୀତଟିକୁ ମନଭରି ଗାଆନ୍ତି ।

"ମୁଁ ତ ଥିଲି ଏକୁଟିଆ ବାଆଁର୍ ପକ୍ଷୀ ।"

ସତରେ ସେ ଜାଗାଟି ଏତେ ସୁନ୍ଦର ଥିଲା ଯେ, ଦେଖିଲା ପରେ ଯାଇ ଜାଣିଲି କାହିଁକି ସିନେମା ବାଲାଏ ସୁଦୂର ଭୁବନେଶ୍ୱରରୁ ଏ ଜାଗାକୁ ଛୁଟି ଆସୁଥିଲେ, ସୁଟିଂ କରିବା ପାଇଁ । ମୁଁ ଜାଣିବାରେ ଡୋର୍, ରକ୍ତଗୋଲାପ, ସ୍ୱୟଂସିଦ୍ଧା, ସପନବଣିକ ଆଦିର କିଛି କିଛି ଅଂଶ ଏହି ଜାଗାରେ ସୁଟିଂ ହୋଇଛି ।

ଗୀତଟି ମନଭରି ଗାଇବା ପରେ ବନ୍ଧୁ ଉଠିଲେ ଏବଂ ଗ୍ଭଲିଲୁ ଥୋଟାଗୁଡା । ମନେ ମନେ ଭାବୁଥିଲି, ରାମବିଶୋଇ ଦଳଖିଆ ଘୋଡା ଚଢି ଯେବେ ଏହି ରାସ୍ତା ଦେଇ ଲକ୍ଷ୍ମୀପୁର ଆସୁଥିବ, କେବେ ଥରେ ଠିଆହୋଇ ଏ ନୈସର୍ଗିକ ଦୃଶ୍ୟ ଦେଖିଥିବ? ବୋଧେ ନା । ତାର ମନରେ ସୌନ୍ଦର୍ଯ୍ୟକୁ ଦେଖିଲା ଭଳି ଯଦି ଏତେଟିକେ ଥାନ ରହିଥାନ୍ତା, ତେବେ ନିଶ୍ଚିତ ଭାବେ ସେ କେବେ ବି ଏତେ ଅତ୍ୟାଚାରୀ ହୋଇ ନଥାନ୍ତା ।

ମୁଁ ଦେଖିଥିବା ଯେ କୌଣସି ସିନେମାର କଦର୍ଯ୍ୟତମ ଖଳନାୟକଠୁ ବି କଦର୍ଯ୍ୟ ଥିଲା ରାମଚନ୍ଦ୍ର ବିଶୋଇ। ତଣ୍ଟିକାଟି ମଣିଷକୁ ଜୀଅନ୍ତା ହାଣମାର କରୁଥିବା ଲୋକଠୁ ବି ଥିଲା ଅଧିକ ନୃଶଂସ। କାନରେ ସୁନା କୁଣ୍ଡଳ, ମୁଣ୍ଡରେ ସିନ୍ଦୁର ଟୋପା, ପୁଣି ଆଖି ଦିଓଟି ପେଜୁଆ ପେଜୁଆ। ଧାଙ୍ଗିଡୀ ଦେଖିଲେ ପାଟି ପାକୁପାକୁ ହୋଇ ପାଣି ଜମିଯାଏ। ମୁଁ ଏଯାବତ୍ କଳ୍ପନାରେ ବି ଭାବି ପାରେନ ଏମିତି ମଣିଷର ମୁହଁଟା ଦେଖିବାକୁ କେମିତି ହୋଇଥିବ।

ମୁଁ ବଡ ଉତ୍କଣ୍ଠାର ସହିତ ଗାଁ ଭିତରେ ପଶୁଥିଲି। ଗୋଟିଏ ବଡ ଗଡାଣି ରାସ୍ତାରେ ଆଗକୁ ଗଲେ ପଡେ ମୁହାଁମୁହିଁ ହୋଇ ସ୍ଥଳଶ ପରାଶ ଘର। ଚମ୍ପି ହାଇସ୍କୁଲରେ ପଢୁଥିବା ନବମ ଦଶମ କ୍ଲାସ୍ ର ଦୁଇତିନଟି ପିଲା ଆମେ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଉଥିଲେ। ଗାଁର ସବୁଠୁ ବୟସ୍କ, ଶହେବର୍ଷ ଟପିଲା ପରି ଦିଶୁଥିବା ଲୋକଟିର ବୟସ ଖୁବ୍ ବେଶୀରେ ଥିଲା ୪୫ ରୁ ୫୦ ବର୍ଷ। ଦିଶୁଥିଲା, ମରିଯିବ ଏଘଡି ନହେଲେ ଆର ଘଡିକୁ। ରାମ ବିଶୋଇ ବୋଲି କଏ ନଥିଲା ବୋଲି ସିଏ ମଧ୍ୟ କହିଲା। କିନ୍ତୁ ସତ୍ୟତା ଅପେକ୍ଷା ମୋର ନିବିଡ ଅନ୍ତରଙ୍ଗ କଳ୍ପନାକୁ ସତ ମଣିବାରେ ମତେ ଅଧିକ ସୁଖ ମିଳୁଥିଲା।

ବିଚିତ୍ର କଥା ଥିଲା ଥୋଟାଗୁଡାର କବାଟ ସବୁ ଥିଲା ଅତି ଦୃଢ, ମୋଟାମୋଟା। ଶତାଧିକ ଲୁହା ପେଚ ଲାଗିଥିବା ଏଭଳି କବାଟ ପୁରୁଣା କାଳରେ ଜମିଦାରମାନଙ୍କ ଘରେ ଲାଗୁଥିଲା। ହେଇପାରେ ରାମ ବିଶୋଇର ମୃତ୍ୟୁ ପରେ ତା ଘର ଭାଙ୍ଗିଗଲା ଏବଂ ଲୋକେ କବାଟ ସବୁ ତାଡି ନେଇ ନିଜ ଘରେ ଲଗାଇ ଦେଲେ। ରାମ ବିଶୋଇର ଅସ୍ତିତ୍ୱକୁ ସେହି କବାଟ ଗୁଡିକ ଜାହିର କରୁଥିଲା।

ରାମଚନ୍ଦ୍ର ବିଶୋଇ ଥିଲା ଅସଲରେ ଥୋଟାଗୁଡାର ଦଶମୁଣ୍ଡିଆ ରାବଣ। ତାର ଲୋଭଥିଲା ଅଶେଷ, ତାର ଅତ୍ୟାଚାର ଥିଲା ଅସହ୍ୟ। ସେ ଅନ୍ୟର ସ୍ତ୍ରୀ ଓ ଜମି ଛଡାଇ ନେବାରେ ଥିଲା ସିଦ୍ଧହସ୍ତ। କହିବା ବାହୁଲ୍ୟ, ଏ ମୂଲକରେ ଜଣେ ଆଦିବାସୀ ମାଟି ଓ ମାଇଜି (ସ୍ତ୍ରୀ) ଭିତରେ ବିଶେଷ ଫରକ ଦେଖେନ। ଥୋଟାଗୁଡା ଥିଲା ସେଇ ସାହୁକାରର ସୁବର୍ଣ୍ଣ ଲଙ୍କା। କଥାକାରଙ୍କ ଭାଷାରେ –

"ଗ୍ରାମ ବିଶୋଇର ଅଖଣ୍ଡ ସାମ୍ରାଜ୍ୟ । ସବୁବେଳେ ଘର ଆଗରେ ଗ୍ଯାରିପାଞ୍ଚଟା ଶଗଡ ଲାଗିଥିବ । ଘର ଆଗରେ ଗ୍ଯାରିପାଞ୍ଚଟା ଘୋଡା ଆଗଗୋଡା ଛନ୍ଦାହୋଇ ନାଚନାଚକା ଘାସ ଚୋକୁଥିବେ । ଆଉ ପାଞ୍ଚ ଦଶଟା ହାତି ପରି ବଳଦ ଶୋଇଶୋଇ ଘୁଙ୍ଗୁଡି ମାରୁଥିବେ, ବେକ ଗ୍ଯାରିପାଖେ ମାଛି ଆଉ କାଉ ।"

"ସାହୁକାରର ପ୍ରଥମେ ଭଣ୍ଡାର ଘର । ଘରେ ଧାନ, ମାଣ୍ଡିଆ, ମକା, ସୁଆଁ । ରହିବା ଘର କୋଠାଘର । ପିଣ୍ଡାରେ ବସ୍ତା ମାଳ, ସେର ତରାଜୁ, ଭଙ୍ଗା ଦଦରା ଖଟ, ଚୌକି, ଲୁହା ଗୋବମରା ବଡବଡ କାଠ କବାଟ । ଜମିଦାର ଘରୁ ବାହାରେ ଗୋଟେ ଗମରା ଗନ୍ଧ । ବଳଦ ଆଉ ଗୋଡିର ଝାଳ ଗନ୍ଧ, ସାଇତା ପୁରୁଣା ଫସଲର ବାମ୍ପ, ପାଖଆଖର ଖତମୂତ, ଯୁଗଯୁଗର ଧୂଳ । ଏସବୁ ମିଶି ଜମିଦାରର ଧନଦଉଲତର ସୁବାସ ।"

"ଆଉ ଠିକ୍ ଜମିଦାରଙ୍କ ଘର ଦୁଇକଡେ ଥିଲା ଦୁଇଟି ପଲ୍ଲୀ । ଭଙ୍ଗା ଦଦରା ଘର ଭିତରେ ସଢୁଥିଲେ ହରିମାଖି ମଣିଷମାନେ । ପରିଛଣ ଉଡିଯାଇ ଠାଏ ଠାଇ ତୁଚ୍ଛା ଡାଙ୍ଗଗୁଡାର ପଞ୍ଜରା । ତଳେ ଫଟା କାନ୍ଥ । ଅଗଣାରେ କୁକୁଡା, କୁକୁର, ଘୁଷୁରୀ, ଅସନା, ଅପୋଛା ଅବର୍ଜା ପିଲାଙ୍କ କଳଗୋଳ । ସବୁବେଳେ କାନ୍ଦଣା, ଗରିବଙ୍କ ଘରକରଣା, ଯାହାର ଖାଇବାକୁ ଖାଦ୍ୟ ନାହିଁ, ପିନ୍ଧିବାକୁ ଖଦି ନାହିଁ । ସେଇ ଦାରିଦ୍ର୍ୟ, ପରୋକ୍ଷରେ ସାହୁକାରର ଶୋଭା ବଢାଏ ।"

ଆଶ୍ଚର୍ଯ୍ୟ, ଗାଁ ଯାକର ସବୁ କାଉ, ସବୁ କୁକୁର, ସବୁ ଘରଚଟିଆ, ସବୁ ମଣିଷ, ଛାରପୋକ ଓ ଅସରପା ସେହି ସାହୁକାରର ଘରେ । କେତେ ଲୋକ ଏଠାକୁ ଆସନ୍ତି, କଏ କାନରେ ସର୍ବସ୍ୱ ଅଳଙ୍କାର ପୁଡାଟିଏ ବାନ୍ଧି, କଏ କାଉଡି ଭାରରେ ଜିନଷପତ୍ର ଲଦେଇ, କଏ ବା ଖାଲି ହାତରେ ଆପଣାର ନୁଖୁରା ମୁଣ୍ଡାଟି କାନ୍ଧ ମଝିରେ ବୋହି, ଢାଲୁ ରାସ୍ତାରେ ରାଇଜ ଯାକର କେତେ ପଦାର୍ଥ ଗଡିଆସେ ସାହୁକାର ଘରକୁ ।

ଲାଗେ ଯେମିତି ଥୋଟାଗୁଡାରେ ଜଣେ ହିଁ ବାସ କରେ, ବାକି ସବୁ ମଣିଷ ପରି ଦିଶୁଥିବା ପୋକଜୋକ, ସାଲୁବାଲୁ ।

କ୍ରୀତଦାସମାନଙ୍କ ଜୀବନୀ ପଢ଼ିଛୁ । ଗୋତିପ୍ରଥା ପାଖାପାଖି ସେ ରକମର ଏକ ଚରମ ଅମାନୁଷିକ ପ୍ରଥା, ଯେଉଁଠି ମଣିଷଟିଏ ପଶୁଠାରୁ ମଧ୍ୟ ଅଧିକ ଦୟନୀୟ ଜୀବନ ବଞ୍ଚିବାକୁ ବାଧ୍ୟ ହୁଏ । ଥୋଟାଗୁଡାରେ ବି ରହୁଥିଲେ ସାହୁକାରର ଗୋଟିମାନେ, କଏ ଦଶବର୍ଷ, କଏ ତିରିଶି ବର୍ଷ ତ କଏ ସାରା ଜୀବନ ! ସାହୁକାରର ଘରଠୁ ଅଳ୍ପଦୂରରେ ଥିଲା ଗୋତିମାନଙ୍କ ଘର । ଶୁକୁଜାନ ଚାଲିଗଲା ପରେ ମାଣ୍ଡିଆ ଜାନ ଓ ଟିକ୍ରାଜାନ ଯେଉଁ ଗୋତି ଘରେ ରହୁଥିଲେ ତାର ସାମାନ୍ୟ ଝଲକ ଥିଲା ଏହିପରି –

“ଦି ଭାଇଙ୍କ ରହିବା ବଖୁରୀ ଗୋତି ଘରେ । ଛପର ସଢି ଯାଇଛି । କାନ୍ଥର ଉପରୁ ତଳକୁ ଚୂନପାଣି ପରି ବୋହି ଆସିଛି ଧାର ଧାର ସାପ ଗୁହ । ଓଳ ତଳେ ଲାଖି ଯାଇ ଖଣ୍ଡା ଖଣ୍ଡ ସାପକାତି, ପବନ ହେଲେ ଚାକ୍‌କନା ପରି ଫଡ୍ ଫଡ୍ ହୋଇ ପଦାକୁ ଉଡି ପଳାଏ । ଥରେ ଥରେ ନଥି କରି ସାପଗୁହ ମେଞ୍ଚାଏ ଖସେ । ଘର ଭିତରେ କଙ୍କଡା ବିଛା ଛୁଆ ସାଲୁବାଲୁ । ତଳଟା ଛତୁ ଫୁଟିଲା ପରି ବିରିବିରି, ହୁଙ୍କା ହେଇଛି ସେଇଠି ! ”

ସମୟର ଢେଉରେ ରାମ ବିଶୋଇର ଘର ଯାଇଛି, ଗୋତିମାନଙ୍କର ଘର ବି ଚାଲିଯାଇଛି ।

ଥୋଟାଗୁଡାର ଅତୀତ କଥା ଭାବୁଭାବୁ ଭିନ୍ନ ଏକପ୍ରତ୍ୟୟ ମନକୁ ପ୍ରଚଣ୍ଡ ରୂପେ ଆକ୍ରାନ୍ତ କରୁଥିଲା । ସତରେ ରାବଣମାନଙ୍କ ସୁବର୍ଣ୍ଣ ଲଙ୍କା କେବେ ଧ୍ୱଂସ ହୁଏକି? ନା ସେସବୁ ଥୋଟାଗୁଡାରୁ ଲକ୍ଷ୍ମୀପୁରରୁ ପୁଣି କୋରାପୁଟ ବା ଭୁବନେଶ୍ୱର ଚାଲିଯାଏ । କେବେ ଲୋପ ହୁଏନ । ବିଶ୍ୱ ନୟନ୍ତାଙ୍କ ସୃଷ୍ଟିକୁ ଅଟ୍ଟହାସ୍ୟ କରି, ବିଦ୍ରୁପ କରି ଦୁଇ ପ୍ରକାରର ମଣିଷ, ଦୁଇ ପ୍ରକାରର ଘର, ଦୁଇ ପ୍ରକାରର ଜୀବନ ସବୁବେଳେ ଚାଲିଥାଏ । କେତେବେଳେ କେଉଁ ରୂପରେ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଜୀବନ ଡାଏରୀ



ଡ. ଜ୍ଞାନେଶ୍ୱର ମିଶ୍ର

ଯେତେବେଳେ ପିଲା ଥିଲି
ଜଣା ନଥିଲା, ସାନ ବଡ, ଧନୀ ଗରିବ, ଜାତି ଅଜାତି ବିଗ୍ଭର ।
ମନଥିଲା ସହଜ ସରଳ, ହୃଦୟରେ ନଥିଲା ଗରଳ
ଢଳଢଳ, ସୁଶୀତଳ କଅଁଳ କୋମଳ
ଲାଗୁଥିଲା ସବୁକଛି ଏ ମାଟି ମା ର
ସେତେବେଳେ ଭାବୁଥିଲି –
କେମିତି ବଡ ହେବି, ସ୍ୱଇଚ୍ଛାରେ ଘୁରିବି, ବୁଲିବି
ସଂସାର ନାନା ରଂଗରେ ହୋରି ମୁଁ ଖେଳିବି

ସମୟ ସ୍ରୋତରେ ଆଶା, ନିରାଶା, ହା ହୁତାଶ ଏଡାଇ
ଯୌବନ ଢେଉରେ ପହଁରି ପହଁରି ଭାସିଲି
ଦୁଃଖ, କଷଣ ଧର୍ମ ଅଧର୍ମ ପାପପୁଣ୍ୟର
ହିସାବ କିତାବ ଟିକିନଖି ବୁଝିଗଲି ॥

ଭାବିଲି କେମିତି ବାର୍ଦ୍ଧକ୍ୟ କୂଳରେ ଲାଗିବି

ବିଶ୍ରାମ ମିଳବ, ହସି ଖୁସି, ଖେଳ ସମୟ କାଟିବି

ପୁଅ, ଝିଅ ନାତିଙ୍କ ସ୍ନେହ ଆଦରରେ ଜୀବନ ଜୀଇଁବି ॥

ବାର୍ଦ୍ଧକ୍ୟ ଘାଟରେ ଦେଖିଲି ପୁଅଝିଅ ନାତି

ଯେଝା ଯେଝା ବାଟରେ, ନାଟରେ ଘାଟରେ ଦଉଡ଼ା ଦଉଡ଼ି,

ବ୍ୟସ୍ତ, ବିବ୍ରତ ହେଲି, ଭାବିଲି କେମିତି ଯିବି ଅନ୍ୟ ଘାଟ ବାଘଟକୁ

ଆଉ ନଥିବ ରାସ୍ତା ଫେରିବାକୁ

ଜୀବନ ନାଟକର ଏସବୁ ଦୃଶ୍ୟ ଦେଖିବାକୁ

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁଲାଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁନ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ - vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଦାଦନ



ସନ୍ତୋଷ ପଟ୍ଟନାୟକ

ଯୁଗ ବଦଳଛି ଭେକ ବଦଳଛି
ବଢ଼ିଛି କର୍ମ ସଂସ୍ଥାନ
ଶିକ୍ଷିତ ବେକାରୀ ଅନ୍ୟ ରାଜ୍ୟ ଯାଇ
ପାଉଛନ୍ତି କଛି କାମ
ସରକାରୀ ବାବୁ ନେତା- ମନ୍ତ୍ରୀ ସବୁ
କହନ୍ତି ୟାକୁ ଦାଦନ
ବାସ୍ତବତା କନ୍ତୁ ଭିନ୍ନ
ଦାଦନର ଅର୍ଥ ସମ୍ପୁର୍ଣ୍ଣ ଅଲଗା
ଭାଷାକୋଷ କହେ ଆମ....

ଆମରି ଗଣମାଧମ
ପ୍ରଗ୍ଭର ପ୍ରସାର ଦାୟିତ୍ୱ ନଭାଏ
ଶ୍ରମ ଏଠି ହିନୀମାନ
ଅବିବେକ କଛି ତାଳ ଦେଉଛନ୍ତି
ବିଭ୍ରାନ୍ତ ହୁଅନ୍ତି ଜନ
ଯଦି ଉତ୍ସାହିତେ ନାହିଁ ତବ ମନ
ଦିଅକାହିଁ ଅପମାନ !

ବେସରକାରୀ ସଂସ୍ଥାର ଶ୍ରମିକ
ନୁହଁଇ କେବେ ଦାଦନ
ଇଏ ମାନସିକ ଅପମାନ....

ବାପ ସମ୍ପତ୍ତିରେ ଚଳବାଟା କେବେ
ହେଇ ନପାରେ ସମ୍ମାନ
ଜାଣିରଖ ସୁଧିଜନ
ନବୁଝି ବିଗୁରି ବୟାନ ବାଜିଟା
ଅବିବେକ ସନମାନ
ମାଲିକ ଶ୍ରମିକ ମଧ୍ୟରେ ମଧ୍ୟସ୍ଥି
କରିଥାଏ ଅର୍ଥ ଦାନ
ଶ୍ରମିକ ଆଗକୁ ମିଳବେନ କାଳେ
ଏଣୁ ଆଗୁଆ ଅର୍ଥ ଦାନ
ଚୁକ୍ତି ଭିତିକ ଏ ଶ୍ରମ
ଏହାକୁ କହନ୍ତି ଓଡିଆ ଭ୍ଷାରେ
ଦାଦନ ବୋଲିକ ଜାଣ....

ବେଗୁନଆପଡା ବ୍ଲକ୍, ତିରିଡା, ଗଞ୍ଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋ୍ଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭ୍ଷାର ଲୋ୍କପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସ୍ୱପ୍ନର ନାୟିକା



ପ୍ରଶାନ୍ତ କୁମାର ପଧାନ

ମୃଗ ପାଇଗଲ୍ ତା ଦେହେ କସ୍ତୁରୀ
ତୁଟିଗଲ୍ ତାର ଭ୍ରମ
ଲ୍‌ଜ ଭୁଲିଗଲ୍ ଲ୍‌ଜକୁଳୀ ଲତା
ଜହ୍ନରେ ଲ୍‌ଗିଲ୍ ଗ୍ରହଣ ।।
ମଙ୍ଗଳ ଗ୍ରହରେ ବରଷିଲ୍ ମେଘ
କନ୍ଦର୍ପ ଭୁଲିଲ୍ ରତିକ
ତୁମ ସୌନ୍ଦର୍ଯ୍ୟରେ ସବୁତ ସମ୍ଭବ
ଆକାଶ ବି ଛୁଏଁ ମାଟିକ ।।
ଇନ୍ଦ୍ରଧନୁ ପୁଣି ହୁଏତ ବେରଙ୍ଗୀ
ସପ୍ତରଙ୍ଗ ପଡେ ଫିକା
ତୁମରି ପାଦରେ ଅଲତା ହେବାକୁ
ଆକାଶକୁ ଦିଏ ଧୋକା ।।
ଆକାଶ ହର୍‌ଏ ନୀଳ ରଙ୍ଗ ତାର
ହୋଇଯାଏ ରଂଗହୀନ
ବାଦଲ କୋଳରେ ଢାଙ୍କି ହୋଇଯାଏ
ଦେଖି ତୁମ ଯଉବନ ।।
ରୂପସୀ ତୁମେ ଗୋ ସ୍ୱର୍ଗର ଅପ୍ସରୀ
ତୁଳନା ନାହିଁ ତୁମର
ତୁମେ ମୋ ପ୍ରେମିକା ସ୍ୱପ୍ନର ନାୟିକା
ସ୍ପନ୍ଦନ ଏ ହୃଦୟର ।।

ଗ୍ରାମ – ବୁଢ଼େମୁଣ୍ଡା, ଜିଲ୍ଲା - ବରଗଡ

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ ।)

## ପ୍ରଶ୍ନ - ୧୦ : ଗ୍ରହ ନକ୍ଷତ୍ରଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ କେତେକ ରତ୍ନ ଧାରଣ କରନ୍ତି । ରତ୍ନ ଧାରଣ ମଣିଷ ପାଇଁ କେତେଦୂର ହିତପ୍ରଦ?

## - ଉତ୍ତର-

- ଏ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ଅସମର୍ଥ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ପ୍ରଶ୍ନର ଉତ୍ତରରେ ସ୍ପଷ୍ଟ କରିଦିଆଯାଇଛି । ଅଧିକନ୍ତୁ ରତ୍ନ ଧାରଣ ଗ୍ରହ ଶାନ୍ତି ଆଦି ମହିମା ଧର୍ମରେ ନିଷେଧ କରାଯାଇଛି ଓ ଗୁରୁ ଆଜ୍ଞାନ ଅନୁସରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଏ ବିଷୟରେ ମଧ୍ୟ ମୁଁ ବିଶେଷ କିଛି ସଠିକ୍ ଭାବେ କହିପାରିବିନି ।

[ ଡ. ସଚ୍ଚି ରାଉତରାୟ]

- ଗ୍ରହ ନକ୍ଷତ୍ରଙ୍କ କୋପଦୃଷ୍ଟି ଏଡ଼ାଇବା ଲାଗି ରତ୍ନ, କବଚ, ତେଉଁରିଆ ଆଦିର ଆବଶ୍ୟକତା ଅନୁଭବ କରିଛି । ତେଣୁ ଏହାର ଧାରଣ ମଣିଷ ପାଇଁ ନିଶ୍ଚୟ ହିତପ୍ରଦ ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଶତ ଶତ ଘଟଣାରେ ଦେଖିଛି, ଜ୍ଞାନସମ୍ପନ୍ନ ଜ୍ୟୋତିଷୀଙ୍କ ପରାମର୍ଶ ଅନୁସାରେ ରତ୍ନ ଧାରଣ ହିତପ୍ରଦ ନୁହେଁ ହିତକର ହୋଇଥାଏ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋର ଏ ବିଷୟରେ ଧାରଣା ନାହିଁ । ବିଶ୍ୱାସ କରି ଲୋକେ ଏହା କରିଥାଆନ୍ତି ।

[ ଜଷ୍ଟିସ୍ ନବକୁମାର ଦାସ]

- ବିଲକୁଲ ଏହା ମିଥ୍ୟା ଓ ଅନ୍ଧବିଶ୍ୱାସ ଅଟେ ।

[ ପ୍ରଫେସର ରାଧାନାଥ ରଥ]

- କହିପାରିବି ନାହିଁ । ତେବେ ମୂଲ୍ୟବାନ୍ ଧାତୁର ଦ୍ରବ୍ୟଗୁଣକୁ ଅସ୍ୱୀକାର କରିପାରିବି ନାହିଁ । ତେବେ ବିପଦ ହେଉଛି - ଏ ସମ୍ପର୍କରେ କୌଣସି ବୈଜ୍ଞାନିକ ସିଦ୍ଧାନ୍ତ ନଥିବାରୁ ଅନେକେ ରତ୍ନ ଧାରଣ କରିବା ଘଟଣାରେ ଠକଯାଆନ୍ତି ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ଗ୍ରହମାନଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ରତ୍ନ ଧାରଣର ବ୍ୟବସ୍ଥା ରହିଅଛି । ତାହା ସଠିକ୍ ବିନିଯୁକ୍ତ ହେଲେ ଭଲ ଫଳ ମିଳେ, ନଚେତ୍ କ୍ଷତି କରେ । ସବୁ ଗ୍ରହର ଭିନ୍ନ ଭିନ୍ନ ରତ୍ନ । ନିର୍ଦ୍ଦିଷ୍ଟ ଯେଉଁ ଗ୍ରହର ପ୍ରଭାବ ମଣିଷ ଉପରେ ପଡ଼େ, ରତ୍ନର ପ୍ରଭାବ ବଳିଷ୍ଠ ହେଲେ ତାକୁ ଅବରୋଧ କରେ । ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଅସଲ ରତ୍ନ ମନୁଷ୍ୟର ଭିତରେ ଥାଏ । ଖୁବ୍ ସମ୍ଭବ ଅରତ୍ନମାନେ ହିଁ ଅନ୍ତଃପରିସ୍ଥିତି ଦ୍ୱାରା ବାଧ ହୋଇ ରତ୍ନ ଲୋଡ଼ିଥାଆନ୍ତି ।

[ ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ଗ୍ରହ ନକ୍ଷତ୍ରଙ୍କ କୋପଦୃଷ୍ଟି ଉପରେ ମୋର ଆଦୌ ବିଶ୍ୱାସ ନାହିଁ । ତେଣୁ ତା'ର ପ୍ରତିଷେଧକ ରତ୍ନ ଆଦିର ପ୍ରଶ୍ନ ଉଠୁନାହିଁ ମୋ ପାଇଁ ।

[ କିଶୋରୀ ଚରଣ ଦାସ]

- ଏ ବିଷୟରେ ମୋର କୌଣସି ଧାରଣା ନାହିଁ, ଅଥଚ କେହି କେହି 'ରତ୍ନ' ଧାରଣ କରିବା ଦେଖିଛି ।

[ ଡ. ମନ୍ମଥ ନାଥ ଦାସ]

- ମୁଁ କହିପାରିବି ନାହିଁ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ଏହାହିଁ ଲୋକଙ୍କର ବିଶ୍ୱାସ ଯେ କେତେକ ରିଷ୍ଟ ଖଣ୍ଡନ ହୁଏ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଏହା ବୋଧହୁଏ ଏକ ବ୍ୟବସାୟିକ ଇନ୍ଦ୍ରଜାଲ । ଯଦି ଏହା ବିଶେଷ ଫଳପ୍ରଦ ହେଉଥାଆନ୍ତା ତେବେ ଧନ କୁବେରମାନେ ଗ୍ରହ ନକ୍ଷତ୍ରଙ୍କ ବକ୍ର ଦୃଷ୍ଟିରେ ଆଦୌ ପଡ଼ନ୍ତେ ନାହିଁ ।

[ ପ୍ରଫେସର ପଠାଣି ପଟ୍ଟନାୟକ]

- ପ୍ରକୃତ ରତ୍ନ ଚିହ୍ନି ଧାରଣ କଲେ ଫଳ ମିଳେ ।

[ ଡ. ଲିଙ୍ଗୁକେଶ୍ୱର ଶତପଥୀ]

- ରତ୍ନ ଧାରଣ ଏବଂ ସେଥିରେ ଗ୍ରହ ଶାନ୍ତିରେ ମୋର ବିଶ୍ୱାସ ନାହିଁ ।

[ ହରିହର ବାହିନୀପତି]

- ରତ୍ନ ଧାରଣ ମଧ୍ୟ ଫଳିତ ଜ୍ୟୋତିଷ ଗ୍ରନ୍ଥରେ ସ୍ଥାନ ପାଇଛି । କେଉଁ ରତ୍ନ କେଉଁ ଗ୍ରହର କୋପ ଶାନ୍ତ କରେ ତାହା ସ୍ପଷ୍ଟ ଭାବେ ଲେଖା ଅଛି । ଯନ୍ତ୍ର ମନ୍ତ୍ର କବଚ ଇତ୍ୟାଦିର ପ୍ରଭାବ ଅବଶ୍ୟ ଅଛି । ଲୋକେ ଧାରଣ କରି ଫଳ ବି ପାଉଛନ୍ତି ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ଏଥିରେ ଯେଉଁମାନଙ୍କର ବିଶ୍ୱାସ ଅଛି ସେମାନେ ତାହା କରନ୍ତୁ । ମାତ୍ର ସମସ୍ତଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ମୁଁ ଏ ପର୍ଯ୍ୟନ୍ତ ଏ ଦୃଷ୍ଟିରୁ କୌଣସି ରତ୍ନ ଧାରଣ କରିନାହିଁ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ଏହା ମଧ୍ୟ ଭାଗ୍ୟ । କାହାଦ୍ୱାରା ସେ କେଉଁ ରତ୍ନ ପାଇବ ଏବଂ ସେ ରତ୍ନ ତା'ର ସାହାଯ୍ୟରେ ଆସିବ ତାହା ମଧ୍ୟ ପୂର୍ବରୁ ସ୍ଥିରୀକୃତ ହୋଇଛି ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ରତ୍ନ ଧାରଣର ଗ୍ରହ ନକ୍ଷତ୍ରଙ୍କ କୋପ ସହିତ କୌଣସି ସମ୍ପର୍କ ନାହିଁ । ଗ୍ରହ ନକ୍ଷତ୍ର ପ୍ରାଣହୀନ ବସ୍ତୁ - ଏହାର କୋପ ଆସିବ କେଉଁଠୁ?

[ ଗିରିଜା ଭୂଷଣ ପଟ୍ଟନାୟକ]

- ଅଷ୍ଟମ ପ୍ରଶ୍ନର ଉତ୍ତର ଦେଖନ୍ତୁ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଏ ବିଷୟରେ ମୋର କୌଣସି ପ୍ରତ୍ୟକ୍ଷ ଜ୍ଞାନ ନାହିଁ ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ହୀରା ନୀଳା ପ୍ରଭୃତି ରତ୍ନ ମଣିଷର ହିତ ସାଧନ କରେ । ପୁଣି କ୍ଷତି ମଧ୍ୟ କରିଥାଏ ବୋଲି ମୁଁ ଶୁଣିଛି । ମୁଁ କର୍ମରେ ବେଶୀ ବିଶ୍ୱାସ କରେ । ତେଣୁ ନିଜେ ସେସବୁ ପରୀକ୍ଷା କରିନାହିଁ ।

[ ଡ. ରେଖା ମହାନ୍ତି]

- ଏ ବିଷୟରେ ମୋର କୌଣସି ଅଭିଜ୍ଞତା ନାହିଁ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ସାଧାରଣ ସ୍ତରରେ ରତ୍ନଧାରଣ ହିତପ୍ରଦ ଏବଂ ଅନେକ କ୍ଷେତ୍ରରେ ଭୁଲ ନିର୍ବାଚନ କିମ୍ବା ଅପପ୍ରୟୋଗ କରାଗଲେ ଏହା ଅନେକ ବିପଦ ସୃଷ୍ଟି କରିପାରେ ମଧ୍ୟ । ଏଥି ପାଇଁ ସଦଗୁରୁଙ୍କ ନିର୍ଦ୍ଦେଶ ମାନି ଚଳିବା ଉଚିତ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- କହିବା କଷ୍ଟକର । ଭଗବତ୍ ବିଶ୍ୱାସ ସବୁଠାରୁ ଅମୋଘ ବ୍ୟବସ୍ଥା ଓ ସର୍ବଶ୍ରେଷ୍ଠ 'ରତ୍ନ' ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ବ୍ୟକ୍ତିଗତ ଅଭିଜ୍ଞତା ନାହିଁ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ରତ୍ନ ଧାରଣ କରିବା ଦ୍ୱାରା ମନୁଷ୍ୟ ଗ୍ରହନକ୍ଷତ୍ରଙ୍କ ପ୍ରାଦୁର୍ଭାବରୁ ସମ୍ପୂର୍ଣ୍ଣ ରକ୍ଷା ପାଇପାରେ ନାହିଁ । ଯେପରି ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ କିମ୍ବା ବର୍ଷା ଦାଉରୁ ରକ୍ଷା ପାଇଁ ମନୁଷ୍ୟ ଛତା ବ୍ୟବହାର କରେ, ସେଇଭଳି ରତ୍ନ ଧାରଣ ଦ୍ୱାରା ସେ ଗ୍ରହନକ୍ଷତ୍ରଙ୍କ କବଳରୁ ଅନେକ ପରିମାଣରେ ରକ୍ଷା ପାଏ । ଗ୍ରହ ନକ୍ଷତ୍ରର କୋପଦୃଷ୍ଟି ଅଧିକ ଥିଲେ ରତ୍ନ ଧାରଣ ଦ୍ୱାରା ତାହା କିଞ୍ଚିତ୍ ଲାଘବ ହୁଏ । ପ୍ରତ୍ୟେକ ଗ୍ରହ ପାଇଁ ଏକ ଏକ ନିର୍ଦ୍ଦିଷ୍ଟ ରତ୍ନ ବା ଏକାଧିକ ରତ୍ନ ପରିଧାନ କରିବାକୁ ହୋଇଥାଏ ଏବଂ ଉପଯୁକ୍ତ ମଣି ବା ପ୍ରସ୍ତର ଧାରଣ କଲେ ଗ୍ରହ ବାଧା ଉପଶମ ହେବାର ଦୃଷ୍ଟାନ୍ତ ବହୁ କ୍ଷେତ୍ରରେ ଦେଖିବାକୁ ମିଳେ ।

[ ଡ. ରତ୍ନାକର ସାହୁ]

- ବିଶ୍ୱାସ ନାହିଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ମାନସିକ ଦୁର୍ବଳତାରୁ ରକ୍ଷା ପାଇବା ପାଇଁ ଏହା ଏକ ଉପାୟ । ନିର୍ଦ୍ଦିଷ୍ଟ ସୁଫଳ ନାହିଁ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ରତ୍ନର ପ୍ରଭାବ ରହିଛି । ମାତ୍ର ଏହ ଶୁଦ୍ଧ, ନିଖୁଣ, ଖାଣ୍ଟି ହୋଇଥିଲେ ଏବଂ ଠିକ୍ ଭାବରେ ଗ୍ରହନକ୍ଷତ୍ର ଦେଖି ତା'ର ନିର୍ଦ୍ଧାରଣ କରାଯାଇଥିଲେ ତାହା ନିଶ୍ଚୟ ସୁଫଳ ଦେବ । ମାତ୍ର ଆଜିକାଲି ଅସଲି ରତ୍ନ ମିଳିବା କଷ୍ଟକର ହୋଇପଡ଼ିଛି ଏବଂ ତା' ସ୍ଥାନରେ କୃତ୍ରିମ ରତ୍ନର ବ୍ୟାପକ ବ୍ୟବହାର ଏହି ରତ୍ନବିଜ୍ଞାନ ପ୍ରତି ଲୋକଙ୍କ ଅବିଶ୍ୱାସ ଆଣିବା ଆରମ୍ଭ କଲାଣି ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ପ୍ରକୃତ ଗଣନା ନିର୍ଭୁଲ ହେଲେ ରତ୍ନ ଧାରଣ ନିରାପଦ । ଏହା ହେଉଛି ମାନସିକତା। ଦୃଢ଼ ମନୋବଳ ଥିଲେ କୌଣସି ରତ୍ନ ଧାରଣ କରିବା ଆବଶ୍ୟକ ନାହିଁ ।

[ ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ]

- ଏହା ବ୍ୟକ୍ତିର ଦୃଢ଼ତା ଓ ବିଶ୍ୱାସ ଉପରେ ନିର୍ଭର କରେ । ଆଚରଣ ଥିବା ଦରକାର । ରତ୍ନ ଆଚରଣ ପଦାର୍ଥ । ପୂର୍ଣ୍ଣ ହିତପ୍ରଦ ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ମୁଁ ଏଥିରେ ବିଶ୍ୱାସ କରେନି ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଗ୍ରହ ନକ୍ଷତ୍ରଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ରତ୍ନ ଧାରଣ ଏକ କୁସଂସ୍କାର । ରତ୍ନ ଧାରଣ ଦ୍ୱାରା ମନୁଷ୍ୟ ଉପରେ ଗ୍ରହ ଓ ନକ୍ଷତ୍ରର ପ୍ରଭାବକୁ ନିୟନ୍ତ୍ରଣ କରାଯାଇ ନ ପାରେ । ସୁତରାଂ ରତ୍ନ ଧାରଣ କେତେଦୂର ହିତପ୍ରଦ ଏହା ବିଚାର୍ଯ୍ୟ ।

[ ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ରତ୍ନ ବେପାରୀମାନେ ଗ୍ଭଲାକ ଲୋକ । ସେମାନେ ବୁଦ୍ଧିହୀନ ଧନୀ ଲୋକଙ୍କ ସହିତ କାରବାର କରନ୍ତି । ରତ୍ନ ସହିତ ଭାଗ୍ୟର ସମ୍ପର୍କ ନାହିଁ ।


[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ରତ୍ନ ଧାରଣକୁ କେତେକ ହିତପ୍ରଦ ବୋଲି ଅଭିହିତ କରିଛନ୍ତି । ଖ୍ରୀଷ୍ଟ ଓ ଇସଲାମ୍ ଧର୍ମୀମାନେ ଏଥିରେ ବିଶ୍ୱାସ ରଖିନାହାନ୍ତି । ପଠାଣି ପଟ୍ଟନାୟକଙ୍କ ମତରେ ଏହା ଏକ ବ୍ୟବସାୟିକ ଇନ୍ଦ୍ରଜାଲ । ସେ କହିଛନ୍ତି ଯେ ଯଦି ଏହା ବିଶେଷ ଫଳପ୍ରଦ ହେଉଥାଆନ୍ତା ତେବେ ଧନ କୁବେରମାନେ ଗ୍ରହ ନକ୍ଷତ୍ରଙ୍କ ବକ୍ରଦୃଷ୍ଟିରେ ଆଦୌ ପଡ଼ନ୍ତେ ନାହିଁ । ଗିରିଜା ଭୂଷଣ ପଟ୍ଟନାୟକ ମତ ଦେଇ କହିଛନ୍ତି ଯେ ରତ୍ନ ଧାରଣର ଗ୍ରହ ନକ୍ଷତ୍ରଙ୍କ କୋପ ସହିତ କୌଣସି ସମ୍ପର୍କ ନାହିଁ । ଗ୍ରହ ନକ୍ଷତ୍ର ପ୍ରାଣହୀନ ବସ୍ତୁ - ଏହାର କୋପ ଆସିବ କୁଆଡୁ? ସେହିପରି ଗୌରୀକୁମାର ବ୍ରହ୍ମା ମତ ପ୍ରଦାନ କରି କହିଛନ୍ତି ଯେ ଶତ ଶତ ଘଟଣାରେ ସମ୍ପୂର୍ଣ୍ଣ ଦେଖିଛନ୍ତି, ଜ୍ଞାନସମ୍ପନ୍ନ ଜ୍ୟୋତିଷଙ୍କ ପରାମର୍ଶ ଅନୁସାରେ ରତ୍ନ ଧାରଣ ହିତପ୍ରଦ ନୁହେଁ, ହିତକର ହୋଇଥାଏ । ଜନୈକ ସାଧୁ କେଶବ ଚନ୍ଦ୍ର କହିଛନ୍ତି ଏହା ବ୍ୟକ୍ତିର ଦୃଢ଼ତା, ବିଶ୍ୱାସ ଓ ଆଚରଣ ଉପରେ ନିର୍ଭର କରେ । ଏହି ଭାବରେ ନାନା ମୁନିଙ୍କ ନାନା ମତ । କାହାକୁ ଆପଣ ଗ୍ରହଣ କରିବେ ଓ ନ କରିବେ ତାହା ଅଧିକ ଆଲୋଚନାସାପେକ୍ଷ। ଏ ବିଷୟରେ ମଧ୍ୟ ବିଶ୍ୱାସ ଅବିଶ୍ୱାସ ଦେଇ ଆମ୍ଭେ ଗତି କରୁଥିବାର ଫଳ ସଦୃଶ । ବାସ୍ତବରେ ଏହା ଜ୍ୟୋତିଷର ଅନ୍ତର୍ଗତ ହୋଇଥିବାରୁ ଏହା ଅନ୍ୟ ଏକ ଭିତ୍ତିହୀନ କଥା ପରି ମନେହୁଏ ।

( ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା।
ଦୂରଭାଷ – 9861145687

# ବୈଶାଖର କୋପ



ନବେଦିତା ମହାପାତ୍ର

ପ୍ରଚଣ୍ଡ ହୋଇଲାଣି ଦେଖ ତପନ କରଣ
ଝାଞ୍ଜି ପ୍ରବାହନେ ତନୁକୁ ଲାଗଇ କଷଣ।
ପଥଶ୍ରମ ବାଟୋଇକୁ ମିଳଇ ନାହିଁ ଛାୟା
ଲୁପ୍ତ ପ୍ରାୟ ହୋଇଗଲାଣି ମହାଦ୍ରୁମ କାୟା।
ଆକାଶ ବକ୍ଷରେ ଭରି ମେଦୁର ମେଘମାଳା
କାଳ ବୈଶାଖୀ ରଚେ ଧ୍ୱଂସର ତାଣ୍ଡବ ଲୀଳା।
ରୌଦ୍ର ସନ୍ୟାସୀ କରି ରୁଦ୍ର ରୂପକୁ ଧାରଣ
ଅଂଶୁଘାତରେ ହରି ଥାନ୍ତି ପ୍ରାଣୀଙ୍କ ପରାଣ।
ସଲିଳ ଧାର ପାଇଁ ଜନେ ହୁଅନ୍ତି ବିକଳ
ତୃଷା ନବାରଣ ପାଇଁ ମିଳଇ ନାହିଁ ଜଳ।
ନର୍ଜନ ପ୍ରହରେ ଝିଙ୍କାରୀ କଣ୍ଠର ବିଳାପ
ପ୍ରକାଶିତ କରେ ଧରାରେ ବୈଶାଖର କୋପ।
ଉଦାସୀନ ନଦାଘରେ ପୁଷ୍ପହୀନ ବନାନୀ
ସୃଷ୍ଟି କରେ ବ୍ୟଥାର ଦୁର୍ଦ୍ଦମ ଆବେଗ ଧ୍ୱନୀ।
ନଭରୁ ବର୍ଷି ଆଦିତ୍ୟଙ୍କ ଲେଲିହାନ ପ୍ରଭା
ହରାଇଛି ମେଦିନୀ ଶ୍ୟାମଳମା ବର୍ଣ୍ଣବିଭା।
ପ୍ରାଣହୀନ ସାଜିଛନ୍ତି ପାଦପ ଦୁର୍ବାଦଳ
ଭସ୍ମିଭୂତ ହୋଇଗଲାଣି ଗିରି- ବନ- ମାଳ।
ଦାରୁଣ ଗ୍ରୀଷମ ବୁଝେନା କେବେ ତା ଭାବନା
ତାପକ୍ଲିଷ୍ଟ ଅବନୀ ସହେ କେତେ ଯେ ଯାତନା ॥

ମୁକୁନ୍ଦ ମିଶ୍ର ନଗର, ପୁରୀ

# କାହାଣୀ ଲେଖୁଛି



କାର୍ତ୍ତିକ ପାଣିଗ୍ରାହି

ଚାରି ପଟେ ଏକ ଖାଁ ଖାଁ
ଶୂନ୍ୟତାର ରାଜୁତି
ସବୁ କଛି ଥାଇ ବି ଏକ
ଅସହାୟତା ର ଅନୁଭୂତି
ବାତ୍ୟା ପୂର୍ବର ନିରବତାକୁ ବି ବଳ ଯାଇଛି
ବାତ୍ୟା ପରର ନିସ୍ତବ୍ଧତା .....
ସବୁରି ଆଖିରେ ନୂଆ ଏକ ପ୍ରଶ୍ନବାଚୀ
ଅତୀତ କଥା ଭାବିଲେ ଦେହରେ ଏକ ଶିହରଣ ଭରିଦେଉଛି
ଭବିଷ୍ୟତର ଭାବନା
ମନରେ ଏକ ଅନିଶ୍ଚିତ ଡରକୁ ଜନ୍ମ ଦେଉଛି
ବର୍ତ୍ତମାନର ଅସହ୍ୟ ପରିସ୍ଥିତି
ମରି ମରି ବଞ୍ଚିବାକୁ ବାଧ କରୁଛି
ଚାରିପଟେ ଏକ ଅଜଣା ଭୟର ପରିବେଶ,
ସମସ୍ତଙ୍କ ଆଖିରେ ସମସ୍ତଙ୍କ ପ୍ରତି ଏକ ଅଜଣା ଅସୁୟା ଭାବ,
ସମସ୍ତେ ଆଜି ସମସ୍ତଙ୍କର ପ୍ରତିଦ୍ୱନ୍ଦୀ
ଚାରିଆଡେ ଖାଲି
ଦିଅ ଦିଅ ଆମକୁ ଦିଅ ର କୋଳାହଳ
ଥିଲା ବାଲାର ବି ନଥିଲା ବାଲାର ବି
ବଞ୍ଚିବାର ସଂଘର୍ଷରେ ଆଜି
ସମସ୍ତେ ନିଜର ନିଜତ୍ୱକୁ ବି ମାରିବାକୁ ସାଲିସ କରି ସାରିଲେଣି ।
"ମଣିଷ ହାରିବା ଶିଖିନି "

"ପରିସ୍ଥିତି କୁ ଛାଡିବା ଶିଖିନ"
ଏସବୁ କଥା ଆଜି କାହାଣୀ ଲାଗୁଛି
ତଥାପି ନୂଆ ଏକ କାହାଣୀ ଲେଖୁଛି
ମୁଣ୍ଡ ଉଠାଇ ପ୍ରକୃତି କୁ କାଟିବା ବଦଳରେ,
ମଥାନତ କରି ତା ସୌନ୍ଦର୍ଯ୍ୟକୁ ସ୍ୱାଗତ କରିବାର କାହାଣୀ ଲେଖୁଛି,
ପୁଣି ଥରେ ନିଜକୁ ମଣିଷ ପରି ଗଢିବାର
କାହାଣୀ ଲେଖୁଛି,
ନିଜେ ନିଜକୁ ସାଉଁଟିବାର
କାହାଣୀ ଲେଖୁଛି
ମାଳକାର ଅଭେଦ୍ୟ ଆପ୍ତ ବାକ୍ୟ
"ମୁଁ ମଲେ ମୋତେ ପାଇବୁ" ର
କାହାଣୀ ଲେଖୁଛି.....

ବ୍ରହ୍ମପୁର, ଗଞ୍ଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଅବଶୋଷ



ସିଦ୍ଧେଶ୍ୱର ତ୍ରିପାଠୀ

ସମୟ ସାଥୀରେ  ଚାଲିଯିବି ଦୂରେ
ମୋ ଜୀବନ ହେବ ଶେଷ
କେହି ନଜାଣିଲେ ତୁତ ଜାଣିବୁ
ମୋ ମନର ଅବଶୋଷ ।

ମିଛ ହସ ପଛେ ଲୁଚରହିଥିବା
ମୋ ଆଖିର ଯେତେ ଲୁହ
ତୁ ଗଲ୍ ପରେବି ଏଯାଏଁ ତୁଟିନ
ମଉଳା ମନର ମୋହ ।

ଫୁଲେଇଲେ୍ ତୋର ପଦିଏ କଥାରେ
ସବୁ ହେଲ୍ ସର୍ବନାଶ
ସମୟ ସାଥୀରେ ଚାଲିଯିବି ଦୂରେ
ମୋ ଜୀବନ ହେବ ଶେଷ ।

ଦରପୋଡା ମନ ହଜିଲ୍ ସପନ
ମୋତେ ନତି ଜାଳୁଥିବ
ସେଇ ଦହନରୁ ମୁକତି ପାଇବି
ଦେହ ଯେବେ ଜଳଯିବ ।

ନୂଆ ଠିକଣାରେ ଥାଉ ଖୁସିରେ
ଓଠରେ ଥାଉ ତୋ ହସ
ସମୟ ସାଥୀରେ ଚାଲିଯିବି ଦୂରେ
ମୋ ଜୀବନ ହେବ ଶେଷ ।

କବିର ଘର,  କୁଣ୍ଡିଲୋ,  କେରଙ୍ଗ ଖୋର୍ଦ୍ଧା

# ଜେଜେ....



ସୁବଳ ମହାପାତ୍ର

-- ଆରେ ହଁ, ତମେ ଗ୍ଲ, ମୁଁ ଏଇଟା ଟାଇଟ କରି ଦେଇ ଆସୁଛି...

-- ହେଃ...ନା ମ, ତୁ ବୁଢା ଲୋକଟା, ଖୁଣ୍ଟି ରୁ ପଡି ପୁଡା ଯିବୁକ କଣ, ଆମେ ତୋତେ ଏକା ଛାଡି କେମିତି ଯିବୁ? ?

-- କଣ କହିଲୁ? ? ଆରେ ମୁଁ ପସ୍ତ ତିରିଶି ବର୍ଷ ହେଲାଣି ଖୁଣ୍ଟରେ ଚଢି ଏ ଇଲେକ୍ଟ୍ରି କାମ କରୁଛି, ଆଜିଯାଏଁ କଛି ହେଲାନ ଆଉ ଆଜି ହେଇ ଯାଉଛି। ଗ୍ଲ ଗ୍ଲ, ତମେ ସେ ଆର ଖୁଣ୍ଟି ରେ ପହଞ୍ଚ । ସେପଟେ କେତେ ଲୋକ ଅନ୍ଧାର ରେ ଅଛନ୍ତି, କେତେ ଅସୁବିଧା ରେ ଚଲୁଛନ୍ତି, ଶୀଘ୍ର ଶୀଘ୍ର ହାତ ଚଲାଅ, ଆଜି ଯାହା ହେଲେବି ଏଇ ସହିଦନଗର ଏରିଆ ଟା ସାରିବାର ଅଛି। ( ମୋ ନାତି ସିଆଡେ ପାଣି ଟିକେ ପାଇଁ ଅସ୍ତ୍ୱାଳ ହେଉଥିବ... କେହି ନଶୁଣିଲା ପରିକା ଏ ପଦଟି କହିଲା ସେ...)

-- ହଉ...ଦନଆଁ ନା, ତୁ ଆସେ ତେବେ....ଆମେ ଯାଉଛୁ...

-- ହଁ ହଁ....

ଇଲେକ୍ଟ୍ରି ଖୁଣ୍ଟି ଉପରେ ଚଢିଥିବା ଦନଆଁ ଏବେ ନଟ ଗୁଡିକୁ ଟାଇଟ କରିବାରେ ମନ ଦେଲା। ସମୟ ମଧାହ୍ନ ଟପି ଗଲାଣି, ଆର ଖୁଣ୍ଟିଟା ସରିଲେ ଯିବେ ଖାଇବାକୁ, ତଳକୁ ଓଲ୍ହେହିଲେ ପାଣି ଟିକେ ପିଇବ ସେ, ଶୋଷ କେତେବେଳୁ ହେଲାଣି ଯେ...ଏଇଟା ସାରି ପାଣି ପିଇବ ବୋଲି ଭ୍ବିଥିଲା ସେ..ହଉ, ତଳକୁ ଯାଏଆଗ....ନଟ ସବୁ ଟାଇଟ କରି ସାରି ରେଞ୍ଚୀ ସବୁ ବ୍ୟାଗ ରେ ରଖି ତଳକୁ ଓଲ୍ହେହିବାକୁ ବାହାରିଲା ବେଳକୁ, ଖୁଣ୍ଟି ଉପରେ ବସି ଗ୍ରରି ଆଡକୁ ଗ୍ରହିଁଲା ସେ।

ଆଃ..ଏଇ ଖୁଣ୍ଟ ଉପରୁ ପୁଚ୍ଚ ସହିଦନଗର କୁ ଦେଖି ପାରୁଥିଲା ସେ। ଗଛ ସବୁ ଅସ୍ତବ୍ୟସ୍ତ, ଘ୍ଦଳ କ ଆଜବେଷ୍ଟସ ଘର ସବୁ ଭାଙ୍ଗି ଚୁରମାର। ଉଠା ଦୋକାନ କଥା ନ କହିବା ଭଲ, କେବିନ ର ବି ଛପର ଉଡି ଯାଇଛି, ସବୁ ଭଙ୍ଗା ଭଂଗି ଜିନଷ ରେ ଭୁବନେଶ୍ୱର ଆଜି ଭର୍ତ୍ତି। କେତେ ଉଠେଇବେ? ବାତ୍ୟା ର ପାଞ୍ଚଦିନ ଯାଏଁ ଇଲେକ୍ଟ୍ରି ଆସି ପାରିନ ଲୋକମାନେ କେତେ ହଇରାଣ ହେଉଛନ୍ତି, ପାଣି ଟୋପେ ପିଇବାକୁ ମିଳୁନ, ଗାଧୋଇବା କଥା କିଏ ପଗ୍ଦରେ? ଖାଇବାକୁ କିଛି ନାହିଁ। ନାହିଁ ନାହିଁ ର ସଂସାର ଏଭିତରେ ଘ୍ଦରିଦିନ ହେଲା ଘ୍ଦଲିଲାଣି। ହଠାତ ସେ ଦେଖିବାକୁ ପାଇଲା ଦଶ/ ଏଗାର ବର୍ଷ ର ଛୁଆଟିଏ ତା ମା ସହ ବାଲଟି ଧରି ମନ୍ଦିର ପାଖ ନଳକୂଅ ଆଡକୁ ଯିବାର । ଏଇଟା ତା ମୁନା କି? ବୋହୁପିଲା ସହ ଯାଉଛି ବୋଧେ। ତା ଆଖି ଆଗରେ ନାଚ ଯାଉଥିଲା ତିନବର୍ଷ ତଳେ ଦେଖିଥିବା ତା ନାତି ର ଚନ୍ଦ୍ର....

* * * *

ବାତ୍ୟା ଆସିବ ବୋଲି ରେଡ଼ିଓ ରୁ ଶୁଣିଥିଲା ସେ। ତାମିଲନାଡୁ ପାଖାପାଖି କେଉଁଆଡ଼େ ଗୋଟେ ଜାଗା ପାଖରୁ କିଛି ଦୂରରେ ସମୁଦ୍ର ଭିତରେ ଥିଲା । ରେଡ଼ିଓ ରେ ଘନ ଘନ ପ୍ରଘ୍ଦର କରୁଥିଲା ଏ ବିଷୟରେ। ଦିନେ ପରେ ଶୁଣିଲା ବାତ୍ୟା କୁଆଡେ ସେପଟ ଛାଡି ଆମ ପୁରୀ ଆଡେ ମୁହେଁଇଁଲାଣି। ପିଟି ହେବ ପୁରୀ ପାଖରେ। ଆସ୍ତେ ଆସ୍ତେ ବାତ୍ୟା "ଫନି" ପୁରୀ ପାଖାପାଖି ପହଞ୍ଚୁଥିଲା, କିନ୍ତୁ ଦନଆଁ ର ମନ କେମିତି କେମିତି ଗୋଟେ ଅଜଣା ଆତଙ୍କ ରେ ପୁରି ଯାଉଥିଲା। ରାଜଧାନୀ ରୁ ୨୦୦ କିଲୋମିଟର ଦୂରରେ ତା ଗାଁ ଆଡେ ବାତ୍ୟା ଆସିବାର ନଥିଲେ ବି ଭୁବନେଶ୍ୱର ଆଡେ କାଳେ ପ୍ରଭାବ ପଡିବ ବୋଲି ଶୁଣି ପୁଅଟା ପାଇଁ ମନ କେମିତି ଡହଳ ବିକଳ ହେଉଥିଲା।

ବାତ୍ୟା ଆସିଲା ଆଉ କ୍ଷୟ କ୍ଷତି କରି ଦେଇଗଲା ପୁଚ୍ଚ କଟକ, ଭୁବନେଶ୍ୱର, ପୁରୀ ରା ନା, ଆଉ ନୁହେଁ। ରେଡ଼ିଓ ରୁ ଘନ ଘନ ସମ୍ବାଦ ଭୁବନେଶ୍ୱର ବିଷୟରେ ଶୁଣି ଶୁଣି ଧୈର୍ଯ୍ୟ ଧରି ରହି ପାରୁ ନଥିଲା ସେ। ବହୁତ ଭାବି ଭାବି ସକାଳୁ ସକାଳୁ ବୁଢ଼ୀ କୁ କହିଲା ସେ, "ଏଇ, ମୁଁ ଟିକେ ଭୁବନେଶ୍ୱର ଆଡୁ ଯାଇକି ବୁଲି ଆସିବି କି? ଆମ ଟୁନା ଟା କେମିତି ଥିବ ସେଠି, ଟିକେ ଦେଖି ଆସନ୍ତି।"

ମନ ଉପରେ ନ ଦେଖେଇଲେ ବି ବୁଢ଼ୀ ଗୁହୁଁଥିଲା ଏ କଥା। ମନେ ମନେ ଭାବିଲା ପୁଅ ତିନବର୍ଷ ହେଲା ଗାଁ କୁ ଆସିନ। ନାତି କେତେ ବଡ ହୋଇ ଯିବଣି। ଏ ଅସୁବିଧା ସମୟରେ ଗାଁ କୁ ପଳେଇ ଆସିବା କଥା ନୁହେଁ। ନା, ବୋହୂ ତ ଶାଶୁ ସହ କଳ ହେଇ କ ଯାଇଛି ଯେ ଯାଇଛି, ସେଦିନୁ ଆଉ ଆସୁନ। ବୋହୂ ତ ବୋହୂ, ପୁଅ ବି ଆଉ ଆସୁନ। କନ୍ତୁ ଏ ଅସମୟରେ ବାପା ମା ହିସାବରେ ଆମେ ତ ତାଙ୍କ ପାଖରେ ଠିଆ ହେବା କଥା।

ବୁଢ଼ୀକୁ ଚୁପ ରହିବାର ଦେଖି, ପୁଣି କହିଲା ସେ, "ଆମେ ତାଙ୍କ ଉପରେ ରାଗିଲେ ଚଳବ କ? ସେମାନେ ତ ବଡ ଛୁଆ, ମୋ ନାତିଟି ଏ ଗରମ ରେ ବିନା ପାଣିରେ କେମିତି ରହୁଥିବ? ମୁଁ କାଲି ଯାଇ ଡାକ ଆଣୁଛି ତାଙ୍କୁ। କଣ କହୁଛୁ? "

ଦି ଦି ଥର ବୁଢାକୁ କହିବାର ଦେଖି ବୁଢ଼ୀ ଆଉ କୋହ ସମ୍ଭାଳ ପାରିନଥିଲା। ଆଖିରୁ ଲୁହ ପୋଛିବୁଢା ନେବ ବୋଲି ଗ୍ଡଉଳ, ଚୁଡା, ବାରି କଦଳୀ, ବାଇଗଣ ପୁଂଜାଏ, ଆଳୁ ଗଣ୍ଡେ, କଖାରୁ ଖଣ୍ଡେ ଆଉ ଆଉ ପନପରିବାରୁ ଗଣ୍ଡେ ଲେଖା ବାନ୍ଧି ବ୍ୟାଗ ରେ ଭରି ବୁଢା ହାତକୁ ବଢ଼େଇ ଦେଲା। କହିଲା, "ଆଜି ଯାଇ ଆଜି ନହେଲେ କାଲି ସକାଳୁ ସକାଳୁ ନେଇ ଆସିବ ସେମାନଙ୍କୁ। ଗଣ୍ଡେ କଣ ବାନ୍ଧି ଦେଇଛି, ସେଠି ମିଳୁ ନଥିବ କଛି"। ଶୀଘ୍ର ଆସିବ...

ବୁଢା ଭୁବନେଶ୍ୱର ଆସି ଦେଖେ ତ ପୁଅ ଦି ବର୍ଷ ହେଲା ଘର ବଦଳେଇ ସାରିଛି। ଏବେ କୁଆଡେ ଯାଇଛନ୍ତି ବୋଲି ପଗ୍ଚରିବାରୁ ଘର ମାଲିକ କହିଲା, ସେ ସହିଦନଗର ରେ ଘର ନେଇଛନ୍ତି ବୋଲି କହୁଥିଲେ, କେଉଁଠି ମୁଁ ଜାଣିନ। ସେଦିନୁ ବୁଢା ଆଉ ଘରକୁ ନ ଫେରି କଣ କରିବ ବୋଲି ଭାବି ଭାବି ବାଟ ଗ୍ଚଲୁ ଗ୍ଚଲୁ ସହିଦନଗର ରେ ଆସି ପହଁଚିଲା। କନ୍ତୁ ଖୋଜିବ କେଉଁଠି? ? ଏ ବାତ୍ୟା ରେ ଲୋକଙ୍କ ର ଯାହା କ୍ଷତି ହୋଇଛି, କଏ ଘର ସଜାଡୁଛି ତ କଏ ଗଛ କାଟୁଛି, କଏ ଘରର କଂସା ବାସନ ଗୋଟାଉଛି ତ କଏ ଦୋକାନ ର ବାଉଁଶ ସବୁ ଏକାଠି କରୁଛି। କାହାକୁ ପଗ୍ଚରିବ? କଏ କହିବ?

ସେ ଜଣେ ଇଲେକ୍ଟ୍ରିସିଆନ ଥିଲା ଏବେ ଦି ମାସ ତଳେ ରିଟାର୍ଡ କରିଛି। ତାକୁ ଗୋଟେ ବୁଦ୍ଧି ଦିଶିଲା, ଇଲେକ୍ଟ୍ରି କାମ କରୁଥିବା ବାବୁଙ୍କୁ ଯାଇ କହିଲା ଏ କଥା। ମୋତେ କାମ ଦିଅ ମୁଁ କରି ପାରିବି, ଏଇ ହାତ ତିରିଶ ବର୍ଷ ହେଲା ଏ କାମ କରି କରି ଆସୁଛି, ଏବେ ଏ

ସମୟରେ ଆମେ ସାହାର୍ଯ୍ୟ କରିବୁନ ତ କଏ କରିବ? ବାବୁ ରାଜି ହେଲା, କାମ ଦେଲା। ହେଲେ ବୁଢ଼ାର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ କଛି ଜାଣି ପାରିଲାନ। ଖୁଣ୍ଟ ଉପରେ ଚଢ଼ି କାମ କରୁ କରୁ ବେଳେ ବେଳେ ସେ ୟାଡେ ସ୍ୟାଡେ ଗ୍ରହେଁ, କାଳେ ଟୁନା କ ବୋହୁପିଲା ଥରେ ଦେଖା ହେଇଯିବେ। ପାଣି ପାଇଁ ତ ବାହାରକୁ ଆସିବେ କେତେବେଳେ ନା କେତେବେଳେ। ଥରେ ଖାଲି ଦେଖା ହେଇ ଯାଆନ୍ତା କ?

* * * *

ଦୃଶ୍ୟ ସବୁ ଆଖି ଆଗରେ ବୁଲୁ ବୁଲୁ, ସ୍ତ୍ରୀଲୋକ ଆଉ ଛୁଆ ଜଣଙ୍କ ଦୂରକୁ ଦୂରକୁ ଗ୍ଲଲି ଯାଉଥିଲେ। ଶୀଘ୍ର ଶୀଘ୍ର ଖୁଣ୍ଟ ଉପରୁ ଓଲ୍ଲେହିବାକୁ ଚେଷ୍ଟାକଲା ସେ। ହଠାତ ଆଖି ଜାଲୁଜାଲୁଆ ଦେଖାଗଲା ତାକୁ, ଟିକେ ପରେ କଟିକଟି ଅନ୍ଧାର....ଶବ୍ଦ ଗୋଟେ ଶୁଭିଲା.... ଦୁ ଉ ଉ ମ....

ଟିକେ ଦୂରରେ ଲୋକ ମାନେ ଗ୍ଲଲି ଗ୍ଲଲି ଯାଉଥିଲେ, ହେଲେ ବୁଦା ଭିତରେ ପଡିଥିବା ଲୋକଟିକୁ ଦେଖି ପାରୁ ନଥିଲେ ସେମାନେ...ପା...ଣି ପା...ଣି ବୋଲି ଚକ୍ରାର କରୁଥିଲେ ବି କେହି ଶୁଣି ପାରୁ ନଥିଲେ....

କେହି କେହି ଭାବୁଥିଲେ ଦେଶୀ ପିଇ ମଦୁଆଟାଏ ପଡିଛି କାଳେ...

ଆସ୍ତେ ଆସ୍ତେ ଆଖିପତା ବନ୍ଦ ହୋଇ ଆସିଲା ତା'ର....

* * * * *

ସନ୍ଧ୍ୟା ରେ ପୁରା ସହିଦନଗର ଆଲୋକ ରେ ଆଲୋକତ ହୋଇ ସାରିଥିଲା, ମୁନା ଟିଭି ରେ କାଟୁନ ଦେଖିବାକୁ ଟିଭି ଅନ କରିବା ମାତ୍ରେ, ଟିଭି ଭିତରୁ ଭାସି ଆସୁଥିଲା ଏକ ସମ୍ବାଦ ଆଉ କଛି ଫୋଟୋଚତ୍ର....

.

.

.

.

.

ହଠାତ, ମୁନା ପାଟି କରି ଉଠିଲା....ବା ପା...ବା ପା.... ଜେ...ଜେ... ଟିଭିରେ......

.

.

.

.

କଛି ସମୟ ପରେ ଟୁନା ଓ ମୁନା ଙ୍କୁ ଦେଖି, ଡାକ୍ତରଖାନା ର ବେଡ଼ ଉପରୁ ଦନଆଁ ଉଠିବାକୁ ଚେଷ୍ଟା କରୁଥିଲା। ଏତେ କଷ୍ଟ ପରେ ବି ତା ଆଖି ଦୁଇଟି ଖୁସି ରେ ଝଲସି ଉଠୁଥିଲେ....

- - ସମାପ୍ତ- -

ଖଲ୍ଲାରୀ, ଅନୁଗୁଳ, ଓଡିଶା।

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଲକ୍ଷ୍ମଣ ରେଖା



ଶଙ୍କର୍ଷଣ କର

ମୁଁ ଜାଣିଛି....
ତୁମେ ସିନା ଗ୍ଭଲିଗଲ
ମୋତେ ଏକା କରି....
ତୁମେ ଏବେବି,
ମୋତେ ଭଲପାଅ ପୂର୍ବପରି,
ମୋତେ ଖୋଜ ଖୁବ୍ ନଗ୍ଭେଳାରେ,
ବିତାଇବାକୁ ଗ୍ଭହିଁ କଛି ମୂହୁର୍ତ୍ତ.....
ଅତୀତର ସ୍ମୃତି ତାଜା ହୋଇଯାଏ,
ଭୁଲିବାକୁ ଗ୍ଭହିଁଲେବି ତୁମେ ନରୂପାୟ
ଆଖି ତୁମ ଲୋତକ ଭର୍ତ୍ତି,
କଛି ନ କହିଲେବି ବୁଝିହୁଏ
ତୁମ ଖିଆଲି ମନର କଥା
ଆଖି ତୁମ କହିଦିଏ....
ତୁମ ହୃଦୟର ବ୍ୟଥା,
ଇଚ୍ଛାହୁଏ ପୋଛି ଦିଅନ୍ତି ତୁମ ଲୁହ!
ମୋ ଛାତିରେ ତୁମ ମୁହଁ ରଖି
ଗଢାଇ ଦିଅନ୍ତି.....
ମୁଁ ବି କେଇ ଟୋପା ଲୁହ,
ହେଲେ ପାରୁନ ମୁଁ !!!
ମନେ ପଡିଯାଏ....
ସେଇ ଲକ୍ଷ୍ମଣ ରେଖା !
ତୁମେ ଦିନେ ଟାଣିଥିଲ
ତୁମ ଓ ମୋ ମଝିରେ.....

କମାରପାଳ, କୁଳଅଣା, ମୟୁରଭଞ୍ଜ

# ମାଆ ମୋ' ଈଶ୍ୱରୀଟିଏ



ଅଧ୍ୟାପିକା ଜ୍ୟୋସ୍ନା ରାୟ

ମାଆ ମୋ ଈଶ୍ୱରୀଟିଏ ମାଟିର ଧରାରେ
ତା'ପରି କେହି ବି ନାହିଁ ସାରା ସଂସାରରେ
ଜନମରୁ ଜୁଇ ଯାଏ ପୂଜୁଥିବି ତା ପୟରେ
ଖୋଜୁଥିବି ଲୋଡୁଥିବି ମାଆକୁ ମୋ
ଦୁଃଖକୁ ନୈବେଦ୍ୟ କରି
ମଥାଗୁଞ୍ଜି ଶୋଇବାକୁ
ପ୍ରଶାନ୍ତିରେ ତାରି କୋଳରେ
ହଜିବାକୁ ସ୍ନେହଭିଜା ମଧୁପଣତରେ
ଅଗୁରୁ ଚନ୍ଦନବୋଳା
ତାର ସେଇ
ବାସ୍ନାୟିତ ବାତ୍ସଲ୍ୟପ୍ରେମରେ
ମାଆ ମୋ
ଈଶ୍ୱରୀଟିଏ.ମାଟିର ଧରାରେ।।

ଜନମ ଦେଇଛି ସିଏ ପାଳି ଗରଭରେ
ସ୍ତନ୍ୟଦାନେ ବଢ଼ାଇଛି ଅତି ଯତନରେ
ବାନ୍ଧିରଖେ ନିବିଡ଼ ତା' ମମତା ଡୋରରେ
ଅନ୍ତର କ୍ଷ କରିହୁଏ ଥାଏ ସେ ଅନ୍ତରେ
ପିଲାରୁ ହୋଇଛି ବଡ଼ ତା ସେବା ଆଦରେ
କଣ୍ଟାକୁ ସେ ଫୁଲ କହେ ମମତା ମୂଲରେ
ସବୁ ଦୁଃଖ ହସି ହସି ସହେ ଅକାତରେ
ବିପଦେ ଆପଦେ ଉଭାହୁଏ ମୋ ଆଗରେ

କୋଟିଜନ୍ମ ପୁଣ୍ୟ ମୋର ତାରି ପାଦରେ
ମାଆ ମୋ ଇଶ୍ୱରୀଟିଏ ..ମାଟିର ଧର୍‌ରେ।।

ଆକାଶରୁ ଜହ୍ନ ତୋଳଦିଏ ମୋ ହାତରେ
ଦେଖାଏ କେତେ ସପନ ପରୀରାଇଜରେ
ଶିକ୍ଷାଦିଏ ଦୀକ୍ଷାଦିଏ କାହାଣୀ ଛଳରେ
ଆକଟ କରଇ ମାରି ଗଲେ ଅବାଟରେ
ଆଖିରୁ ଝରାଏ ଲୁହ ଦେଖି ବାଧକରେ
ସାରାରାତି ନିଦ ତାର ନ ଥାଏ ଆଖିରେ
ସୁରକ୍ଷାବଳୟ ସାଜେ ମୋ ଘରିପାଶରେ
ଧର୍ମକର୍ମ ସବୁ ମୋର ତାରି କୃପାରେ
ଜୀବନର ସାମବେଦ ଶୁଣାଏ ସେ
ଧୋବାୟା ଗୀତ ମାଧୁର୍ଯ୍ୟରେ ....
ମାଆ ମୋ ଇଶ୍ୱରୀଟିଏ.ମାଟିର ଧର୍‌ରେ।।

ଆଦ୍ୟଗୁରୁ ମାଆ ମୋର
ଆଲୋକ ସେ ଅମାଅନ୍ଧାରରେ
ତା ପରି କଏସେ ହେବ ଗ୍ୟାନଗାରିମାରେ
ଗହନ ପାଠ ପଢ଼ାଏ ସହଜ ସୂତ୍ରରେ
ଜୀବନ ରହସ୍ୟ ଖୋଲେ ଧାରେ ତା'ହସରେ
ମନକୁ ବି ପଢ଼ିନିଏ ପଲକମାତ୍ରରେ
ପେଟଚହ୍ଲି ପରଶେ ସେ ଅତି ସରାଗରେ
ମମତାରମଧୁ ଝାରି ସୁଖଦିଏ ଦୁଃଖ ଅଗଣାରେ
ଶ୍ମଶାନ ଚତାରେ ବି ତ ହଜୁଥାଏ
ମଜୁଥାଏ କେବଳ ତା'ସନ୍ତାନସୁଖରେ
ବାରବାର ଜନ୍ମୁଥାଏ ତାରି କୋଳରେ
ମାଆ ମୋ ଇଶ୍ୱରୀଟିଏ.. ମାଟିର ଧର୍‌ରେ ।।

ବାଲେଶ୍ୱର, ଓଡିଶା

# ଅଧୁର୍ କାହାଣୀ

ସଂଯୁକ୍ତା ର୍ଭଉତ

ତୁମ ଚଲ୍‌ପଥେ କଣ୍ଟା ସାଜିବିନ
କେବେ ହେଲେ ଦିନେ ମୁହିଁ ।
କେବେ ଗ୍ଭହିଁବିନ ସୁଖ ପଥେ ତୁମ
ଅନ୍ତର୍ଭୟ ହେବା ପାଇଁ

କଳା ଛାଇ କେବେ ସାଜିବିନ ମୁଁ ଯେ
ତୁମ ଜୀବନ ଆକାଶେ ।
ଡର ନାହିଁ ସାଥି ଦୂରେ ଯିବି ଗ୍ଭଲି
ରହିବିନ ତୁମ ପାଶେ

ମୋ' ପାଇଁ ତୁମ ସେ ନୀଳ ନୟନରୁ
ଝରିବନ କେବେ ଲୁହ ।
ଗ୍ଭଲୁଥିବି ପଛେ ଜୀବନ ପଥେ ମୁଁ
ଛାତିରେ ଲୁଗ୍ଭଇ କୋହ

ତୁମ ଜୀବନର ପରିଧି ଭିତରୁ
ଛିଟିକ ପଡିଛି ଆଜି ।
ଯେତେ ଖୋଜିଲେ ବି ପାଇବନ ମୋତେ
ଯିବି ଦିନେ କାହିଁ ହଜି

ଅସହ୍ୟ ଯନ୍ତ୍ରଣା ଆତ୍ମ ପୀଡ଼ନରେ
ଜର୍ଜରିତ ହୁଏ ତନୁ ।
ତୁମରି ସ୍ମୃତିକୁ ଛାତିରେ ସାଇତି
ଭୁଲିଯିବି ସବୁ ମନୁ

ପ୍ରତାରଣା ଦେଇ ତୁମେ ଗଲ ଗ୍ଭଲି
ଆଉ କାହା ହାତ ଧରି ।
ତୁମ ପ୍ରେମ ଫାଶେ ବନ୍ଧା ପଡି ଆଜି
ବିରହେ ମରୁଛି ଝୁରି

ଯେଉଁଠି ବି ରୁହ ଯାହା ସାଥେ ଥାଅ
ତୁମରି ମଙ୍ଗଳ ଗ୍ଭହେଁ ।
ଭୁଲ ବୁଝିବନ କେବେ ସାଥି ମୋତେ
ମୁଁ ଯେ ତୁମ ପରି ନୁହେଁ

ଯଦି କେବେ ପୁଣି ବାଟ ଭୁଲି ତୁମେ
ଫେରିବ ମୋ କୁଡିଆରେ ।
ଆନନ୍ଦେ ସତ୍କାର କରି ନେବି ବରି
ମୋର ଏହି ହୃଦୟରେ

ଅଧୁର୍ ଅଧୁର୍ ଜୀବନ କାହାଣୀ
ସେଦିନ ଯେ ପୂର୍ଣ୍ଣ ହେବ ।
ଜୀବନ ବ୍ୟାପୀ ମୋ ପ୍ରତୀକ୍ଷାର ଅନ୍ତ
ସତେ କ ମିଳନ ହେବ

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ

# ସ୍ୱପ୍ନରେ ଦେଖା କୋଣାର୍କ:ପିକନିକ୍ ରେ



ପ୍ରଶାନ୍ତ କୁମାର ନାଥ

ସବୁଦିନ ଭଳି ସେଦିନ ବି ଯାଇଥିଲି କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ । ସମ୍ଭବତଃ ସେଦିନଟି ଥିଲା ସପ୍ତାହର ଚତୁର୍ଥ ଦିନ (ରବିବାରରୁ ଗଣିଲେ) : ବୁଧବାର । ଆମ କମ୍ପ୍ୟୁଟର କ୍ଲାସ୍ ର କ୍ୟାଲେଣ୍ଡରର ରୁଟିନ୍ ହିସାବରେ ଏଇଟି ଥିଲା ସପ୍ତାହର ଦ୍ୱିତୀୟ ଦିନ । କାରଣ; ସପ୍ତାହରେ ତିନ ଦିନ ଆମର କ୍ଲାସ୍ ହୋଇଥାଏ; ସୋମବାର, ବୁଧବାର ଏବଂ ଶୁକ୍ରବାର । ମନଟା ନୂଆ ଉତ୍ସାହର ସହିତ କିଛି ନୂଆ ଶିଖିବାର ଇଚ୍ଛାକୁ ଦ୍ୱିଗୁଣିତ କରିଥାଏ, କମ୍ପ୍ୟୁଟର କ୍ଲାସ । ପ୍ରତ୍ୟେକ ଦିନର ରୁଟିନ୍ ରେ ରହିଥାଏ କିଛି ନା କିଛି ନୂଆ ଏକ୍ସପେରିମେଣ୍ଟ, ନୂଆ ଟାସ୍କ ଓ ନୂଆ ନୂଆ ବିଷୟଗୁଡିକ ମାଧ୍ୟମରେ ଆଗକୁ ବାଢିବାର ଏକ ବାଟ । ଆଉ ସେହି ବାଟ ହିଁ ସ୍ୱପ୍ନର ପଥକୁ ସଳଖ କରିଥାଏ; ଆମକୁ ଲକ୍ଷ୍ୟ ସ୍ଥଳରେ ପହଂଚାଇବାରେ । ଯାହାହେଉ ଖୁବ୍ ଭଲରେ କଟୁଥିଲା ଅଳ୍ପଦିନର ସେହି କମ୍ପ୍ୟୁଟର କ୍ଲାସ୍ । ମନକୁ ବାନ୍ଧି ରଖିବାର ସଂପୂର୍ଣ୍ଣ କ୍ଷମତା ଥିଲା କ୍ଲାସ୍ ର । ଆଉ ଆଖପାଖ ପରିବେଶ ।

ସେଦିନ କମନ୍ ରୁମରେ ପହଞ୍ଚିଲାବେଳକୁ ସମୟ ପ୍ରାୟ ୯ ଟା ହୋଇଥିଲା । ସେତେବେଳକୁ ପ୍ରାୟ ସମସ୍ତ ସହପାଠୀମାନେ କ୍ଲାସରୁମ୍ ଅଭିମୁଖେ ଯିବା ପାଇଁ ନିଜକୁ ପ୍ରସ୍ତୁତ ବି କରିସାରିଥିଲେ । ମୋତେ ଦେଖି ରଜୁ, ପିଙ୍କୁ ଆଉ ଇତି ସ୍ମିତହାସ୍ୟ ଦେଇ ଏକାସାଙ୍ଗେ କହିଲେ, "ନୋଟିସ୍ ଦେଖିଛୁ... କ'ଣ ଲେଖା ଅଛି? '

–ନା... ସମୟ ପାଇନ, ପରେ ଦେଖିବି ।

–ତା'ହେଲେ ଏତେ ଡେରି ହେଲା ଯେ? (ପ୍ରଶ୍ନ ଇତିର)

–ରାସ୍ତାରେ ଆସିଲାବେଳେ ଜଣେ ସାଙ୍ଗ ଦେଖାହେଲା, ସେଥିଲାଗି ।

–ତମେ ପିକ୍ ନକ୍ ଯିବ ତ? ( ଇତିର ପୁଣି ପ୍ରଶ୍ନ)

–ପିକନକ୍? ( ଆଶ୍ଚର୍ଯ୍ୟ ହୋଇ)

–ନୋଟିସରେ ଲେଖା ଅଛି । ଆସନ୍ତା ଜାନୁୟାରୀ ଅଠର ତାରିଖ "କୋଣାର୍କ ପିକନକ୍' ।

ହଠାତ୍ ଇତିର ମୁହଁରୁ କୋଣାର୍କ ପିକନକ୍ କଥାଟା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । କ୍ଷଣିକ ଭିତରେ ସବୁ ଯେମିତି ମୋ ପାଇଁ ଗୋଳମାଳ ହେଲା । ମନର ଭାବନାକୁ ମୁହଁରେ ପ୍ରସ୍ଫୁଟିତ ନ କରି କହିଲି, "ଏବେ ଚାଲ କ୍ଲାସ୍ ଯିବା । ପରେ ଆସି ପିକନକ୍ କଥା ଆଲୋଚନା କରିବା ।' ଏତିକରେ ସମସ୍ତେ ଏକାଠି ଚାଲିଲୁ କ୍ଲାସକୁ । କ୍ଲାସରେ ଇନଷ୍ଟ୍ରକଟର୍ କ'ଣ ପଢ଼ାଉଥିଲେ... କ'ଣ ଲେଖୁଥିଲେ ଯଦିଓ ମୁଁ ଚାହିଁଥିଲି ବା ଶୁଣୁଥିଲି ହେଲେ ମୋର ମନଟା ଅଟକଥିଲା ଯାଇ କୋଣାର୍କରେ, ଇତି ଠାରୁ ଶୁଣିଥିବା "କୋଣାର୍କ ପିକନକ୍' ଯିବା କଥାରେ... ।

ଇତି ଓ ଅନ୍ୟ ସାଙ୍ଗମାନଙ୍କର କଥାରେ ମୋର ବିଶ୍ୱାସ ହେଲା ନାହିଁ । ହୁଏତ ସେମାନେ ମୋ ସହିତ ମଜା କରୁଥାଇ ପାରନ୍ତି? ଅବିଶ୍ୱାସ ଆଉ ବିଶ୍ୱାସର ଦୋ'ଛକରୁ ନିଜକୁ ମୁକୁଳାଇବାକୁ ଯାଇ କ୍ଲାସ୍ ଶେଷରେ କୌତୁହଳତାର ସହିତ ସମସ୍ତଙ୍କୁ ଲୁଚ ଯାଇ ନୋଟିସ୍ ବୋର୍ଡ଼ ଦେଖିଲି । ନୋଟିସରେ ଉପରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା: "ନୋଟିସ୍... ଏତଦ୍ୱାରା ସମସ୍ତ ଛାତ୍ର ଓ ଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଆଗାମୀ ଜାନୁୟାରୀ ୧୮ ତାରିଖ ଶନିବାର ଦିନ ସଂଧ୍ୟାରେ କୋଣାର୍କ ବୁଲି ( ପିକନକ୍) ଯିବା ପାଇଁ ସ୍ଥିର କରାଯାଇଛି । ଯେଉଁମାନେ ଇଚ୍ଛୁକ ସେମାନେ ପ୍ରତ୍ୟେକ ଟ.୧୦୦/ - ଲେଖା ଜମା କରିବାକୁ ହେବ। ବିଶେଷ ବିବରଣୀ ପାଇଁ ଅଧିକାରୀଙ୍କ ସଂଗେ ଯୋଗାଯୋଗ କରି ପାରିବେ...' ଶେଷଆଡ଼କୁ ତଳେ ଅଧିକାରୀଙ୍କ ନାମ ଆଉ ମୋବାଇଲ୍ ନମ୍ବର ଦିଆଯାଇଥିଲା । ଯଦିଓ ଏହି କଥାଗୁଡ଼ିକ ଇଂରାଜୀରେ ଲେଖାଥିଲା । ମୋର ବୁଝିବାରେ କୌଣସି ଅସୁବିଧା ହେଉ ନଥିଲା ତଥାପି ବାରମ୍ବାର ପଢୁଥିଲି । କେତେବେଳେ ଉପରୁ

ତଳଆଡ଼କୁ ତ କେତେବେଳେ ତଳୁ ଉପରକୁ ଆଖି ବୁଲାଇ ପଢୁଥିଲି । ବାରମ୍ବାର ପଢ଼ିବା ଦ୍ୱାରା ବୋଧହୁଏ ଏହାର ନିଷ୍କର୍ଷ ମୁଁ ଖୋଜିଥିଲି ।

ଇନ୍ଷ୍ଟିଚ୍ୟୁଟରୁ ଫେରି ପହଂଚ ସାରିଥିଲି ମୋ ରୁମରେ। ଚେୟାରଟା ଉପରେ ବସି ଟି.ଭି.ଟାକୁ ଅନ୍ କଲି । ଟି.ଭି. ଦେଖୁ ଦେଖୁ ଝଲସିଉଠିଲା କୋଣାର୍କର କିଛି ଆଖିଦେଖା ଫଟୋ ଆଉ କାନଶୁଣା କଥାଗୁଡ଼ାକ । କୋଣାର୍କ! କ'ଣ? ଯଦିଓ ପୂର୍ବରୁ ଶୁଣିଥିଲି ଏହା ଏକ ମନ୍ଦିର ତଥାପି ଏହାକୁ ନେଇ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଥିଲା ସେଇ ମୁହୂର୍ତ୍ତରେ । ଡିକ୍ସିନାରୀଟି ଆଣି ସେଥିରେ ପୃଷ୍ଠା ପରେ ପୃଷ୍ଠା ଲେଉଟାଇ "କୋଣାର୍କ'ର ଶବ୍ଦ ଖୋଜିଲି, ଯଦିଓ କଷ୍ଟ ହେଲା ତଥାପି ମିଳିଲା । ଏକାଠି ନୁହେଁ ଅଲଗା ଅଲଗା, କୋଣାର୍କ ଭାବରେ । ଏଥିରେ ଲେଖାଥିଲା "କୋଣ' ଶବ୍ଦଟି ଏକ ସ୍ଥାନର କୋଣକୁ ବୁଝାଉଥିବା ବେଳେ "ଅର୍କ' ସୂର୍ଯ୍ୟ ଦେବତାଙ୍କୁ ବୁଝାଉଥିଲା । ଦୁଇଟିଯାକ ଶବ୍ଦ ସଂସ୍କୃତରୁ ନିଆଯାଇଛି । ମୁଁ ଆଗରୁ କେବେ କୋଣାର୍କ ବିଷୟରେ ଏତେଟା ଭଲକରି ଜାଣିବାର ସୁଯୋଗକୁ ଖୋଜି ନଥିଲି । ମନେପଡ଼ିଲା ଅତୀତର ସ୍କୁଲ୍ ପଢ଼ା ବିଷୟର କଥା । ସେଥିରେ ଥିଲା, ଯେଉଁ କୋଣାର୍କରେ ଲୁଚି ରହିଛି ଓଡ଼ିଶାର ସଂସ୍କୃତି ଆଉ କଳା ନୈପୁଣ୍ୟତା ଏବଂ ନିଜର ମନର ଭାବନାକୁ ଲୋକଲୋଚନକୁ ଆଣିବା ପାଇଁ ସତଚେଷ୍ଟା କରିଥିବା କେତେକଙ୍କ ବଳିଦାନର କଥା । ଯାହା ସର୍ବଦା ବଞ୍ଚି ରହିଥିବା ଯାଏଁ କୋଣାର୍କ; କହୁଥିବ, ଗାଉଥିବ ଆଉ ଦେଖାଉଥିବ ସେହିମାନଙ୍କର ଭବିଷ୍ୟପିଢ଼ିଙ୍କ ପାଇଁ କିଛି କରିଯିବାର ପ୍ରଗାଢ଼ ଇଚ୍ଛାକୁ ।

ବିଗତ ଦିନମାନଙ୍କରେ କୋଣାର୍କକୁ ନେଇ କେତେ କବିତା ଜନ୍ମିଛି, କେତେ କାହାଣୀ ବି ଲେଖା ଅଛି । ଏବେ ବି ଆହୁରି ଲେଖା ଗ୍ଲଲିଛି; ସମ୍ଭବତଃ ଏହାର ଲୁକ୍କାୟିତ ସୌନ୍ଦର୍ଯ୍ୟର ବିଷୟବସ୍ତୁ ହେଉଛି ଅସରନ୍ତି ଭଣ୍ଡାର । ଏଣୁ ବାରମ୍ବାର ବିଭିନ୍ନ ଢଙ୍ଗରେ ଖୋରାକ ଯୋଗାଇଛି ଅନେକ ଲେଖକ ଓ ଚିନ୍ତକରମାନଙ୍କୁ । କୋଣାର୍କ ବ୍ୟତିରେକେ ଅନ୍ୟ ଗୋଟିଏ ଦୁଇଟି ଐତିହ୍ୟର ସ୍ଥାପତ୍ୟକୁ ବାଦଦେଲେ ଅତୀତ ଓ ବର୍ତ୍ତମାନରେ କାହାରି ମନରେ ଏପରି ଏକ ବିଷୟକୁ ନେଇ ଏତେଟା ସାହିତ୍ୟ ରଚନାର ସ୍ପୃହା ଦେଖାଯାଇ ନାହିଁ । ଯିଏ ଯୋଉ ଦୃଷ୍ଟିରେ ତାକୁ ଦେଖିଛି, ସିଏ ସେମିତି ତାକୁ ପାଇଛି । ସ୍ଥିତିର ସ୍ଥାପତ୍ୟରେ,

ଦିଗହଗ୍ର ପ୍ରେମିକର ବାଟରେ, ସାହିତ୍ୟିକର ବିଷୟ ଚୟନରେ, ଚନ୍ଦ୍ରକରର ଚନ୍ଦ୍ରଶୈଳୀରେ, ଅତୀତ ଓ ବର୍ତ୍ତମାନର ମୂକସାକ୍ଷୀ ଇତ୍ୟାଦି ଅନେକ ରୂପରେ । ପଥର ଖୋଦେଇ ଚନ୍ଦ୍ରକଳା ଓ ନୂଣ କାର୍ଯ୍ୟଶୈଳୀ ଦ୍ୱାରା ଶିଳ୍ପୀର ମନର କଥାକୁ ବୁଝାଇପାରିଛି କୋଣାର୍କ । ଦୃଷ୍ଟାନ୍ତ ହୋଇ ଜୀବିତ ରହିଛି ଦୀର୍ଘ ୮୦୦ବର୍ଷରୁ ଊର୍ଦ୍ଧ୍ୱ କାଳ, କଳଙ୍ଗ ସ୍ଥାପତ୍ୟ କଳାରେ । ସମସାମୟିକ କେତେକ ଚଳଚ୍ଚିତ୍ରମାନଙ୍କରେ ମଧ ଦର୍ଶାଯାଇଛି ଏହାର ଅନେକ ଚନ୍ଦ୍ରକୁ । ଏହାଛଡ଼ା ଏହାକୁ ନେଇ ଶୁଣାଯାଉଥିବା ଲୋକକଥାର ବିଷୟବସ୍ତୁକୁ ବି ନାଟକ ଓ ଚଳଚନ୍ଦ୍ରରେ ପ୍ରଦର୍ଶିତ କରାଯାଇଛି । ସମ୍ବାଦପତ୍ରର ସ୍ତମ୍ଭ ରଚନା ଠାରୁ ଆରମ୍ଭ କରି ସାହିତ୍ୟର ପୃଷ୍ଠାରେ ବି ଦେଖାଯାଏ ଏହାର ପ୍ରଭାବର ଗାଥା । କୋଣାର୍କକୁ କେବେ ପାଖରୁ ଦେଖି ନ ଦେଖି ବି ପିଲାଙ୍କ ଚନ୍ଦ୍ରାଙ୍କନର ବିଷୟ ବି ହୋଇଛି ସେ । ଏହାକୁ ଯେତେ ଭାଷା, ଯେତେ ରଂଗ, ଯେତେ ରୂପ ଦେଇ ବର୍ଣ୍ଣନା ବା ପ୍ରଦର୍ଶନ କରିଲେ ବି ଏଥିରେ କଛି ଫରକ ପଡ଼େନାହିଁ–ହେଉ ଅବା ଚନ୍ଦ୍ର, କାହାଣୀ, ଗଳ୍ପ ଅବା କବିତା । ଏହା ହିଁ ହେଉଛି କୋଣାର୍କର ସମସ୍ତଙ୍କୁ ବିଭିନ୍ନ ଉପାୟରେ ଆକୃଷ୍ଟ କରିପାରୁ ଥିବାର ଗୁଣ ଗାରିମା । ଯଦିଓ ଏହା ଏବେ ଭଗ୍ନାଭିମୁଖୀ । ତଥାପି ତା'ର ସୌନ୍ଦର୍ଯ୍ୟ ଏବେ ବି ଅକ୍ଷୁଣ୍ଣ । ଏକଥା ଅନେକେ ତାଙ୍କ ବିଭିନ୍ନ ରଚନାରେ କହିଛନ୍ତି ।

ଏତେସବୁ ଭାବନାରେ ବିଶ୍ରାମ ଦେବା ହେତୁ ପୂର୍ଣ୍ଣଛେଦ ଦେବା ପରିବର୍ତ୍ତେ କମାଟିଏ ଦେଲି । କମ୍ପ୍ୟୁଟରଟି ଅନ୍ କରି ଇଣ୍ଟରନେଟ୍ ୱିକିପିଡିଆ ସାଇଟକୁ ଗଲି, ସେଠାରେ କୋଣାର୍କ ଟାଇପ୍ କଲି । ଆଖି ଆଗକୁ ଆପଣାଛାଏଁ ଗ୍ଭଲିଆସିଲା, କୋଣାର୍କର ଛବି ସହିତ ଅତୀତ ବର୍ତ୍ତମାନର ସବୁ ଜୀବନଗାଥା ଗୁଡ଼ାକ ।

"କୋଣାର୍କ' ସଂପୂର୍ଣ୍ଣ କଳଙ୍ଗ କାରିଗରୀର କଳା- କୌଶଳରେ ନର୍ମିତ ସୂର୍ଯ୍ୟଦେବଙ୍କ ପ୍ରତି ସମର୍ପିତ ଏକ ଦିବ୍ୟରଥ । ଏହାର ନର୍ମାଣଶୈଳୀ ଥିଲା ଅତି ସ୍ୱତନ୍ତ୍ର; ଯାହା ଏବେ ବି ସମସ୍ତଙ୍କ ମନରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ସେଥିଲାଗି କୋଣାର୍କକୁ ୟୁନେସ୍କୋ ୧୯୮୪ ମସିହା ପରଠାରୁ ବିଶ୍ୱ ଧରୋହର ଭାବେ ଘୋଷଣା କରିଛି ।

କୋଣାର୍କ ଥିଲା ଲାଲ୍ ବାଲିଆ ପଥର ଏବଂ କଳା ଗ୍ରାନାଇଟ୍ ପଥରରେ ଖୋଦିତ ଅପୂର୍ବ ସୌନ୍ଦର୍ଯ୍ୟ ପୂର୍ଣ୍ଣ କାରୁକାର୍ଯ୍ୟର ଗନ୍ତାଘର । କେହି କେହି ଏହାକ ବ୍ଲାକ୍ ପାଗୋଡ଼ା ( କଳା ପିରାମିଡ) ର ନାମରେ ମଧ୍ୟ ଜାଣନ୍ତି । ଇତିହାସ କୁହେ ୧୩ଶ ଶତାବ୍ଦୀର ଗଙ୍ଗ ବଂଶର ରାଜା ଲାଙ୍ଗୁଳା ନୃସିଂହଦେବ ( ପ୍ରଥମ) ଙ୍କ ନିର୍ଦ୍ଦେଶ କ୍ରମେ ଏହାକୁ ନିର୍ମାଣ କରାଯାଇଥିଲା । ରାଜା ନିଜ ରାଜ୍ୟରୁ ଅର୍ଜିତ ବାର ବର୍ଷର କର ସହିତ ଗଛିତ ରାଜକୋଷର ଧନକୁ ଏହି ମନ୍ଦିର ତୋଳିବା ପାଇଁ ଖର୍ଚ୍ଚ କରିଥିଲେ। ପୁରୀର ମାଦଳ ପଞ୍ଜିକା ଅନୁସାରେ ଲାଙ୍ଗୁଳା ନୃସିଂହଦେବ ୧୨୫୩ ରୁ ୧୨୬୦ ଶତାବ୍ଦୀ ମଧ୍ୟଭାଗରେ ଏହାର ନିର୍ମାଣ କରାଇଥିଲେ । କୋଣାର୍କ ପୁରୀ ଜିଲ୍ଲାର ଅନତି ଦୂର ରେ, ବର୍ତ୍ତମାନର ରାଜଧାନୀ ଠାରୁ ମାତ୍ର ୬୫ କି.ମି. ଦୂରରେ କଳିଙ୍ଗ ସାଗରର ପାଦଦେଶରେ ଅବସ୍ଥିତ । ସୂର୍ଯ୍ୟଦେବଙ୍କୁ ସମର୍ପିତ ଏହା ଏକ ମନ୍ଦିର ହୋଇଥିଲେ ବି ଏହା ଦେଖିବାକୁ ସଂପୂର୍ଣ୍ଣ ଏକ ରଥ ସଦୃଶ । ଏହାର ୧୨ ଯୋଡ଼ା ଚକ ରହିଛି ଏବଂ ୭ ଗୋଟି ଘୋଡ଼ା ଏହାକୁ ଟାଣୁଛନ୍ତି । ଯଦିଓ ଗୋଟିଏ ଘୋଡ଼ା ସମୟକ୍ରମେ ନଷ୍ଟ ହୋଇଯାଇଛି । ୧୨ ଯୋଡ଼ା ଚକଗୁଡ଼ିକ ବର୍ଷର ବାରଟି ମାସକୁ ଏବଂ ଏହାର ୮ଟି ଅର ଯଥାକ୍ରମେ ପ୍ରତ୍ୟେକ ଦିନର ଆଠ ପ୍ରହରକୁ ବୁଝାଉଥିଲା । ଏହାର ମୁଖ୍ୟ ମନ୍ଦିର ତିନିଗୋଟି ମଣ୍ଡପରେ ବିଭକ୍ତ କରାଯାଇଛି । ଦୁଇଗୋଟି ମଣ୍ଡପ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତୃତୀୟ ମଣ୍ଡପଟିରେ ଯେଉଁଠାରେ ମୂର୍ତ୍ତି ଥିଲା ତାହାର ସୁରକ୍ଷା ଓ ଦୀର୍ଘସ୍ଥାୟୀ କରିବା ଉଦ୍ଦେଶ୍ୟରେ ଭାରତ ସ୍ୱତନ୍ତ୍ରତା ପୂର୍ବରୁ ଇଂରେଜମାନେ ବାଲି ଓ ପଥର ଭରି ସମସ୍ତ ଦ୍ୱାରକୁ ସ୍ଥାୟୀ ରୂପେ ବନ୍ଦ କରିଦେଇଛନ୍ତି । ଏଥିରେ ସୂର୍ଯ୍ୟ ଦେବତାଙ୍କର ତିନିଗୋଟି ମୂର୍ତ୍ତି ରହିଥିବା କଥା ଜଣାଯାଏ । ସେଗୁଡିକ ସୂର୍ଯ୍ୟ ଦେବଙ୍କ ବାଲ୍ୟାବସ୍ଥା, ଯୁବାବସ୍ଥା ଓ ବାର୍ଦ୍ଧକ୍ୟ ଅବସ୍ଥାର ମୂର୍ତ୍ତି ଥିଲା । ଏହି ମନ୍ଦିରର ପ୍ରବେଶ ଦ୍ୱାର ସମ୍ମୁଖରେ ଦୁଇଟି ସିଂହ ହାତୀ ଉପରେ ସୁରକ୍ଷାତତ୍ପର ରହିବା ଅବସ୍ଥାରେ ଦେଖାଯାଇଛି । ଦୁଇଟିଯାକ ହାତୀ ମାନବଙ୍କ ଉପରେ ସ୍ଥାପିତ କରାଯାଇଛି । ଏହାର ଦକ୍ଷିଣ ଦ୍ୱାରରେ ଥିବା ଦୁଇଟି ସୁସଜ୍ଜିତ ଘୋଡ଼ା ରହିଛି । ଯାହାକୁ ଓଡ଼ିଶା ସରକାର ରାଜ୍ୟଚିହ୍ନ ହିସାବରେ ପରବର୍ତ୍ତୀ ସମୟଠାରୁ ଆଦ୍ୟାବଧି ବ୍ୟବହାର କରିଆସିଛନ୍ତି ।

ମନ୍ଦିରଟି ସୂର୍ଯ୍ୟଦେବଙ୍କର ଭବ୍ୟ ଯାତ୍ରାକୁ ଦର୍ଶାଉଅଛି । ଏହାର ପ୍ରବେଶ ଦ୍ୱାରରେ ରହିଛି ନାଟ ମନ୍ଦରି । ଏହା ସେହି ସ୍ଥାନ ଯେଉଁଠାରେ ନର୍ତ୍ତକୀମାନେ ସୂର୍ଯ୍ୟଦେବଙ୍କ ସମର୍ପଣରେ ନୃତ୍ୟ ପରିବେଷଣ କରନ୍ତି । ମନ୍ଦିରର ବିଭିନ୍ନ ସ୍ଥାନର ପଥର ଖୋଦେଇରେ ଫୁଲ, ବେଲପତ୍ର ଆଦି ନକ୍ସା ଦେଖିବାକୁ ମିଳେ । ଏହାଛଡ଼ା ମାନବ, ଦେବତା, ଗନ୍ଧର୍ବ, କନ୍ନର ଆଦିଙ୍କ ଆକୃତିର ବିଭିନ୍ନ କାମୁକ ମୁଦ୍ରାଗୁଡ଼ିକୁ ଦର୍ଶାଯାଇଛି । ଏହି ସମସ୍ତ ମୁଦ୍ରାଗୁଡ଼ିକ କାମଶାସ୍ତ୍ରରୁ ସଂଗ୍ରହ କରାଯାଇଛି ବୋଲି ଜଣାଯାଏ । ଯଦିଓ ଲୋକକଥାରେ ରହିଛି, "ଏହି ମନ୍ଦିର ନର୍ମାଣ ପାଇଁ ଦୀର୍ଘ ୧୨ ବର୍ଷ କାଳ ନଜ ପରିବାରଠାରୁ ଦୂରରେ ରହି ଶିଳ୍ପୀମାନେ କାର୍ଯ୍ୟ କରିଥିଲେ । ତେଣୁ ନଜ ଅସ୍ଥିର ଓ ରାଜାଙ୍କ ପ୍ରତି ବିଦ୍ୱେଷ ମନକୁ ସ୍ଥିର କରିବା ପାଇଁ ପଥରରେ ଏପରି ବିଭିନ୍ନ କଳାକୁ ପ୍ରଦର୍ଶିତ କରିଛନ୍ତି ।' ଖୋଦିତ କଳାର ବିଷୟଗୁଡ଼ିକ ଖୁବ୍ ମନମୋହକ ଅଟେ । ଏହାଛଡ଼ା ପ୍ରେମୀ ଯୁଗଳ, ରାଜ ଦରବାରର ଛବି, ଶିକାର, ଯୁଦ୍ଧ ଇତ୍ୟାଦି ପଥର ଖୋଦେଇ ଚତ୍ରରେ ଭରପୂର ରହିଛି । ଏହାର ମଝିରେ ମଝିରେ ବିଭିନ୍ନ ପଶୁ-ପକ୍ଷୀ, ପୌରାଣିକ ଜୀବଜନ୍ତୁ ସହିତ ବିଭିନ୍ନ ଜ୍ୟାମିତିକ ନକ୍ସା ଏଠାରେ ଦେଖିବାକୁ ମିଳେ । ଏଇଟି ସ୍ଥାପତ୍ୟକଳା ଏବଂ ମାନବୀୟ ନଷ୍ଠାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂଗମ ବୋଲି ମନେ କରାଯାଇ ପାରେ । ସଂପୂର୍ଣ୍ଣ ମନ୍ଦିରଟିରେ ଓଡ଼ିଶାର କଳାକୌଶଳର ନୁଣତାର ଝଲକ ଭରିରହିଛି ।

ଦିନ ଥିଲା ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ଏହି କୋଣାର୍କକୁ ଦେଖି କହିଥିଲେ : "କୋଣାର୍କ ଯେଉଁଠି ପଥରର ଭାଷା ମନୁଷ୍ୟର କଥାକୁହା ଭାଷାଠାରୁ ବି ଶ୍ରେଷ୍ଠତର' ।

କୋଣାର୍କର ସୌନ୍ଦର୍ଯ୍ୟକୁ ଦେଖି ମୁଗ୍ଧ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇ କବି ନୀଳକଣ୍ଠ ଦାସ ଲେଖିଛନ୍ତି :

"କଏ ଗଢ଼ିଥିଲା ଏ ଭୂମେ ଏଡ଼େ କଳା ବିଶାଳ,
କ ସାହସେ ନଦୀ ଗରଭେ ପୋତି ଏତେ ପଥର ।
କେଉଁ ତୁଙ୍ଗଗିରି କାଟି ସେ, ଏଡ଼େ ବିଶାଳ-ଶିଳା,

କେସନେ ବହିଲ ଏ ତୁମେ, ଏତ ସିକତା- ମାଳ?

xxxxx

ସପ୍ତ- ଅଶ୍ୱ- ରଥେ ବାହନ ବସେ ଅରୁଣ ଆଗେ,

କାରୁ- ବିଖଚର- ମୁକୁଟ ଶୋହେ ଲଲାଟ- ଭାଗେ ।

ତଥାପି ଏତେ ଗୁଣବନ୍ତ କୋଣାର୍କର ଦେହରେ ଲାଗିଛି କଳଙ୍କର ଦାଗ । ଯିଏ ତାକୁ ରୂପ ଦେଲା, ଯିଏ ତାକୁ ଜୀବନ୍ତ କରି ଗଢ଼ିତୋଳଲା, ତା'ରି ଦୁଃଖର କାରଣ କୋଣାର୍କ ହେଲା । ଲୋକକଥାରେ ଶୁଣିବାକୁ ମିଳେ; ଅନେକ କାହାଣୀ ମଧ୍ୟ ଏପରି ରହିଛି:

ରାଜା ଲାଙ୍ଗୁଳା ନୃସିଂହଦେବ ( ପ୍ରଥମ) ନିଜ ପରିବାର ଓ ନିଜ ରାଜତ୍ୱର ପରାକାଷ୍ଠା ସଦୃଶ ଏକ ବିଶାଳ ମନ୍ଦିର ନିର୍ମାଣର ଆଦେଶ ଦେଇଥିଲେ । ଏଥିପାଇଁ ବାରଶହ ବାସ୍ତୁକାରଙ୍କୁ ଏବଂ କାରିଗରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । ଏହି ବାରଶହ କାରିଗର ଏବଂ ବାସ୍ତୁକାରମାନେ ନିଜେ ଦୀର୍ଘ ପରିଶ୍ରମ, ସୃଜନଶୀଳତାର ପ୍ରତିଭା, ଆଉ କିଛି କରିବାର ଇଚ୍ଛା ଓ କାର୍ଯ୍ୟଶୈଳୀର ନିପୁଣତାର ସହାୟତାରେ ଗଢ଼ିବାରେ ସକ୍ଷମ ହୋଇଥିଲେ ଏପରି ଏକ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର । ରାଜା ପ୍ରଥମରୁ ହିଁ ନିଜ ରାଜ୍ୟର ବାର ବର୍ଷର ସମସ୍ତ କରପ୍ରାପ୍ତିର ସମକକ୍ଷ ସମସ୍ତ ଧନକୁ ବ୍ୟୟ କରିସାରିଥିଲେ ଏହି ମନ୍ଦିର ନିର୍ମାଣରେ । କିନ୍ତୁ ମନ୍ଦିର ନିର୍ମାଣ ସଂପୂର୍ଣ୍ଣ ହେବାର ସମୟସୀମାକୁ କୌଣସିଭାବେ ସେ ଅନୁମାନ କରିପାରୁ ନଥିଲେ । ତେଣୁ ରାଜା କ୍ରୋଧାନ୍ୱିତ ହୋଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କଲେ ଏବଂ ଏହି ସମୟସୀମା ମଧ୍ୟରେ ମନ୍ଦିର ନିର୍ମାଣ ସମାପ୍ତି କରାଯିବା ପାଇଁ କାରିଗରମାନଙ୍କୁ ନିର୍ଦ୍ଦେଶ ଦେଲେ । ଯଦି ଏହା ନହୁଏ, ତେବେ ସମସ୍ତ କାରିଗରଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଘୋଷଣା କଲେ । ସମସ୍ତ କାରିଗରମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ବିଶୁ ମହାରଣା, ଯାହାଙ୍କ ପର୍ଯ୍ୟବେକ୍ଷଣରେ ବାସ୍ତୁକାରମାନେ ନିଜର ସଂପୂ କଳାକୌଶଳକୁ ଏହି ମନ୍ଦିରର ସମସ୍ତ ସ୍ଥାନରେ ଫୁଟାଇ ପାରିଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ମନ୍ଦିରର ଦଧିନଉତି ସ୍ଥାପନବେଳେ ସମସ୍ୟା ଦେଖାଦେଲା । ସମସ୍ତ ବାସ୍ତୁକାରମାନେ ଚିନ୍ତାଗ୍ରସ୍ତ ଥିବାବେଳେ ବିଶୁ ମହାରଣାଙ୍କର ମାତ୍ର ବାର ବର୍ଷ ବୟସର ପୁଅ

ଧରମା ଏହି ସମସ୍ୟାର ସମାଧାନର ବାଟ ବତାଇଥିଲା । ଧରମା ଏହି ମନ୍ଦିରର ନିର୍ମାଣଶୈଳୀକୁ ଭଲକରି ଦେଖିଥିଲା, ଯଦିଓ ତା'ର ମନ୍ଦିର ନିର୍ମାଣର କୌଣସି ଦକ୍ଷତା ନଥିଲା କିନ୍ତୁ ସେ ମନ୍ଦିର ସ୍ଥାପତ୍ୟର ସମସ୍ତ ଶାସ୍ତ୍ରକୁ ପୂର୍ବରୁ ପଢ଼ିଥିଲା । ପ୍ରଥମେ ଦଧିନଉତି ସ୍ଥାପନ ପାଇଁ ଧରମା ଏକ ସ୍ୱତନ୍ତ୍ର ଉପଦେଶ ଦେଇଥିଲା । ତା'ର ଏହି ଉପଦେଶକୁ ସମସ୍ତ ବାସ୍ତୁକାରମାନେ ପରିହାସ କରିଥିଲେ । କିନ୍ତୁ, ଧରମା ନିଜେ ମନ୍ଦିରର ଦଧିନଉତିକୁ ସ୍ଥାପନ କରିବାରେ ସକ୍ଷମ ହୋଇଥିଲା । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଦଧିନଉତି ସ୍ଥାପନ ପରେ ଧରମା ହିଁ ସମୁଦ୍ରକୁ ଝାସ ଦେଇ ମୃତ୍ୟୁ ବରଣ କରିଥିଲା ।

ବାର ଶହ କାରିଗରଙ୍କ କାର୍ଯ୍ୟ ନିପୁଣତା ଓ ଶ୍ରମଦାନକୁ ସମ୍ମାନୋଚିତ ଭାବେ ଶ୍ରଦ୍ଧା ଜଣାଇ କବି ମାୟାଧର ମାନସିଂହ ତାଙ୍କ କବିତାରେ ଲେଖିଛନ୍ତି:

"ବନ୍ଦେ ବାର ଶତ ଶିଳ୍ପୀ ନାମହୀନ, ଧାମହୀନ ପ୍ରାଣୀ,
ଇତିହାସ ନାହିଁ ତବ, ତବ ଲାଗି ମୂକ କାଳ- ବାଣୀ ।
ପଛେ କିଛି ରଖି ନାହଁ ଯାଇଅଛ ଥାପି ମାତ୍ର ଏଇ,
ଶିଳାର ବିରାଟ କାବ୍ୟ ଏ କୋଣାର୍କ, ତମ- କୃତି- ଦେହୀ ।
XXXXX
କିନ୍ତୁ ଦୀନ ଜୀବନରେ ମନ- ଲୋକୁଁ କଲ ଯା ଚୟନ,
ସେହି ତବ ଶ୍ରେଷ୍ଠ ଗାଥା ସ୍ୱପ୍ନର ଏ ମହାରୂପାୟନ ।'

ଏହାଛଡ଼ା ଏହାର ଏକ ପୌରାଣିକ ମହତ୍ତ୍ୱ ମଧ୍ୟ ରହିଛି । ପୁରାଣ ଅନୁସାରେ, ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ ଅଭିଶାପ ହେତୁ କୋଷ୍ଠ ରୋଗ ଦେଖାଦେଇଥିଲା । ଶାମ୍ବ ମିତ୍ରବନରେ ଚନ୍ଦ୍ରଭାଗା ନଦୀ ଆଉ ସାଗରର ସଙ୍ଗମସ୍ଥଳୀର କୋଣାର୍କ ଠାରେ ବାର ବର୍ଷ ତପସ୍ୟା କରି ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିପାରିଥିଲା । ସୂର୍ଯ୍ୟଦେବ ଯିଏ ସମସ୍ତ ରୋଗର ନିବାରକ ଥିଲେ, ସେ ହିଁ ଶାମ୍ବଙ୍କୁ ରୋଗମୁକ୍ତ କରାଇଥିଲେ । ତାଙ୍କୁ ହିଁ ସମ୍ମାନ ଜଣାଇ ଶାମ୍ବ ଏକ ମନ୍ଦିର

ନିର୍ମାଣ ପାଇଁ ନିଷ୍ଟୟ କରିଥିଲେ । ରୋଗ ମୁକ୍ତି ପରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରୁଥିବା ସମୟରେ ତାଙ୍କୁ ସୂର୍ଯ୍ୟଦେବଙ୍କର ଗୋଟିଏ ମୂର୍ତ୍ତି ମିଳିଥିଲା । ଏହି ମୂର୍ତ୍ତି ସୂର୍ଯ୍ୟଦେବଙ୍କ ଶରୀରର ଗୋଟିଏ ଭାଗକୁ ଦେବଶିଳ୍ପୀ ବିଶ୍ୱକର୍ମା ନିର୍ମାଣ କରିଥିଲେ । ଶାମ୍ବ ନିଜେ ତିଆରି କରିଥିବା ମିତ୍ରବନର ଏକ ମନ୍ଦିରରେ ଏହି ମୂର୍ତ୍ତିକୁ ସ୍ଥାପନା କରିଥିଲେ । ସେବେଠାରୁ ଏହି ସ୍ଥାନକୁ ପବିତ୍ର ସ୍ଥାନ ବୋଲି ମାନ୍ୟତା ରହିଛି ।

କୋଣାର୍କର ନିର୍ମାଣ ବିଷୟକୁ ନେଇ ଇତିହାସ ଓ ଲୋକକଥାରେ ଯେପରି ଭିନ୍ନ ଭିନ୍ନ ମତାମତ ରହିଛି । ସେହିରି ତାର ଅବକ୍ଷୟରେ ମଧ ଭିନ୍ନ ଭିନ୍ନ ମତ ଦେଖିବାକୁ ମିଳେ ।

ଶୁଣାଯାଏ, ଯଦିଓ ଏହାର ସତ୍ୟାସତ୍ୟ ଆଜିଯାଏ ମିଳିପାରି ନାହିଁ । କୋଣାର୍କ ମନ୍ଦିରର ଉପରିଭାଗରେ ଏକ ବିଶାଳ ଚୁମ୍ବକୀୟ ପଥର ଲଗାଯାଇଥିଲା । ଯାହା ସମୁଦ୍ରରେ ଆତ-ଯାତ ଜାହାଜମାନଙ୍କର ଗତିପଥକୁ ବଦଳାଇ ଦେବାରେ ସକ୍ଷମ ହେଉଥିଲା । ଏହି ପଥରର ଚୁମ୍ବକୀୟ କାରଣରୁ ଦିଗନିର୍ଣ୍ଣାୟକ ଯନ୍ତ୍ରଟି ସଠିକ୍ କାର୍ଯ୍ୟ କରିପାରୁ ନଥିଲା । ଏହି କାରଣରୁ ମୁସଲମାନ ନାବିକମାନେ ଏହି ପଥରଟିକୁ ନେଇଯାଇଥିଲେ । ଏହି ପଥରଟି ଏକ କେନ୍ଦ୍ରୀୟ ପଥର ରୂପେ କାର୍ଯ୍ୟ କରୁଥିଲା, ଯାହା ସଂପୂର୍ଣ୍ଣ ମନ୍ଦିର ନିର୍ମାଣଶୈଳୀକୁ ସଠିକ୍ ଭାରସାମ୍ୟ ପ୍ରଦାନ କରୁଥିଲା । ଚୁମ୍ବକୀୟ ପଥରଟିକୁ ସ୍ଥାନାନ୍ତର ହେତୁ ମନ୍ଦିର ଧୀରେ ଧୀରେ ଅସନ୍ତୁଳିତ ହୋଇ ନଷ୍ଟ ହେବାକୁ ଆରମ୍ଭ କରିଥିଲା ।

ଏହାଛଡ଼ା କେତେକ ଲୋକ କୋଣାର୍କ ମନ୍ଦିର ନଷ୍ଟ ହେବାର କାରଣ ଏହାର ବାସ୍ତୁଦୋଷକୁ ଦାୟୀ କରନ୍ତି । ଏହି ବାସ୍ତୁଦୋଷ ହେତୁ ମାତ୍ର ୮୦୦ବର୍ଷ ମଧ୍ୟରେ ଏହା ନଷ୍ଟ ହେବାକୁ ଯାଉଛି । କିନ୍ତୁ ଇତିହାସ କୁହେ ୧୫୬୮ ଶତାବ୍ଦୀରେ କଳାପାହାଡ଼ର ଓଡ଼ିଶା ଆକ୍ରମଣ ସମୟରେ କଳାପାହାଡ଼ ନିଜେ କୋଣାର୍କ ମନ୍ଦିର ସମେତ ଅନେକ ହିନ୍ଦୁ ମନ୍ଦିରକୁ କ୍ଷତିଗ୍ରସ୍ତ କରିଥିଲା । କିନ୍ତୁ କୋଣାର୍କ ମନ୍ଦିରର ୨୦- ୨୫ ଫୁଟ୍ ମୋଟେଇ କାନ୍ଥକୁ ଭାଙ୍ଗିବାକୁ ସେ ସକ୍ଷମ ହୋଇ ନଥିଲା । କିନ୍ତୁ କେବଳ ଦଧିନଉତିକୁ କ୍ଷତି ପହଞ୍ଚାଇବାରେ ସେ ସକ୍ଷମ ହୋଇଥିଲା । ଦଧିନଉତି ହଟାଇବା କାରଣରୁ ମନ୍ଦିରର ଛାତରୁ ଓଜନିଆ ପଥରଗୁଡ଼ିକ

ଧୀରେ ଧୀରେ ତଳକୁ ଖସିଥିଲା, ଫଳସ୍ୱରୂପ ମନ୍ଦିରର ମୁଖଶାଳା ସଂପୂର୍ଣ୍ଣ ଭାବେ ତଳେ ପଡ଼ିଯାଇଥିଲା ।

୧୬୨୭ ଶତାବ୍ଦୀରେ ଖୋର୍ଦ୍ଧାର ରାଜାଙ୍କ ଦ୍ୱାରା ସୂର୍ଯ୍ୟଦେବଙ୍କ ମୂର୍ତ୍ତିକୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଥିଲା । ଯାହା ଆଜି ବି ବାଇଶି ପାହାଚର ଆରମ୍ଭର ସୂର୍ଯ୍ୟ ମନ୍ଦିରରେ ପୂଜା ପାଉଛନ୍ତି । ଏହାଛଡ଼ା ପୁରୀରେ ବର୍ତ୍ତମାନ ଅବସ୍ଥାପିତ ଅରୁଣ ସ୍ତମ୍ଭଟି ମଧ୍ୟ କୋଣାର୍କରୁ ନିଆଯାଇଛି । ଯାହାର ଉଚ୍ଚତା ୩୩ ଫୁଟ୍ ୮ ଇଞ୍ଚ୍, ଯାହାକୁ ସୂର୍ଯ୍ୟଦେବଙ୍କ ରଥର ସାରଥି ଅରୁଣଙ୍କୁ ସମର୍ପଣ ଉଦ୍ଦେଶ୍ୟରେ କୋଣାର୍କରେ ସ୍ଥାପନା କରାଯାଇଥିଲା ।

ଏସବୁକୁ ବାଦ୍ ଦେଲେ; କୋଣାର୍କ ଭଗ୍ନାଭିମୁଖୀ ହେବାର ସବୁଠାରୁ ବଡ଼ କାରଣ ଯଦି ଖୋଜାଯାଏ, ତେବେ ଅସଂପୂର୍ଣ୍ଣ ମନ୍ଦିର ନିର୍ମାଣ ବୋଲି ଜଣାଯାଏ । ରାଜାଙ୍କର ନିର୍ଦ୍ଧାରିତ ସମୟସୀମା ହେତୁ ଏହାର ସଠିକ୍ ନିର୍ମାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା, ଯାହାର ଫଳସ୍ୱରୂପ ଏହା ଦୀର୍ଘସ୍ଥାୟୀ ହୋଇ ରହିପାରିଲା ନାହିଁ ।

ହଠାତ୍ କାନ୍ଥଘଂଟା ଗର୍ଜି ଉଠିଲା । ସମୟ ରାତି ପ୍ରାୟ ୨ଟା । ବୁଲି ରହିଁଲି । ଆଖିଟା ଭାରୀ ଭାରୀ ଲାଗିଲା । ଆଖି ମଳ ମଳ କମ୍ପ୍ୟୁଟରଟିକୁ ବନ୍ଦ କଲି, ଯାଇ ବିଛଣାରେ ଶୋଇଲି । ଆଖିକୁ ନିଦ ଆସିଲା ନାହିଁ । ଏକଡ଼ ସେକଡ଼ ଲେଉଟି ଲେଉଟି କେତେବେଳେ ଆଖିକୁ ନିଦ ଆସିଲା ମୋତେ ଜଣାନାହିଁ ।


ନିଦ ଭାଙ୍ଗିଲା, ମା'ଙ୍କ ଡାକରେ । ନିଜକୁ ସଯତ୍ନେ ପ୍ରସ୍ତୁତ କଲି ପ୍ରଥମେ କମ୍ପ୍ୟୁଟର କ୍ଲାସ୍ ଏବଂ ପରେ କଲେଜ ଯିବା ଉଦ୍ଦେଶ୍ୟରେ । ଏ ଥିଲା ମୋର ପ୍ରତେକ ଦିନର ରୁଟିନ୍ ।

XXXXX

ଆସିଲା ସେହି ଅପେକ୍ଷା ମୁହୂର୍ତ୍ତର ପରିସମାପ୍ତିର ବେଳ । ପିକନିକରେ ଯାଇ ସକାଳୁ ସକାଳୁ ପହଞ୍ଚିଲୁ କୋଣାର୍କରେ । ବସରୁ ଓହ୍ଲାଉ ଓହ୍ଲାଉ ସାର ହାତଠାରି ଦେଖାଇଲେ,

ହେଇ ଦେଖ କୋଣାର୍କ : ଗୃହିଁଲି କୋଣାର୍କକୁ । ମନେହେଲା, ସକାଳୁଆ କଅଁଳ ସୂର୍ଯ୍ୟ କିରଣରେ ସୁବର୍ଣ୍ଣ ଗୃଦର ପରି ଘୋଡ଼ାହୋଇ ରହିଥିଲା କୋଣାର୍କ । ପାଖକୁ ଡାକୁଥିଲା, କୁଣ୍ଢାଇ ନେବାକୁ ତାକୁ । କୋଣାର୍କକୁ ପାଖରେ ପାଇ ମନ ମୋର ଉତ୍ସାହ ଓ ଉଦ୍ଦୀପନାର ବାଡ଼ ଲଙ୍ଘୁଥିଲା । ପାଖକୁ ଦୌଡ଼ିଯାଇ ସବୁ ଲୋକଶୁଣା ଆଉ କମ୍ପ୍ୟୁଟରରୁ ସଂଗୃହୀତ ତଥ୍ୟକୁ ପରଖି ନେବାକୁ । ଚେଷ୍ଟା ବି କଲି ଦୌଡ଼ିବାକୁ । ଦୁଇ ଗୃରି ପାଦ ଦୌଡ଼ିଲି ବି ମଧ୍ୟ । କିନ୍ତୁ ହଠାତ୍ ଅଟକିଗଲି ଜଣେ ବିଦେଶୀ ଚିତ୍ରକରଙ୍କ କାନଭାସ୍ ଅଙ୍କା ଚିତ୍ରକୁ ଦେଖି । ଚିତ୍ରଟି ଥିଲା ତାଙ୍କ କଳ୍ପନାର "ସଂପୂର୍ଣ୍ଣ କୋଣାର୍କ" ।

ଗୋବିନ୍ଦପୁର, ଟାଙ୍ଗୀ, କଟକ- ୭୫୪୦୨୩
୨୦୪, ବି.ବି. ଗାଙ୍ଗୁଲି ଷ୍ଟ୍ରୀଟ୍, କୋଲକାତା- ୭୦୦୦୧୨



# ଫନ ପରବର୍ତ୍ତି କବିତା



ଚନ୍ଦ୍ର ଶେଖର ଗୋ

କିଛି ଶବ୍ଦ ଖୋଜିଥିଲି ପୁରୀ ଉପକୂଳେ
ଚନ୍ଦ୍ରଭାଗା ଓ କୋଣାର୍କର ପାର୍ଶ୍ୱାଞ୍ଚଳେ
ରାଜଧାନୀର ରମ୍ୟନଗରୀ କୋଳେ
ବାତ୍ୟା କବଳତ ଧୂସର ଆକାଶ ତଳେ
କବିତାଟିଏ ଲେଖିବାର ଆଳେ ।।

କିନ୍ତୁ ଶବ୍ଦ ପରିବର୍ତ୍ତେ ପାଇଲି
କେତେ ଯେ ଛାତିଥରା- ଦୃଶ୍ୟ
ହୃଦ- ବିଦାରକ ଅବାଞ୍ଛିତ- ଦୃଶ୍ୟ
ସେଇ ଦୃଶ୍ୟମାନ ମୋତେ ଗୃହିଁଗୃହିଁ
ଯମପ୍ରାୟ କଲେ କେତେ ଯେ ଅଟ୍ଟହାସ୍ୟ
ମର୍ମାହତ କଣ୍ଠେ କହିଲି-
ଶବ ନୁହେଁ ମୁଁ ଜୀବନ୍ତ ମନୁଷ୍ୟ।

ବାତ୍ୟା ଆଶ୍ରୟସ୍ଥଳ
ଶୁନଶାନରୁ ହଠାତ୍ ଜନଗହଳପୂର୍ଣ୍ଣ
ବିପନ୍ନ ହିତେ ଖୋଲି ଦେଇଚ ଆବଦ୍ଧ କୋଠରୀ
ତଥାପି ଲୋକେ ଆତଙ୍କିତ ଭୟଭୀତ
ବ୍ୟସ୍ତ ବିବ୍ରତ ମୁଦ୍ରାରେ...( ୧)

ଗାଁର ଶିଶୁସୁଲଭ ଚେହେରା ପାଲଟିଯାଇଚ
ଭଗ୍ନ କୋଣାର୍କ ପରି
କେତେ ଘରଦ୍ୱାର/ ଗଛଲତା/ ଗୃଷବାସ-
ଯାଇଚ ଭୁଷୁଡ଼ି/ ଉପୁଡ଼ି/ ଉଜୁଡ଼ି
କେତେ ଗୃଲଛପର ଗଲା କାହିଁ ଉଡ଼ି
ଗାଁଟା ଲାଗୁଚ ଛିନାଛିନା ଶୁନଶାନ୍
ଲୋକେ ଆଶ୍ରାସ୍ଥଳେ ଜୀବନ ବିକଳେ...( ୨)

ଫନର ଧ୍ୱଂସମୁହିଁ ଚେହେରା ତଳେ
ସହରର ଷୋଳବୟସୀ ଚେହେରା ଲୋଗୃକୋଗୃ
ଐଶ୍ୱର୍ଯ୍ୟମୟୀ ଶରୀର ଦରକଗୃ
ବିଜୁଳି ପାଣି ବିନା ଲୋକେ ଡହଳ ବିକଳ
ଗାଁ ମୁହାଁ ସହରବାସୀ...( ୩)

ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି...
ବିପନ୍ନଙ୍କ ଚେହେରା ହିଁ
କରେ ମ୍ରିୟମାଣ...( ୪)

ମୌଳିକ ସେବା ବିପର୍ଯ୍ୟସ୍ତ
ବିଦ୍ୟୁତ୍ ଓ ଟାୱାର୍ ଖୁଣ୍ଟ ଗଛ ପରି ପଡ଼ିଚ ଉପୁଡ଼ି
କେଉଁଠି ରାସ୍ତା ଯାଇଚ ଧୋଇ
ତ କେଉଁଠି ଗଛ ଭାଙ୍ଗି ପଥ ଅବରୋଧ...( ୫)

ହଜାର ହଜାର ବୃକ୍ଷ ଲତା ପଡ଼ିଚ ଉପୁଡ଼ି
ତଥାପି ମୋହ ଛାଡ଼ିନି ବଞ୍ଚିବାର
ଜାବୁଡ଼ି ଧରିଚ ମାଟିକୁ ପାରେଶକତ
ଦେବନାହିଁ ଆଉ ବର୍ଷା ଅମ୍ଳଜାନ ଫଳପୁଷ୍ପ
କଛି ଔଷଧି ଉଦ୍ଭିଦ ହୋଇଯାଇପାରେ ଲୋପ...( ୬)

କୃଷକ ହତାଶ ଉଜୁଡ଼ିଗଲା ଗୃଷବାସ
ତା'ର ଭ୍ଲେଣି ପ୍ରତିଫଳତ ତା'ଭ୍ରିଯା ଓଢ଼ଣୀ ତଳେ
ଗୃଲଛପର ଆଜବେଷ୍ଟସ୍ ପରି-
କାହିଁ ଉଡ଼ିଗଲା ତା'ର ହସ...( ୭)

ସବୁ ବ୍ୟବସ୍ଥା ସତ୍ତ୍ୱେ
ରିଲିଫ୍ ତଥା ଜରୁରୀ କାଳୀନ ସହାୟତାରୁ
ବହୁତ ବାତ୍ୟା ବିପନ୍ନ ବଞ୍ଚିତ
ଦୃଶ୍ୟ ବଡ଼ ମର୍ମାହତ...( ୮)

କେଉଁଠି ଗଛ ଉପୁଡ଼ି/ କାନ୍ଥ ଭୁଷୁଡ଼ି
କେହି କେହି ମୃତାହତ
ଘରେ ଶୋକାକୁଳ ପରିବେଶ...( ୯)

ପ୍ରଶାସନ
ଧନଜୀବନ କ୍ଷୟକ୍ଷତି ଆକଳନ
ପ୍ୟାକେଜ୍ ଘୋଷଣା
ବିପନ୍ନଙ୍କ ଥଇଥାନ୍ ଆଉ
ସ୍ଥିତି ସୁଧାରିବାରେ ବ୍ୟସ୍ତ...( ୧୦)

କବିତାର ହୃଦେ ଗଲା ଭରି ଶୋକ ଓ ଯାତନା
ଭ୍ବଗର୍ଭେ କେବଳ ଆଶ୍ୱାସନା
ରସଗର୍ଭେ ଆବେଗଭର୍ ସାନ୍ତ୍ୱନା
ଆଉ ଭ୍ବ ବିହ୍ୱଳତ ସମବେଦନା ।।

କର୍ଲାଖମାର, ସିନାପାଲି, ନୂଆପଡ଼ା

# ବାବାଜୀଙ୍କ ଲୋ୍ଟା ଓ ଜନତାଙ୍କ ନୋଟା



ଡ. ସୌମ୍ୟ ରଞ୍ଜନ ମିଶ୍ର

ପୁଅ ମୁଣ୍ଡେ ବନ୍ଧାହୁଏ ଶିରିପା ଏଠି
ମରିଗଲେ ବାପ
କ୍ଷଣକେ ଜନତା ଭୁଲନ୍ତି ଯେତେ ସବୁ
କଳଙ୍କିତ ପାପ ।

ନେତାଙ୍କ ଗ୍ଭଲି ଖର୍ଚ୍ଚ ପାଇଁ
କର୍ମୀ ବିକ ପାରଇ ଦାମୁଡି
ଆଙ୍ଗୁଠିରେ କାଳ ଲେସିବ୍କୁ
କତଗ୍ଭ ଛାଡି ଉଠିଆସେ ବୁଢୀ ।

ନେତାଙ୍କ ପାଇଁ କର୍ମୀ ବିଗ୍ଭେଧି ହାତକୁ
ଖୁସିଖୁସି ଦେଇଥାଏ ଷଣ୍ଢା
ମରିଗଲେନେତା, ବାପଥିବ ପୁଅବି
ଦିଏ ଛନ୍ଦ, ହୋଇଯାଏ ନଣ୍ଡା ।

ବହିରେ ଭୁଲ୍ ଲେଖା ଅଛିବୋଲି
କେଉଁଦିନ ବୁଝିବ ଜନତା
ଗ୍ଭଜତନ୍ତ୍ର ମୁଖ୍ୟ ଗ୍ଭଜା ପରି
ଗଣତନ୍ତ୍ରେ ସବୁବେଳେ ନେତା ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

# ନୀଳାଞ୍ଜନା



ଆଶା ସାହୁ ( ଆରତୀ)

ପୂରୀ ବଡ଼ ଦେଉଳର ଏହି ସାନ୍ଧ୍ୟ ଆଳତି ର ଲୋଭ ମୁଁ ଅଦ୍ୟାବଧି କଦାପି ସମ୍ବରଣ କରିପାରି ନାହିଁ। ଯେତେ ବ୍ୟସ୍ତତା ଥାଉନା କାହିଁକି, ଏହି ସମୟଟା ମୋତେ ଆକର୍ଷି ଆଣେ ମୋର ପ୍ରିୟ ଗରୁଡ଼ ସ୍ତମ୍ଭ ନିକଟକୁ। ସେହି ସ୍ଥାନରୁ ଜଗନ୍ନାଥଙ୍କର ବିଶ୍ୱ ମୋହିନୀ ଛଟାକୁ ଆକଣ୍ଠ ପାନ କରି ମୁଁ ହଜିଯାଏ ସେହି ବିରାଟ ଚକା ନୟନ ଭିତରେ। ଘଣ୍ଟ, ଘଣ୍ଟା, କରତାଳ ଇତ୍ୟାଦିର ସମୂହ ନାଦ ମଧ୍ୟରେ ଏକ ବାଇଆ ଭକ୍ତର ଜଗନ୍ନାଥ ସହସ୍ର ନାମର ଧ୍ୱନି ମୋତେ ଆହୁରି ସମ୍ମୋହିତ କରି ଟାଣି ଧରେ। ଯେତେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲେ ମଧ୍ୟ ମୁଁ ସେଠାରୁ ଫେରି ପାରେ ନାହିଁ ତାର ଜପ ସମାପ୍ତି ପୂର୍ବରୁ।

ସେଦିନ କିନ୍ତୁ ମୋର ମନ ଜଗନ୍ନାଥ ଆଳତିରୁ ଅନୈଚ୍ଛିକ ଭାବରେ ବିରତି ନେଇଥିଲା ମୋର ଅଜାଣତରେ। କାରଣ ମୋର ଦୃଷ୍ଟି ତାକୁ ଅନୁସରଣ କରି ଥିଲା, ଯାହାର ଅନୁସନ୍ଧାନ ରେ ମୋର ଦୀର୍ଘ ପଇଁତିରିଶ ବର୍ଷର ଚେଷ୍ଟା ବ୍ୟର୍ଥ ହୋଇଥିଲା। ଗୋଇଠି ଟେକି ପାଦଅଗରେ ଠିଆ ହୋଇ ମୁଁ ତାକୁ ଭଲକରି ଦେଖିବାକୁ ଚେଷ୍ଟା କଲି ଭକ୍ତ ମାନଙ୍କର ଭାବ ବିହ୍ୱଳିତ ହୋଇ ଦୋଳାୟିତ ହେଉଥିବା ମୁଣ୍ଡ ମାନଙ୍କ ଉପରୁ। ହଁ ତ, ତାକୁ ଚିହ୍ନିବାରେ ମୋର ଜମା ଭୂଲ ହୋଇ ନପାରେ। ସିଏ ନିଜେ ହିଁ ତ କହିଥିଲା, "ବିଧାତା ଦୁଇ ପ୍ରକାର ଛାଞ୍ଚ ବ୍ୟବହାର କରିଥାନ୍ତି ମନୁଷ୍ୟ ଗଢ଼ିବାରେ, ଗୋଟିଏ ଛାଞ୍ଚରେ ଥୋକରେ ଏକା ପ୍ରକାର ଚେହେରା ବିଶିଷ୍ଟ ମନୁଷ୍ୟ ଗଢ଼ନ୍ତି। ଅନ୍ୟ ଗୋଟିଏ ମୌଳିକ ଛାଞ୍ଚ ଯେଉଁଥିରେ ବିଶେଷ ପ୍ରକାର ଚେହେରା ବିଶିଷ୍ଟ ମନୁଷ୍ୟ ଗଢ଼ି ସେ ଛାଞ୍ଚଟିକୁ ନଷ୍ଟ କରି ଦିଅନ୍ତି। ମୁଁ ସେହି ମୌଳିକ ଛାଞ୍ଚର ଉତ୍ପତ୍ତି, ଯାହାକୁ ଥରେ ଦେଖିଲେ ଆଜନ୍ମ ଭୂଲି ହେବ ନାହିଁ।"

ପ୍ରବଳ ଭୀଡ଼କୁ ଠେଲି ମୁଁ ଯେତେ ଆଗକୁ ଯିବାକୁ ଚେଷ୍ଟା କଲି, ଭୀଡ଼ ମୋତେ ସେତେ ପଛକୁ ଠେଲି ଦେଲା। ମୁଁ ଭାବିଲି ଯିବ କୁଆଡ଼େ, ମନ୍ଦିରର ପରିକ୍ରମା ତ କରିବ ନିଶ୍ଚେ। ସେତିକି ବେଳେ ତାର ଭେଟ ପାଇଯିବି। ଆଳତି ନେଇ ମୁଣ୍ଡିଆ ନ ମାରି କେବଳ ହାତ ଯୋଡ଼ି ମୁଁ କାଳବିଳମ୍ବ ନକରି ବାହାରକୁ ଆସିଲି। ମନ୍ଦିର ବେଢ଼ା ସାରା ତନ୍ନ ତନ୍ନ ଖୋଜିଲି, ଶେଷରେ ନିରାଶ ହୋଇ ସମୁଦ୍ର କୂଳରେ ଆସି ମୋର ସର୍ବଥା ପରିଚିତ ଏକ ଜନ ମାନବ ଶୂନ୍ୟ ସ୍ଥାନରେ ବସିଲି। କୁହାଯାଏ, ସମୁଦ୍ରର ପ୍ରଶାନ୍ତ ରୂପ ଦର୍ଶନ ନିରାଶାରେ ଆଶାର ସଞ୍ଚାର କରେ ଓ ତାର ଔଦାତ୍ୟ, ଉଦାସୀ ମନକୁ ଶାନ୍ତି ପ୍ରଦାନ କରେ। ସମୁଦ୍ରର ଦିଗନ୍ତ ବିସ୍ତାରି ଜୁଆରର ଭଙ୍ଗା ସହ  ମୋର ମନର ନୈରାଶ୍ୟ ଧୀରେ ଧୀରେ ଅପସରି ଯାଉଥିଲା। ଅଗ୍ୟନକ ମୋର ପଛରେ କାହାର ଉପସ୍ଥିତି ମୋର ତନ୍ମୟତା ଭଙ୍ଗ କଲା। ବେଳାଭୂମିର ଏହି ନିର୍ଜନ ସ୍ଥାନଟିରେ ତ ମୋର ଏକାନ୍ତ ଅଧିକାର। ସାଧାରଣତଃ କେହି ଏହି ସ୍ଥାନକୁ ଆସନ୍ତି ନାହିଁ। ତେବେ ଇଏ କିଏ? ମୋର ନିରାଶ ମନରେ ଆଶାର ଆଲୋକ ଦେଖାଗଲା, ଆନନ୍ଦରେ ଆତ୍ମହରା ହୋଇ ମୁଁ ପ୍ରଶ୍ନ କଲି,

"ନୀଳାଞ୍ଜନା କି? "

ସେ ନ ଶୁଣିଲା ପରି ରହିଲା। ମୁଁ ଆଶ୍ଚର୍ଯ୍ୟ ହେଲି । ମୋର ତ ତାକୁ ଚିହ୍ନିବାରେ କଦାପି ଭୁଲ ହୋଇ ପାରେନା । ତା କହିବା ଅନୁଯାୟୀ ଭୀଡ଼ ଭିତରେ ସମ୍ପୂର୍ଣ୍ଣ ପୃଥକ ବାରି ହେଲା ଭଳି ତାର ରୂପ । କୃଷ୍ଣତାରେ ଏପରି ଲାବଣ୍ୟ ଓ ରୂପ ମାଧୂର୍ଯ୍ୟ ଖୁବ କମ ଦେଖିବାକୁ ମିଳେ। ଗାଢ଼ କୃଷ୍ଣ ବର୍ଣ୍ଣର ଶରୀରରେ ଗାଢ଼ ନୀଳ ବର୍ଣ୍ଣର ପଶାପଲ୍ଲି ଶାଢ଼ୀ। ସେ କହୁଥିଲା, ଯେତେ ଗାଢ଼ ଦେହର ରଙ୍ଗ ହେବ ସେତିକି ଗାଢ଼ ରଙ୍ଗର ପୋଷାକ ପିନ୍ଧିବା ଉଚିତ। ଫିକା ରଙ୍ଗ ତ ସଫା ଲୋକଙ୍କ ପାଇଁ । ପୋଷାକ ପସନ୍ଦ ଚୟନରେ ସେ ଥିଲା ଅତୁଳନୀୟା । ଫେସନ କରିବାରେ ସେ ଥିଲା ଉଗ୍ର ଆଧୁନିକା । ପୃଷ୍ଠ, ଭୁଜ ଦର୍ଶନା ବ୍ଲାଉଜ ଓ ନାଭୀଦର୍ଶନା ଶାଢ଼ୀ ପିନ୍ଧିବା ଓ ସେ ମଧ୍ୟ କଲେଜ କ୍ୟାମ୍ପସ ଭିତର, ସେ ହିଁ ବୋଧେ ଆଦିକିଶୋରୀ ଥିଲା। ହାତକଟା ବ୍ଲାଉଜରେ ଥିଲାବେଳେ ଯଦି କେହି ପୁରୁଷ ସହପାଠୀ ବା ଶିକ୍ଷକ ଆସନ୍ତି, ମୁଁ ଆକଟ କରେ, "କାନି ଘୋଡ଼େଇ ହେଇପଡ଼ ମୂର୍ଖ ।"

ସେ ଅତି ନିର୍ଲଜ ଭାବରେ ନିଜର ଲୋମହୀନ ହାତକୁ ଟେକ ଦେଇ କହେ:

"ମୁଁ ଲଜ୍ଜିତ ହେବାର କୌଣସି କାରଣ ହିଁ ନାହିଁ । ସୁନ୍ଦର ଅବୟବ କୁ ସୁନ୍ଦର ଭାବରେ ପ୍ରଦର୍ଶନ କରିବାରେ ତ ମୋ ମତରେ, କୌଣସି ନିର୍ଲଜ୍ଜତା ନାହିଁ।"

ତା ମୁହଁରେ ଆତ୍ମବଡ଼ିମା, ଆତ୍ମଶ୍ଳାଘା ନାଁ ଗି ଆତ୍ମବିଶ୍ୱାସ ମନେହୁଏ । ବଡେଇ ତାକୁ ଶୋଭା ଦିଏ । ସତରେ ତାର ମସୃଣ ପୃଷ୍ଠ ଭାଗ ଓ ସୁନ୍ଦର ସୁଗଠିତ ଦୀର୍ଘ ବାହୁ ଦ୍ୱୟ ଅନେକ ଲଳନା ଙ୍କ ଇର୍ଷ୍ୟା ର କାରଣ ଥିଲା ।

ମୁଁ ନିଃସନ୍ଦେହ ହୋଇ ତା ଆଡ଼କୁ ଦୁଇ ବାହୁ ପ୍ରସାରିତ କରି ଧାଇଁଲି ।

'ଅଞ୍ଜନା

"ମୁଁ ତ ଅଞ୍ଜନା ନୁହେଁ"

ମୁଁ ପୁଣି ସଙ୍କୁଚିତ ହୋଇ ପଡ଼ିଲି।

"ଆଇ ଏମ ସରି"

"ୟୁ ନିଡ ନଟ ବି ସରି, ଇଡିୟଟ, ତୁ ସେହି ଇଡିୟଟ ହିଁ ରହିଗଲୁ । କହିଥିଲି ନା ମୁଁ ବିଧାତାର ମୌଳିକ କୃତି ବୋଲି, ଆରେ ଆରେ, କଣ କରୁଛୁ ? ମୋତେ ଛୁଇଁବୁନି। ଦୀକ୍ଷିତା ମୁଁ ଗୁରୁଙ୍କ ଦ୍ୱାରା । ଭୁଲ ବୁଝିବୁନି। ମନ୍ତ୍ର ଜପ ନ ସରିଲା ପର୍ଯ୍ୟନ୍ତ ମୁଁ କାହାକୁ ସ୍ପର୍ଶ କରିବା ମନା, ଆରେ, ଏତେ ଦୂରରେ ବସିବା ଦରକାର ନାହିଁ, ଆଉ ଟିକଏ ଘୁଞ୍ଚି ଆସ"।

"ଅଞ୍ଜନା, କେଉଁଠାରେ ଥିଲୁ ଏତେଦିନ? ମୁଁ କେତେ ଖୋଜିଛି, କେତେ ଚିଠି ଟେଲିଗ୍ରାମ ଦେଇଛି । "
"ଷ୍ଟୁପିଡ, ମୁଁ ସେ ଚିଠି ପାଇବି କେମିତି? "

ମୁଁ ବୁଝିଗଲି, କେଦାର ସହିତ ତାର ସମ୍ବନ୍ଧ ନେଇ ବୋଧେ ପିତୃଗୃହକୁ ସେ ତ୍ୟାଗ କରିଥିବ।

"ତାହେଲେ କଣ, କେଦାର ସହ...."
ମୋର ବାକ୍ୟ ପୂର୍ଣ୍ଣ ନ ହେଉଣୁ ସେ କହିଲା,

"ହଁ, ଆମେ ଏକଞ୍ଚ ଅଛୁ"

"ଅଞ୍ଜନା, ମୋ ବିଷୟରେ କଛି ଜାଣିବାକୁ ଇଚ୍ଛା ନାହିଁ? "

ସେ ମୋତେ ସ୍ପର୍ଶ କରିବାକୁ ହାତ ବଢ଼ାଇ ପୁଣି ପଛକୁ ଟାଣି ନେଲା।

"ଓହୋ, କେଡ଼େ ଭୁଲ କରିବାକୁ ଯାଉଥିଲି"

ମୁଁ ଭାବିଲି, କ ନାଟକ ଗ୍ଭଲିଛି ଏଠି, ଏତେ ଦିନ ପରେ ଦେଖା ସାକ୍ଷାତ, ଅଥଚ ମୁଁ ତାକୁ ଛୁଇଁ ପାରିବି ନାହିଁ।

ସେ କହିଲା,

"ଜାଣିଛୁ, ତୋର କପାଳରେ ବଡ଼ ବିନ୍ଦି ଓ ହାତରେ ମୁଠାଏ ଲେଖାଏଁ କାଚ ଦେଖି ମୁଁ ସେତେବେଳେ ତୋତେ ଆଦିମ ଜନଜାତି ବୋଲି ଚଢ଼ଉ ଥିଲି, କନ୍ତୁ ବର୍ତ୍ତମାନ ତୋର ରିକ୍ତ ହସ୍ତ ଓ କୁଙ୍କୁମ ବିହୀନ ଲଲାଟ ଦେଖି ମୋତେ ଖୁବ୍ ଯନ୍ତ୍ରଣା ହେଉଛି, ତଥାପି ଭାବୁଛି, ତୁ ତ କଛି ହେଲେ ପାଇ ହରେଇଛୁ । କନ୍ତୁ ମୋର ସବୁ ଥାଇ ମଧ୍ୟ ମୁଁ କଛି ପାଇପାରି ନାହିଁ।"

ତାର ଅଥାହ ରିକ୍ତ ଆଖିର ଗଭୀରତାରେ ମୋତେ ସମ୍ପୂର୍ଣ୍ଣ ଅତୀତ ଜଳଜଳ ଦୃଶ୍ୟମାନ ହେଲା ।

୧୯୮୪ ମସିହା, ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରର ବିଭୀଷିକାରୁ, ଜେ ଏନ୍ ୟୁ କେମ୍ପସ୍ ମ ବର୍ତ୍ତି ଯାଇ ପାରି ନଥିଲା । ଓ ଏହାର କଛିଦିନ ପୂର୍ବରୁ ନୀଳାଞ୍ଜନା ଭବିଷ୍ୟତ ବାଣୀ ଶୁଣେଇଥିଲା ମୋତେ ଓ ଆମେ ଅଚରେ ଟିକଟ କରି ଛୁଟି ନେଇ ଗ୍ଲି ଯାଇଥିଲୁ ଆମ ଓଡ଼ିଶାକୁ ।

"ଜାଣିଛୁ, ଦିଲ୍ଲୀରେ ବହୁତ ବଡ଼ ଧରଣର ଦଙ୍ଗା ସୃଷ୍ଟି ହେବାକୁ ଯାଉଛି । ଆମ କେମ୍ପସ୍ ମଧ୍ୟ ଏହା ଦ୍ୱାରା ବହୁତ ପ୍ରଭାବିତ ହେବ । ମୁଁ ଏଇ ବର୍ତ୍ତମାନ ଦେଖିକ ଆସୁଛି । ଏଠାରେ ମୃତ୍ୟୁର ତାଣ୍ଡବଲୀଳା ଘଟିବ । "

"ତାହେଲେ ଗ୍ଲୁନୁ, ସମସ୍ତଙ୍କୁ ସାବଧାନ କରିଦେବା"

"ବୋକା, ମୋ କଥାକୁ କଏ ସେ ବିଶ୍ୱାସ କରିବ? ଆଉ କାହା କଥା ଭୁବେ ନା । ଗ୍ଲ, ଆମେ ପଳେଇବା ।"

ସେପ୍ଟେମ୍ବର ୨୫ ତାରିଖରେ ଆମେ ଦିଲ୍ଲୀ ଛାଡ଼ିଲୁ । ନୀଳାଞ୍ଜନା ର କୃପାରୁ ବାତାନୁକୂଳତ ବଗିରେ ବସି ମୁଁ ତାକୁ ପଗ୍ଭରିଲି, "ଆମ ସାଙ୍ଗ ସାଥି ମାନଙ୍କ ସହ କଛି ଦୁର୍ଘଟଣା ହେବନ ତ" ।

"ମୁଁ ଦେଖିଲି, ସମସ୍ତେ କଲେଜରେ ଉପସ୍ଥିତ ଅଛନ୍ତି, ଜଣକୁ ଛାଡ଼ି"
"କଏ ସେ ଭାଗ୍ୟହୀନ"

"ସମରଜୀତ ସିଂ"
"ଏଁ!!! ସିଏ ତ ସବୁଠାରୁ ଶାନ୍ତ ଶିଷ୍ଟ ଓ ସବୁଠାରୁ ପ୍ରତିଭାଶାଳୀ ପିଲା , ତାର ଦଙ୍ଗା ସହ କଣ ସମ୍ପର୍କ? "

"ମୋତେ ଆଉ କିଛି ଜଣା ନାହିଁ, ମୋତେ କେବଳ ଏତିକି ଦେଖାଗଲା, ତା ରୁମରୁ ତାକୁ ଟାଣି ଆଣି କିଛି ଉତ୍ୟକ୍ତ ଲୋକ ତାକୁ ସାମନାରୁ ଗୁଳି ମାରିଦେଲେ।"

ମୋର ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା।

ଏକ ଅଲୌକିକ ଶକ୍ତି ପାଇଥିଲା ନୀଳାଞ୍ଜନା । ତାର କହିବା ଅନୁଯାୟୀ, ତାର ଏହି ଶକ୍ତି ବିଷୟରେ କେବଳ ତାର ମାତାପିତା ହିଁ ଅବଗତ ଥିଲେ । କେମିତି କେଜାଣି ମୋ ମୁଣ୍ଡରେ ଐଶ୍ୱବତ ସୁବର୍ଣ୍ଣ କଳସ ଢାଳଥିଲା କି କଣ, କାହାକୁ ମହତ୍ତ୍ୱ ଦେଉ ନଥିବା ନୀଳାଞ୍ଜନା ମୋତେ ତାର କନିଷ୍ଠ ଭଗିନୀ ତୁଲ୍ୟ ସ୍ନେହ କରୁଥିଲା । ତେଣୁ ମୁଁ ତାର ଏହି ଶକ୍ତି ବିଷୟରେ ଜାଣିବାର ସୌଭାଗ୍ୟ ଅର୍ଜନ କରିଥିଲି । ତାକୁ ଯେତେବେଳେ ଆଠ ବର୍ଷ ହୋଇଥିଲା ହଠାତ ଦିନେ ଖାଉବେଳେ କାନ୍ଦି ଉଠିଲା,

"ମା, ମା, ଦେଖ ସାନମାମୁଁଙ୍କୁ ବାନ୍ଧି ନେଇ ଯାଉଛନ୍ତି। ଆଇ କାନ୍ଦୁଛନ୍ତି । ମା, ଦେଖନା, ମାମୁଁଙ୍କୁ ଏକ କୋଠରୀ ଭିତରେ ବନ୍ଦୀ କରି ଦେଉଛନ୍ତି। ମାମୁଁ ନିଜର କପଡ଼ା ଖୋଲି ହି ହି ହସୁଛନ୍ତି । ସେଠାରେ ଆହୁରି କେତେ ଲୋକ ଅଛନ୍ତି । କିଏ ହସୁଛି ତ କିଏ କାନ୍ଦୁଛି । ମା ମାମୁଁଙ୍କର କଣ ହୋଇଛି? "

ମା ଭାବିଲେ, ଅଞ୍ଜନା ବୋଧେ ସ୍ୱପ୍ନ ଦେଖିଲା। କିନ୍ତୁ କିଛି ଦିନ ପରେ ଚିଠି ଆସିଲା ଯେ ତାର ମାମୁଁ ପାଗଳ ହୋଇ ଯାଇଥିଲେ। ଆଉ ଯେଉଁ ଦୃଶ୍ୟ ଅଞ୍ଜନା ବର୍ଣ୍ଣନା କରିଥିଲା ଅବିକଳ ସେହିପରି ଘଟିଥିଲା।

ବାପା ମାଆଙ୍କୁ ମନା କଲେ ଏ ବିଷୟରେ କାହା ସହିତ ଆଲୋଚନା କରିବାକୁ। ସେ ଭୟ କରୁଥିଲେ ଏହି ଦିବ୍ୟ ଦୃଷ୍ଟି ଅଞ୍ଜନା ପାଇଁ କାଳର ରୂପ ନେଇ ତା ପାଇଁ ଅଭିଶାପ ପାଲଟି ନ ଯାଉ।

ଆଉଥରେ ତାର ବାପା ଏମିତି ହାଲୁକା ଭାବରେ ପଚାରି ଦେଇ ଥିଲେ, "କହିଲୁ ଝିଅ, ଏଥର ଟାଟା ନା ବିଡ଼ଲାର ସେୟର ଉପରକୁ ଯିବ? "

ହଠାତ, ନୀଳାଞ୍ଜନାର ମୁହଁ ଲାଲ ହୋଇଗଲା, ଆଖିରେ ଅପୂର୍ବ ତେଜ ଓ ମୁଖମଣ୍ଡଳରେ ସୂର୍ଯ୍ୟଙ୍କ ଭଳ ଉଜ୍ଜ୍ୱଳ ଆଭା ନେଇ ଗୁରୁ ଗମ୍ଭୀର କଣ୍ଠରେ ସେ କୌଣସି ଦେବୀଙ୍କ ଭଳ ଭବିଷ୍ୟତ ବାଣୀ ଶୁଣେଇଲା ।

"ଏଥର ଅମ୍ବାନୀର ସେୟର ଉପରକୁ ଯିବ ।"

ବାପା ଭାବିଲେ, ଅମ୍ବାନୀ ବଜାରରେ ନୂଆ । ତାର କପରି ଉନ୍ନତି ହେବ ଯେ ? ତଥାପି ସେ ଜୁଆ ଖେଳ ପରି ଅମ୍ବାନୀ କମ୍ପାନୀରେ ସେୟର ଖଟାଇ ଥିଲେ। ଆଶ୍ଚର୍ଯ୍ୟର କଥା, ଅଞ୍ଜନାର ଦୀବ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଥିଲା ।

ତା ପରଠାରୁ ତାର ବାପା ତାକୁ ନ ପଚାରି କୌଣସି ବ୍ୟାବସାୟିକ କାମ କରୁ ନଥିଲେ। ତାଙ୍କର ସମ୍ପତ୍ତି ଥଳକୁଳ ନ ମାନ ବଢ଼ି ଚାଲିଲା ।

ସେ ପୁଣି କହିଲା, "ଜଣା ନାହିଁ ସ୍ଥିତି କେବେ ସାମାନ୍ୟ ହେବ। ତେବେ ଏଥର ବାପାଙ୍କୁ କେଦାର ବିଷୟରେ କହିବି।'

"ତୁ ଭାବୁଛୁ ତୋ ବାପା ରାଜି ହୋଇଯିବେ" ।

ମୁଁ ଥରେ ଯାଇଥିଲି ତାଙ୍କର କଟକ ସ୍ଥିତ ବିରାଟ ଅଟ୍ଟାଳକା ସଦୃଶ ବାସଭବନକୁ। ଏତେ ସୁରମ୍ୟ ମହଲରେ ଢିଲା ପାଇଜାମା ଓ ଛିଣ୍ଡା ଚପଲ ପିନ୍ଧା କାଙ୍ଗାଳ କଳାକାର କେଦାରକୁ କୌଣସି ଫିଟ୍ କରି ପାରୁ ନଥିଲି।

"ତୁ କଣ ଭାବୁଛୁ ବିନା ପ୍ରମାଣ ନେଇ ମୁଁ ଯାଉଛି। ଏଇ ଦେଖ", ସୁଟକେଶରୁ ସେ ବାହାର କରିଥିଲା କେଦାର ଦ୍ୱାରା ପ୍ରସ୍ତୁତ ନିଜର ପୋର୍ଟ୍ରେଟ। ଅଦ୍ଭୁତ ଥିଲା ପୋର୍ଟ୍ରେଟ ଟି। ନୀଳାଞ୍ଜନାର ସ୍ମିତହାସ୍ୟ ରହସ୍ୟମୟ ଲାଗୁଥିଲା। ସକାଳେ ଉତଫୁଲ୍ଲିତ ତ ସନ୍ଧ୍ୟା ବେଳେ ଉଦାସୀ। ବିଶ୍ୱ ଚିତ୍ର ମେଳାରେ ପ୍ରଦର୍ଶିତ ହୋଇଥିଲେ ହୁଏତ ମୋନାଲିସାକୁ ପରାସ୍ତ କରି ପାରି ଥାଆନ୍ତା।

'ମୋ ବାପା କଳାର ପୁଜାରୀ। ଗୁଣଗ୍ରାହୀ। ଦେଖିବୁ ସେ ନିଶ୍ଚୟ ମାନିଯିବେ। "

ସତରେ କେଦାର ପରି ବିତରାଗୀ ଏକ କଳାକାରର ଆବିର୍ଭାବ ଆମ କେମ୍ପସ୍ କୁ ସରଗରମ କରି ଦେଇ ଥିଲା। ତା ବିଷୟରେ ଆଲୋଚନା ଓ ଚର୍ଚ୍ଚା ଏକ ପ୍ରକାର ସମସ୍ତଙ୍କୁ ବ୍ୟସ୍ତ କରି ରଖୁଥିଲା, ଏକା ନୀଳାଞ୍ଜନାକୁ ଛାଡ଼ି।

ସୌମ୍ୟ ଦର୍ଶନ କିନ୍ତୁ ଅବ୍ୟବସ୍ଥିତ, ଶ୍ମଶ୍ରୁଳ କେଦାର, ଏକାନ୍ତରେ ବସି ବଂଶୀ ବଜାଉଥିଲା, ନହେଲେ ଚିତ୍ର ଆଙ୍କୁଥିଲା। କଲେଜର ସବୁ ଝିଅ ତା ପ୍ରତି ଆକୃଷ୍ଟ ହୋଇ ଯାଉଥିଲେ। ତା ପାଖକୁ ବାହାନା କରି ଯାଉଥିଲେ, କିନ୍ତୁ କେଦାର ଏପରି ଧ୍ୟାନମଗ୍ନ ରହୁଥିଲା ଯେ କାହାର ଉପସ୍ଥିତି ସେ ମୋଟେ ଜାଣି ପାରୁ ନଥିଲା। ଏସବୁ ଦେଖି ନୀଳାଞ୍ଜନା ବିରକ୍ତ ହେଉଥିଲା। ଝିଅ ଗୁଡ଼ାକର ରୁଚି ଶୀଳତା ବୋଲି କିଛି ନାହିଁ। ସୁନ୍ଦର ରୂପ ଦେଖିଲେ ଲୋଭୀ କୁକୁର ଭଳି ଗୋଡେଇ ଯାଉଛନ୍ତି। ଛିଃ କେତେ ଅପରିଷ୍କାର ରହୁଛି ଲୋକଟା । ପାଖକୁ ଗଲେ ଇନ୍ଫେକ୍ସନ୍ ହୋଇ ଯିବ।

ସେହି ନୀଳାଞ୍ଜନା, ଗୋଟିଏ କନସର୍ଟରେ କେଦାର ର ବଂଶୀ ବାଦନ ଶୁଣି ଏକା ବେଳକେ ତାର ପ୍ରେମିକା ହୋଇଗଲା। ମୀରା, ରାଧା ଭଳି ପ୍ରେମ ପାଗଳିନୀ।

ଏହି ରେଳ ଯାତ୍ରା ହିଁ ଆମର ବନ୍ଧୁତ୍ୱରେ ଯବନିକା ଟାଣିଥିଲା। ସମୟର ଏହି ବିନ୍ଦୁରେ ହିଁ, ଦୁନିଆର ବ୍ୟସ୍ତତାର ଭୀଡ଼ରେ ନୀଳାଞ୍ଜନା ମୋଠାରୁ ଖସିଗଲା ଦୂରକୁ ଦୂରକୁ, ଆହୁରି ଦୂରକୁ।

"ତୋ ବାପା ତାହେଲେ ରାଜି ହୋଇଗଲେ? "

"ସେ ଏକ ଲମ୍ବା କାହାଣୀ," ଦୀର୍ଘ ନିଶ୍ୱାସ ନେଲା ସିଏ।

"ମୁଁ ଥରେ କେଦାରକୁ ଘରକୁ ଡାକିଥିଲି, କିନ୍ତୁ ସେ ଇଡିୟଟ ମୋତେ ଠକିଦେଇ ପଳେଇ ଗଲା।ପଛରେ ଆସିବ ବୋଲି କହି" ।

ମୁଁ ଭାବିଲି ଭଲ କଲା ସିଏ ନ ଆସି। ତା ବାପା ତାକୁ କ ସମ୍ମାନ ଦେଇଥାନ୍ତେ ଯେ?

"ମୁଁ ବାପାଙ୍କୁ ଯେମିତି ତା ବିଷୟରେ କହିଲି, ସେ କ୍ରୋଧରେ ଅଜ୍ଞାନ ହେଇଗଲେ, ସେ କହିଲେ"-

- ସେହି ଦରିଦ୍ର କାଙ୍ଗାଳ ପାଖରେ ତୁ କ ସୁଖ ପାଇବୁ। ଏହି କୀର୍ତ୍ତି କରିବା ପାଇଁ ମୁଁ ତୋତେ ଦିଲ୍ଲୀ ପଠେଇ ଥିଲି।

- ବାପା ମୁଁ ତା ପାଖରେ କେମିତି ଚଳବି ସେଇଟା ପ୍ରଶ୍ନ ନୁହେଁ, କାରଣ ଟି ଆଉ କଛି। ସତ କହିବାକୁ ଗଲେ ଆପଣ ଗ୍ରହାଁନ୍ତି ନାହିଁ ଯେ ମୋର ବିବାହ ହେଉ । ସୁନା ଅଣ୍ଡା ଦିଆ କୁକୁଡ଼ା ଯେ ମୁଁ ତୁମ ପାଇଁ।।

ଆକ୍ରୋଶରେ କହି ଦେଇ ମୁଁ ଶୀହରି ଉଠିଲି।। ଏ କଣ କଲି ମୁଁ କନ୍ତୁ ତୀର ଧନୁରୁ ବାହାରି ସାରିଥିଲା।

ବାପା ନଜର ଛାତିକୁ ଚ୍ରପି ଧରି ସୋଫା ଉପରେ ବସି ପଡ଼ିଲେ। ମାଆ ମୋତେ ସେଠାରୁ ଟାଣି ନେଇଗଲା।" ବାପାଙ୍କ ଜୀବନ ନେବୁ ନା କଣ? "

"ବାପା ତ ସୁସ୍ଥ ହୋଇ ଗଲେ, ମୁଁ କନ୍ତୁ ଭୀଷଣ ଭାବରେ ଅସୁସ୍ଥା ହୋଇ ପଡ଼ିଲି। ଶରୀର ନସ୍ତେଜ ହୋଇ ଗଲା। ମୁଖ ମଣ୍ଡଳ ଶେଥା ପଡ଼ି ଗଲା। ମୁଁ ବିଛଣା ଲଗା ହୋଇ ପଡ଼ିଲି।"

ଦିନେ ବାପା ମୋତେ ଖୁବ୍ ସ୍ନେହରେ ପାଖରେ ବସାଇ କହିଲେ, "ତୁ କଣ ଭାବୁଛୁ, କେଦାର ଦରିଦ୍ର ବୋଲି ମୁଁ ମନା କରୁଛି। ନା ମା ଜାଣିଛୁ, ତା ବାପାକୁ ଗଳତ କୁଷ୍ଠ। ଜାଣି ଜାଣି ମୁଁ ମୋର ସୁକୁମାରୀ ଝିଅକୁ କପରି ବା କୂଅକୁ ପେଲିଦେବି।"

ପୁଣି କହିଲେ, "ତୋର ଯଦି ବିଶ୍ୱାସ ନ ହେଉଛି ଚ୍ଚଲ ତୋତେ ଦେଖେଇ ଆଣିବି।"

ମୁଁ ଯାଇଥିଲି ବାପାଙ୍କ ସହ ସେହି ପୂତି ଗନ୍ଧମୟ ନର୍ଦ୍ଦମାକ୍ତ ବସ୍ତି କୁ। ତା ଭିତରକୁ ଆମ କାର ପଶି ପାରି ନଥିଲା। ମୁଁ ଆଶ୍ଚର୍ଯ୍ୟ ହେଉଥିଲି କେଦାର କଣ ଏହି ବସ୍ତିର ବାସିନ୍ଦା?

ଆମେ ବସ୍ତି ଲୋକଙ୍କୁ ପଚାରିଲୁ ତାର ଠିକଣା।

ଜଣେ ଘୃଣାରେ ନାକ ଟେକ କହିଲା, "କୁଷ୍ଠ ରୋଗୀ କେଦାରର ବାପା କୁ ଏ ବସ୍ତିରୁ ତଡ଼ି ଦିଆ ଯାଇଛି। ଲୁଚେଇ ରଖିଥିଲା। ଯେତେବେଳେ ଆଙ୍ଗୁଠି ପଚ ଝଡ଼ି ପଡ଼ିଲା, ସମସ୍ତେ ଜାଣିଲେ।"

ମୋର ହୃଦୟ ଶତ ବିଦୀର୍ଣ୍ଣ ହୋଇ ଯାଉଥିଲା। ବାପା ଆଉ କଛି କହି ନଥିଲେ।

ମୁଁ କଛି ଦିନ ପରେ ବାପାକୁ କହିଲି ଯେ ମୁଁ ପି ଏଚ ଡି କରିବାକୁ ବିଦେଶ ଯିବାକୁ ଚାହେଁ। ବାପା ଖୁସିରେ ରାଜି ହୋଇଗଲେ। ମାଆର ମନ ଦୁଃଖରେ ଫାଟି ଯାଉଥାଏ। ଦିନେ ମୋତେ କହିଲା,

"ଅଞ୍ଜନା, ସମସ୍ତଙ୍କ ଭବିଷ୍ୟତ ଦେଖୁଛୁ, ନିଜର ଭବିଷ୍ୟତ ବିଷୟରେ କଛି କହ ମାଆ। ବିଦେଶ ଯିବା ପୂର୍ବରୁ ତୋର ବିବାହ ବିଷୟରେ କଛି ଚନ୍ତା କର।"

ମୁଁ ଫିକା ହସଟିଏ ହସିଥିଲି।

ଏତିକ କହିସାରି ନୀଳାଞ୍ଜନା ବାଲିରେ ଗାର ଟାଣିବାକୁ ଲାଗିଲା। ମୋତେ ଲାଗିଲା ସେ ବୋଧେ କାନ୍ଦୁଛି।ମୁଁ ପଚାରିଲି" ଅଞ୍ଜନା, ସତରେ କଣ ତୁ ତୋର ଭବିଷ୍ୟତ ଦେଖି ନଥିଲୁ, ।"

"ଅନେକ ଥର ଚେଷ୍ଟା କରିଛି, ଏକାଗ୍ରତା ଆଣିଛି, କନ୍ତୁ ପ୍ରତ୍ୟେକ ଥର ମୋତେ କେବଳ ଅନ୍ଧକାର ଦେଖାଯାଇଛି। ଘମାଘୋଟ ଅନ୍ଧକାର। ତାପରେ ମୋର ପ୍ରଭୁଙ୍କୁ ନେହୁରା ହେଲି,

ମୋର ଭବିଷ୍ୟତ ଯାହା ହେଉ ପ୍ରଭୁ, ମୋର କେଦାରର ଭବିଷ୍ୟତ ଟିକେ ଦେଖେଇ ଦିଅ। କେଉଁଠି ଅଛି ସେ, କେମିତି ଅବସ୍ଥାରେ ଅଛି।'

ମୁଁ ଉଦଗ୍ରିବ ହୋଇ ପଗ୍ଭରିଲି "କଣ ଦେଖିଲୁ? "

ଉତ୍ତରରେ ସେ ଯାହା କହିଲା ଶୁଣି ମୋର ଲୋମ ଟାଙ୍କୁରି ଉଠିଲା।

"ଗୋଟିଏ ମନ୍ଦିରର ମୁଖ୍ୟ ସିଂହଦ୍ୱାର। ବାହାରେ ଦୁଇ ପାଖରେ ଅନେକ ଭିକାରୀଙ୍କ ଆକୁଳ ଡାକ। କାହାର ହାତ ନାହିଁ। କାହାର ଗୋଡ଼ ନାହିଁ। କାହାର ଆଖିରେ କେବଳ ଦୁଇଟା କଣା। ତାଙ୍କରି ମେଳରେ ବସିଛି କେଦାର। ପାଖରେ ତାର ବଂଶୀ ଟି ପଡ଼ିଛି ହେଲେ ଅଙ୍ଗୁଳ ବିହୀନ ପାପୁଲିରେ ସେ ତାକୁ ଉଠେଇ ପାରୁନାହିଁ କ ଓଷ୍ଠ ବିହୀନ ମୁଖରେ ତାକୁ ବଜେଇ ପାରୁନାହିଁ।"

ଟିକେ ଦମ ନେଇ ପୁଣି କହିଲା, "ବିଦେଶରେ ଥିଲା ବେଳେ ମାଆ ପୁଣି ଫୋନରେ ନେହୁରା ହୋଇଥିଲା ମୋର ଭବିଷ୍ୟତ ଦେଖିବାକୁ। ଆଉ ମୁଁ ଦେଖିଲି ମଧ୍ୟ।ମାଆ କୁ କହିଲି, ମୁଁ ମୋର ଭବିଷ୍ୟତ ଦେଖିଛି ମାଆ, ମୁଁ ଗାଡ଼ି ନେଇ ଏକ ସୁନସାନ୍ ରାସ୍ତାରେ ଯାଉଛି। ତୋର ଉପହାର ସେହି ନୀଳ ପଣାପଲ୍ଲି ଶାଢ଼ୀ ପିନ୍ଧି। ହଠାତ ମୋ ଗାଡ଼ି ଶହ ଶହ ଫୁଟ ତଳ ଘାଟିକୁ ଡେଇଁ ପଡୁଛି। ତାପରେ ସବୁ ଅନ୍ଧାର।"

ହଠାତ ଚମକ ପଡ଼ି କହିଲା, 'ଆରେ ବାପରେ, ମୁଁ ଯାଉଛି, ଯେବେଠାରୁ କେଦାରକୁ ପାଇଛି, ତାକୁ ତାଲା ଦେଇ ବାହାରକୁ ଯାଉଛି। କାଳେ ପୁଣି ଠକଦେଇ ପଳେଇବ। ଯାଏ, ବିଚରା ଏକୁଟିଆ ଛଟପଟ ହେଉଥିବ। ପୁଣିଥରେ ଆସିବି କେଦାରକୁ ନେଇ। ଭେଟିବା ପାଇଁ ରହିବୁ ତ ? "

ତା ପରଦିନ କଟକ ବାହାରିଲି ତାକୁ ଖୋଜିବା ପାଇଁ । କ୍ଷୀଣ ସ୍ମୃତି ଓ ତା ବାପାଙ୍କ ନାଁର ଖିଅ ଧରି ଦୀର୍ଘ ପଇଁତିରୀଶ ବର୍ଷ ବ୍ୟବଧାନରେ ତାଙ୍କ ଘର ଖୋଜିବା କାଠିକର ପାଠ ଥିଲା। ତଥାପି ପାଇଗଲି।

କଲିଂ ବେଲ ବଜାଇଲାରୁ ଗୃହକର୍ତ୍ରୀ ଆସି କବାଟ ଖୋଲିଲା। ମୁଁ ମୋର ପରିଚୟ ଅଞ୍ଜନାର ସାଙ୍ଗ ହିସାବରେ ଦେଲି। କିଛି ସମୟ ଉତ୍ତାରୁ ଗୃହ ସ୍ୱାମିନୀ ଆସିଲେ, ଓ କ୍ଷୀଣ ଦୃଷ୍ଟିରେ ଚିହ୍ନିବାକୁ ଚେଷ୍ଟା କଲେ। ମୁଁ ତାଙ୍କୁ ଅବଗତ କରେଇଲି ଯେ ମୁଁ ଅଞ୍ଜନା ସହ ଥରେ ଆସି ଦୁଇଦିନ ରହିଥିଲି ଓ ତାଙ୍କ ହାତର ସୁସ୍ୱାଦୁ ମାଛ ତରକାରୀ ଖାଇଥିଲି।

ସେ ଖୁସି ହୋଇ ତାଙ୍କ ଘର ଦେଖେଇବାକୁ ଲାଗିଲେ। ସେ ଟିକେ ଉଦ୍ଭ୍ରାନ୍ତ ଜଣା ପଡୁଥାନ୍ତି। ମୁଣ୍ଡ ତାଙ୍କର ଠିକରେ କାମ କରୁ ନଥାଏ ବୋଧେ। ବାର୍ଦ୍ଧକ୍ୟର ପରିଣାମ।। ମୋତେ ନୀଳାଞ୍ଜନା ର ରୁମକୁ ନେଇ ଗଲେ। ସୁରୁଚି ରୂପେ ସଜା ହୋଇ ରହିଥାଏ କୋଠରୀଟି। ଅତୀତର ସ୍ମୃତି ମନକୁ ଉଚ୍ଛନ୍ନ କଲା। ଏହି ପଲଙ୍କରେ ତ ଆମେ ଦୁଇ ଜଣ ଶୋଇଥିଲୁ। ହେନାର ମତୁଆଲା ବାସ୍ନାରେ ବିଭୋର ହୋଇ କେତେ ଗୀତ ଗାଇଥିଲୁ। ସେହି ବାସ୍ନା ବର୍ତ୍ତମାନ ମଧ୍ଧ ରୁମଟିକୁ ମହକେଇବା ସହ ମୋତେ ମଧ୍ଧ ପାଗଳ କରୁଛି। ନୀଳ ପଶାପଲ୍ଲି ଶାଢ଼ୀଟି ହେଙ୍ଗରରେ ଟଙ୍ଗା ହୋଇଥାଏ। ଏଇ ଶାଢ଼ୀ ଟି ତ ପିନ୍ଧି ଗତକାଲି ସେ ଆସିଥିଲା। ଶାଢ଼ୀଟା ଯେମିତି ଡ୍ରାଇ କ୍ଲିନ କରି ରଖା ହୋଇଛି। ହଁ, ଅଞ୍ଜନା ଆମ ଭଳି ବେପରୁଆ ନୁହେଁ। ତାର ସବୁକଥା ନିଆରା। ଯେଉଁ ପୋଷାକ ପିନ୍ଧିଥିବ, ତାକୁ ପିନ୍ଧି ଶୋଇ ପଡିଲେ ମଧ୍ଧ ଖୋଲି ଦେଲେ ଯେମିତି କୁ ସେମିତି ନୂଆ। ସାମାନ୍ୟ ଲୋଗ୍ରକୋଚ୍ଚ ମଧ୍ଧ ନଥାଏ। ବାଥରୁମ ଯାଇଛି ବୋଧେ। ମୁଁ ତା ବିଷୟରେ ପଚ୍ଚରିବାରୁ ନ ଶୁଣିଲା ପରି ସେ କହିଲେ,

"ଯାଏ, ତୁମ ମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରେ। ଅଞ୍ଜନାର ବାପା କଟଲେଟ ଖାଇବେ ବୋଲି କହିଛନ୍ତି। ତୁ ମାଛ ଖାଇବୁ ପରା। ଅଞ୍ଜନାକୁ ପଚ୍ଚରେ, ସେ କଣ ଖାଇବ।"

ସେ ପ୍ରସ୍ଥାନ କଲା ପରେ ମୁଁ ଝରକା ପାଖକୁ ଗଲି। ତା ପାଖରେ ଥିବା ଶୋ କେଶ ଭିତରେ କେଦାର ତିଆରି କରିଥିବା ଅଞ୍ଜନାର ପୋର୍ଟ୍ରେଟ। ସୂତାଏ ହେଲେ ବଦଳ ନାହିଁ ନୀଳାଞ୍ଜନା । ସତେକି ଯେପରି ଅମୃତ ଲେପ ଲାଗିଛି ତା ଶରୀରରେ। ସେହି କମନୀୟ ରୂପ। ମୋତେ ଚଡ଼ି ମାଡ଼ିଲା। କେତେ ଡେରି କରୁଛି । ଏବେବି ବୋଧେ ବାଥରୁମଟା ତା ପାଇଁ ସବୁଠାରୁ ଫୁରସତର ସ୍ଥାନ।

ଗ୍ଭକରାଣୀ ଆସି ଗ୍ଭହା ଜଳଖିଆ ରଖିଲା। ମୁଁ ତାକୁ ପଗ୍ଭରିଲି ଅଞ୍ଜନା ସମ୍ବନ୍ଧରେ। ସେ ଆଶ୍ଚର୍ଯ୍ୟ ହୋଇ ଶୀତଳ ଦୃଷ୍ଟିରେ ରେ ଅନେଇଲା।

"ଆପଣ କଣ ଜାଣି ନାହାନ୍ତି, ଦେଇଙ୍କର ଗାଡ଼ି ଟେନ୍ସା ଘାଟିରେ ଗଳ ପଡ଼ି ଥିଲା ଓ ସେହି ଦୁର୍ଘଟଣାରେ ଦେଇ ପ୍ରାଣ ହରାଇଥିଲେ । ସେହି ଦିନଠାରୁ ତ ଏ ଘରେ ଦୁର୍ଘଟଣା ପରେ ଦୁର୍ଘଟଣା ଘଟି ଗ୍ଭଲିଛି। ବାବୁଙ୍କର ମଧ ହାର୍ଟ ଏଟେକ୍ ରେ ମୃତ୍ୟୁ ହେଲା। ମାଆଙ୍କ ମସ୍ତିଷ୍କ ବିକୃତି ଘଟିଲା । ମାଆ ଭାବୁଛନ୍ତି ସମସ୍ତେ ବୋଧେ ଜୀବିତ ଅଛନ୍ତି। ତେଣୁ ସମସ୍ତଙ୍କ ପାଇଁ ଖାଦ୍ୟ ତିଆରି କରନ୍ତି। ପ୍ଲେଟ ଲଗାନ୍ତି।। ସମସ୍ତଙ୍କୁ ଡାକନ୍ତି। ନ ଶୁଣିଲେ ଶେଷରେ କାନ୍ଦନ୍ତି। "

ମୁଁ କିଛି ଶୁଣିବା ଅବସ୍ଥାରେ ନ ଥିଲି। କାହାକୁ କିଛି ନକହି ଝଡ଼ ପରି ତାଙ୍କ ଘରୁ ବାହାରି ଆସିଲି। କାଳ ସନ୍ଧ୍ୟା, ସାନ୍ଧ୍ୟ ଆରତୀ ର ଶଂଖ ଧ୍ୱନ ଶୁଣା ଯାଉଥାଏ ସମସ୍ତଙ୍କ ଘରୁ। ମୁଁ ଭୟରେ କାତର ହୋଇ ଶୀଘ୍ର ଶୀଘ୍ର ପାଦ ବଢ଼ଉ ଥାଏ। ସେ କହିକ ଯାଇଛି, ସେ ପୁଣି ଥରେ ଆସିବ। ଏଥର କିନ୍ତୁ ଏକୁଟିଆ ନୁହେଁ, କେଦାରକୁ ସାଙ୍ଗରେ ନେଇ।

ମୁଁ ସତରେ କଣ ଭେଟିବାକୁ ଗ୍ଭହିଁବି ତାକୁ?

( ଶୀବାନଙ୍କ ଉପନ୍ୟସିକାର ଛାୟାରେ)

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଅଫେରା ଅତିତ



ସୁନତା ଗୌଡ

ଅତିତ ଆଉ ଫେରି ଆସିବନ
ଯେତେ ଚେଷ୍ଟା କଲେ ସୁଧା ।
ସ୍ମୃତି ହୋଇ ରହିଛି ଛାତି ଭିତରେ
ଭୁଲି ହେଉନାହିଁ ଯମା ।
ଏମିତି ଲାଗୁଛି ଆଜି ବି ଏଇଠି
ଆଖେ ପାଖେ ରହୁଅଛି ।
ସେ କହିଥିବା କେଇ ପଦ କଥା
ଆଜି ବି ତ ମତେ ଶୁଭୁଛି ।
ଯେତେ ଗ୍ଭହିଁଲେ ବି ଭୁଲି ହେଉନାହିଁ
ସବୁବେଳେ ମନେ ପଡୁଛି
ହାତ ଧରି ତାର ଗ୍ଭଲୁଥିବା ବେଳେ
କହିଥିଲା ସେ ସଭିଙ୍କୁ ।
ଏଇ ସାରଥି ମୋ ପାଖରେ ଥିଲେ
ଡର ମୋର ନାହିଁ ଯମା ।
ସକାଳେ ସଞ୍ଜରେ ବେଡାଏ ବୁଲି ମୁଁ
ଫେରି ଆସିବି ମୋ ଘରକୁ ।
ମୋ ଦେବେ ପଥର ପଡିଲେ ପଗ୍ଭ
ତୋ ଦେହେ ପଥର ପଡେ ।
ବାହାରକୁ ଗଲେ ଜଗି ବସୁଥିଲୁ
ମୋ ଫେରିବା ବାଟକୁ ଗ୍ଭହିଁ ।
ଖାଇବା ଦରବ ପାଇଲେ ପଗ୍ଭ ତୁ

ସାଇତି କ ରଖିଥିଲୁ ।
ଘରକୁ ଫେରିଲେ ମୋ ହାତରେ ଦେଇ
ନେ ଖାଇଦେ କହୁଥିଲୁ ।
ସନ୍ଧ୍ୟା ସମୟରେ ପାଖରେ ବସାଇ
ନାନା ଶାସ୍ତ୍ର କଥା କହିଥାଉ ।
ତୁ ସିନା ମତେ ସାରଥି କହିଲୁ
ହେଲେ ମୁଁ ଆଜି କହୁଅଛି
ତୁ କହିଥିବା କେଇପଦ କଥା
ହେବ ମୋ ଚଲାପଥର ସାରଥି ।
ତୁ ଗ୍ଲଲିଗଲୁ ଅଫେରା ବାଟରେ
ଆଉ କେବେ ଫେରିବୁନ ।
ଅତିତ ମୋର ସ୍ମୃତି ହୋଇଗଲା
ସେ ବି ଆଉ ଫେରିବନ ।
ଆଜି ଯାଏଁ କଛି ବି ମୁଁ ଭୁଲିନାହିଁ
ସବୁ ମୋର ମନେ ଅଛି ।
ଭାଙ୍ଗିଯିବି ସିନା ନଇଁବିନ କେବେ
ଦେଉଅଛି ପ୍ରତିଶୃତି ।
ରାଗିକ କହିଥିଲି ପଦେ କଥା
ତାହା ମୋର ମନେ ଅଛି ।
ଆଜି ମୁଁ ବୁଝିପାରୁଛି ତ ସବୁ
ତୋ ମନେ ଦେଇଥିବ କେତେ ବ୍ୟଥା ।
ଭୂଲ ପଇଁ ଅନୁତାପ କରୁଅଛି
କ୍ଷମା କରିଦେବୁ ମତେ ।




# ଫଣୀ



ମୂଳ ରଚନା ( ବଙ୍ଗଳା) :
ଟୁମ୍ପା ସେଠ

ଓଡିଆ ଭାଷାନ୍ତର:
ସନାତନ ମହାକୁଡ

"ତୁମ ଛଡା ମୁଁ ଯେମିତି ମଣିହରା ଫଣୀ"
ହରାଇବାର ଯନ୍ତ୍ରଣା, ଚାହିଁ ଦେଖ ଚାହିଁ ଦେଖ !....
ଉଦ୍ଦାମ, ଉନ୍ମତ୍ତ, ଉତ୍ତାଳ ଫଣୀ.....
ତୁମେ କି ସେଇ ନାରୀ?
ଯେଉଁ ମାନବୀର ବିରହେ ଯୁଗେ ଯୁଗେ
କହନ୍ତି ପୁରୁଷୋତ୍ତମ "ସହି ପାରେ ନା" ।
ତୁମେ ହିଁ କରିଛ ଅତ୍ୟାଶ୍ଚର୍ଯ୍ୟ ସୃଷ୍ଟି
ପୁଣି ତୁମେ ହିଁ ଧ୍ୱଂସକାରୀ
ଏକମାତ୍ର ତୁମେ ହିଁ ପାର ଧରିତ୍ରୀ
ତୁମ ମମତାଭରା ଗାଢ଼ ଆଲିଙ୍ଗନେ
ପରାସ୍ତ ହେଉ ତୀକ୍ଷ୍ଣ ଫଣୀ.....



ବେରୁଆଁବାରୀ, ନୟାଗଡ, ଓଡିଶା

# ଅଗ୍ନିସ୍ନାତା



ସୁଷମା ପରିଡା

ରାଜସ୍ଥାନର ଜୟପୁର ସହର। ଗୋଟିଏ ସୁନ୍ଦର ମଞ୍ଚ ରେ ଚାଲିଥିଲା ସ୍ଥାନୀୟ ଏକ ମହିଳା ଅନୁଷ୍ଠାନ ର ନାରୀ ସଶକ୍ତିକରଣ ଉତ୍ସବ । ବହୁ ଜନ ସମାଗମ ମଧ୍ୟରେ ଚାଲିଥାଏ ଉତ୍ସବ ଟି । ଗୋଟିଏ ସମବେତ ସଙ୍ଗୀତ ପ୍ରଥମ ପର୍ଯ୍ୟାୟରେ ସରିବା ପରେ ପରଦା ପଡିଲା । ପରବର୍ତ୍ତୀ କାର୍ଯ୍ୟକ୍ରମ ଆପଣମାନଙ୍କ ପାଇଁ ..ବୋଲି ଘୋଷଣା କଲେ ସଞ୍ଚାଳକ । ଧିମା ଧିମା ଆଲୋକ ଭିତରେ ଗୁଞ୍ଜରି ଉଠିଲା ଗୋଟିଏ କୋମଳ ମଧୁର ସ୍ୱର ରୁ ପୁରୁଣା ସିନେମା ର ଦରଦୀ ସଙ୍ଗୀତ ଟିଏ " ନାମ୍ ଗୁମ୍ ଯାଏଗା, ଚେହେରା ୟେ ବଦଲ୍ ଯାଏଗା, ମେରି ଆୱାଜ୍ ହି ପେହେଚାନ୍ ହୈ......." । କଣ୍ଠସ୍ୱର ରେ ଭରି ରହିଥିବା ବିଷାଦ ଛୁଇଁ ଯାଉଥିଲା ଶ୍ରୋତା ମାନଙ୍କ ହୃଦୟକୁ, ସମସ୍ତଙ୍କ ଆଖି କୋଣରେ ଜକେଇ ଆସୁଥିଲା ଲୁହ। ସେଇ ଧୀମା ଧୀମା ଆଲୋକ ଭେଦକରି ହାତରେ ମାଇକ୍ରୋଫୋନ୍ ଧରି ମଞ୍ଚ ଉପରେ ଉଭା ହେଲେ ଜଣେ ତରୁଣୀ । ବୟସ ଖୁବ୍ ବେଶୀ ରେ ତିରିଶି ବର୍ଷ ଭିତରେ, ମୁହଁ ର ଅଧା ଭାଗ ଘୋଡେଇ ହୋଇ ରହିଛି ଆଗକୁ ଝୁଙ୍କି ପଡିଥିବା ଲମ୍ବା କେଶ ରେ । ଓଠରେ ଲାଖି ରହିଛି ଏକ କାରୁଣ୍ୟଭରା ହସ। ଚତୁର୍ଦ୍ଦିଗ ଆଲୋକିତ କରି ଜଳି ଉଠିଲା ଏଲ୍ ଇଡି ଲାଇଟ୍ ସବୁ। ମଞ୍ଚ ଉପରେ ଥିବା ତରୁଣୀ ଜଣକ କହି ଉଠିଲେ "ନମସ୍କାର ଦର୍ଶକ ବନ୍ଧୁଗଣ ! ମୁଁ ଲକ୍ଷ୍ମୀ ଅଗର୍ୱାଲ୍, ଆଜି ଆପଣମାନଙ୍କର ସମ୍ମୁଖରେଏଇଠି ଉପସ୍ଥିତ ହୋଇଛି ଆପଣମାନଙ୍କୁ ମୋର ଅଙ୍ଗେ ନଭେଇଥିବା ଏକ ଦୁଃଖଦାୟକ ଘଟଣା ଶୁଣାଇବା ଲାଗି...... ।

ଆମ ଘର ଦିଲ୍ଲୀ ର ଏକ ସହରତଳି ଅଞ୍ଚଳ ରେ। ନିମ୍ନ ମଧ୍ୟବିତ୍ତ ପରିବାର ଆମର । ବାପାଙ୍କ ରୋଜଗାର ଉପରେ ନିର୍ଭର କରି ଆମାରରେ ସଂସାର ଚଳେ । ମୋର ଭାଇ ଭଉଣୀ ଆଉ ମୁଁ ସରକାରୀ ସ୍କୁଲରେ ପଢୁ । ମୁଁ ନବମ ଶ୍ରେଣୀରେ ପଢୁଥିବା ବେଳେ

କଥା । ମୋର ସ୍କୁଲ୍ ର ଗୋଟିଏ ସାଙ୍ଗ ଥିଲା ମଧୁମତୀ ମୋର ସବୁଠାରୁ ଭଲ ସାଙ୍ଗ ସିଏ। ଅନେକ ସମୟରେ ସେ ଆମ ଘରକୁ ଆସେ, ମୁଁ ମଧ୍ୟ ଅନେକ ସମୟରେ ତାଙ୍କ ଘରକୁ ଯିବା ଆସିବା କରେ । ସାଙ୍ଗ ହୋଇ ପଢାପଢି କରୁ, ବଜାରଘାଟ ଯାଉ, ଏମିତି ପାରିବାରିକ ସଂପର୍କ ଥିଲା ଆମ ଭିତରେ । ମଧୁମତୀ ର ଦୁଇ ଭାଇ, ସୁରେଶ ଆଉ ନରେଶ, ସେମାନଙ୍କୁ ମୁଁ ଭାଇ ବୋଲି ମାନେ । ସେମାନଙ୍କ ସାଥିରେ ପରିବାର ଭଳି ଚଳେ। କିନ୍ତୁ ମଧୁମତୀ ର ବଡଭାଇ ସୁରେଶ, ଯିଏ କି ମୋ ବୟସ ର ଦୁଇଗୁଣରୁ ବି ବଡ ହେବ, ସିଏ ମତେ ତା'ର ମନେ ମନେ ଭଲ ପାଉଥାଏ । ପନ୍ଦର ବର୍ଷ ର ଝିଅ ମୁଁ ସେ ଭଲ ପାଇବା ବିଷୟରେ କିଛି ବି ଜଣା ନଥାଏ ମତେ । ସିଏ ମଝିରେ ମଝିରେ ଚକୋଲେଟ୍, ବିସ୍କୁଟ ଆଣି ଆମକୁ ଦିଏ। କେବେ କେମିତି ଆଇସ୍ କ୍ରୀମ ଖୁଆଇବା ପାଇଁ ଆମକୁ ମାର୍କେଟ ନିଏ। ଭାଇ ର ସ୍ନେହ ଭାବି ମୁଁ ସବୁ ଗ୍ରହଣ କରେ। ଏମିତି କିଛିଦିନ ଗଲା ପରେ ଦିନେ ସୁରେଶ ଭାଇ ମତେ ଏକୁଟିଆ ପାଇ ଏମିତି କିଛି ବ୍ୟବହାର କଲେ ଯାହା ମତେ ମୋଟେ ଭଲ ଲାଗିଲା ନାହିଁ, ଲାଜ ଆଉ ଦୁଃଖ ରେ ମୁଁ ସେଠାରୁ ପଳାଇ ଆସିଲି । ତା'ପରେ ତାଙ୍କ ଘରକୁ ଯିବା କମେଇ ଦେଲି, ମଧୁମତୀ କାରଣ ପଚାରିବାରୁ ମୁଁ ତା'କୁ ବାଆଁରେଇ ଦେଲି, କାରଣ କାଳେ ସତକଥା ଜାଣିଲେ ମଧୁ ମୋତେ ଖରାପ ଭାବିବ। ଆମ ଘରେ ବି ସତ କଥା କାହାରିକୁ କହି ପାରୁ ନଥାଏ କାରଣ ବାପା ଜାଣିଲେ ପାଠ ପଢା ବନ୍ଦ କରି ଘରେ ବସେଇଦେବେ ।

ସେତେବେଳେ ଆମ ସମାଜ ରେ ଝିଅ ଗୋଟିଏ ବୋଝ ବୋଲି ବିବେଚନା କରା ଯାଉଥିଲା । ଝିଅ ଟିଏ ଜନ୍ମ ହେବା କ୍ଷଣି ପରିବାରର ଲୋକେ ତା'ର ଶିକ୍ଷା ଦୀକ୍ଷା, କି ଭବିଷ୍ୟତ ଭାବିବା ଆଗରୁ ତା'ର ଯୌତୁକ କଥା ଚିନ୍ତା କରିବା ଆରମ୍ଭ କରିଦେଉଥିଲେ । ମୋର ଗୀତ ଶିଖିବାରେ ଖୁବ୍ ଆଗ୍ରହ, କୌଣସି ଭଲ ଗୁରୁ ଙ୍କ ପାଖରୁ ଗୀତ ଶିଖିବାକୁ ରିଆଲିଟି ସୋ ରେ ଗାଇବାକୁ ଖୁବ୍ ଇଚ୍ଛା ଥାଏ ମୋର। ସେଇକଥା ଭାବି ଥରେ ମାଆଙ୍କୁ କହିଥିଲି ସ୍ଥାନୀୟ କଳାକେନ୍ଦ୍ର ଯାଇ ଗୀତ ଶିଖିବି ବୋଲି ଯେ ମାଆ ସିଧା ସଳଖ ମନା କରିଦେଇଥିଲେ। କହିଥିଲେ, ଯେଉଁ ଘରେ ଦୁଇବେଳା ଦୁଇମୁଠା ଖାଇବାକୁ ତୋ' ବାପ ର ରୋଜଗାର ନଅଣ୍ଟ ହେଉଛି, ତୁ ସେଠାରେ ଗୀତ ଶିଖିବାକୁ ଯିବାକଥା କେମିତି କହୁଛୁ? ତୋ' ମୁଣ୍ଡରେ କ'ଣ ବୁଦ୍ଧି ଶୁଦ୍ଧି କିଛି ନାହିଁ କି? ଚୁପ୍ ଚାପ୍ ଘରେ ବସ । ସେଇଦିନ ଠାରୁ ମନ କଥା ମନରେ

ମାରି ରହିଲି । ରେଡିଓ, ଟିଭିରୁ ଗୀତ ଶୁଣି ମନେ ମନେ ଅଭ୍ୟାସ କଲି ପଛେ ଆଉ ଥରେ ଗୀତ ଶିଖିବାକୁ କଥା ଉଠାଇଲି ନାହିଁ ଘରେ।

ଏବେ ଯଦି ସୁରେଶ ଭାଇ କଥା କହିବି, ତେବେ ପୋଥିରେ ଡୋରି ବାନ୍ଧି ଦେଇ ଘରେ ବସିବାକୁ ପଡିବ, ସେଇ ଭୟରେ ଚୁପ୍ ହୋଇ ରହିଲି ମୁଁ । ଏପଟେ କିନ୍ତୁ ମୋର ନୀରବତା ସୁରେଶଭାଇ ର ସାହସ ବଢେଇ ଦେଇଥିଲା, ଏବେ ସେ ରାସ୍ତା ଘାଟ ଯେଉଁଠି ପାରେ ସେଠି ଆସି ମୋ ଆଗରେ ଠିଆ ହୋଇ "ମୁଁ ତତେ ଖୁବ୍ ଭଲ ପାଏ, ତତେ ବାହା ହେବାକୁ ଚାହେଁ" ବୋଲି କହୁଥିଲା । ମୁଁ ମନା କଲେ ସେ ଉତ୍ କ୍ଷିପ୍ତ ହୋଇ ଯାଚ୍ଛାତା ବ୍ୟବହାର କରୁଥିଲା ମତେ । କେବେ କେବେ ହାତ ଉଠେଇବାକୁ ମଧ୍ୟ ପଛାଉ ନଥିଲା । ମୁଁ ତା'କୁ ବାରମ୍ବାର ନେହୁରା ହୋଇ କହୁଥିଲି "ମୋ ଆଗରେ ଲମ୍ବା ଭବିଷ୍ୟତ ଅଛି, ମୁଁ ପାଠଶାଠ ପଢି ମଣିଷ ହୋଇ ମୋ ବାପା ମାଆ ଆଉ ମୋ ଭାଇର ଦାୟିତ୍ୱ ନେବାକୁ ଚାହେଁ । ତମକୁ ଆହୁରି ଅନେକ ଭଲ ଝିଅ ମିଳିବେ । ତମେ ଦୟାକରି ମୋର ପିଛା ଛାଡିଦିଅ" । ସେ କିନ୍ତୁ ତା'ର ଜିଦ୍ ରେ ଅଟଳ ଥିଲା । ବାହାହେବ ତ କେବଳ ମତେ, ଆଉ ଅନ୍ୟ କାହାକୁ ନୁହେଁ, ଏଇ ପଣ କରିଛି ବୋଲି କହୁଥିଲା । ଏଇ ଭିତରେ ଆର୍ଥିକ ଅସୁବିଧା ଯୋଗୁଁ ମୁଁ ଗୋଟିଏ ବହି ଦୋକାନରେ ସେଲ୍ସ ଗାର୍ଲ ଭାବରେ ଚାକରୀ ଆରମ୍ଭ କରି ଥିଲି । କିଛି ପଇସା ମଧ୍ୟ ସଞ୍ଚୟ କରି ଗୀତ ଶିଖିବାକୁ ଆରମ୍ଭ କରିଥିଲି । ସୁରେଶ ଭାଇ କିନ୍ତୁ ତା'ର ଅଭ୍ୟାସ ଛାଡୁ ନଥାଏ । କାମକୁ ଯିବା ବେଳେ, କାମରୁ ଫେରିବା ବେଳେ ବାଟ ଜଗି ହଇରାଣ ହରକତ କରୁଥାଏ। ମୋର ମୋବାଇଲ୍ ଫୋନ୍ ରେ ବାରମ୍ବାର କଲ୍ କରି ଅଶ୍ଳୀଳ ଫଟୋ ସହିତ ଅଶ୍ଳୀଳ ମେସେଜ୍ ସବୁ ପଠାଉଥାଏ । ଘରେ ଏ ବିଷୟରେ ମୁଁ କାହାରିକୁ କିଛି କହି ପାରୁ ନଥାଏ କାରଣ ମୁଁ ଭଲ ଭାବରେ ଜାଣିଥାଏ ଯେ ଯେଉଁଦିନ ଘରେ ଏ ସବୁ ଜାଣିବେ, ସେଇଦିନ ମତେ ଚାକରୀ ବାକରି ଛଡେଇ ଦେଇ ଘରେ ବନ୍ଦ କରି ରଖିବେ ଆଉ ପରଦିନ କୋଉଠି ଗୋଟାଏ ବରଘର ଖୋଜି ମତେ ବାହାଘର କରିଦେବେ । ମୋର ଭବିଷ୍ୟତ, ମୋର ସ୍ୱପ୍ନ ସବୁ ସେଇଠି ସରିଯିବ। ତେଣୁ ମୁଁ ଯେତେ କଷ୍ଟ ହେଉ ପଛେ ପାଟି ଚୁପ୍ କରି ରହିଲି ।

ସେଦିନ ଥିଲା ଦୁଇହଜାର ପାଞ୍ଚ ମସିହା ଏପ୍ରିଲ ମାସର ଉଣେଇଶି ତାରିଖ । ସକାଳୁ ସକାଳୁ ମେସେଜ୍ ଆସିଲା ସେଇ ସୁରେଶ ର ( ଆଉ ତା'କୁ ଭାଇ ବୋଲି ସମ୍ବୋଧନ କରିବାପାଇଁ ମୋତେ ଘୃଣା ଲାଗୁଥିଲା) । "ଲକ୍ଷ୍ମୀ ! ମୁଁ ତତେ ବହୁତ ଭଲ ପାଏ, ତତେ

ବାହା ହେବାକୁ ଗ୍ଚହେଁ" । କୌଣସି ଉତ୍ତର ନଦେଇ ଚୁପ୍ ରହିଲି । ପୁଣିଥରେ ମେସେଜ୍ ଆସିଲା "ମୋର ଜବାବ ଦରକାର ଲକ୍ଷ୍ମୀ ! ଏଇ ସାଙ୍ଗେ ସାଙ୍ଗେ ଜବାବ ଦେ ଲକ୍ଷ୍ମୀ, ବର୍ତ୍ତମାନ ଉତ୍ତର ଦେ ମୋତେ, ନହେଲେ ଭଲ ହେବନ, କହି ଦେଉଛି"। ମୁଁ ବିରକ୍ତ ହୋଇ ଫୋନ୍ ସୁଇଚ୍ ଅଫ୍ କରିଦେଲି । ସେ ଦିନ ସାରା ଫୋନ୍ ସୁଇଚ୍ ଅଫ୍ କରି ରଖିଲି, ଆଉ ଖୋଲିଲିନ। କାମରୁ ଫେରି ଥକ୍ ହୋଇ ଶୋଇ ପଡିଲି ଘରେ । ପରଦିନ ସକାଳୁ ଟିକଏ ହାଲୁକା ଲାଗିଲା ଆଉ ମୁଁ ନିତ୍ୟକର୍ମ ସାରି କାମକୁ ଯିବାକୁ ବାହାରିଲି । ପ୍ରବଳ ଖରା ହେଉଥିଲା ସେଦିନ। ପ୍ରାୟ ଦିନ ଦଶଟା ବାଜି ପଇଁଗ୍ଚଳିଶ ମିନଟ୍ ହେବ, ଛତାଟିଏ ଧରି ଘରୁ ବାହାରି ମୁଁ ରାସ୍ତା ଉପରକୁ ଆସିଲି । ଆଉ ଅଳ୍ପ କିଛି ଦୂରରେ ଅଛି ବସ୍ ଷ୍ଟପ୍, ଦେଖିଲି ଗୋଟାଏ ମୋଟର ସାଇକେଲ୍ ଧରି ଛିଡା ହୋଇଛି ସୁରେଶ । ତା ପଛରେ ବସିଛି ତା' ସାନଭାଇ ର ପ୍ରେମିକା ଶାଳିନୀ, ଶାଳିନୀ ର ହାତରେ ଗୋଟାଏ ବିୟର ବୋତଲ୍, ଘୃଣା ରେ ମୁହଁ ଫେରେଇ ନେଇ ମୁଁ ଆଗକୁ ପାଦ ବଢେଇଲି । ବସ୍ ଧରିବାକୁ ଯାଉଛି, ଶାଳିନୀ ଧାଇଁ ଆସି ମୋ ପଛରୁ ଶକ୍ତ ଧକ୍କା ଟିଏ ମାରିଲା, ମୁଁ ସେଇ ଅତର୍କିତ ଆକ୍ରମଣ ରେ ମୁହଁ ମାଡି ତଳେ ପଡିଗଲି । ଉଠିବାକୁ ଚେଷ୍ଟା କରୁଛି ମୋ ମୁହଁକୁ ସେମାନେ ସେଇ ବିୟର ବୋତଲ୍ ରେ ଥିବା ଏସିଡ୍ ଫିଙ୍ଗିଦେଲେ । ଗ୍ଚରିଆଡ ଅନ୍ଧକାରମୟ ଦିଶିଲା ମତେ, ଅସହ୍ୟ ଯନ୍ତ୍ରଣା ରେ ଅଚେତ୍ ହୋଇ ପଡିଗଲି ମୁଁ । ମତେ ସବୁ ସ୍ୱପ୍ନ ଭଳି ଲାଗୁଥିଲା । ସମସ୍ତେ ଦେଖୁଥାଆନ୍ତି ହେଲେ ପୋଲିସ୍ କେଶ୍ ଭୟରେ କେହି ମତେ ସାହାଯ୍ୟ କରୁ ନଥାନ୍ତି । ସେମିତି ନିଆଁ ର ସମୁଦ୍ର ରେ ଜଳ ଜଳ ପଡିରହିଥାଏ ମୁଁ । କିଛି ସମୟ ପରେ ଗୋଟିଏ ଲୋକ ର ମୋ ଉପରେ ଦୟା ହେଲା ବୋଧହୁଏ, ସେ ଆଗେଇ ଆସି ମୋ ମୁଣ୍ଡ ଆଉ ମୁହଁ ଉପରେ ବାଲଟିଏ ପାଣି ଅଜାଡି ଦେଲା ଏବଂ ପୋଲିସ୍ କୁ ଖବର ଦେଲା। ପି ସି ଆର୍ ଭ୍ୟାନ୍ ପହଞ୍ଚିଲା ବେଳକୁ ମୋର ମୁହଁ ର ଚମଡା ସବୁ ଖଣ୍ଡ ଖଣ୍ଡ ହୋଇ ଗଳି ପଡୁଥାଏ ମୋ ହାତ ଉପରେ। ଅସହ୍ୟ ଯନ୍ତ୍ରଣା ରେ ଛଟପଟ ହେଉଥାଏ ମୁଁ । ମୁହଁ ରୁ ଖଣ୍ଡ ଖଣ୍ଡ ହୋଇ ଚମଡା ସହିତ ମାଂସ ଖସି ପଡୁଥାଏ।

ତରତର ହୋଇ ମତେ ନେଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଆଉ ସେଠାରେ ସାଙ୍ଗେ ସାଙ୍ଗେ ସେମାନେ ମୋ ଉପରେ ପ୍ରାୟ ତିରିଶି ବାଲଟି ହେବ ପାଣି ଢାଳି ପକାଇଲେ, ସେତକ ପାଣି ପଡିଲା ପରେ ମୋର ଡହଡହ ହୋଇ ଜଳୁଥିବା ଶରୀର ଟା ଟିକଏ ଶାନ୍ତ

ହେଲା । ତା' ପରେ ଆରମ୍ଭ ହେଲା ପରବର୍ତ୍ତୀ ଚକସ୍ତା । ଘାଆ ଶୁଖିବା ପରେ ଚମଡା ସବୁ ଲୋଗ୍ଲୋଗ୍ଗ ହୋଇ ଯାଇଥିଲା ।

ସେଇ ସବୁକୁ ସଫା ସୁତୁରା କରି ମୋର ମୁହଁ କୁ ପ୍ଲାଷ୍ଟିକ୍ ସର୍ଜରୀ କରିବାକୁ ଡାକ୍ତର ମାନେ ଯୋଜନା କଲେ। ଏଇ ଦୁର୍ଘଟଣା ପୂର୍ବରୁ ମୋର ନାକ ଉପରେ ଦାଗଟିଏ ଥିଲା । ସେମାନେ ମୋ ମୁହଁ ରେ ପ୍ଲାଷ୍ଟିକ୍ ସର୍ଜରୀ କରିବାକୁ ସ୍ଥିର କରିବା ବେଳକୁ ସେଇ ଦାଗଟିକୁ ଲିଭାଇ ଦେବାଲାଗି ମୁଁ ଡାକ୍ତର ମାନଙ୍କୁ ଅନୁରୋଧ କଲି । ପ୍ରଥମ ଦୁଇଟି ସର୍ଜରୀ ହେଲା ପରେ ମୁଁ ଭାବିଲି ମୁଁ ବୋଧହୁଏ ପୂର୍ବାପେକ୍ଷା ସୁନ୍ଦର ଦିଶୁଥିବି। ତେଣୁ ନିଜକୁ ଦର୍ପଣ ରେ ଦେଖିବାକୁ ଭାବି ପ୍ରଥମ କରି ଯେଉଁ ଦିନ ଦର୍ପଣ ଆଗରେ ଠିଆ ହେଲି ସେଦିନ ନିଜର ଭୟଙ୍କର ଚେହେରା ଦେଖି ଭୟରେ ଚିତ୍କାର କରି ଉଠିଲି ମୁଁ । ଗୋଟାଏ ପିଶାଚୁଣୀ ପରି ବିଭତ୍ସ ଦିଶୁଥିଲା ମୋ ମୁହଁ । ନିଜ ଉପରେ ଘୃଣା ଆସୁଥିଲା ମୋର । କେମିତି ଏଇ ଚେହେରା ନେଇ ଦୁନିଆଁ ଆଗରେ ଛିଡ଼ା ହେବି? ଭାବିପାରୁନଥିଲି ମୁଁ । ମନକୁ ଆସୁଥିଲା ଆତ୍ମହତ୍ୟା କରିବା ହିଁ ଶେଷ ବାଟ । ସାଇ ପଡିଶାଏ ଦେଖିଲେ ମତେ, ଆହା କଲେ, କହିଲେ ଆଉ କୋଉଠି ହେଲେ ଏସିଡ ପକାଇ ଥାଆନ୍ତା, ମୁହଁ ଟାରେ ପକାଇଲା । ମୋ ମାଆଙ୍କୁ କହିଲେ "ଏମିତି ଚେହେରା ର ଝିଅ କୁ କିଏ ବାହା ହେବ ? ସାରା ଜୀବନ ତମ ଉପରେ ବୋଝ ହୋଇ ବସିବ, ବରଂ ଏଇଠି ଡାକ୍ତରଖାନାରେ କହି ତା'କୁ ବିଷ ଇଞ୍ଜେକ୍ସନ ଦେଇ ମାରି ପକାଅ । ଜଞ୍ଜାଳ ତୁଟିବ ।" ସବୁ ଶୁଣୁ ଥାଏ ମୁଁ, କାଠ ପଥର ହୋଇ ପଡିଥାଏ। ମନରେ ଭୀଷଣ ରାଗ ଆସୁଥାଏ ସୁରେଶ ଉପରେ, କ'ଣ କଲା ସିଏ? ମୋ ଜୀବନ ଟାକୁ ନର୍କ ବନେଇ ଦେଲା? କି ଦୋଷ କରିଥିଲି ତା'ର ମୁଁ ? କାହିଁକି ସେ ଏମିତି ଦଣ୍ଡ ଦେଲା ମତେ? ମନ ଭିତରୁ ଭାବନା ଆସୁଥିଲା "ଯିଏ ତତେ ଏତେ ବଡ ଦଣ୍ଡ ଦେଇଛି, ତା'କୁ ସେମିତି ଛାଡି ଦେଇ ଚାଲିଯିବୁ ତୁ? କୌଣସି ପ୍ରତିଶୋଧ ନନେଇ, ସମାଜ ଆଗରେ ତୋର ନିର୍ଦ୍ଦୋଷ ପଣିଆ ସାବ୍ୟସ୍ତ କରିବୁନି ତୁ? ସୁରେଶ କୁ ତା' ଦୋଷ ର ଦଣ୍ଡ ମିଳିବା ପାଇଁ ଚେଷ୍ଟା କରିବୁନି? ମୋ ମନ ଭିତରେ ବଞ୍ଚି ରହିବା ର ମୋହ ଜାଗି ଉଠୁଥିଲା। ସୁରେଶ ଆଉ ତା'ଭଳିଆ ପଶୁ ମାନଙ୍କୁ ଦଣ୍ଡ ମିଳିବା ଲାଗି ମୁଁ ବଞ୍ଚି ରହିଲି। ମୋ ବାପା ମାଆ ମୋର ମାନସିକ ବଳ ବଢାଇଲେ ।

ମୁଁ ଧୀରେ ଧୀରେ ସୁସ୍ଥ ହୋଇ ଘରକୁ ଫେରିବା ପରେ ବହୁତ ଚିନ୍ତା କଲି। କେମିତି ମୋ ଉପରେ ହୋଇଥିବା ଆକ୍ରମଣ ର ମୁକାବିଲା କରିବି, କେମିତି ନିଜେ ସମ୍ମାନ ର ସହିତ

ବଞ୍ଚିବି ଏବଂ ମୋ ବାପା ମାଆଙ୍କୁ ଦାୟିତ୍ୱ ନେବି। ମୋ ପାଇଁ ସମାଜ ରେ ସେମାନେ ଅସମାହିତ ହେବେ ନାହିଁ । ମୁଁ ସେମାନଙ୍କ ପାଇଁ ବୋଝ ହେବି ନାହିଁ ବରଂ ତାଙ୍କର ଆଶ୍ରାବାଡି ହେବି। ସେଥିପାଇଁ ଦୁଇ ହଜାର ଛଅ ମସିହା ରେ ପ୍ରଥମେ ଖୋଲା ବଜାରରେ ରେ ଏମିତି ପ୍ରାଣ ଘାତକ ଏସିଡ୍ ର ଅବାଧ ବିକ୍ରୟ କୁ ବନ୍ଦ କରିବାକୁ କୋର୍ଟ ରେ କେଶ୍ କଲି । ସେତେବେଳକୁ ସୁରେଶ କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରି ଦେଇଥିଲା ଏବଂ ତା'କୁ ଦଣ୍ଡାଦେଶ ହୋଇ ସାରିଥିଲା । ନ୍ୟାୟ ପାଳିକା ଉପରେ ମୋର ଭରସା ଥିଲା। ଦୁଇ ହଜାର ତେର ମସିହା ରେ ମାନ୍ୟବର ସୁପ୍ରିମକୋର୍ଟ ତାଙ୍କର ରାୟ ଦେଲେ, ଅଧାଦେଶ ଜାରି ହେଲା ଏସିଡ୍ ର ଅବାଧ ବିକ୍ରୟ ନକରିବା ଲାଗି । ମୁଁ ପୁଣି ମୋର ପୁରୁଣା ସ୍ୱପ୍ନ କୁ ସାକାର କରିବା ପାଇଁ ସଙ୍ଗୀତ ଶିକ୍ଷା ଆରମ୍ଭ କଲି । ଏବେ ମୁଁ ସ୍ତରରେ ର ଅପରେସନ୍ ପରେ ଆପଣମାନଙ୍କର ସମ୍ମୁଖରେ ଗୋଟିଏ ନୂଆ ଚେହେରା ନେଇ ଛିଡା ହୋଇଛି ।

ଜୀବନରେ ମୋ ଭଳି ନର୍ଯ୍ୟାତିତ ହୋଇଥିବା ଝିଅ ମାନଙ୍କ ନିମନ୍ତେ ମାନସିକ, ଆର୍ଥିକ ସହାୟତା ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ ସହାୟତା କେନ୍ଦ୍ର ସବୁ ଖୋଲାଯାଇଛି ମୋହରି ପ୍ରଚେଷ୍ଟା ରେ। ମୋର ଜୀବିଷା ଦେଖି ଅନ୍ୟ ମାନେ ପ୍ରେରିତ ହେଉଛନ୍ତି ଏହା ମୋର ସୌଭାଗ୍ୟ । ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁରେଶ କୁ ଦଣ୍ଡ ମିଳବା ପରେ ଲୋକ ମାନଙ୍କ ମନରେ ଭୟ ଜାଗିଛି ଏସିଡ୍ ମାଡ ଭଳି ଅପରାଧ ନ କରିବା ଲାଗି ।

ଆଉ ଦୁଇ ମାସପରେ ହୁଏତ ସୁରେଶ ଫେରିବ ଜେଲ୍ ରୁ ତା'ର ସଜା କାଟି । ହେଲ ଆଉ ମୁଁ ବିଚଳତ ହେଉନାହିଁ । ଜୀବନ ମତେ ଜିଇଁବାକୁ ଶିଖାଇଛି । ମୁଁ ଡରିବିନି ସୁରେଶ କୁ, ଏଣିକ ସେ ଡରିବ ମତେ । ମୋ ଭିତରେ ଗଢି ଉଠିଥିଲା ବଳିଷ୍ଠ ନାରୀତ୍ୱ କୁ। ନାରୀଟିଏ ନିଜର ଦୃଢ ମନୋବଳ ରଖିଲେ ଯେ କୌଣସି ଅସାଧ୍ୟ ସାଧନ କରିପାରେ । ଏଇ ଦେଖନ୍ତୁ ନା ଆଜି ସବୁ ବାଧାବିଘ୍ନ ଅତିକ୍ରମ କରି ମୁଁ ଆପଣମାନଙ୍କ ଆଗରେ ଠିଆ ହୋଇଛି। ଆହୁରି ଗୋଟିଏ କଥା ଜାଣନ୍ତି,! ପ୍ରତିଷ୍ଠିତ ଚଳଚ୍ଚିତ୍ର ନିର୍ଦ୍ଦେଶିକା ମେଘନା ଗୁଲ୍ଜାର୍ ମାଡାମ୍ ମୋର ଜୀବନ କାହାଣୀ କୁ ନେଇ ଗୋଟିଏ ଚଳଚ୍ଚିତ୍ର କରିବାକୁ ଯାଉଛନ୍ତି । ସ୍କୁଲ୍ ରେ ପାଠ ପଢିଲା ବେଳେ ସାମାନ୍ୟ ମେଡାଲ୍ ଟିଏ ମଧ୍ୟ ପାଇନଥିବା ଏକ ଅନାମଧେୟ ବାଳିକା ଜୀବନୀ କୁ ନେଇ ଦିନେ ଏକ ଚଳଚ୍ଚିତ୍ର ହେବ ଏକଥା କଏ

ଜାଣିଥିଲା? ମୁଁ ଆଜି ବି ବିଶ୍ୱାସ କରି ପାରୁନ ଯେ ଗୋଟାଏ ଏସିଡ୍ ପିଡିତା ର ଚେହେରା ର ମେକ ଅପ୍ କରି ଶହେ ଜଣ ମଡେଲ୍ ଆସିଥିଲେ ମତେ ଦେଖେଇବାକୁ ଲାଗି, କାରଣ ସେଇ ଚଳଚ୍ଚିତ୍ର ରେ ପ୍ରଖ୍ୟାତ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଯାଉଛନ୍ତି ମୋର ଚରିତ୍ର ରେ ଅଭିନୟ କରିବା ଲାଗି । କେତେ ଭାଗ୍ୟ ମୋର ଏପରି ଜଣେ ପ୍ରକ୍ରିୟାର ନାୟିକା ମୋ ଜୀବନର ସବୁଠାରୁ କଠିନତମ ଅଧ୍ୟାୟ କୁ ଲୋକଲୋଚନ କୁ ଆଣି ମୋର ହୃଦୟ ର ବ୍ୟଥା ବଖାଣିବେ ସାରା ସଂସାର ଆଗରେ । ମୋର ଦୁଃଖ, ତିଳତିଳ ହୋଇ ମରି ମରି ବଞ୍ଚିଥିବା ଜୀବନ ସମସ୍ତେ ଜାଣିବେ। ଶେଷରେ ଈଶ୍ୱର ଙ୍କୁ ପ୍ରାର୍ଥନା କରୁଛି ଯେ ସେ ମୋ ଭଳି କଷ୍ଟ ଆଉ କାହାକୁ ନଦିଅନ୍ତୁ ।

ସମସ୍ତଙ୍କୁ ଧନ୍ୟବାଦ ଆଉ ନମସ୍କାର ଜଣାଇ ତରୁଣୀ ଜଣକ ଅପସରି ଗଲେ ମଞ୍ଚରୁ । ସଞ୍ଚାଳକ ଙ୍କ ସମେତ ସମସ୍ତ ଅଡିଟୋରିୟମ ଉଚ୍ଛୁଳ ପଡୁଥିଲା କରତାଳରେ । କେହି କେହି ରୁମାଲ୍ ରେ ଆଖି ପୋଛୁଥିବାର ଲକ୍ଷ୍ୟ କରା ଯାଉଥିଲା ।।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ - 753004

ଚଳନ୍ତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଅଧର୍ମ ସଂସ୍ଥାପନାୟାଥେ
# ଯୁଗେ ଯୁଗେ



ମନୋଜ ଦାସ

ଟିକେ ଦିଅନ୍ତନ

ତମ ଠିକଣା

ଚଟି ଖଣ୍ଡେ ଦିଅନ୍ତି

ଆଗାମୀ ଶରତ ଋତୁରେ

ଶ୍ରୁତ ଜ୍ୟୋସ୍ନାର ଶାମିୟାନ ତଳେ

ପାଖାପାଖି ବସି ଗପନ୍ତେ

ଗାଁ ମୁଣ୍ଡର ସବାଶେଷ ପୋଖରୀ କୂଳେ

ଅନେକ କଛି କହିବାର ଅଛି ତମକୁ

ଏଇ,

ମୁଁ ସ୍ତ୍ରୀ, ପିଲାଛୁଆ

ତେଲ ଲୁଣର ସଂସାରରେ

କେମିତି ଆଉଟି ହେଉଛି

ଧର୍ମ ନାମରେ ରାଜନୀତି କରି

ଜନତାକୁ କେମିତି ଶୋଷୁଛି

ବେଦାନ୍ତୀ

ସରକାରୀ ଅର୍ଥ

ସରକାରୀ ଅର୍ଥ ତୋଷର ପାତର

କଳାବଜାରୀ

ଗୋଦାମ ମାଲ ଭେଜାଲ କରି

ଭଲ "ଦି" ପଇସା ଭେଉଛି ତ

ବିଷାକ୍ତ ମଦପିଆଇ

ନାୟ୍ୟୀକାକୁ ଧର୍ଷଣ କରି ନାଁ କମାଉଛି

ସେଦିନ ତମେ

କହିଥିଲ ନାଁ

ଧର୍ମ ସଂସ୍ଥାପନାୟାର୍ଥେ ଯୁଗେ ଯୁଗେ

କନ୍ତୁ

ଥରେ ଦେଖିଯାଅ

ଆଜି ସେ କେମିତି ବଳଛି

ଅଧର୍ମ ସଂସ୍ଥାପନାୟାର୍ଥେ ଯୁଗେ ଯୁଗେ ॥

ପ୍ରାନ୍ତ ସଂଗଠକ
ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ
ପଶ୍ଚିମବଙ୍ଗ ପ୍ରାନ୍ତ,
ବିଧାନ ସରଣୀ, କଲିକତା

# ବୁଝାମଣା



ଯଶୋବନ୍ତ ପଟ୍ଟନାୟକ

ନିଜେ ନିଜେ ବୁଝୁଥିବା ଭଲ କଥାଟାକୁ
ଆଉ କାହାକୁ ବୁଝେଇବାରେ;
ସତେ ଯେମିତି.... ମସ୍ତବଡ ଗୋଟେ ଭୁଲ୍ ହେଇଯାଏ ।
ବୁଝେଇ ବୁଝେଇ ଥକଗଲା ପରେ-
ମୋ କଥା ସବୁ ମୋ ପାଖକୁ ପୁଣି ଫେରିଆସେ-
ଗୋଟେ ବୁମେରାଂ ପରି;
ଅବ୍ୟକ୍ତ ବେଦନାର ଅସହ୍ୟ ଯନ୍ତ୍ରଣାରେ ସଂପର୍କଟା ତିକ୍ତ ହୁଏ ।
ନିଜକୁ ବୁଝିବା ପଇଁ ଥିବା ସାଥୀଟାବି –
ବୁଝିପାରେନା କେମିତି କେଜାଣି !!!
ଦୀର୍ଘଶ୍ୱାସର ତାଳେ ତାଳେ ଭୁବୁଭୁବୁ;
ବୁଝାମଣା ତଳରେ –
ଅସ୍ତିତ୍ୱ ହରାନ୍ତି ନିଜ ନିଜ ବସ୍ତୁତ୍ୱ ବହନ କରୁଥିବା ବଟକରା ସବୁ ।
ବୋଧହୁଏ......
ତୁନିପୁରେ ଠାବ ନାହିଁ ।
ଏଠି ନିଜେ ନିଜକୁ ବୁଝିବା ଆଉ ବୁଝେଇବା ଛଡା-
ଆଉ ବାଟ ନାହିଁ ॥

ଶିକ୍ଷକ, ଗାନ୍ଧିନଗର, ଡାଲକ, ଓଡଗାଁ, ନୟାଗଡ

# ଓଷ ମଉସା



ପରମିତା ମିଶ୍ର

ମଦନା ଗାଁ ର ସବୁଠୁ ହୁସିଆର ପିଲା ଥିଲା।ମଦନ ପରି ପିଲା କୋଟିଏ ରେ ଗୋଟିଏ। ପ୍ରତିଦିନ ପାଠପଢି ପରିଶ୍ରମ କରି ମଦନା ବନିଲା ଡାକ୍ତର ମଦନ ମୋହନ ପାଢଶାଣୀ। ବାପା ର ତ ଯେମିତି ପାଦ ମାଟିରେ ଲାଗୁନଥିଲା। ଗର୍ବ ରେ ଛାତି ଫୁଲେଇ ମୋ ପୁଅ ଡାକ୍ତର ବୋଲି ସମସ୍ତଙ୍କ ଆଗେ କୁହନ୍ତି। ସବୁ ବାପାଙ୍କ ପରି ମଦନ ବାପା ବି ପୁଅ ପାଇଁ ସ୍ୱପ୍ନ ଦେଖିଥିଲେ। ଖୁସି ନ ହୁଅନ୍ତେ ବା କପରି। ଘର ଆଗର ମାଟି ପିଣ୍ଡା ଉପରେ କାଠ ଆରମ ଚେୟାର ଟି ପକେଇ ବସି ବଡ ଶାନ୍ତି ରେ ବସି ଯାଆନ୍ତି ସେ। ଡାକ୍ତର ବାବୁ ଙ୍କ ବାପା ର ଗାଁ ରେ ବହୁତ୍ ସମ୍ମାନ। ଆସିବା ଯିବା ଲୋକ ଘଡିଏ ରହି ବାବୁ ଙ୍କ ସହ କଥା ହୋଇ ମୁଣ୍ଡିଆ ହୋଇ ଯାଆନ୍ତି।

ମଦନ ଡାକ୍ତର ହେଲା ପରେ ବାକ୍ସ ରେ ଘର କୁ ଔଷଧ ପଠାନ୍ତି, ଜ୍ୱର, ଥଣ୍ଡା, କାଶ ଇତ୍ୟାଦି ସାଧାରଣ ରୋଗ ବୈରାଗ ପାଇଁ। କାଗଜ ରେ କୋଉ ଔଷଧ କେତେ ପରିମାଣର କେତେବେଳେ ଖାଇବ ସବୁ ଲେଖି ଭଲକ ବାପାଙ୍କୁ ବୁଝାଇ ଦେଇ ଯାଆନ୍ତି। ପୁଅକୁ ନଜଣାଇ ଗାଁ ରେ କୌଣସି ଲୋକଙ୍କୁ ଛୋଟମୋଟ ରୋଗ ହେଲେ ଏଥର ମଦନା ବାପା ଘର ଆଗ ବାରଣ୍ଡା ରେ ସେହି ଆରାମ ଚେୟାର ଔଷଧ ବାକ୍ସ ଧରି ବସି ଯାଆନ୍ତି। ଏଥିପାଇଁ ଗାଁ ଲୋକେ ତାଙ୍କୁ ଓଷ ମଉସା ବୋଲି ଡାକୁଥିଲେ। ଗାଁ ର ଗରିବ ସାଧାରଣ ଲୋକ ଓଷ ମଉସା ଠୁ ବିନା ପଇସାରେ ଔଷଧ ପାଇଁ ଖୁସି ହେଉଥିଲା। ଏକପ୍ରକାର ଖଣ୍ଡି ବଇଦ କହିଲେ ଚଳେ। ସ୍ତ୍ରୀ ବାରଣ କଲେ କୁହନ୍ତି ମୁଁ କଣ ମୁର୍ଖ ହୋଇଛି? ମୋ ପୁଅ ଡାକ୍ତର ହୋଇ କ ଲାଭ? ମୋ ଗାଁ ଲୋକ ତାର ଔଷଧ ଖାଇ ଠିକ୍ ହେଲେ ସିନା ମୋ ପୁଅ

କୁ ଡାକ୍ତର ହେବା ସଫଳ ହେବ। ଔଷଧ ଖାଇ କାହାକୁ କଛି ହୋଇଯିବ ଯଦି ବୋଲି କେତେ ବୁଝାଇଲେ ସେ ବୁଝିବାକୁ ନାରାଜ।

ପ୍ରତି ଦିନ ଔଷଧ କାଚ ର ଦିନ ବାର ପରିକ୍ଷା କରବା, ନୂଆଁ କାଚ ଆସିଲେ ତା ଉପରେ ନାଁ ତଥା ପରିମାଣ ଓ ସମୟ ଲେଖିବା, ତା ଛଡା ପୁରୁଣା ଔଷଧ କାଚ ରେ ଯାହାର ଦିନ ଆଉ ଅଳ୍ପ ଥିବ ତାକୁ ସଫାକରି ପୁରୁଣା ଘର ହାତ ଭଡି ଉପରେ ଏକାଠି କରି ରଖିବା ଏୟା ହେଉଛି ଓଷ ମଉସା ଙ୍କ ନୀତି ଦିନଆ କାମ।

ସଫା କରିବା ମାନେ ହେଉଛି ତାକୁ ଧୋଇ ନୁହେଁ ଖାଇ ସଫା କରିଦେବା। ହଁ ଓଷ ମଉସା ଙ୍କୁ ଔଷଧ ଖାଇବା ଭରି ପସନ୍ଦ। ଘରେ ଲୁଗ୍ଇ ବଳଥିବା ଔଷଧ ତକ ଆଁ କରି ଘଟଘଟ ପିଇ ଯାଆନ୍ତି ସେ କେତେ କଡା କେତେ ପିତା ଔଷଧ ହେଉ ମହୁ ପରି ଖାଇଯାଆନ୍ତି ତାକୁ। ମନେ ମନେ କହି ହୁଅନ୍ତି ମୋ ପୁଅ ର ପରିଶ୍ରମ ର ଫଳ ଏମିତି କେମିତି ଫିଙ୍ଗିଦେବି!

ଦିନେ ମାଉସୀ ସଂନ୍ଧ୍ୟା ରେ ବାଡିଆଡେ ଯାଇଥିଲେ। ଗାଁ ରେ ଖର୍ ଦିନେ ଅନାବରତ ବିଜୁଳ କାଟେ। ସେତିକବେଳେ ବିଜୁଳ ଗ୍ଲିଗଲ୍। ମଉସା ଘରଟା ଯାକ ଅଣ୍ଡାଳ ବାରି ଘର ବିରୁଆ ରେ ତାକୁ ଲଣ୍ଠନ ଟା ମିଳଲ୍। ଲଣ୍ଠନ ଆଲୁଅ ରେ ହଠାତ୍ ମଉସା ନଜର ପଡି ଗ୍ଲେଷେଇ ଘର କାନ୍ଥ ଉପରେ ଦୁଇଟି ଔଷଧ କାଚ। ଗୋଟିକ ଅଧା ଆଉ ଗୋଟିକ ପୁର୍ ଭର୍ତ୍ତି ଅଛି। ମନରେ କଣ ବିଗ୍ଭରିଲେ କେଜାଣି ଘଟଘଟ କରି ସେତକ ପିଇ ପକେଇଲ୍। ଦେହ ସାର୍ ଯେମିତି କଣ କଣ ହୋଇଗଲ୍। କାନ ମୁଣ୍ଡ ଝାଇଁ ଝାଇଁ କଲ୍ ଆଉ କଇଁଆ ଖାଇଲ୍ ପରି ମୁହଁ କରି ଯାଇ ଦୁଆର ମୁହେଁ ବସିଗଲେ ମଉସା।

ରାତିରେ ଆଉ ବିଜୁଳ ଆସିଲ୍ନ। ମାଉସୀ ଆସି କେତେ ଡାକଗଲେ ଖାଇବାକୁ ହେଲେ ଓଷ ମଉସା ସେ ଦୁଆର ମୁହଁରେ ସେମତି ପଡି ରହିଲ୍। ସକାଳ ହେଉହେଉ ମଉସା ଦିମୁହଁ

ହେଇଗଲାଣି। ମାଉସୀ କେତେଥର କହିଲେ ବି ମଉସା ନିଜ ଓଷ ବାକ୍ସ ରୁ ଔଷଧ ଖାଇବାକୁ ନାରାଜ। କିଛି ସମୟ ପରେ ସ୍ଥାନୀୟ କମ୍ପାଉଣ୍ଡର ଆସିଲେ। ଝାଡାବାନ୍ତି ପାଇଁ ଔଷଧ ଦେଇ ଗଲେ। ତେବେ ଯାଇ ମଉସା ପେଟକୁ କିଛି ଗଲା । ଏତେ ବର୍ଷ ରେ ଏମିତି କେବେ ହେଇନି କି ମଉସା ତାଙ୍କ ନିଜ ଓଷ ନଖାଇ ଆଉ କୋଉଠୁ ଖାଇଛନ୍ତି। ଶେଜ ପାଖରେ ମଉସା ର ଗୋଡ ମୋଡୁ ମୋଡୁ ନାକ ସୁଡୁସୁଡୁ କରି ମାଉସୀ କହିଲା ହେଇଟି ତମର ଶନି ଦଶା ସବୁ ଶନିବାର ଓସ୍ତଗଛ ତଳେ ଖାଣ୍ଟି ଜଡା ରେ ଦିପ ଜଳୁଥିଲି। ଏସବୁ ସେଇଥି ପାଇଁ ହେଲା ଗୋ ଆଜି କି ବୋଲି ଦୀପ ଟେ ବି ଜାଳି ପାରିଲିନି। ରାତି ରେ ବାରିପୋଡା ବିଲେଇ କାନ୍ଥ ରେ ଚଢି ମୋର ସବୁ ତେଲ ଢାଳି ଦେଇଚି। ଆଉ ଟୋପେ ହେଲେ ତେଲ ନାହିଁ ସେଥିରେ। ଜାଉଛି ଆଗ 2 ଟଙ୍କା ର ତେଲ ଆଣିକି ଦିପଟେ ଜାଳେ। ମାଉସୀ ର ଏତକ କଥା ଶୁଣି ମଉସା ର କାନ ଦିଇଟା ଠିଆ ହୋଇଗଲା। ପଗ୍ଧରିଲେ କୋଉଠି ରଖିଥିଲୁ ଲୋ ତୋ ଜଡା ତେଲ। ମାଉସୀ କହିଲେ ସେଇ ରନ୍ଧା ଘର କାନ୍ଥ ଉପରେ। ସେ ବାରିପଡା ବିଲେଇର ଗୋଡକୁ ଗୋଡକୁ ଟାଙ୍ଗି ଦେବି ଏତକ କହୁକହୁ ମଉସା କହିଲେ ଆଲୋ ଥାଉ ଥାଉ ଲୋ ମଦନା ମାଆ ସେ ବାରିପଡା ଟା ବିଲେଇ ନାହିଁ ଲୋ ମୁଁ। କାଲି ରାତିରେ ସେହି କାଚ ଦିଇଟା ଥିବାର ଦେଖି ମୁଁ ହିଁ ତାକୁ ପିଇଦେଇଛି।

ମାଉସୀ ବାଲୁବାଲୁ କରି ଅନେଇ ରହିଲା ମଉସା କୁ। କିଛି ସମୟ ପରେ ମୁଣ୍ଡ ରେ ହାତ ବାଡେଇ ସେଠୁ ଉଠି ଯାଉ ଯାଉ ଗୁଣୁ ଗୁଣୁ ହେଇ କହୁଥିଲେ ଏ ଅଳପ ବିଦ୍ୟା ବଡ ଭୟଙ୍କରୀ ଲୋ ଝିଅ। ଆଉ ବିରୁଆ ରେ କିରାସିନ ଡିବି ରଖିଥିଲି ଏ ବୁଢା ପିଇଥିଲେ ମରିଯାଇଥାନ୍ତା ଆଜି, ମୁଁ କିସ କରିବି ରେ ଦଇବ। ମଉସା କାନରେ ସବୁ ଶୁଭୁଥିଲା। ହେଲେ ଖୁନ୍ଦା ଖାଇଥିବା ବିଲେଇ ପରି ଧିରି ପଡି ରହିଥିଲେ ଯାହା।

ଆମ୍ବପୁଆ, ବ୍ରହ୍ମପୁର- ୧୦

# କୋଣାର୍କ



ପ୍ରକାଶ ଚନ୍ଦ୍ର ପଣ୍ଡା

ଓଡିଆ ଜାତିର ସ୍ୱାଭିମାନ ତୁହି
ଧନ୍ୟ ଯେ ଗଢିଛି ତୋତେ
ବାରଶହ ବଢେଇ ନହାଣମୁନରେ
କେତେ ଜୀବନ୍ତ ତୁ ସତ ।

ଦୂରୁ ଥାଇ ତୋତେ ଦେଖିଲେ ନୟନେ
ଆଖି ଯାଏ ମୋର ଖୋସି
ଭାବନା ରାଇଜେ ହଜିଯାଏ କ୍ଷଣେ
ସତେ ମୁଁ ଯାଏକ ଭାଷି ।

ପଢିଥିଲି ପିଲାଦିନେ ଇତିହାସେ
ବାରଶହ ବଢେଇ କଥା
ନହଣ ମୁନରେ କପରି ଗଢିଛ
ଭାବିଲେ ଘୁରଇ ମଥା ।

ଧନ୍ୟ ହେ ବୀର ଧନ୍ୟ ତୁମେ ଶିଳପୀ
ଧନ୍ୟ ତୁମେ କାରିଗର
ତୁମରି ପସାଦେ ବିଶ୍ୱ ଦରବାରେ
ସ୍ୱତନ୍ତ୍ର ସ୍ଥାନ ରାଜ୍ୟର ।
ତୁମ ପାଇଁ ଏହି ଉତ୍କଳ ପ୍ରଦେଶ
ସାରା ବିଶ୍ୱରେ ବିଖ୍ୟାତ
କଳାକୃତିର କ ଅପୂର୍ବ ଭାଷ୍କର୍ଯ୍ୟ
ଗଢିଛ ହେ ଯୋଗ୍ୟସୁତ ।

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ସୁଖର ଚାବିକାଠି



ଅନାମ ଚରଣ ସାହୁ

ଛୋଟ ପରିବାର ସୁଖୀ ପରିବାର
ଜାଣି ରଖିଥାଅ ଭାଇ
ଆମେ ଦୁଇ ହେଲେ ଆମର ଗୋଟିଏ
ତା ଠାରୁ ଅଧିକ ନାହିଁ ।
ଗହଳିଆ ଘର ଘେରିଥିଲେ ପର
ଖାଦ୍ୟ, ଜଳ ଅଭାବରେ
କଏ ସେ ପତଳା କଏ ସେ ରୋଗୀଣା
ଦେଖ ବାରେ ନୟନରେ ।
ଅନେକ ନକ୍ଷତ୍ର ନ କରନ୍ତି ଦୂର
ଅମା ଘୋର ଅନ୍ଧକାର
ଏକମାତ୍ର ଶଶୀ ଦେଲେ ମୃଦୁ ହସି
ଝଲସଇ ମହୀପୁର ।
ପୁତ୍ର ହେଉ ଅବା ହେଉ ସେ ଦୁହିତା
ଯତନ କରିଲେ ଆମେ
ବଡ ହୋଇ ଦିନେ ଏହି ସଂସାରରେ
ମଜ୍ଜିଯିବେ ବିଶ୍ୱ ପ୍ରେମେ ।
ଜୀବ ଭାରାକ୍ରାନ୍ତ ନ ହେବ ଜଗତ
ସୁସ୍ଥ ହେବ ପରିବେଶ
ଧରଣୀ ସୁଷମା ହେବ ଅନୁପମା
ମୁଖେ ଖେଳାଇବ ହସ ।

ବିଭୁତିପୁର, କାକଟପୁର, ପୁରୀ

# ବାର୍ଦ୍ଧକ୍ୟ ଭତ୍ତା



ଅନଙ୍ଗ ମଞ୍ଜରୀ

କାହାଣୀର କଥା କେମିତି ଲେଖିବି । ବଡ ବଡ କଥା, କିନ୍ତୁ ଛୋଟ ହୋଇଯାଏ ଯେତେବେଳେ ଏକ ବୟସ ବଢିବା ଆରମ୍ଭ କରେ । ସେତେବେଳେ ମୋହ ମାୟା, ଆଉ ସମ୍ପର୍କ ତମକୁ ପାଖକୁ ଆଣିଦିଏ । ଏହି ସମ୍ପର୍କ ଏକ ନିଆରା । ପିତା ପୁତ୍ର, ଭାଇ- ଭଉଣୀ, ବୋହୂ ଆଉ ଶାଶୁ ଶଶୁର ସମସ୍ତଙ୍କୁ ନିଭେଇବାକୁ ପଡିଥାଏ ଏକ ସୁନ୍ଦର ସମ୍ପର୍କକୁ ।

ଏକୁଟିଆ ଜୀବନ କାଟିବା ଏକ ସମୟ ଥିଲା । ନାଥବାବୁ କାଟି ନେଉଥିଲେ । ବଡ ସ୍ୱାଭିମାନୀ ଥିଲେ । ଘର ଛାଡି ଆସି ଫୌଜରେ ଚାକିରୀ କରିଥିଲେ । ପିଲାମାନଙ୍କୁ ଛାଡି ନିଜର ପତ୍ନୀଙ୍କ ପାଖରେ ଫୌଜରେ ନିଜର କର୍ତ୍ତବ୍ୟକୁ ପୁରା କରୁଥିଲେ । ପିଲାମାନେ ଏକ ସହରରେ ରହି ପାଠ ପଢୁଥିଲେ । ସାଧାରଣ ଚାକିରୀରେ ସବୁ ବାପା ମାଙ୍କର ଇଚ୍ଛା ପିଲାମାନେ ଉଚ୍ଚ ପଦବୀରେ ରହି ବାପା, ମା ଓ ବନ୍ଧୁବାନ୍ଧବଙ୍କର ନାମକୁ ରୋଶନ କରନ୍ତୁ । ଉଚ୍ଚ ପଦବୀ ହାସଲ କରି ପିଲାମାନେ କର୍ମକ୍ଷେତ୍ରରେ । ଏହିପରି ସମୟ ସାଙ୍ଗରେ ନାଥବାବୁ ଆଜି ନିଜ ପତ୍ନୀଙ୍କ ସାଙ୍ଗରେ ଏକୁଟିଆ । ପିଲାମାନେ ଦେଇଥିବା ଏକ ବଡ ବଙ୍ଗଳାରେ ।

ଆଜି ସମୟ ଏପରି ପଲଟ ମାରିଛି । ପିଲାମାନେ ତାଙ୍କ ନିଜ ଇଚ୍ଛାରେ ବିଭାହେଲେ । ନାଥବାବୁ ବି ସେତେବେଳେ ଖୁସୀ ଥିଲେ । ପିଲାମାନେ ବଡ ବଡ ଘରେ ବଡ ପଦବୀରେ ଥିବା ଘରେ ବନ୍ଧୁତ୍ୱ ବାନ୍ଧିଛନ୍ତି । ବଡ ଆଶା ଆଉ ସ୍ୱାଭିମାନରେ ତାଙ୍କର ଖୁସିରେ ଛାତି

ଗଦଗଦ ହୋଇଯାଉଥିଲା । କିନ୍ତୁ ଆଜି ସେ ବ୍ୟାକୁଳ, ନିରୁପାୟ । ଏକୁଟିଆ ଦୁନିଆକୁ କହୁଛନ୍ତି ମୁଁ ଖୁସୀ । କାରଣ ପିଲାମାନଙ୍କ ପାଖରେ ସମୟର ଅଭାବ । କଥା ପଦେ ହେବାକୁ ବି ଫୋନରେ ଅନାଇ ବସିଥାଆନ୍ତି । ଭୁବନେଶ୍ୱରରୁ ଛୁଟି କାଟି ବୁଲି ଯାଇଥିଲି ନାଥ ଭାଇ-ଭାଉଜଙ୍କୁ ଦେଖା କରିବାକୁ । ନମସ୍କାର କରି ପଚାରିଲି – କଣ ସବୁ ଠିକ୍ ଠାକ୍ ତ । ହଁ, ଧୀରେ କରି କହିଲେ ସେ । ଗଳାର ସ୍ୱର ନରମି ଯାଇଥିଲା, ବୃଦ୍ଧତା ମାଡି ପଡୁଥିଲା ।

ବୁଝାଇଲି ପ୍ରତ୍ୟେକ ପରିସ୍ଥିତିକୁ ଆମେ ସ୍ୱୀକାର କରିବା । ସୁଖ ଆଉ ଦୁଃଖ ରେ ନ ଭାଙ୍ଗି ଆଗେଇ ଯିବା । କିଛି ନିଜକୁ ସୁଧାରିବା ଓ କିଛି ସମାଜକୁ ସୁଧାରିବା । ଆଜି ନାଥ ବାବୁଙ୍କ ପରି ଅନେକ ବୃଦ୍ଧ ପିତା ମାତା ଅଛନ୍ତି ।

ହାଇଦରାବାଦ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମିଥ୍ୟା ବନ୍ଧନ



ପ୍ରଦୀପ ବନ୍ଧ

ଆଜିକାଲି ଏମିତି ଗ୍ଭଲିଛି
ଗ୍ଭଲିଥିବି ସମୟର ସମୁଦ୍ରରେ
ଅମାନଆ ଲୁହ ଲହୁ ପିଇ ପିଇ
ଆସର ଜମେଇ ଥିବି
ତୁମ ଫେରିବା ବାଟକୁ ଗ୍ଭହିଁ।

ତୁମରି ସ୍ମୃତିରେ ବିସ୍ଥାପିତ କରି
ନିଜ ଇଲାକାରେ ଅନ୍ଧାରର ଆରପାଖକୁ ଘୁଂଚେଇ ଦେଇ
ଅଭିସାରିକାକୁ ଅଭିଷେକ କରିବି
ଅଫେରା ପଥିକ ସାଜି।

ଏପରି ହୁଅନ୍ତା କ ?
ଆମ୍ ସମୀକ୍ଷା କରୁ କରୁ
ଭୁଲରେ ସର୍ଗଦ୍ୱାର ଯାଇ
ମୁଠାଏ ସ୍ୱପ୍ନ ତୋଳଆଣନ୍ତି।
ଆଧୁନିକତାର ସ୍ପର୍ଶରେ ଫୁଟେଇ
ଦିଅନ୍ତି ନୀଳକଇଁ।

ପୁନଶ୍ଚ ମୋ ଇଚ୍ଛାର ସକାଳକୁ ଫେରିବା ବାଟରେ ଅସୁର ପଣିଆକୁ

ତ୍ୟାଗକରି ନିଜ ଢାଞ୍ଚାରେ

ସ୍ମୃତିର ଗଜଲ ଗାଇ

ପକ୍ଷୀମାନଙ୍କ ସହ ଘୁରି ବୁଲୁଥିବି

କହୁଥିବି ଏ ବନ୍ଧନ ମିଥ୍ୟା

କେହି କାହାର ନୁହଁ

ସମସ୍ତେ ଆମେ ମଣିଷ ରୂପି

ବଣରୁ ଫେରିଥିବା ବଣମଣିଷ

ନହେଲେ ଏହି ମିଥ୍ୟା

ଅଭିଧାନର ସୃଷ୍ଟି

ସେହି ତିନମାଙ୍କଡ଼।।

ଭଦ୍ରକ, ବାସୁଦେବପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କାଳଆରେ ତୁମକୁ ମାଗିବିନ କଛି



ସୁଦାମ ଗୌଡ଼

କାଳଆରେ ତୁମକୁ ମାଗିବିନ କଛି
କରିବିନ ଅଭିମାନ ।
ଯାହାତ ଦେଇଛ ସେତିକରେ ଶାନ୍ତି
ଲୋଡ଼ା ନାହିଁ ଆଉ ଧନ ।

ଠାକୁରଙ୍କ ପରି ବାପା ଟିଏ ଦେଲ
ଠାକୁରୁଣି ପରି ମାଆ ଟିଏ ।
ଖାଇବାକୁ ଦେଲ ଦି ଓଳ ଅନ୍ନ
ଅଭଡ଼ା ମୁଠାଏ ।

ହେଲେ କାହିଁକ ଆଜି ଜମା ବୁଝୁ ନାହିଁ
ଅବୁଝା ଏ ମୋର ମନ ।
ପଗ୍ଚରିବାକୁ ଇଚ୍ଛା ହେଉଛି ସେ କଥା
ଭ୍ଵବି ଗ୍ତି ଦିନ ।

ସବୁ ଦେଖି ଆଜି ନଷ୍ଟୁର କାହିଁକ ପ୍ରଭୁ
କହି ପାରିବକ ତୁମେ ।
ଦେଉଳ ଭିତରେ କେତେ ଅତ୍ୟାଗ୍ଚର ଗ୍ଚଲେ
ଶ୍ରଧାଳୁ ଭକ୍ତ ମାନଙ୍କର ନାମେ ।

କଏ ନଏ ସେଠି ଟଙ୍କା ପଇସା ଠକ
କଏ ନଏ ସୁନା ଗହଣା ।
ଦେଉଳ ଭିତରେ ବସିଛ ହେ ପ୍ରଭୁ
ତୁମକୁ କଣ ଅଜଣା ।

ଚକା ଆଖି ରେ ତୁମେ ସବୁ ଦେଖି ପ୍ରଭୁ
କେମିତି ପାରୁଛ ହସି ।
ଧରି ଆସ ତୁମେ ଖଣ୍ଡା ଖର୍ପୁର ଦିଅ
ପାପିଙ୍କୁ ନାସି ।

କତ୍ରା, ବୁଢ଼ାବାହାଲ, ଜିଲ୍ଲା - ସୁନ୍ଦରଗଡ଼

# ମାଗି ଓଳଗି ଯାଚ କଲ୍ୟାଣ



ସନ୍ତୋଷ କୁମାର ମହାନ୍ତି

ଦୁନିଆରେ ସମସ୍ତେ ସମ୍ମାନର ସହ ବଂଚିବାକୁ ଚାହାନ୍ତି । ଗୁରୁଜନ ଓ ଲଘୁଜନମାନଙ୍କୁ କିପରି ବ୍ୟବହାର ଦେଖାଇବା ତାହା ସମାଜ ଆମକୁ ଖୁବ ଭଲ ଭାବରେ ଶିଖାଇଛି । କିଏ କିପରି ଅନ୍ୟମାନଙ୍କୁ ସମ୍ମାନ ଦେବ ବା ଦେଉଛି ତାହା ତାହାର ପାରିବାରିକ ଶିକ୍ଷା, ସଂସ୍କାର ଓ ବିବେକ ଉପରେ ନିର୍ଭର କରୁଛି । ଦୁନିଆରେ ଧନ ଚାଲିଗଲେ ପୁଣି ଥରେ ଆସିପାରେ । କିନ୍ତୁ ସମ୍ମାନ ହଜେଇଦେଲେ ସହଜରେ ମିଳେନା । ସମାଜ ଆଖିରେ ସମ୍ମାନର ଯୋଗ୍ୟ ହେବା ଏତେ ସହଜ କଥା ନୁହେ । ଏଠି ସମ୍ମାନ କମେଇବାକୁ ପଡେ । ସମାଜ ନିକଟରେ ସମ୍ମାନର ପାତ୍ର ହେବାପାଇଁ ମଣିଷକୁ ଅନେକ ପରିଶ୍ରମ ଓ ତ୍ୟାଗ କରିବାକୁ ପଡିଥାଏ । ଥରେ ସମାଜ ଆଖିରେ ତଳକୁ ଚାଲିଗଲେ ପୂର୍ବର ସେ ଖାତିର ଆଉ ସତ ଚେଷ୍ଟା କଲେବି ଫେରିପାରେନା ।



ଗୁରୁଜନ ହିସାବରେ ଆମେ ଆମ ପରିବାର ଲୋକ, ବନ୍ଧୁ, ବାନ୍ଧବ, ଗୁରୁ, ଗୁରୁମା ଓ ପରିଚତ ଲୋକଙ୍କୁ ସମ୍ମାନ ଜଣାଉ । କାହାକୁ ନମସ୍କାର କରିବା କି ସମ୍ମାନ ଦେବାପାଇଁ ବାଧ୍ୟ କରି ହୁଏନ । ଯାହାଙ୍କ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନ ଥାଏ ଆମ ହାତ ତାଙ୍କ ପାଖରେ ଆପେ ଯୋଡି ହେଇଯାଏ । କିଛି ବରିଷ୍ଠ ଲୋକ ସମାଜରେ ସବୁବେଳେ ସମ୍ମାନ ଆଶା କରନ୍ତି । ଆମ ସମାଜବି ବରିଷ୍ଠ ମାନଙ୍କୁ ସମ୍ମାନ ଦେବାରେ କୁଣ୍ଠା କରେନ । ପରିବାର ହେଉ ବା ପଡୋଶୀରେ ଯଦି ଜଣେ ଗୁରୁଜନର ଆଚ୍ଚର, ବ୍ୟବହାର ଗ୍ରହଣୀୟ ହେଉନଥିବ ତାଙ୍କୁ କିଏ ସମ୍ମାନ ଦେବ ? ଏପରିକି ଅନେକ ଗୁରୁଜନ ଥାନ୍ତି ସେମାନେ ପରିବାର ଭିତରେ ଅଶାନ୍ତି ସୃଷ୍ଟି କରୁଥାନ୍ତି । ନିଜ ଆଚ୍ଚର, ବିଚ୍ଚର ଅନ୍ୟମାନଙ୍କ ଉପରେ ଲଦିବାକୁ ପସନ୍ଦ କରନ୍ତି । ସେଥିପାଇଁ ପରିବାରର ଅନେକ ଗୁରୁଜନ କନିଷ୍ଠଙ୍କ ଠାରୁ ଉଚିତ ସମ୍ମାନ ପାଉନାହାନ୍ତି । ଏବେ ଏମିତି ହେଲାଣି ଘର ଭିତରେ ସବୁ ଆପଣା ପଣେ ଚଉଦ ପା । କେହି କାହାକୁ ଶୁଣିବାକୁ ଓ ବୁଝିବାକୁ ରାଜି ନୁହନ୍ତି । ସମୟ ଏମିତି ଆସି ପହଁଚିଲା ଯେ ବାପା ପୁଅ ମିଶି ମଦ ପାନ କରୁଛନ୍ତି । ମା ଝିଅ ମିଶି କ୍ଲବ ଯାଉଛନ୍ତି । ଦୁଇ ଭଉଣୀ ଗୋଟେ ପୁଅକୁ ପ୍ରେମ କରୁଛନ୍ତି । ଆଉ ଗାଁ ମଣ୍ଡପ, ଭାଗବତ ଟୁଙ୍ଗିରେ ବସି ବଡ ସାନ ସବୁ ଗଂଜେଇ ଟାଣୁଛନ୍ତି ।

ଆଜକୁ ୧୦ ବର୍ଷ ତଳେ ଘର କି ଗାଁରେ ବଡ ମାନଙ୍କ ପାଖରେ ଠିଆ ହେବାକୁ କୁଣ୍ଠାବୋଧ ହେଉଥିଲା । ଏବେ ସାନ ମାନଙ୍କ କଥା, ଭାଷା ଆଉ ଆଚରଣ ଦେଖି ବଡ ମାନେ ନିଜ ସମ୍ମାନକୁ ଜଗି ରଖି ଚ୍ଚଲିବାକୁ ପଡୁଛି । କଥାରେ ଅଛି ବଡକୁ ପଚ୍ଚରି ସାନକୁ ବିଚ୍ଚରି । କିନ୍ତୁ ଏବେ ବଡ ହେଉ କି ସାନ ହେଉ କେହି କାହାକୁ ପଚ୍ଚରି ଓ ବିଚ୍ଚରି କାମ କରିବାକୁ ଚାହଁୁ ନାହାନ୍ତି । ସମସ୍ତେ ନିଜ ଭିତରେ ଠିକ ଅଛନ୍ତି । ସେଥିପାଇଁ ସମାଜ, ଗାଁ, ସହର, ପରିବାର ଓ ଅନୁଷ୍ଠାନ ଭିତରେ ନାନା ଅଶାନ୍ତି ଓ ମନୋମାଳିନ୍ୟ ବଢ଼ିବାରେ ଲାଗିଛି । ବଡମାନେ ଯାହା କରନ୍ତି ସାନମାନେ ଆଗକୁ ସେହି ପଥରେ ଯାନ୍ତି । ଦୀର୍ଘ ଦିନ ଧରି ସମାଜରେ ଚ୍ଚଲୁଥିବା ନାନା ଅନୀତି, ଦୁର୍ନୀତି, କୁସଂସ୍କାର ପାଇଁ ଆମ ପୂର୍ବ ଓ ଏବେର

ବରିଷ୍ଠ ମାନଙ୍କ ଉପରେ କନିଷ୍ଠମାନେ ଆଙ୍ଗୁଠି ଉଠାଉଛନ୍ତି । ଯାହା ଫଳରେ ଏବେର ପିଢ଼ୀଙ୍କ ପାଖରୁ ଯୋଉ ଶ୍ରଦ୍ଧା ଓ ସମ୍ମାନ ମିଳିବା କଥା ତାହା ବରିଷ୍ଠ ମାନଙ୍କୁ ମିଳିପାରୁନି।

ଏହି ଦୁନିଆରେ କିଛି ଲୋକ ଅଛନ୍ତି ସବୁବେଳେ ମୁଣ୍ଡିଆ ଆଶା କରନ୍ତି । ସେମାନଙ୍କୁ କିଏ ନମସ୍କାର କରୁ ବା ନକରୁ କିନ୍ତୁ ସେମାନେ ମାଗିକି ମୁଣ୍ଡିଆ ଖାନ୍ତି ଓ ଯାଚକି କଲ୍ୟାଣ ଦିଅନ୍ତି । ଆଉ କିଛି ଅଛନ୍ତି ସେମାନଙ୍କର ସମାଜ ପାଇଁ କିଛି ପ୍ରତିଦାନ ଥାଉ ବା ନଥାଉ କିନ୍ତୁ ସେମାନେ ସବୁବେଳେ ସମ୍ମାନ ଖୋଜି ବୁଲନ୍ତି । ସେହି ଟିକିକ ନ ମିଳିଲେ ଅମୁକ ଲୋକଟା ଭଲ ନୁହେ । ଅମୁକର ପୁଅ ମୋତେ ସମ୍ମାନ ଦେଲାନି ତା ବୋପା କି ସଂସ୍କାର ଦେଇଛି କେଜାଣି ଗୁରିଆଡେ କହି ବୁଲନ୍ତି । କିଛି ଧନୀ ଲୋକ ସମାଜରେ ନିଜ ଧନ ପାଇଁ ସମ୍ମାନ ଖୋଜନ୍ତି । ସେତିକି ଯଦି ନ ହେଇପାରିଲା ଗାଁ ଡ୍ରାମା, କ୍ରିକେଟ ଖେଳ, ସଭାସମିତି, ସାଂସ୍କୃତିକ ଉତ୍ସବକୁ ବିଭିନ୍ନ ବାଟରେ ଚାନ୍ଦା ଦେଇ ସମ୍ମାନ ଖୋଜନ୍ତି । ଆଉ ସଭାସମିତିରେ ମଞ୍ଚରେ ଗୋଟେ ଆସନ ଆଶା ରଖନ୍ତି । ଧନୀ ଲୋକଟିର ଯଦି କିଛି ଗୁଣ ନରହିଲା ତାକୁ ସମାଜ କେତେ ଦିନ ସମ୍ମାନ ଦେବ । ବିଶ୍ୱରେ ଜନ୍ମିଥିବା ଅନେକ କୋଟିପତି ଲୋକଙ୍କ ନାମ ଏବେ ଜନମାନସରୁ ହଜି ଗଲାଣି । ଯୋଉ ଧନୀ କି ବିତ୍ତଶାଳି ଲୋକଟି ବୃହତ୍ତର ସମାଜର ସ୍ୱାର୍ଥ ପାଇଁ କିଛି କରି ଯାଇଥିଲା ଏବେ ସମାଜ ସେମାନଙ୍କୁ ସମ୍ମାନ ଦେଉଛି ଓ ପୂଜା କରୁଛି । ଧନର ବଳରେ ଯୋଉ ସମ୍ମାନ ବା ମୁଣ୍ଡିଆଟିଏ ମିଳେ ତାହା ବେଶୀ ଦିନ ରହିପାରେନା । କାହାକୁ ଅଯାଚିତ ଭାବେ ଧନ ଦେଇ ସମ୍ମାନ ଗୋଟା ଯାଇପାରେନା । ଏ ସମାଜରେ ଧନୀକୁ ଶୋଷିବା ଲୋକବି କିଛି କମ ନଥାନ୍ତି । ସେମାନେ ଧନୀକୁ ମୁଣ୍ଡିଆ ମାରନ୍ତି ନାହିଁ ତାର ଧନକୁ ସମ୍ମାନ ଦିଅନ୍ତି । ଆଉ ସେହି ଧନୀ ଲୋକଟି ଯୋଉଦିନ ଧନ ହରେଇ ବସେ ସମାଜର ଗହଳି ତାଙ୍କ ପାଖରେ ନ ଥାଏ । ତେଣୁ ଧନ ବଳରେ ସମ୍ମାନ କମେଇବା ଗୋଟେ ତାସର ଘର ପରି ହୋଇଥାଏ ।

କିଛି ଲୋକ ନିଜ ପଦ, ପଦବୀ ପାଇଁ ଭାରି ସମ୍ମାନ ଖୋଜନ୍ତି । ଅଧସ୍ତନଟି ଯଦି ସେମାନଙ୍କୁ ଠିକରେ ସମ୍ମାନ ନ ଦେଲା ପାନରୁ ଚୂନ ଖସି ପଡେ । ତେଣୁ ସେମାନେ ଚାକିରୀରେ ଥିବା ବେଳେ ଓ ଚାକିରିରୁ ଯିବା ପରେ ନିଜ ପଦବୀ ପାଇଁ ଭାରି ସମ୍ମାନ

ଲୋଡ଼ନ୍ତି । ଯଦି ଉଂଚ ପଦସ୍ଥ ଅଧିକାରୀ ଜଣଙ୍କ କାମ କରୁଥିବା ଅନୁଷ୍ଠାନରେ ନିଜ ପଦର ମର୍ଯ୍ୟାଦା ରଖିଥାନ୍ତି, ସେ ଅଧସ୍ତନ କର୍ମଚାରୀ ଓ ଜନସାଧାରଣଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧା ରଖିଥାନ୍ତି ତେବେ ସେ କାମ କରୁଥିବା ଓ କାମରୁ ଚାଲିଯିବା ପରେ ସବୁବେଳେ ସମସ୍ତଙ୍କ ହୃଦୟରେ ରହିଥାନ୍ତି । ଆଉ ଯୋଉ ଅଧିକାରୀମାନେ ନିଜ ଚାକରୀରୁ ଅବସର ପରେ ସମାଜ, ନିଜ ଗାଁ, ସହର ଓ ପଡୋଶୀ ମାନଙ୍କ ଠାରୁ ଉପଯୁକ୍ତ ସମ୍ମାନ ପାଉ ନାହାନ୍ତି, ତାହା ସେମାନେ ନିଜକୁ ପଚାରିବା ଦରକାର ।

ଥରେ ଜଣେ ଡାକ୍ତର ବାବୁଙ୍କୁ ରୋଗୀଟିଏ ଭାଇ ବୋଲି ସମ୍ବୋଧନ କରିଦେଲା । ଡାକ୍ତର ବାବୁଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଗଲା । ଆମର ସାର ଶବ୍ଦଟା ଶୁଣିବାରେ ଏତେ ଲାଳସା ଯେ, ଆମକୁ କେହି ସାର ନ ଡାକଲେ ଆମ ସମ୍ମାନ ହାନି ହେଇଗଲା ଭଳି ଲାଗେ । ଜଣେ ଅବସର ନେଇଥିବା ସରକାରୀ କର୍ମଚାରୀ ଆମ ପାଖ ଗାଁକୁ ଆସିଲେ । ସେଠି ରହି ହୋମିଓପାଥିକ ସେବା କେନ୍ଦ୍ରଟିଏ ଖୋଲିଲେ । ଆଉ ଲୋକମାନଙ୍କୁ ମାଗଣାରେ ସେବା ଦେବା କଥା କହିଲେ । ଗାଁରେ ସେହି ବାବୁଙ୍କ ସମ୍ମାନ ଭାରି ବଢିଗଲା । ଆଖ ପାଖ ଗାଁ ଲୋକମାନେ ସେ ବାବୁଙ୍କ ନିସ୍ୱାର୍ଥପର ସେବା କଥା ଶୁଣି ଖୁସି ହେଲେ । ୮ ଦିନ ବିତିଗଲା। ମାଗଣା ସେବା ଚାଲିଲା । ୯ ଦିନ ବେଳକୁ ସିଏ ଲୋକଙ୍କୁ ଔଷଧ ଦେଇ ଟଙ୍କା ମାଗିବାକୁ ଆରମ୍ଭ କଲେ । ରୋଗୀଙ୍କ ଆସିବା ତା ପରଦିନ ଠାରୁ କମିଗଲା । ସେହି ଗାଁର ଲୋକମାନେ ଡାକ୍ତର ବାବୁଙ୍କୁ ସାର ନଡାକ ମଉସା ଡାକଦେବାରୁ ସେ ବାବୁଙ୍କୁ ଭାରି ଖରାପ ଲାଗିଲା । ସେ ନିଜ ସେବା କେନ୍ଦ୍ର ବନ୍ଦ କରି ଗାଁରୁ ସବୁଦିନ ପାଇଁ ଚାଲିଗଲେ। ସିଏ ଚାଲିଗଲା ପରେ ସେହି ବାବୁଙ୍କୁ ଗାଁ ଲୋକମାନେ କଣ କହିଥିବେ ସେଇଟା ଆପଣଙ୍କ ଭଳି ବିଚାରବନ୍ତ ପାଠକ ମାନେ ଠିକ ବୁଝି ପାରୁଥିବେ ।

ଆମ ଦେଶରେ ପ୍ରତିଭାର ଅଭାବ ନାହିଁ । ଅନେକ ପ୍ରତିଭାମାନେ ବହୁ ଘାତ, ପ୍ରତିଘାତ ଭିତରେ ନିଜର ଈଶ୍ୱର ଦତ୍ତ କଳାକୁ ନେଇ ସମାଜରେ ନିଜ ପାଇଁ ଏକ ପରିଚୟ ତିଆରି କରିଥାନ୍ତି । ଜଣେ ପ୍ରତିଭା ସମ୍ପର୍ଣ୍ଣ ଲୋକଟିଏ ନିଜ କ୍ଷେତ୍ରରେ ବହୁତ ଶିଖରକୁ ଉଠିଯିବା ପରେ ସମାଜରେ ତାର ଏକ ସ୍ୱତନ୍ତ୍ର ପରିଚୟ ଓ ସମ୍ମାନ ଆସିଯାଇଥାଏ । କିନ୍ତୁ ସେ

ଲୋକଟି ଯଦି ଗର୍ବୀ ଓ ଅହଙ୍କାରୀ ହେବ ସମାଜରେ କଣ ସିଏ ଗ୍ରହଣୀୟ ହୋଇପାରିବ କି? ପ୍ରତିଭାରେ ଭରା ଲୋକଟିଏ ଯେତେ ବଡ ତାରକା ହେଇଥାଉ ନା କାହିଁକି ତାର ଯଦି ଚରିତ୍ର ଠିକ ନରହିଲା ତେବେ ତାର ସମ୍ମାନ ହାଟରେ ପଡି ଦାଣ୍ଡରେ ଗଡୁଥିବ । ଏବେ ନିକଟ ଅତୀତରେ ଆମେ ଦେଶରେ ଖୁବ ଚର୍ଚ୍ଚାକୁ ଆସିଥିବା ମି ଟୁ # କେତେ ଲୋକଙ୍କ ସମ୍ମାନକୁ ଧୂଳିରେ ମିଶେଇଲାଣି ତାହା ନ କହିବା ଭଲ ।

ଏବେ ଆମ ଦେଶର ଗାଁ ଓ ସହରରେ ସମ୍ମାନ ସବୁ ବିକ୍ରି ହେଉଛି । ଆପଣଙ୍କ ପାଖରେ ଯଦି ଅର୍ଥ ଅଛି ତେବେ ଆପଣ ଜଡିତ ଥିବା କ୍ଷେତ୍ର ପାଇଁ ସମ୍ମାନ ଯୋଗାଡ କରିପାରିବେ । ଅନେକ ଗୁଡିଏ ଅନୁଷ୍ଠାନ ଏବେ ଭିତିରିଆ ଅର୍ଥ ନେଇ ସମ୍ମାନ ବାଣ୍ଟିବାରେ ଭାରି ଆଗୁଆ। ଆଉ କିଛି ବିକଳିଆ ପ୍ରତିଭା ଅର୍ଥ ଦେଇ ସମ୍ମାନିତ ହେବାକୁ ଫୁଲ ଦମରେ ଲାଗିପଡ଼ିଛନ୍ତି । କବିବର, ପଦ୍ମ, ରତ୍ନ ଆଦି ବିଶେଷଣ ଲାଗିକି ସମ୍ମାନ ସବୁ ବଣ୍ଟା ଗଲାଣି । ଯୋଉମାନେ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡା, ଅଭିନୟ, ଶିକ୍ଷା, ପରିବେଶ ଆଦି କ୍ଷେତ୍ରରେ ପ୍ରଚାର ପ୍ରସାର ଠାରୁ ଦୂରରେ ରହି ଭଲ କାମ କରୁଛନ୍ତି ସେମାନେ ସମ୍ମାନିତ ହେଇ ପାରୁନାହାନ୍ତି । ଅର୍ଦ୍ଧାଧିକ ଅନୁଷ୍ଠାନ ଅର୍ଥ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମ୍ମାନ ବାଣ୍ଟୁ ଥିବାରୁ ସମ୍ମାନର ବି ଆଉ ମାନ ରହୁନାହିଁ । କିନ୍ତୁ ତାରି ଭିତରେ ବି ଆମ ଦେଶରେ କିଛି ଅନୁଷ୍ଠାନ ଅଛନ୍ତି ଯୋଗ୍ୟ ଲୋକକୁ ସମ୍ମାନିତ କରି ମହିମାମଣ୍ଡିତ ହେଉଛନ୍ତି। ଆଉ କିଛି ଲୋକ ଏଠି ସାଧନା ନଥାଇ ସମ୍ମାନ ଗୋଟେଇବାରେ ବ୍ୟସ୍ତ । ୧୦ ଟି କବିତା ଲେଖି ଏଠି କିଛି ଲେଖକ, ଲେଖିକା ଯୋଗାଡ଼ିଆ କରି ସାହିତ୍ୟରେ ବଡ ଉପାଧି ପାଇଗଲେଣି । ଆଉ କିଛି ଜୀବନରେ ୨ ଗଛ ଲଗେଇ ସରକାରୀ ଓ ବେସରକାରୀ କ୍ଷେତ୍ରରେ ପରିବେଶ ପାଇଁ ଅନେକ ସମ୍ମାନ ସାଉଁଟି ସାରିଲେଣି । କିନ୍ତୁ ସେମାନେ ବୁଝିବା ଦରକାର ବିନା ପରିଶ୍ରମ, ତ୍ୟାଗ ଓ ସାଧନାରେ ଯୋଗାଡ଼ିଆ ମାନପତ୍ର ଓ ଫଳକ ବେଶୀ ଦିନ ଯାଏ କାହାର ସମ୍ମାନ ବଢ଼େଇ ପାରେନା । ଯଦି ସାଧନାରେ ପ୍ରକୃତ ଆନ୍ତରିକତା ଥାଏ ମରଣ ପରେ ବି ଏଠି ସମାଜ ପୂଜା କରୁଥାଏ । ଆପଣ କହିବେ ମରିଗଲା ପରେ ଫୁଲ ମାଳ ପାଇଲେ କଣ ଲାଭ । ଆମ ଦେଶ ତ ସେଇ ଭଳିଆ ଏଠି ବଂଚ ଥିବା ଭିତରେ

ଆପଣଙ୍କ ପ୍ରତିଭା ପାଇଁ ଆପଣଙ୍କୁ ଯେତେ ସମ୍ମାନ ମିଳେ ନାହିଁ ମଲାପରେ ଆପଣଙ୍କ ଜୟନ୍ତୀ, ଶ୍ରାଦ୍ଧବାର୍ଷିକ ପାଳନ ହୁଏ ଓ ଆପଣଙ୍କ ନାମରେ ସମ୍ମାନ ଦିଆଯାଏ ।

ଆମକୁ କିଏ ଆଗରେ ସମ୍ମାନ ଦେଇ ପଛରେ ଆମ ଚଉଦ ପୁରୁଷ ଉଦ୍ଧାର ନ କରୁ । ଏଇ କଥା ଆମର କେବବି ପସନ୍ଦ ନୁହେ । କିଛି ଲୋକ ଅଛନ୍ତି ଯେଉମାନେ ଆମକୁ ଆମ ପଦବୀ, ଧନ ଓ କ୍ଷମତାକୁ ଦେଖି ଓଳଗି ହୁଅନ୍ତି । କିନ୍ତୁ ଆମ ପଛରେ ଆମକୁ କାନ ଶୁଣିବା ଭଳି ଗାଳି ଦିଅନ୍ତି । ତେଣୁ ଏଭଳି ସମ୍ମାନ ପାଉଥିବା ଲୋକମାନେ ନିଜକୁ ଟିକେ ସମୀକ୍ଷା କରିବା ଦରକାର । ଆମେ କାହାକୁ ସମ୍ମାନ ଦେଖେଇବା କି ନ ଦେଖେଇବା ସେଇଟା ଆମର ନିଜର ଅତି ଆପଣାର କଥା, କିନ୍ତୁ କାହାକୁ ବିନା କାରଣରେ ଅସମ୍ମାନ କରିବାକୁ କେବେବି ଠିକ କୁହା ଯାଇପାରିବ ନାହିଁ ।

ନବଜୀବନ ସମାଜ, ଗ୍ରାମ/ ଡାକ- ସଫା,
ଜିଲ୍ଲା- କଟକ- ୭୫୪୦୨୨

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମକୁ ଖୋଜୁଛି



ସୁବାସ ଚନ୍ଦ୍ର ମୁଦୁଲି

ଖୋଜୁଛି ତୁମକୁ ନଡା ଛପର ଘରେ
ପଲିଥିନର ଆବରଣରେ
ଭୋକଲା ମଣିଷର କ୍ଷୁଧା ଭିତରେ
ପୁରୀ ଆଉ ଭୁବନେଶ୍ୱରରେ
ବାତ୍ୟା "ଫଣୀ" ର କରାଳ ରୂପରେ
ଅଶ୍ରୁର ଲୀଳା ଭୂମି ଉତ୍କଳରେ
ତୁମକୁ ଖୋଜୁଛି
ତୁମ ଅବର୍ତ୍ତମାନରେ
ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଭିତରେ
ଅଲିଭା ସ୍ମୃତିରେ
ସାକ୍ଷୀଗୋପାଳ ପୀଠର
ବକୁଳ ବନର କୋକିଳର ସୁରେ
ପୁଣି ଖୋଜୁଛି
ଗାନ୍ଧୀଙ୍କ ଅହିଂସାର ସ୍ୱାଧୀନତାରେ
ହଜାରୀ ବାଗ ଜେଲର
"ବନ୍ଦୀର ଆତ୍ମକଥା" ଓ "ନଚକେତା" ରେ
"ସମାଜ" ଆଉ "ସତ୍ୟବାଦୀ"
ଦୁଇ ମାନସ ସନ୍ତାନ ଭିତରେ

ବରିଷ୍ଠ ପ୍ରାଯୁକ୍ତିକ, ଜିଲ୍ଲା ମୁଖ୍ୟ ଚକସ୍ୱାଳୟ, ସମ୍ବଲପୁର

# ରୁମାଲ୍......



ତରଙ୍ଗ ଚଣ୍ଡି

କେତେ ସଗ୍‌ଗରେ ଦେଇଥିଲ ତୁମେ
ନବ ବରଷ ର ଭେଟି !
ଭଲପାଏ ବୋଲି ରୁମାଲ ରେ ନଜେ
ଦେଇଥିଲ ତୁମେ ଲେଖି ।।
ଦିନେ ନ ଦେଖିଲେ ଖୋଜୁଥିଲ ମୋତେ
ପାଗଳୀନ ତୁମେ ହୋଇ ।
ସବୁ ପରିସୀମା ଲଂଘି ଦେଇଥିଲ
ଆମରି ପୀରତି ପାଇଁ ।।
ଆଶା ଥିଲ୍ ମୋର ଗଢିବି ଦେଉଳ
ସାଙ୍ଗରେ ତୁମକୁ ନେଇ
ସବୁ ଆଶା ମୋର ଧୂଳସାତ ହେଲ୍
ତୁମରି ଅବୁଝା ପାଇଁ ।।
ମୁହ ମୋଡିଦେଇ ଛାଡିଗଲ ପ୍ରିୟା
ଦୂର ଦେଶେ କରି ଘର !

ମଧୁର ସଂପର୍କେ ଫାଟ କରି ଦେଲ
ଧରି ନେଇ କଥା ପର ।।
ଦୁନଆ କହୁଛି ତିକ୍ତତା କାରଣ
ତୁମ ଦିଆ ଉପହାର !
ପ୍ରେମ ରେ ରୁମାଲ ଉପହାର ଦେଲେ
ରହେ ନାହିଁ କାଳେ ଚର !!
ତଥାପି ସାଇତି ରଖିଅଛି ପ୍ରିୟା
ତୁମ ଦିଆ ରୁମାଲ ଟି
ଆଖି ଲୁହ ପୋଛି ଅନେଇ ରହିଛି
ତୁମ ଲେଉଁଟା ପାଦ ଟି ।।

ଲିମସେର, ବୃନ୍ଦାବାହାଲ
ସାହିତ୍ୟ ସଂସଦ ଧର୍ମଗଡ,
କଳାହାଣ୍ଡି

# ପ୍ରତିଶୋଧ



ପୂର୍ଣ୍ଣଚନ୍ଦ୍ର ରଣା

୧୯୯୭ ମସିହା ଜୁନ୍ ୧୭ ତାରିଖ ରାତି ଘ ୧୧.୨୩ ମି, ଫୋନ୍ ର ଆୱାଜ ଶୁଣି ବିଛଣାରୁ ଉଠି ଫୋନ କଲ୍ ରିସଭ୍ କଲେ ଉର୍ମିଳା ଦେବୀ ( ଉର୍ମି) । ହ୍ୟାଲୋ, ହ୍ୟାଲୋ, ହ୍ୟାଲୋ ତିନ ଚାରି ଥର କହିବା ପରେ କଛି ବି ଶବ୍ଦ ଶୁଣାଗଲାନ, ପୁଣି ଥରେ ରିଙ୍ଗ୍ ଆସିଲା, ପୁଣି କଲ୍ ରିସିଭ୍ କଲେ ଉର୍ମିଳା ଦେବୀ । ଉର୍ମି ! ରାଜୁ କହୁଛି, ଘରେ ପାପା, ମାଆ କେମିତି ଅଛନ୍ତି । ଆଉ ଆମ ରାଜକୁମାର କେମିତି ଅଛି । ଆଉ ମାତ୍ର ତିନ ମାସ ପରେ ସେ ଆମ କୋଳକୁ ଆସିବ ନା । ଉର୍ମି ଦେବୀ ଟିକେ ଅନ୍ୟମନସ୍କ ହେଇଗଲେ । ରାଜୁ କହିଲେ କ'ଣ ଭାବୁଛ ମହାରାଣୀ ? ଆରେ ନାହିଁ କଛି ନାହିଁ, ଆଉ ତୁମ ଦେହ କେମିତି ଅଛି । ରାଜୁ କହିଲେ ହଁ ଭଲ ଅଛି, ଉର୍ମି ଶୁଣ ମୋର ସମୟ ହେଇ ଗଲାଣି ମୁଁ ଆଉ ଫୋନ୍ କରି ପାରିବିନ । ମୁଁ ଏବେ ଏକ ଅଜଣା ଜାଗାକୁ ଅପରେସନ ରେ ଯାଉଛି । ମୋ ପିଲାର ଯତ୍ନ ନେବ ଆଉ ତୁମେ ମଧ୍ୟ ଠିକ୍ ଠାକ୍ ରହିବ । ଏହା କହି ରାଜବୀର ସିଂହ ( ରାଜୁ) ଫୋନ୍ କଲ୍ କାଟି ଦେଲେ । ହାତରେ ବନ୍ଧୁକ ନେଇ ସାଥି ମାନଙ୍କ ସହ ଅପରେସନ ପାଇଁ ଆଗମନ ହେଲେ ।

କାଶ୍ମୀର ଘାଟିର କୋଉ ଏକ ଅଜଣା ଜାଗା । ଜଣାନାହିଁ କ୍ଷେତ୍ର- ଫଳ କ ଜଣାନାହିଁ ପରିସୀମା । ତନାତ୍ ଥିଲା ୧୫ ପଞ୍ଜାବ ରେଜିମେଣ୍ଟ । କ୍ୟାପଟେନ୍ ହରପ୍ରିତ ସିଂହଙ୍କ ଦାଇତ୍ୱରେ ଥାନ୍ତି ୧୫ ପଞ୍ଜାବର 'ଏ' ପ୍ଲାଟୁନ୍ ଏବଂ ସେଇ ୨୫ ଜଣିଆ ପ୍ଲାଟୁନ୍ ରେ ଥିଲେ ହାବିଲଦାର ରାଜବୀର ସିଂହ ।

ଖବର ଆସିଲା କ୍ୟାପଟେନଙ୍କ ପାଖକୁ କ ଅନ୍ୟପାଖେ ୫ଜଣିଆ ଆତଙ୍କବାଦୀ ଟିମ୍ ଭାରତ ସୀମା ପାର କରି କାଶ୍ମୀର ଘାଟିରେ ପ୍ରବେଶ କରିଛନ୍ତି । ଅପରେସନ ଜାରି କରିବାକୁ ହାଇ କମାଣ୍ଡରୁ ଆଦେଶ ଆସିଲା । ଏହା ଶୁଣି କ୍ୟାପଟେନ୍ ସାହାବ ତୁରନ୍ତ ପଦକ୍ଷେପ ନେଲେ

ଏବଂ ସମସ୍ତଙ୍କୁ ଆଦେଶ ଦେଲେ ଓ ଅପରେସନ ଆରମ୍ଭ କଲେ । ଆଗକୁ ଆଗକୁ ଯାଇ ଅପରେସନ କୁ ଆଗକୁ ବଢାଇଲେ । ହଠାତ୍ ବିପରିତ ଦିଗରୁ ଗୁଳ ଫୁଟିବାର ଶବ୍ଦ ଶୁଣାଗଲା । ଶବ୍ଦ ଶୁଣିବା ମାତ୍ରେ 'ଏ' ପ୍ଲାଟୁନ ନିଜକୁ ରକ୍ଷା କରିବା ପାଇଁ ଭୂଇଁରେ ଶୋଇଗଲେ । ପୁଣି ଲଗାତାର ଗୁଳ ଫୁଟିବା ଆରମ୍ଭ ହେଲା । ସମସ୍ତେ ନିଜ ନିଜ ଜାଗା ନେଇ ଛପି ଛପି ଆଗକୁ ବଢି ଚାଲିଲେ । ହଠାତ୍ ପ୍ଲାଟୁନ ଆଡକୁ ଗୁଳ ଆସିବାକୁ ଲାଗିଲା । ଏହା ଦେଖି କ୍ୟାପଟେନ୍ ସାହେବ ନିଜ ସେନାକୁ ସତର୍କ କରାଇଦେଲେ । କହିଲେ ପ୍ରଥମେ ନିଜର ସୁରକ୍ଷା ରଖ ଏବଂ ଧିରେ ଧିରେ ଆଗକୁ ବଢ । ଏତିକି ବେଳେ ପ୍ଲାଟୁନର ଜଣେ ଜବାନଙ୍କ ହାତରେ ଗୁଳ ବାଜିଲା, ଏହା ସତ୍ତ୍ୱେ ବି ସେ ଟିକେ ଆଗକୁ ଯାଇ ଟଳି ପଡିଲେ । ପଡିବା ମାତ୍ରେ ପାଣି ପାଣି କହି ପାଟିକରି ଉଠିଲେ । ରାଜବୀର ତାଙ୍କୁ ଗୋଟିଏ ଗଛମୂଳକୁ ଟାଣି ନେଇ ନିଜ ପିଠୁ ବ୍ୟାଗ୍ ରୁ ପାଣି କାଢି ଦେବାମାତ୍ରେ ଜବାନ୍ ଜଣକ ଟଳି ପଡ଼ିଲେ ଏବଂ ନିଜ ଜୀବନକୁ ଦେଶ ପାଇଁ ବଳିଦାନ ଦେଲେ ।

ସମସ୍ତେ ଏହା ଦେଖୁଥାନ୍ତି । ଏହା ଦେଖି ସମସ୍ତଙ୍କ ଆଖିରେ ଲୁହର ସାଗର ଯେମିତି ଲହଡି ଖେଳୁଛି । କିଏ କାହାକୁ କଛି କହି ପାରୁ- ନାହାନ୍ତି । ସେହି ସମୟରେ ଆହୁରି ଗୁଳ ବର୍ଷଣ ହେଲା । ସମସ୍ତେ ନିଜ ନିଜ ସ୍ଥାନରେ ସତର୍କ ସହିତ ଅଛନ୍ତି । ରାଜବୀର ଥିବା ସ୍ଥାନରୁ କିଛି ଦୂରରେ ମୁଖା ବାନ୍ଧି ଦୁଇଜଣ ଆତଙ୍କବାଦୀ ଦେଖାଗଲେ । ଏହା ଦେଖି ରାଜବୀର କ୍ୟାପଟେନ୍ ସାହାବଙ୍କୁ ଜଣାଇଲେ ଏବଂ କ୍ୟାପଟେନ୍ ସାହାବ ବନ୍ଧୁକ ଖୋଲିବାକୁ ଆଦେଶ ଦେବାମାତ୍ରେ ଦୁଇଜଣ ଆତଙ୍କବାଦୀଙ୍କୁ ଆଖି ପିଛୁଳାକେ ମାରି ଲହୁଲୁହାଣ କରିଦେଲେ 'ଏ' ପ୍ଲାଟୁନ ।

ଠିକ୍ ସେହି ସମୟରେ ଆରପଟୁ ପୁଣି ଗୁଳ ଆସିବାକୁ ଲାଗିଲା, ଲଗାତାର ଦୁଇଟି ଗୁଳ ଆସି ହାବିଲଦାର ରାଜବୀର ସିଂହଙ୍କ ଦେହରେ ବାଜିଲା । ଗୁଳ ବାଜିବା ମାତ୍ରେ ରାଜବୀର ନିଜ ବନ୍ଧୁକ ଖୋଲି ଲଗାତାର ତିନି ଜଣ ଆତଙ୍କବାଦୀଙ୍କୁ ମାରି ରକ୍ତାକ୍ତ କରି- ପକାଇଲେ ।

ଏହା ଦେଖି ପୁରା ପ୍ଲାଟୁନ୍ ରାଜବୀରଙ୍କ ପାଖକୁ ଧାଇଁ ଆସିଲେ । ସେତେବେଳକୁ ରାଜବୀର ଶେଷ ନିଶ୍ୱାସ ତ୍ୟାଗ କରି ଦେଇଥିଲେ । ନିଜ ବନ୍ଧୁକ ଛାତି ଉପରେ ରଖି ସାରା ଜୀବନ ପାଇଁ ଶୋଇଯାଇଥିଲେ ରାଜବୀର । ରାଜବୀରଙ୍କ ପାର୍ଥିବ ଶରୀର ଏବଂ ଅନ୍ୟ ଜାବାନ୍

ଜଣକ ମର ଶରୀରକୁ ସାଙ୍ଗରେ ଧରି ପହଞ୍ଚିଲେ କ୍ୟାପଟେନ୍ ହରପ୍ରିତ ସିଂହ ଓ ସାଥିମାନେ ୧୫ ପଞ୍ଜାବ ରେଜିମେଣ୍ଟ ରେ । ସବୁଆଡେ ଦୁଃଖ ର ଲହରି। ଜଣେ ଅଫିସର ରାଜବୀରଙ୍କ ମୋବାଇଲ୍ ନେଇ ରାଜବୀରଙ୍କ ଘରକୁ ଫୋନ କରିଲେ। ଫୋନ୍ ରିଙ୍ଗ ଶୁଣି ଉର୍ମି ଦେବୀ ଧାଇଁ ଆସି ଦେଖିଲେ ଫୋନ୍ ର ସ୍କ୍ରିନ୍ ଉପରେ ରାଜବୀରଙ୍କ ନମ୍ବର। ଉର୍ମି ଦେବୀ ଏହା ଦେଖି ଖୁସି ହେଇଗଲେ। ଖୁସିରେ କହିଲେ ହ୍ୟାଲୋ ରାଜବୀର କୁହ, କେତେବେଳେ ଡ୍ୟୁଟିରୁ ଫେରିଲ? ଏହା ଶୁଣି ଅଫିସର ଜଣକ ଲୋତକାପୂର୍ଣ୍ଣ ଆଖିରେ ଖନେଇ ଖନେଇ କହିଲେ, ମାଡାମ୍ ରାଜବୀର ଆଉ ଏ ଦୁନିଆଁରେ ନାହାଁନ୍ତି ।

ଖବର ଶୁଣିବା ମାତ୍ରେ ଉର୍ମି ଦେବୀ କାନ୍ଦିବାକୁ ଆରମ୍ଭ କଲେ ଏବଂ ଡାକ ପକାଇଲେ ତାଙ୍କ ଶାଶୁ ଶ୍ୱଶୁର ଙ୍କୁ । ଶାଶୁ ଶ୍ୱଶୁର ଦୌଡ଼ି ଆସିଲେ ଆଉ ପଚାରିଲେ କଣ ହେଲା ବୋହୂ ? ଉର୍ମି କହିଲେ ରାଜୁ ଆଉ ଏ ଦୁନିଆଁରେ ନାହାଁନ୍ତି । ଦୁଇ ଦିନ ପରେ ରାଜବୀରଙ୍କ ମର ଶରୀର ତାଙ୍କ ଜନ୍ମ ମାଟିରେ ପହଞ୍ଚିଲା ଏବଂ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେଲା । ଉର୍ମି ଦେବୀ ରାଜବୀରଙ୍କ ଜୁଇ ଛୁଇଁ ଶପଥ ନେଲେ ଯେ ତୁମ ଏ ସନ୍ତାନକୁ ଜନ୍ମ ଦେବୀ ଏବଂ ତୁମ ପ୍ରତିଶୋଧ ନେବାକୁ ଏ ସନ୍ତାନକୁ ଭାରତୀୟ ସେନାରେ ଅଫିସର କରିବି । ତିନ ମାସ ପରେ ଉର୍ମି ଦେବୀ ଜନ୍ମ ଦେଲେ ଏକ ପୁତ୍ର ସନ୍ତାନ ଓ ତାହାର ନାମ ଦେଲେ ରାଜକରନ୍ ସିଂହ । ଦୀର୍ଘ ୨୩ ବର୍ଷ ପରେ ପୁଅକୁ ପାଠ ପଢାଇ ଉଚ୍ଚଶିକ୍ଷିତ କଲେ ଉର୍ମି ଦେବୀ ଏବଂ ଭାରତୀୟ ସେନାରେ ଅଫିସର ଭାବେ କାର୍ଯ୍ୟଭାର ସମ୍ଭାଳଲେ ଏବଂ ରାଜବୀରଙ୍କ ପ୍ରତିଶୋଧର ବଦଲା ନେଲେ ପୁଅ ରାଜକରନ୍ ।

ହାଟସିଂହାପୁର, ଯାଜପୁର

# ଅକଲ୍ ଗୁଡୁମ୍



ମନୋଜ ମହାନନ୍ଦ

ଗ୍ବର୍ହି ଦିଗ୍ ଅନ୍ଧାର୍ ଦିଶୁଛେ

ଭ୍ବବି ନ ପାର୍ବାର୍ ମୁଇଁ

କାଏଁ ଉପେ କର୍ସିଁ ଯେ

କାହାକେ ମୋର୍ ପେଟର୍ କଥା କହେମି

କ୍ବଏ ଶୁନ୍ବା ଆରୁ .....

ଯିଏ ଦୁନଆଁକେ ପାଲୁଛେ

ମୁଇଁ ତ ତା'ର୍ ବଡ୍ ଶତ୍ରୁ କାଏଁସେ

ଯେନ୍ ଦିନୁ ଗାର୍ ବୁଲ୍ନ

ତାର୍ ଦେଖା ଦର୍ଶନ୍ ନାଇଁ ଥାଇଁ

ଫେର୍ବି.......

ମୁଇଁ ମୋର୍ ଅଁଟାନେ

କରିଆ ଭିଡି ଠିଆ ହଉଥିନ

ହେଲେ ସେଟା ବି ସହି ନ ପାର୍ଲା

ଆରୁ ....କାଲ୍ ସାଜି

ମୋର୍ ଅଁଟାନେ ମେର୍ହା ପକାଲା

ଯେନ୍ ଖେଁଣେ ଖେଁଣେ ହେଇଥିଲା

ସେଟାବି......

"ଦା" ବୁଲ୍‌ଲା ସମିଆଁକେ

ଉଜେର୍ କରି ଦେଲା

ଆର୍ କାଏଁ ବୁଦ୍ଧି କରି ଚଲ୍ଲି ଯେ

ମୋତେ ତ ଅକଲ୍ ଗୁଡୁମ୍ ଲାଗି ଯଉଛେ

ଯଦି........

ବରୁଣ୍ ଦେବ୍ ମୋତେ ଅହଂକାର୍ ହଉଛେ ବଏଲେ

ଇ ମୁନୁଷ୍ ଜାଏତ୍ ଆର୍ ଛାଡ୍ବା କେଁ? ?

ମୋତେ ନେଇକରି ରାଜନୀତି କରୁଛେ

ଭୁଟର୍ ସମିଆଁ ହେଲେ

ବଡ୍ ବଡ୍ ପାଡ୍ ପାଡୁଛେ

ଭୋଟ୍ ସରିଗଲେ ଗଲା

କଏ କାହାକେ ପଚରେ

"ପାଡ୍ ଗଲେ ଗିଜ୍ ଉସାସ୍" ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର

# ମନେ ରଖ



ଅକ୍ଷୟ କୁମାର ବେହେରା

ଦୁଃଖ ଯେବେ ଆସେ ଏଇ ଜୀବନରେ
ଅଦିନଆଁ ମେଘ ପରି,
ଆକଷ୍ମିକ ବର୍ଷା ପବନ ଭାବରେ
କଷ୍ଟ ରୁ ଯନ୍ତ୍ରଣା ଭରି ।୧।

ଭରି ହୋଇ ଆସେ ମୁଣ୍ଡକୁ ଦୁଶ୍ଚିନ୍ତା
ବଢାଏ ଛାତିର କୋହ,
ଅଭାବନୀୟର ଘଟଣା ଘଟଇ
ବର୍ଷା ରୂପେ ଆଖି ଲୁହ ।୨।

ଲୁହ ଝରି ଦିଏ ଅନ୍ତରେ ବେଦନା
ଶରୀରେ ରୋଗ ବଢଇ,
ଦୁଃଖ ଦିନ କଥା ଭୂଲି ତୋ ହୁଏନା
ରହେ ମନେ ସ୍ମୃତି ହୋଇ ।୩।

ହୋଇ ଥିବେ ସବୁ ସୁଖ ବେଳେ ସାଥୀ
ଦୁଃଖରେ କେହି ନ ଥାନ୍ତି,
ଭରଷା ବିଶ୍ୱାସ ବନ୍ଧ ଭାଙ୍ଗେ ଯେବେ
ଦୁଃଖେ କଟେ ଦିନ ରାତି ।୪।

ରାତି ଆସେ ନିତି ସୁଖ ନିଦ ପାଇଁ
କାହା ପାଇଁ ହୁଏ କାଳ,
ଇଶ୍ୱର କରୁଣା ଯାହା ଠାରେ ନାହିଁ
ଆସିବନି ସୁଖ ବେଳ ।୫।

ବେଳକୁ ଅବେଳ ସମୟ ବୁଝେନା
ବୁଝେନା ସେ ସୁଖ ଦୁଃଖ,
ତା ବାଟରେ ସଦା ଗତି କରିଥାଏ
ଏଇ କଥା ମନେ ରଖ ।୬।

କେନ୍ଦୁଡିହା, ବଡସାହି, ମୟୂରଭଞ୍ଜ

# ଛାୟା



ଦୀପକ ଷଡଙ୍ଗୀ

ଅଜୟ ର ବନ୍ଧୁ ସହଦେବ ତାକୁ ବହୁତ ଥର ଡାକଛି ଯେ ଥରେ ଏଇ ସହରୀ ଜୀବନଯାପନ ଛାଡି କିଛି ଦିନ ଶିମିଳପାଳ ଜଙ୍ଗଲ ଆଡେ ବୁଲି ଆସିବାକୁ । କିନ୍ତୁ ଅଜୟ ପାଖରେ ଏ ସବୁ ପାଇଁ ସମୟ ନ ଥିଲା । ବ୍ୟାଙ୍କ୍ ଚାକିରି ର ବ୍ୟସ୍ତତା ଆଉ ଲେଖାଲେଖି ରୁ ଫୁରସତ୍ ମିଳିଲେ ତ କୁଆଡେ ଯିବ । ସହଦେବ ତା'ର ପିଲା ଦିନର ବନ୍ଧୁ । ଏକା ସ୍କୁଲ ଓ କଲେଜ୍ ରୁ ପାଠ ପଢା ସରିବା ପରେ ସେ ଷ୍ଟେଟ୍ ବ୍ୟାଙ୍କ୍ ରେ ଯୋଗ ଦିଏ ଆଉ ସହଦେବ ଡାକ୍ତରୀ ପଢେ ବୁର୍ଲା ମେଡିକାଲ କଲେଜରେ । ଏବେ ସହଦେବ ୨ ବର୍ଷ ହେଲାଣି ଶିମିଳପାଳ ଅଞ୍ଚଳରେ ପୋଷ୍ଟିଂ ପାଇଛି । ଅଜୟର ଲେଖାଲେଖି ର ଅଭ୍ୟାସ କଲେଜ ବେଳରୁ । ରହସ୍ୟ ଓ ରୋମାଞ୍ଚ କାହାଣୀ ରଚନା କରିବାରେ ସେ ସିଦ୍ଧହସ୍ତ । ତା'ର ବହୁ କାହାଣୀ ବିଭିନ୍ନ ପ୍ରକାର ପତ୍ରପତ୍ରିକାରେ ସ୍ଥାନ ପାଇଛି । ସହଦେବ ବି ତା'ର ଲେଖାର ଗୋଟେ ବଡ ପ୍ରଶଂସକ । ସହଦେବ ସେଥିପାଇଁ ତାକୁ ବହୁତ ଥର ଡାକଛି ଯେ "ତୁ ଏଠିକି ଥରେ ଆସେ ଦେଖିବୁ ତତେ ଏ ବଣଜଙ୍ଗଲ ଘେରା ପାହାଡ ପର୍ବତ ଭିତରେ ତୋର କାହାଣୀ ପାଇଁ ଗୋଟେ ଭଲ ପ୍ଲଟ୍ ମିଳିଯିବ" । ସବୁ ଥର ନାହିଁ ନାହିଁ କହିଲା ପରେ ଏଥର ଶୀତଦିନ ଡିସେମ୍ବରରେ ଅଜୟ ଭାବିଲା ଯେ ସେ ସହଦେବ ପାଖକୁ ଶିମିଳପାଳ ଯିବା ପାଇଁ। କଟକରୁ ଗାଡି ଧରିଲା ସେ ଶିମିଳପାଳ ପାଇଁ । ଗାଡି ଚାଲି ଥାଏ ଘାଟି ରାସ୍ତା ଦେଇ । ଜଙ୍ଗଲର ଅପରୂପ ଶୋଭା ତାକୁ ଅଭିଭୂତ କରୁଥାଏ । ଗାଡି ବସ୍ ଷ୍ଟାଣ୍ଡ ରେ ପହଞ୍ଚିବା ପୂର୍ବ ରୁ ସେ ସହଦେବ କୁ ଫୋନ୍ କରିଦେଲା । ସହଦେବ କାର୍ ଧରି କି ଆସି ବସ୍ ଷ୍ଟାଣ୍ଡ ରେ ଅଜୟ କୁ ଅପେକ୍ଷା କରିଥାଏ । ବସ୍ ଆସି ପହଞ୍ଚିଗଲା । ଦୁଇ ବନ୍ଧୁଙ୍କର ପୂରା ୬ ବର୍ଷ ପରେ ଦେଖା ସାକ୍ଷାତ । କାର୍ ରେ ବସି ଦୁଇ ଜଣ ସହଦେବର ସରକାରୀ

କ୍ୱାଟର୍ କୁ ଗଲେ । ବହୁ ସମୟ ଧରି ଦୁଇ ଜଣ ବନ୍ଧୁ କଥାବାର୍ତ୍ତା ହେଲେ । ସହଦେବର ବାହାଘର ଠିକ ହୋଇ ସାରିଥାଏ ଆସନ୍ତା ଫେବୃଆରି ମାସକୁ । ରାତିରେ ଖାଇପିଇ ଦୁଇ ବନ୍ଧୁ ଗପ କରି ଶୋଇ ପଡିଲେ ।

ସକାଳୁ ଉଠି ଚା ଜଳଖିଆ ଖାଇ ସହଦେବ ଚାଲିଗଲା ତା କ୍ଲିନକ୍ କୁ । ଅଜୟ କୁ ସବୁ ବତେଇ ଦେଇଗଲା ଯେ କେଉଁଠି କ'ଣ ଅଛି । ସହଦେବ ଗଲା ପରେ ଅଜୟ ହାତରେ ବହି ଖଣ୍ଡେ ଧରି କ୍ୱାଟର୍ ଆଗରେ ଥିବା ଲନ୍ ରେ ବସି ଶୀତୁଆ ସକାଳକୁ ଭରପୂର ଉପଭୋଗ କରୁଥାଏ । ଏଇ ସମୟରେ ସହଦେବ ର ପିଅନ ଆଣି ଚା କପ ସହିତ ଖବରକାଗଜ ଆଣି ଦେଇଗଲା । ଆଉ କହି କ ଗଲା ଯେ ତା'ର ଘରେ କଛି କାମ ଅଛି; କଛି ସମୟ ପରେ ସେ ଆସିଲେ ଖରାବେଳ ପାଇଁ ଖାଇବା ତିଆରି କରିଦେବ । ଏତିକ କହି ସେ ଯିବା ର କଛି ସମୟ ପରେ । ଗେଟ୍ ଖୋଲି ଜଣେ ଅତି ଜୀର୍ଣ୍ଣକାୟ ଲୋକ ଆସିଲା । ଅଜୟ କୁ ଦେଖି ନମସ୍କାର କଲା । ଅଜୟ ଭାବିଲା ବୋଧେ ସହଦେବର କୌଣସି ରୋଗୀ ହୋଇଥିବ । ସେଥି ପାଇଁ ସେ ତାକୁ କହିଲା ଏବେ ସାର୍ ଘରେ ନାହାଁନ୍ତି ତୁମେ ସନ୍ଧ୍ୟା ବେଳକୁ ଆସ । ଏତିକ କହି ସାରି ଅଜୟ ତା ଠାରୁ ନଜର ଫେରାଇ ନେଇ ଖବରକାଗଜ ଉପରେ ପକେଇ ପଢି ବସିଲା ଆଉ ତାକୁ ଧ୍ୟାନ ଦେଲା ନାହି । କଛି ସମୟ ପରେ ଖବର କାଗଜ ଲେଉଟାଇଲ ବେଳକୁ ସେ ଲୋକଟି ଆସି ପୂରା ଅଜୟ ର ପାଖରେ ଛିଡା ହୋଇ ଯାଇଥାଏ । ଚମକ ଉଠିଲା ଅଜୟ ତାକୁ ଦେଖି । ତା ଦେହରୁ ଗୋଟେ ଅଜବ ପ୍ରକାର ର ଗନ୍ଧ ବାହାରୁ ଥାଏ ଲାଗୁ ଥାଏ ଯେମିତି ସେ ଲୋକଟି ବହୁତ ଦିନ ହେଲା ଗାଧୁଆପାଧୁଆ କରିନ । ଏଥର ଅଜୟ ତାକୁ ଟିକେ ଚଢା ଗଳାରେ କହିଲା "କହିଲି ପରା ଏବେ ସହଦେବ ନାହିଁ କ୍ଲିନକ କୁ ଯାଇଛି ତୁମେ ସନ୍ଧ୍ୟା ବେଳେ ଆସ ତା ସହ ଦେଖା ହେବ" । ଲୋକଟି କପରି ଏକ ଅଦ୍ଭୁତ ସ୍ୱର ରେ କହିଲା "ମୁଁ ଡାକ୍ତର ଙ୍କ ପାଖ କୁ ଆସିନା। ମୁଁ ତୁମ ପାଖ କୁ ଆସିଛି" । ଏତିକ କହି ଜୋର ରେ କାଶି ଉଠିଲା । ଏମିତି ଗୋଟେ ଅଦ୍ଭୁତ ପ୍ରକାର ର ଶବ୍ଦ ଶୁଣି ଅଜୟ ଡରି ଯାଇ ଚେୟାର୍ ରୁ ଉଠି ପଡି କହିଲା "କଏ

ତୁମେ? ମୋ ପାଖରେ ତୁମର କି କାମ ?" ଲୋକଟି କହିଲା "ତୁମେ ଅଜୟ ମହାନ୍ତି ନା ବିଶିଷ୍ଟ କାହାଣୀକାର । ମୋର ଶେଷ ଇଛା ତୁମେ ମୋ ଜୀବନର କାହାଣୀ କୁ ବି ଦୁନିଆଁ କୁ ଜଣାଅ" । ଅଜୟ ଡରି ଯାଇ କହିଲା "ତୁମେ ମୋତେ କେମିତି ଜାଣିଲ ଯେ ମୁଁ ଲେଖାଲେଖି କରେ ବୋଲି" । ଲୋକଟି କହିଲା ମୋ ପାଖେ ବେଶି ସମୟ ନାହିଁ "ମୁଁ ଯାହା କହୁଛି ତୁମେ ତାକୁ ମନ ଦେଇ ଶୁଣ" । ଅଜୟକୁ କହିଲା ଚେୟାର ବସିବା ପାଇଁ ଓ ନିଜେ ତଳେ ବସି ସେ ଗପିବାକୁ ଆରମ୍ଭ କଲା ।

ମୋ ନା ରଘୁନାଥ ଦାସ । ମୁଁ ଏଇ ଶିମିଳିପାଳ ଜଙ୍ଗଲ ରେ ଫରେଷ୍ଟ ଅଫିସର ଭାବେ ୧୫ ବର୍ଷ ତଳେ ଆସିଥିଲି । ମୋତେ ରହିବା ପାଇଁ ଗୋଟେ କ୍ୱାଟର୍ ଦିଆ ହୋଇଥିଲା ଆଉ ବୋଲହାକ କରିବା ପାଇଁ ଗୋଟେ ପିଅନ ଶମ୍ଭୁ । ଶମ୍ଭୁ ମୋର ବହୁତ ଯତ୍ନ ନେଉଥିଲା ମୋର ଖାଇବା ପିଇବାରେ ଯେପରି କିଛି ଅସୁବିଧା ନା ହେବ ସେଥିପାଇଁ ସେ ସବୁ ବେଳେ ଯତ୍ନବାନ ଥିଲା । ଧୀରେ ଧୀରେ ମୋର ଆଉ ଶମ୍ଭୁ ଭିତରେ ଗୋଟେ ଭଲ ବନ୍ଧୁତା ସୃଷ୍ଟି ହୋଇଗଲା । କିନ୍ତୁ କିଛି ବର୍ଷ ଯିବା ପରେ ମୁଁ ଶମ୍ଭୁ ର ଚାଲି ଚଳନରେ ଗୋଟେ ଭିନ୍ନତା ଲକ୍ଷ୍ୟ କଲି । ମୁଁ ଲକ୍ଷ୍ୟ କଲି ସେ ବେଳେ ବେଳେ ମୋ ପକେଟ ରୁ ପଇସା ଚୋରି କରୁଛି ମୋର ଅନୁପସ୍ଥିତି ରେ ମୋ ଜିନିଷ ପତ୍ର ଖେଳାଉଛି ଯେଉଁଟା କି ମୋତେ ଟିକେ ଭଲ ଲାଗୁ ନଥିଲା । ଥରେ ମୁଁ ରାତିରେ ଦେଖିଲି ସେ ଏକୁଟିଆ ଯାଇ କେଉଠି ଗୋଟେ ଗୁଣୀ ବିଦ୍ୟା ଶିଖୁଛି । ମୁଁ ତାକୁ ଏ ବିଷୟରେ ତାଗିଦ୍ କଲି । କହିଲି ତୋର ଯଦି ଏମିତି କିଛି କରିବାର ଅଛି ତୁ ଆଉ ମୋ ସଙ୍ଗେ ରହନା । ଏତିକି କହି ତାକୁ ଘରୁ ଚାଲି ଯିବାକୁ କହିଲି। ସେ ଭୀଷଣ ଭାବେ ମୋ ଉପରେ ରାଗିଗଲା । ମୋ ଉପରେ ପ୍ରତିଶୋଧ ପରାୟଣ ହୋଇ ଉଠିଲା । ଏମିତି ଦିନେ ରାତିରେ ହଠାତ୍ ସେ ରାଗି ଯାଇ ଗୋଟେ କଟୁରୀ ଧରି ମୋତେ ହାଣି ବାକୁ ଆସିଲା । ମୁଁ ଦେଖିଲି ସେ ମୁଣ୍ଡରେ ନାଲି ସିନ୍ଦୁର ପିନ୍ଧିଛି । ଅଣ୍ଟା ରେ ଗୋଟେ ବାଘ ଛାଲ ପିନ୍ଧିଛି । ଆଖି ଯୋଡାକ ଲାଲ ଲାଲ ହୋଇ ଯାଇଛି ସତେ ଯେପରି କେଉଁ ଆତ୍ମା ତା ଦେହରେ ପ୍ରବେଶ କରିଛି । ତା'ର କଥାର ସ୍ୱର ବି ବଦଳି ଯାଇଛି ।

କେମିତି ଗୋଟେ ପୁରୁଷ ଓ ନାରୀ ମିଶାମିଶି ସ୍ୱରରେ ସେ ଗର୍ଜନ କରୁଥାଏ । ମୁଁ ତାକୁ ଦେଖି ଖୁବ ଡରି ଯାଇଥାଏ । ସେ ମୋ ପାଖକୁ କଟୁରୀ ଧରି ଝପଟି ଆସିଲା ବେଳକୁ ମୁଁ ତାର ହାତ କୁ ମାଡି ବସିଲି । ଆଉ ପାଖରେ ଥିବା ଠେଙ୍ଗା ରେ ତା ମୁଣ୍ଡ କୁ ଗୋଟେ ଶକ୍ତ ପାହାର ଦେଲି । ଠେଙ୍ଗା ପାହାର ଖାଇ ଶମ୍ଭୁ ସେଇଠି ଟଳ ପଡିଲା । ତା ମୁଣ୍ଡ ଫାଟି ରକ୍ତ ଧାର ବୋହି ଗ୍ଲଲିଥାଏ । ସେ ପଡି ଯିବାର ଦେଖି ମୁଁ ତାକୁ ଉଠେଇଲା ବେଳକୁ ଗଲା ରୁ ସେ ମୋତେ ପୁଣି ସେମିତି ଗର୍ଜନ କରି କହିଲା "ରଘୁ ଦାସ ଆଜି ମୁଁ ତତେ ମାରି ବଳ ଦେଇ ଥିଲେ ମୋର ସିଦ୍ଧି ହେଇ ଥାଆନ୍ତା, କନ୍ତୁ ତୁ ମୋତେ ମାରି ମୋର ସିଦ୍ଧି ରେ ବାଧା ଦେଲୁ । ମୁଁ ସିନା ଆଜି ଗ୍ଲଲି ଯାଉଛି କନ୍ତୁ ମନେରଖ ଯେତେଦିନ ପର୍ଯ୍ୟନ୍ତ ତୁ ବଞ୍ଚିଛୁ ମୁଁ ତତେ ଶାନ୍ତିରେ ରଖେଇ ଦେବିନ । ସବୁ ବେଳେ ତୋ ସହ ତୋ ପାଖେ ପାଖେ ଛାୟା ହେଇ ରହିଥିବି । ତୋର ଉଠିବା ବସିବା ଶୋଇବା ରହିବା ସବୁ କୁ ମୁଁ ହିଁ ପରିଗ୍ଲଳନା କରେଇବି । ଆଉ ଠିକ ବର୍ଷେ ପରେ ମୁଁ ତତେ ମୋ ପାଖ କୁ ନେଇ ଆସିବି" । ଏତିକ କହି ଶମ୍ଭୁ ସେଇଠି ଟଳ ପଡିଲା ।

ଏତକ କଥା କହି ସରିବା ପରେ ଅଜୟ ପାଖରେ ବସିଥିବା ରଘୁ ହଠାତ ଛିଡା ହେଇ କ କାନ୍ଦିବାକୁ ଲଗିଲା । କହିଲା ହେଇ ଦେଖ ଅଜୟ ବାବୁ ସେ ଶମ୍ଭୁ କେମିତି ସେ ଗେଟ୍ ପାଖରେ ଛିଡା ହୋଇଛି । ରଘୁ ଅଙ୍ଗୁଳ ଦେଖାଇଲା ଗେଟ୍ ଆଡ କୁ । ଅଜୟ କୁ କଛି ଦେଖାଯାଉ ନ ଥାଏ । କନ୍ତୁ ହଠାତ୍ କେଉଁଠୁ ଗୁଡାଏ କୁକୁର ଭୁକବା ଆରମ୍ଭ କରି ଦେଲେ କେମିତି ଗୋଟେ ଅଦ୍ଭୁତ ସ୍ୱରରେ । ଏଥର ଅଜୟ ଶଙ୍କିତ ହେଇ ପଡିଲା । ଡିସେମ୍ବର ମାସ ଶୀତରେ ବି ସେ ଝାଳରେ ଗାଧେଇ ପଡିଥାଏ ।

ରଘୁ କହିଲା ଅଜୟ ବାବୁ କାଲି ହେଉଛି ଶମ୍ଭୁ ର ବର୍ଷିକଆ ଆଉ ମୋ ଜୀବନ ର ଶେଷ ଦିନ । ଆପଣ ଯେମିତି ହେଲେ ମୋର ଏ କାହାଣୀ କୁ ଲୋକ ଲୋଚନ କୁ ଆଣନ୍ତୁ କାରଣ ମୋତେ ଲୋକ ମାନେ ଆଜି ଯାଏଁ ଭୁଲ ବୁଝି ଆସିଛନ୍ତି ଯେ ମୁଁ କାହିଁକ ଶମ୍ଭୁ ର ହତ୍ୟା କଲି ବୋଲି । ଆଉ ପୁଲିସ ଠାରୁ ଲୁଚ ଲୁଚ ମୁଁ ବି ଅଣ ନଶ୍ୱାସୀ ହୋଇ ଗଲିଣି । ଏତିକ କଥା

କହି ସାରି ରଘୁ ସେଠାରୁ ଚାଲି ଗଲା । ସେଦିନ ରାତିରେ ଅଜୟ ଠିକ ସେ ଶୋଇ ପାରିଲା ନାହିଁ । ସେ ମନସ୍ଥ କଲା ଯେ ପର ଦିନ ଏଠାରୁ ସେ ଚାଲି ଯିବ ବୋଲି । ସକାଳୁ ସକାଳୁ ଉଠି ସହଦେବ କୁ କହିଲା ଯେ ତାକୁ ବସ ଷ୍ଟାଣ୍ଡ ରେ ନେଇ ଛାଡି ଦେଇ ଆସିବାକୁ । ତା'ର ବ୍ୟାଙ୍କ ରୁ ଫୋନ ଆସିଥିଲା କିଛି ଗୋଟେ ଜରୁରୀ କାମ ପାଇଁ ତାକୁ ଆଜି ହିଁ ଯିବା କୁ ପଡିବ ବୋଲି । ସହଦେବ ଅଜୟ କୁ ନେଇ ବସ୍ ରେ ବସାଇ ଦେଇ ଆସିଲା । ବସ୍ ରେ କିଛି ବାଟ ଗଲା ପରେ ଡ୍ରାଇଭର ହଠାତ ବସ୍ ଟିକୁ ରଖି ଦେଲା କହିଲା ଆଗରେ କିଛି ଗୋଟେ ଦୁର୍ଘଟଣା ହୋଇଛି ବୋଧ ହୁଏ ସେଥି ପାଇଁ ଲୋକେ ରାସ୍ତାରେ ଛିଡା ହୋଇଛନ୍ତି । ଉତ୍ସୁକତା ର ସହ ଅଜୟ ବସ୍ ରୁ ବାହାରି ବାହାରକୁ ଆସିଲା ଜାଣିବା ପାଇଁ କଣ ହୋଇଛି ବୋଲି । ଦେଖିଲା ଗୋଟେ ଲୋକ ର ତଣ୍ଟି କାଟି କେହି ଜଣେ ହତ୍ୟା କରି ଫିଙ୍ଗି ଦେଇଛି । କିନ୍ତୁ ଏ କଣ ଏ ତ ସେଇ ଲୋକ ଯିଏ କାଲି ତା ପାଖ କୁ ଆସିଥିଲା । ଭୟରେ ଶୀତେଇ ଉଠିଲା ତା'ର ସର୍ବାଙ୍ଗ ଶରୀର । ଚୁପଚାପ୍ ଆସି ସେ ନିଜ ସିଟ୍ ରେ ବସି ପଡିଲା । କିଛି ସମୟ ପରେ ପୁଲିସ ଆସିବାରୁ ରାସ୍ତା ସଫା ହେଲା ପରେ ଗାଡି ଚାଲିଲା କଟକ ଅଭିମୁଖେ । ରାସ୍ତା ସାରା ଅଜୟ ସେଇ କଥା ଭାବି ଭାବି ଅନ୍ୟମନସ୍କ ହୋଇ ପଡୁଥାଏ । ରାତିରେ ଘରେ ପହଞ୍ଚିବା ପରେ ସେ ରଘୁ କହିଥିବା ସବୁ କଥା କୁ ଗୋଟେ କାହାଣୀ ର ରୂପଦେଇ ଗୋଟିଏ ଭଲ ପତ୍ରିକା କୁ ପଠେଇ ଦେଲା । ରାତିରେ ଶୋଇବାକୁ ଗଲା ବେଳକୁ ସେ ଦେଖିଲା ଗୋଟେ ଛାୟା ଯେପରି ତା ଘରୁ ବାହାରିଗଲା । ପର ମାସର ସଂଖ୍ୟା ରେ ଅଜୟ ର ଗପ "ଛାୟା" ପ୍ରକାଶିତ ହୋଇଥିଲା ଓଡିଶା ର ଗୋଟେ ନାମୀ ପତ୍ରିକାରେ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ଶାଶ୍ୱତ ପ୍ରେମ



ଅଜୟ କୁମାର ବେହେରା

ଗୋଟିଏ ଡାଳର ଦୁଇ ପକ୍ଷୀ  ଆମେ
ଉଡିଯିବା ବହୁ ଦୂର
ଡେଣା ଝାଡ଼ି ......ଫର ଫର
ନୀଳ ଆକାଶର ଦିଗବଳୟରେ
ବିଲୀନ ହୋଇବା ଯାଇ
ଆମ ଠିକଣା ହେବ ଅଜଣା
ଦୁନଆ ପାଇଁ
କେହି ଖୋଜିଲେ ଆମକୁ
ପାଇବେ ନାହିଁ।।

ଦୁନଆର ନନ୍ଦା, ଅପବାଦ
ନ ଥିବ ଆମ ସାଥିରେ
ଆମେ ଗଢିବା ପ୍ରେମର ସୌଧ ଆମର
ସତେ ଯେଉଁ ସମ୍ପର୍କ ରହିଛି
ପୃଥିବୀ ଆଉ ଆକାଶର।।

ଶାଶ୍ୱତ ପ୍ରେମ ଆମ
ହେବ ଅମର
ନ ଥିବ କୁଟ, କପଟୀ ଡର
ନୀଳ ଆକାଶେ ଉଡିବା ଆମେ
ଡେଣା ଝାଡ଼ି ..... ଫରଫର।।

ମୋରଡ଼ା, ମୟୂରଭଞ୍ଜ

# ଫନି



କାହ୍ନୁ ଚରଣ ସାହୁ

ପରିବାର ପାଇଁ କେତେ ପରିଶ୍ରମ
ରାତିଦିନ କରୁଥିଲି
ମୁଠାଏ ପଖାଳ ପେଟରେ ଦେବାକୁ
ନିରନ୍ତର ଖଟୁଥିଲି ।

କଷଣ ସବୁକୁ ଛାତିରେ ଗୃପି ମୁଁ
ଦେଉଥିଲି ଟିକେ ହସି
ଆସିଲୁ ଫନି ତୁ ଲୋଟିନେଲୁ ମୋର
ଯେତେଥିଲା ହସ ଖୁସି ।

ମୁଣ୍ଡ ଗୁଞ୍ଜିବାକୁ ଛାତ ଟିଏ ନାହିଁ
ପବନେ ନେଲୁ ଉଡେଇ
ଝାଟିମାଟି ଘର ମୋ ପାଇଁ ସରଗ
ଭାବିଲୁନି ଥରେ ତୁହି ।

ପିଲାଛୁଆ ମୋର କେଡେ ସରାଗରେ
ରହୁଥିଲେ ଟିକି ଘରେ
ଯାହାଥିଲା ଘରେ ଖାଇ ପେଟ ପୁରା
ଶୋଉଥିଲେ ଆନନ୍ଦରେ ।

ବଦଳେଇ ଦେଲୁ ଭାଗ୍ୟରେଖା ମୋର
କ୍ଷଣକର ଆଗମନେ

ଭାବିବା ଆଗରୁ ଭାବନା ର ଶେଷ
ଝୁରିହୁଏ କେତେମନେ ।

ସାହାସ୍ ଥିଲା ମୋ ଝୁପୁଡି ଦୋକାନ
ଗଢିଥିଲି ରାସ୍ତାକଡେ
ଅନେକ ଦରବ ତହିଁ ରଖିଥିଲି
ଚୁନାହେଲା ତୋର ମାଡେ ।

ଦୁଃଖରେ ସୁଖରେ ସାହା ହେଉଥିଲା
ବନ୍ଧୁଟିଏ ସାଜି ମୋର
ବିଗାଡି ଦେଲୁ ମୋ ସବୁ ଅର୍ଥନୀତି
କରିଦେଇ ତାକୁ ପର ।

ଅଦିନେ ଆସିଲୁ ଫୁଲେଇ ଫନ ତୁ
ଭାଙ୍ଗିଦେଲୁ ମେରୁଦଣ୍ଡ
ଯାବତୀୟ ଋଣ ସୁଝି ଦେଲା ପରେ
ସଳଖୁ ଥିଲା ମୋ କାଣ୍ଡ ।

ନୂଆ ଘରଟିଏ ତୋଳବା ଆଶାରେ
ସଂଚୁଥିଲି କଛି ଧନ
ଆଶାଟା ଆଶାରେ ରହିଗଲା ଫନ
ଭାଙ୍ଗିଦେଲୁ ମୋର ମନ ।

ଆସୁବୁନ କେବେ ଆମ ଘର ଦେଇ
ନାହିଁ ଆଉ କଛି ପାଶେ
ଆସି ଫେରିଗଲୁ ମନ ମାରିଦେଲୁ
ଓଠଶୁଖେ ପାଣି ଶୋଷେ ।

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

# ଋଣ ମୁକ୍ତ ର ଶେଷ ପନ୍ଥା ଆତ୍ମହତ୍ୟା?



ପ୍ରକାଶ ସାହୁ

ଗ୍ରୀଷ୍ମ ଦିନ ର ମଧ୍ୟାହ୍ନ ସମୟ, ଅସହ୍ୟ ଗରମ ସାଙ୍ଗ କୁ ଭୀଷଣ ଖରା। ଓଃ କ ଗରମ ଧରିତ୍ରୀ ମା କେମିତି ସହୁଛି କେଜାଣି ପିଠି ରୁ ବହି ଯାଉଥିବା ଝାଳ କୁ ପୋଛି କହୁଥାନ୍ତି ହରିଦାସ ପୁର ର କୃଷୀ ଶ୍ରୀରାମ ଦାସ। "ଆରେ ଶୁଭୁଛି କ ନାହିଁ ମୋ ପାଇଁ ପାଣି ଢାଳେ ଆଣିଲ ଶୋଷ ରେ ଜିଭ ଅଠା ଲାଗିଗଲାଣି"।

ହଁ ନେଇ ଆସୁଛି ଟିକେ ଅପେକ୍ଷା କର। ପତ୍ନୀ ମଧୁମତି ପାଣି ଢାଳ କୁ ସ୍ୱାମୀ ଙ୍କ ହାତ କୁ ବଢାଇ କହୁଥାନ୍ତି "ଏତେ ଖରା ହେଉଛି ତୁମ କୁ କଣ କଷ୍ଟ ହେଉନ। ଏତେ ଖରା ରେ କେହି କଣ କାମ କରେ"। ସ୍ତ୍ରୀ ର କଥା ଶୁଣି ବି ନ ଶୁଣିଲା ପରି ଚୁପ ରହିଲେ ଶ୍ରୀରାମ ଦାସ ଆଉ ପତ୍ନୀ ଙ୍କୁ କହିଲେ ଗଲ ପଖାଳ ଦୁଇ ମୁଠା ଆଣିବ । ଏ ଭୋକ କୁ ଆଉ ସମ୍ଭାଳ ହେଉନ।

ଗୃହ ଘର ଅଗଣା ର ମାଟି ପିଣ୍ଡା ଉପରେ ତାଳ ପତ୍ର ର ଆସନ କୁ ପକାଇ ବସି ପଡିଲେ ଶ୍ରୀରାମ ଦାସ। କିଛି ସମୟ ପାଇଁ ଘର ପାଖ ରେ ଥିବା ଏକ ଗଛ କୁ ଲକ୍ଷ୍ୟ କରୁଥାନ୍ତି କେମିତି ସେ ଗଛ ର ପତ୍ର ଗୁଡ଼ିକ ପତ୍ର ଛଡ଼ା ଦେଉଛନ୍ତି। ଏହି ଗଲା ବର୍ଷ ଏକ ଲକ୍ଷ ଟଙ୍କା ବ୍ୟାଙ୍କ ରୁ ଋଣ ଆଣିଥିଲେ। ସୁଧ ମୂଳ ମିଶି କେତେ ଯେ ହେଲାଣି ଆଉ ବ୍ୟାଙ୍କ କୁ ଯାଇ ବୁଝି ନାହାନ୍ତି। ଗଲା ବର୍ଷ ବନ୍ୟା ଆସିଲା ଯେ ସବୁ ଫସଲ ଧୋଇନେଲା। ପୁଣି ଏ ବର୍ଷ ମରୁଡି ତିନ ମାସ ହେବ ବର୍ଷା ର ଦେଖାନାହିଁ।

ଗାଁ ଲୋକେ କେତେ ଯେ ପୂଜାପାଠ, ମାନସିକ କଲେଣି ତଥାପି କଛି ଫଳ ହେଉନାହିଁ। ଗୋଟିଏ ବୋଲି ପୁଅ ମାଟ୍ରିକ ରେ ପ୍ରଥମ ଶ୍ରେଣୀ ରେ ପାସ କରିଛି ତାର କଲେଜ ପଢିବା ଖର୍ଚ୍ଚ, ରୋଗିଣୀ ମା ର ଔଷଧ ଖର୍ଚ୍ଚ କୁ କେମିତି ସେ ତୁଲାଇବେ?

ଅମିତି ଭାବନା ରେ ଥିଲା ବେଳେ ମଧୁମତି ସାମ୍ନା କୁ ଆସି ପଖାଳ କଂସା ରଖି କହିଲେ "ଏହି ନଅ ପଖାଳ ଭାତ ଆଉ କଦଳୀ ଭଜା ଆଜି ବାଡ଼ି ରୁ ପୁଅ ଏ କଦଳୀ ଫେଣା କୁ କାଟିଦେଲା।" ଏ ମାଙ୍କଡ଼ ଗୁଡା କଣ ରଖେଇ ଦେଉଛନ୍ତି। ଶ୍ରୀରାମ ଦାସ ଅନ୍ୟମନସ୍କ ଭାବେ ହଁ ମାରି ପଖାଳ ଭାତ କୁ ଖାଇବାକୁ ଲାଗିଲେ। ମଧୁମତି ପାଖ ରେ ବସି ବିଞ୍ଚଣା କୁ ହଲାଇ କହୁଥାନ୍ତି। ପୁଅ କହୁଛି ପାଖ ସହର ରେ ପଢିବ।

ଶ୍ରୀରାମ ଦାସ ଟିକେ ରାଗି ଯାଇ କହିଲେ କାହିଁ ଗାଁ କଲେଜ ରେ ଅସୁବିଧା କଣ ଅଛି ତମେ ତ ଜାଣିଛ। ଆମର ଆର୍ଥିକ ଅବସ୍ଥା ଏତେ ଭଲ ନାହିଁ। ତା ଛଡା ଗାଁ କଲେଜ ରେ ପଢି ଅନେକ ଚାକରୀ ପାଇଛନ୍ତି। ଅଧା ଖାଇ ଉଠିପଡିଲେ ଶ୍ରୀରାମ ଦାସ। ସିଧା ଯାଇ ଖଟିଆ ଉପରେ ଶୋଇ ପଡିଲେ। ମଧୁମତି ସବୁ ଜାଣି ପାରିଲେ ସେ ବି ନିରୁପାୟ ବ୍ୟାଙ୍କ ରୁ ଆସିଥିବା ଋଣ ଏଯାଏ ଫେରସ୍ତ ହୋଇନାହିଁ । ଗଲା ବର୍ଷ ବନ୍ୟା ପୁଣି ଏ ବର୍ଷ ମରୁଡି କଣ ଆଉ କରିବେ ତାଙ୍କ ଆଖି ରୁ ଲୁହ ଧାର ବହିଗଲା।

ମଧୁମତି ଏବେ ଠୁ ତାଙ୍କ ସ୍ୱାମୀ ଙ୍କ ଉପରେ ନଜର ରଖିଲେ ଯେମିତି ତାଙ୍କ ସ୍ୱାମୀ କୌଣସି ଭୁଲ ନିଷ୍ପତି ନ ନଅନ୍ତି। ସେହି ଗାଁ ର ଦୁଇ ଜଣ ଚାଷୀ ଋଣ ଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିଲେ ଯାହା ମଧୁମତି ଙ୍କ ଚିନ୍ତା ର କାରଣ ଥିଲା। ବେଳେ ବେଳେ ଘର କୁ ଫେରିବା ଡେରି ହେଲେ ପୁଅ କୁ ପଠାଉ ଥିଲେ।

ରାତି ରେ ବାରମ୍ବାର ଜାଗି ଉଠି ସ୍ୱାମୀ ଙ୍କ ଉପରେ ନଜର ରଖୁଥିଲେ।

ସେଦିନ ଥିଲା ପ୍ରଥମ ରଜ। କିନ୍ତୁ ମରୁଡି ପାଇଁ ଗାଁ ରେ ରଜ ପର୍ବ ର ଏତେ ଝଲକ ଦେଖିବାକୁ ମିଳନଥିଲା। ସବୁ ଦିନ ପରି ଶ୍ରୀମତୀ ମଧୁମତି ଦାସ ଶ୍ରୀରାମ ଦାସ ଏବଂ ପୁଅ କୁ ଖାଇବା ଦେଇ ଘର ର ସବୁ କାମ ସାରି ଶୋଇଥିଲେ। ମଧ ରାତି ରେ ମଧୁମତି ଙ୍କ

ନଦ ଭଙ୍ଗିଗ ।ଲ୍ ପାଖ ରେ ସ୍ୱାମୀ ଙ୍କୁ ପାଇଲେ ନାହିଁ। ମଧୁମତି ଙ୍କ ଆଖି ରୁ ଲୁହ ଧାର ବହିଯାଉଥିଲା। ମଧୁମତି ବିଳମ୍ବ ନ କରି ପୁଅ କୁ ସାଙ୍ଗ ରେ ନେଇ ଶ୍ରୀରାମ ଦାସ ଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲେ। କିନ୍ତୁ ଦୁର୍ଭାଗ୍ୟ କୁ ସେହି ରାତି ରେ ଖୁବ ବର୍ଷା ଝଡି ଲାଗି ରହିଥିଲା। ତଥାପି ମନ କୁ ଦୃଢ କରି ଛତା ଏବଂ ଲଣ୍ଠନ ସହିତ ବାହାରକୁ ବାହାରି ପଡିଲେ ମଧୁମତି। ଗାଁ ର ପାଖ ନଈ, ବୁଢା ବରଗଛ ଧାନ ବିଲ, ମନ୍ଦିର ସବୁ ଆଡେ ବର୍ଷା ରାତି ରେ ଭିଜି ଭିଜି ଖୋଜିଲେ ହେଲେ କେଉଁଠି ପାଇଲେ ନାହିଁ। ସବୁ ଆଡେ ଚତ୍କାର କରି ଡାକଲେ କିନ୍ତୁ ତାଙ୍କ ସ୍ୱର ବର୍ଷା ର ଆବାଜ କୁ ଟପି ଶ୍ରୀରାମ ଦାସ ଙ୍କ ପାଖ କୁ ପହଁଚବା ଏତେ ସହଜ ନ ଥିଲା।

ଶେଷ ରେ ମଧୁମତି ଙ୍କ ମନେ ପଡ଼ିଲା ଗାଁ ମଶାଣି । ସବୁ ଆଡେ ଖୋଜିସାରିବା ପରେ କେବେଳ ମଶାଣି ହିଁ ଶେଷ ରେ ରହି ଯାଇଥିଲା ।କାହିଁକି କେଜାଣି ଶ୍ରୀରାମ ଦାସ ସବୁ ଦିନ ସନ୍ଧ୍ୟା ରେ ସେଠାକୁ ଯାଆନ୍ତି ଆଉ ସେଠି କଣ କରନ୍ତି ଯାହା ମଧୁମତି ଙ୍କୁ ଜଣା ନଥିଲା। ଆଉ ବିଳମ୍ବ ନ କରି ବାହାରି ପଡିଲେ ଗାଁ ମଶାଣି କୁ ସେତେବେଳେ ଭୋର ହୋଇ ସାରିଥିଲା। ଗାଁ ର ଅନ୍ୟ କିଛି ଲୋକେ ଶ୍ରୀରାମ ଦାସ ଙ୍କୁ ଖୋଯିବାକୁ ମଧୁମତି ଙ୍କ ସାଥ ଦେଇଥିଲେ।

ମଧୁମତି ଦାସ ତାଙ୍କ ପୁଅ ଏବଂ ଗାଁ ର ଲୋକେ ସମସ୍ତେ ଚାଲିଲେ ମଶାଣି ଆଡ କୁ। ଆଉ ସମସ୍ତେ ସେଠାରେ ପହଞ୍ଚି ଯାହା ଦେଖିଲେ ତାହା ସମସ୍ତ ଙ୍କୁ ଚକିତ କରିଦେଇଥିଲା। ଶ୍ରୀରାମ ଦାସ ସାରା ରାତି ସେହି ମଶାଣି ରେ ବିତାଇ ଥିଲେ। ଯେଉଁଠି ସେହି ଗାଁ ର ଆଗରୁ ଆତ୍ମହତ୍ୟା କରିଥିବା ଦୁଇ ଜଣ ଚାଷୀ ଙ୍କ ସମାଧି ଥିଲା।

ଗାଁ ଲୋକେ, ପୁଅ, ପତ୍ନୀ କିଛି ପଚାରିବା ଆଗରୁ ଶ୍ରୀରାମ ଦାସ ସମସ୍ତ ଆଡ କୁ ଅନାଇ ପ୍ରଶ୍ନ କରିଲେ ଅପଣ ମାନେ ମୋତେ କଣ ପଚାରିବେ ବୋଲି ଭାବୁଛନ୍ତି? ମୁଁ ଆତ୍ମହତ୍ୟା କରିବାକୁ ଆସିଥିଲି? ମୁଁ ନିଜ କୁ ମାରି ମୋ ପରିବାର କୁ ଋଣ ମୁକ୍ତ କରିବାକୁ ଚାହୁଁଥିଲି? କଣ ଆପଣ ମାନେ ଭାବୁଛନ୍ତି ଆଜି ମୁଁ ଆତ୍ମହତ୍ୟା କରିବି, କାଲି ସେ କରିବ ପରେ ଆଉ

କଏ କରିବ। ଏହି କଣ ଆମର ଶେଷ ଗସ୍ତା ରଣ ମୁକ୍ତ ହେବାର। ଦେଖନ୍ତୁ ମୋ ବିନା ମୋ ପତ୍ନୀ ଆଉ ପୁଅ ଅସହାୟତାକୁ। ବର୍ଷା ପାଇଁ ସମସ୍ତେ ଡହଳ ବିକଳ ହେଉଥିଲେ। ଆଜି ଦେଖ ମୁଁ ସାର୍‌ ଗତି ଏହି ବର୍ଷା ରେ ଭିଜିଛି। ଏହି ବର୍ଷା ମୋ ଆଖି ର ଲୁହ କୁ ଧୋଇଦେଇଛି। ଆମ ସମସ୍ତ ଙ୍କ ର ଧାନ ବିଲ ଆଜି ବର୍ଷା ପାଣି ରେ କାଦୁଅ ହୋଇଛି। ମୁଁ ସବୁଦିନ ଏହି ମଶାଣୀ କୁ ଆସେ ଆତ୍ମହତ୍ୟା ପରେ ମୋ ସମାଧି କେଉଁଠି ଆଉ କପରି ରହିବ ତାର ନକ୍ସା କରିବା ପାଇଁ ଅବା ଆତ୍ମହତ୍ୟା ର ପୂର୍ବପ୍ରସ୍ତୁତି କରିବା ପାଇଁ ନୁହେଁ ବରଂ ଏହି ଦୁଇ ନର୍ବୋଧ ଗୃଷୀ ଙ୍କ ସାମଧି ପାଖ କୁ ଆସେ ଆଉ ସେମାନ ଙ୍କ ସ୍ୱର୍ଗତ ଆତ୍ମା ଙ୍କୁ ଜଣାଇ ବାକୁ ଚେଷ୍ଟା କରେ । ସେମାନଙ୍କ ପରିବାର ର ଶୋଚନୀୟ ଅବସ୍ଥା, ଭୋକଲା ପେଟ ର ଯନ୍ତ୍ରଣା, ବୁଢା ବାପା ମା ଙ୍କ ଦୁଃଖ, ଅଧା ରୁ ପାଠପଢା ଛାଡି କେମିତି ତାଙ୍କ ପୁଅ ଦାନନ ଖଟିବା ପାଇଁ ଯାଇଛି ଦୂର ସହର କୁ।

ଶ୍ରୀରାମ ଦାସ ଙ୍କୁ ଜୀବିତ ପାଇଁ ମଧୁମତି ଆଉ ତାଙ୍କ ପୁଅ ବହୁତ ଖୁସି ହୋଇ ଯାଇଥିଲେ।

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍‌ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମନ ମୋର ଏକ କାଗଜ ଡଙ୍ଗା



ନରେନ୍ଦ୍ର ପ୍ରସାଦ ବେହେରା

ମନ ମୋର ଏକ କାଗଜ ଡଙ୍ଗା
ଭସି ଭସି ଯାଏ ନଦୀର ଜଳରେ
ଭାବେ ନାହିଁ କେବେ ମନର କଥା
କେବେ ସେ କାହାକୁ କରିବ ଦେଖା
ଭସି ଭସି ଯାଇ ଅଥଳ ସମୁଦ୍ରେ
ଭାବନାର ଶେଷ ହୋଇ ଯାଏ
କୁଆଡେ ଯିବସେ ବୁଦ୍ଧି ବାଟ ତା'ର
ହୋଇ ଯାଏ ଆକାପାକା
ସେ ଏତିକ ଜାଣିଛି ବିପଦ ପଡିଲେ
ସାହା ଏକା ମୋର ଜଗତ ଠାକୁର
ମୋତେ ଉଦ୍ଧାର କରିବା ପକ୍କା
ଅଥଳ ସମୁଦ୍ରେ ଭସି ଗଲି ମୁହିଁ
ରକ୍ଷା କର ରକ୍ଷା କର ଭବଗ୍ରାହୀ
ତୁମେ ନ ରଖିଲେ ରଖିବ କଏ ସେ

ପ୍ରଭୁ ତୁମେ ପର୍ ଥାଉଁ ଥାଉଁ

ଡାକବି କାହାକୁ ଶୁଣିବ କଏ ସେ

ଦୁଃଖ ମୋର ବଢ଼ି ବଢ଼ି ଯାଏ

ବିପଦ ପଡିଛି ଅଥଳ ସମୁଦ୍ରେ

ପାରି କରିବାର ସମୟ ଆସିଛି

ପ୍ରଭୁହେ ଟେକ ତୁମ ଦୁଇ ହାତ

ଆକୁଳେ ଡାକୁଛି ଭକତ ତୁମର

ଥରେ ଦେଖା ଦିଅ ମହାବାହୁ

ତୁମ ନ ରଖିଲେ ଜୀବନ ଯାଉଛି

ଅଥଳ ସମୁଦ୍ରେ ମୋର

ଭକ୍ତର ଜୀବନ ରଖିବା ପାଇଁ କ

ହୋଇଯାଉ ପଛେ ଦଙ୍ଗା

ରକ୍ଷା ହୋଇ ଯାଉ ଜୀବନ ମୋହର

ବଢାଇ ଦିଅହେ ପ୍ରଭୁ ତୁମ ଠେଙ୍ଗା

ମନ ମୋର ଏକ କାଗଜ ଡଙ୍ଗା

ମନ ମୋର ଏକ କାଗଜ ଡଙ୍ଗା ।

ଆଳଦା, ଖଇରା, ବାଲେଶ୍ୱର

# ନଦୀ ତିରେ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଗୁଲୁ ଗୁଲୁ ହାତ ଧରି ନଦୀ ତୀରେ
ବେଳାଭୂମିରେ ହଜିଯାଏ ପାଦଚହ୍ନ
କେତେ ପାଦଚହ୍ନ ଅଧଭଗ୍ନ ହୋଇ
ମିଶି ସାରିଛି ବାଲିରେ
ଆଉ କଛିକୁ ପୋଛି ଦେଇଛି
ଅମାନଆ ସାଗର ଢେଉ ।

ସ୍ମୃତି ଏଠି ଚକ୍ ଚକ୍ ଦିଶେ
ସାଗର ବୁକୁରେ ହଜୁଥିବା ତପନର
ରକ୍ତିମ ଆକାଶ ମନରେ,
ଓଦା କରିଦିଏ ତନୁ ମନ ଆଁଖିକୁ
ଗୀତ ଗାଏ ତରଂଗ ମନ ମୁଗ୍ଧର
କାନରେ ବାଜେ ରୁଣୁଝୁଣୁ
ଅତୀତ ପାଉଁଜିର ଶବ୍ଦ ।

ଟାଂକୁରି ଉଠେ ଦେହର ରୋମ
ଗରମ ହୁଏ ରକତ, ବିବେକ
ପ୍ରଶ୍ନ ବାଣ ଛୁଟେ ପ୍ରତି ଢେଉରୁ
ସାଗର ଗର୍ଭ କହେ ବାରମ୍ବାର
କ'ଣ ତୁ ଠିକ୍ କରିଛୁ ?

ମୁଁ ହିଁ ତୁମ ମିଳନର୍
ପ୍ରଥମ ପ୍ରେମର୍ ମୂକ ସାକ୍ଷୀ
ମୋ କୋଳରେ  ମୋ ଛାତିରେ
ଆଙ୍କିଛ କେତେ ସପନ ମନ୍ଦିର
ପ୍ରତିଶୃତିର ଗଢିଛ  କେତେ ଅମାରତ୍
କାହିଁ  କୁଆଡେ ଗଲ୍ ସବୁ ?

ଦେଖି ପାରିବିନ ସେ ହସ ମୁହଁରେ କାନ୍ଦ
ନିଷ୍ପାପ ମନର ଆହୁତି ସବୁକୁ
ନେଇ ପାରିବିନ ଆଉ ଗର୍ଭକୁ
ମୁଁ ବି  ଭିଜିଯାଏ ବିଶ୍ୱାସୀମାନଙ୍କ
ରକ୍ତଭିଜା ଲୁହରେ
ଗଢେ ଘାଂଗେ କେତେ ଜୀବନ
ଏଇ ନଦୀ ତୀରେ ।

ପ୍ରଧାନପାଲି, ସମ୍ବଲପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରତିଶ୍ରୁତି

ଶିବରାମ ଦଳେଇ

କେତେ ଆଶା ଭରସା ନେଇ ନିଜ ରକ୍ତକୁ ପର କରି ଲିପିନା ଘରୁ ଗୋଡ଼ କାଢ଼ି ଗ୍ଲିଆସିଥିଲା ମାନସ ସାଥିରେ । ସେ କଣ ଜାଣିଥିଲା ଏ ମିଛମାୟାର ସଂସାରରେ ସମସ୍ତେ ଦେଇଯାଆନ୍ତି ଗୋଟେ ଗୋଟେ ମିଛ ପ୍ରତିଶ୍ରୁତି ।ସେ କଣ ଜାଣିଛି ରାବଣ ର ମାୟା ମିରିଗ କଥା । ସେ ତ ଖଣ୍ଡି ଉଡା ଦେଉଥିବା କଅଁଳ ଚଢେଇଟିଏ । ଦୂର ଆକାଶକୁ ଉଡୁ ଉଡୁ ପବନ ସ୍ରୋତରେ କେତେବେଳେ ଉଡ଼ିଆସିଛି କାହିଁ କେତେ ଦୂର । ନାଁ ଫେରିବାର ବାଟ ଖୋଜି ପାଉଛି ନାଁ ତା କଅଁଳ ଡେଣାରେ ଉଡ଼ିଯିବାର ଜୁ ଅଛି। ସେ ତ ଜାଣି ଶୁଣି ଅଜଣା ବାଟରେ ପାଦ ଥାପିଛି । ଫେରିକି ବା କାହାକୁ ପୋଡ଼ା ମୁଁହ ଦେଖାଇବ । ଜୁଆଡେ ଗଲେ ମୃତ୍ୟୁ ତା ବାଟ ଗ୍ହିଁ ରହିଛି।

ମାନସ ଯୁକ୍ତ ତିନ ବିଜ୍ଞାନ ରେ ଦ୍ୱିତୀୟ ବର୍ଷର ଛାତ୍ର, ଭାରି ଭଲ ପଢ଼େ ସେ । ଆଉ ଲିପିନା ଯୁକ୍ତ ଦୁଇ ବିଜ୍ଞାନ ରେ ପ୍ରଥମ ବର୍ଷର ଛାତ୍ରୀ । ସେଦିନ କଲେଜ ଫଙ୍କସନ ରେ ତାର ମାନସ ସହିତ ଦେଖା । ତା ପରେ ଆସ୍ତେ ଆସ୍ତେ ବନ୍ଧୁତା । ସେ ବନ୍ଧୁତା ର ଜଳବିନ୍ଦୁ ମିଶି ମିଶି କେତେବେଳେ ଅଗଭୀର ପ୍ରେମ ସମୁଦ୍ର ରେ ପରିଣତ ହେଇଗଲା ଲିପିନାକୁ ଅଜଣା । ନୂଆ ନୂଆ ଡେଣା ଉଠିଥିବା ଚଢେଇ ଯେମିତି ଦୂରକୁ ଦୂରକୁ ଉଡ଼ିବାକୁ ଚେଷ୍ଟା କରିଥାଏ, ସେ ଦୁହେଁ ବି ପ୍ରେମ ର ଡେଣା ଝାଡ଼ି ଉଡ଼ି ଗ୍ଲିଲେ ଏ ପାର୍କରୁ ସେ ପାର୍କ, ଏ ହୋଟେଲରୁ ସେ ହୋଟେଲ ।

ଏମିତି ଏମିତି ଗୋଟାଏ ବର୍ଷ ବିତିଗଲା । ଦୁହେଁ ମନସ୍ଥ କଲେ ଏ ମିଛମାୟା ର ପଞ୍ଜୁରୀ ଭାଙ୍ଗି ନିଜେ ନିଜ ପାଇଁ ଗଢ଼ି ଦେବେ ଆଶା ର ତାଜମହଲ । ଇଚ୍ଛା ମୁତାବକ ଦୁହେଁ ଘର

ଛାଡି ଚାଲିଗଲେ ଦୂର ଏକ ଅଜଣା ସ୍ଥାନକୁ । ଦୁଇ ତିନ ଦିନ ହୋଟେଲ ରେ ଯେମିତି ସେମିତି କଟିଗଲା । ସେତେବେଳକୁ ଲିପିନା ନିଜର ସର୍ବସ୍ୱ ମାନସକୁ ସମର୍ପି ଦେଇଥିଲା । ସେଠାରୁ ସେମାନେ ଚାଲିଗଲେ ଅନ୍ୟ ଏକ ଜାଗାକୁ ଯେଉଁଠି ମାନସ ନିଜ ବନ୍ଧୁର ମାଆ କହି ଲିପିନା କୁ ବିକ୍ରି କଲା (ଲିପିନା ଅଜାଣତରେ) ଗୋଟେ କୋଠିର ମାଲିକଆଣି ପାଖରେ। ଆଉ ଲିପିନା କୁ ଦେଇଗଲା ମିଛ ପ୍ରତିଶ୍ରୁତି, କହିଗଲା ମୁଁ ଯାଉଛି କିଛି ଟଙ୍କା ଯୋଗାଡ଼ରେ। ବିଚାରି ଲିପିନା ମିଛ ପ୍ରତିଶ୍ରୁତି ପାଇ ଚାହିଁ ରହିଲା ମାନସ ର ଫେରିବା ବାଟକୁ । ଏମିତି ରେ ଦୁଇ ତିନ ଦିନ ବିତିଗଲା। ହେଲେ ମାନସ ଆଉ ଫେରିଲା ନାହିଁ ।ତା ପରଦିନ ଦିନ ଯାଇ ରାତି ଆସିଲା, ରାତିର କତିମିଟିଆ ଅନ୍ଧାର ରେ ଜଣେ କେହି ତା ଶୋଇବା ଘରକୁ ପାଦ ଥାପିଲା । ମାନସ ବୋଲି ଡ଼ାକ ପକାଇଲା ଲିପିନା । ଅନ୍ଧାରରେ ଦୌଡ଼ି ଯାଇ ଜାବୁଡି ଧରେ ତ, ତା ଠାରେ ମାନସ ର ଗନ୍ଧ ପାଇ ପାରିଲା ନାହିଁ। ଗଳା ଫଟେଇ ଚିତ୍କାର କଲା ସେ । ତା ଚିତ୍କାର ଚାରି କାନ୍ଥ ଡେଇଁ କୋଠି ମାଳକଆଣି ପାଖରେ ପହଞ୍ଚିଲା । ମାଲିକଆଣି ସହ ତିନ ଚାରି ଜଣ ଯୁବତୀ ତା ଶୋଇବା କକ୍ଷରେ ପହଁଚଲେ । ଏମାନଙ୍କୁ ଦେଖି ଟିକେ କଠୋର ହେଲା ଲିପିନା । ମାଲିକଆଣିର ଇସାରା ରେ ଲୋକଟା ଚାଲିଗଲା ସତ କିନ୍ତୁ ମାଲିକଆଣି ଦୁଇ ଶକ୍ତ ଚାପୁଡ଼ା ଆଙ୍କି ଦେଲା ଲିପିନା ଗାଲରେ । ସେତେବେଳକୁ ଲିପିନା କୁ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ। ତା ପରେ ଦୁଇ ତିନ ଦିନ ଏକ ନିବୁଜ କୋଠରୀରେ ଉପାସରେ ପଡି ରହିଲା ପରେ ତାକୁ ଅନ୍ୟ ଏକ କୋଠୀ କୁ ନିଆଗଲା । ସେତେବେଳେ ତା ପାଖରେ ଉଡ଼ି ଯିବାକୁ ନାଁ ଡେଣା ଥିଲା, ନାଁ ଦୁଇ ଗୋଡ଼ରେ ସଳଖ ହେଇ ଠିଆ ହେବାର ଶକ୍ତି ।

ଲିପିନା ଗୋଟିଏ ଖଟରେ ନିର୍ଜୀବ ପରି ପଡ଼ି ରହି ଲୁହ ଗଡଉ ଥାଏ। ତାର ଶୁଖିଲା ଆଖିରେ ଲୁହ ବି ସରି ଆସୁଥାଏ । ସେ ଭାବୁଥାଏ ତା ବାପାଙ୍କର ସେଇ କେଇପଦ କଥା "ମା ସେମାନେ ବଡ଼ଲୋକ ଆମେ ଗରିବ, ବାମନ ହୋଇ ଚାନ୍ଦ ତୋଳିବାକୁ ଆମ ଗରିବ ଲୋକମାନଙ୍କ ପକ୍ଷେ ସମ୍ଭବ ନୁହେଁ ମା" ଏମିତି ଅନେକ କିଛି । ଦିନ ଯାଇ ରାତି ର ଅନ୍ଧାର ଯେତିକି ଯେତିକି ପାଖେଇ ଆସୁଥାଏ ଲିପିନା ର ଭୟ ସେତିକି ସେତିକି ମାଡି ବସୁଥାଏ ।

ରାତିର ପ୍ରଥମ ପ୍ରହର ତା କୋଠରୀ ଭିତରକୁ ପ୍ରବେଶ କଲେ ଜଣେ ଖଦଡ ଧୋତି, ପାଇଜାମା ଆଉ ମୁଣ୍ଡରେ ଗାନ୍ଧୀ ଟୋପି ପିନ୍ଧା ବ୍ୟକ୍ତି । ବୟସ ୫୦ ରୁ ୫୫ ହେବ । ଏପଟ ସେପଟ ଚାହିଁ ଭିତର ପଟୁ କବାଟ ବନ୍ଦ କରି ସିଧା ଆସି ବସିପଡ଼ିଲା ଲିପିନା ପାଖରେ । ମନରେ ଭୟ ଆଉ କ୍ଷୀଣ ବଳ ସବୁ ଏକଜୁଟ କରି ବହୁତ କଷ୍ଟରେ ବସିପଡ଼ିଲା ଲିପିନା । ସେ ବ୍ୟକ୍ତି ଜଣଙ୍କ ଲିପିନା କୁ ପ୍ରତିଶ୍ରୁତି ମୂଳକ କହିବାକୁ ଲାଗିଲା ମାଆ ରେ ମୁଁ ତୋ ବାପା ବୟସର, ମୁଁ ଏଠାକୁ ଆସିଥିଲି ବୋଲି କାହାକୁ କେବେ କହିବୁନ । ମୁଁ ସେମାନଙ୍କୁ ଲୁଚ ତୋ ପାଖକୁ ଚାଲିଆସିଛି । ମୁଁ କଥା ଦଉଛି କାଲି ସୂର୍ଯ୍ୟାସ୍ତ ପୂର୍ବରୁ ମୁଁ ସାଥିରେ ପୋଲିସ ଆଣି ତୋତେ ଏଠୁ ମୁକ୍ତ କରିବି ।ଆଉ ଠିକଠାକ ତୋ ଘରେ ପହଞ୍ଚେଇବା ମୋର ଦାୟିତ୍ୱ।

ଲିପିନା ମନରେ ବଞ୍ଚିବାର ଆଶା ସଞ୍ଚୟ ହେଲା ।ପୁଣି ଥରେ ଖୋଲା ଆକାଶ ତଳେ ଠିଆ ହୋଇ ଜହ୍ନମାମୁଁ ଦେଖିବାକୁ ଇଚ୍ଛା ହେଲା ତାର । ଏହିପରି ଅନେକ ପ୍ରତିଶ୍ରୁତି ଦେଇଚାଲିଲା ସେ ଗାନ୍ଧୀ ଟୋପି ପିନ୍ଧା ବ୍ୟକ୍ତି । ତା ପରେ ସ୍ନେହରେ ନିଜ କୋଳକୁ ଟାଣିନେଇ ଲିପିନା ର ପିଠିକୁ ଥାପୁଡ଼େଇ କହିଲା ମାଆ ରେ ମୁଁ ତୋ ପାଇଁ ଏତେ ସବୁ କରିବି ହେଲେ ବଦଳରେ ତୁ ମୋ ମନ କଥା ଟିକଏ ସମୟ ପାଇଁ ବୁଝିନେ । ଲିପିନା ନିଜର ମୁଣ୍ଡକୁ ଧଡ଼କିନା କାଢ଼ି ଆଣିଲା ତା ପାଖରୁ । ହେଲେ ଶରୀର ର କ୍ଷୀଣ ବଳ ଆଉ ବଂଚିବା ର ଆଶାକୁ ମନେ ପକାଇ  କଂ କର୍ତ୍ତବ୍ୟ ମୂଳକ ନିଜକୁ ସମର୍ପି ଦେଲା ସେ ଗାନ୍ଧୀ ଟୋପିବାଲା ବ୍ୟକ୍ତି ପାଖରେ। ରାତି ପାହିବା ପୂର୍ବରୁ ସେ ଗାନ୍ଧୀ ଟୋପି ବାଲା ବ୍ୟକ୍ତି କଥା ଦେଇ ଚାଲିଗଲା । ରାତି ପାହି ସକାଳ ହେଲା ମନରେ ଅନେକ ଆଶା ନେଇ ଚାହିଁ ରହିଥାଏ ଲିପିନା । ସକାଳ ଯାଇ ସଞ୍ଜ ଆସିଲା, ନାଁ ଆସିଲେ ପୋଲିସ ନାଁ ଆସିଲା ସେ ଗାନ୍ଧୀ ଟୋପି ବାଲା ବ୍ୟକ୍ତି । ସେ ଦେଇଥିବା ପ୍ରତିଶ୍ରୁତି ସେତେବେଳକୁ ମିଛ ପ୍ରତିଶ୍ରୁତି ପାଲଟି ସାରିଥିଲା । ଲିପିନା କିନ୍ତୁ ଚାହିଁ ଆଉ ଏକ ପ୍ରତିଶ୍ରୁତିକୁ ।

ଲେଖନପୁର, ସାଲେପୁର

# କେଜାଣି କାହିଁକି



ଲିନା ମହାନ୍ତି

ତୁମ ସହ ଟିକେ କଥା ନହେଲେ
ଦିନ ଯାକ ମତେ ଭଲ ଲାଗେନା,
କାହିଁକି କେଜାଣି
ତୁମେ ଟିକେ ଭଲରେ କଥା ନହେଲେ
ମୁଁ ଖୁସି ହେଇ ପାରେନା ।।
କାରଣ ତ ବହୁତ ଥାଏ ମୋ ପାଖରେ
ଖୁସି ହେବା ପାଇଁ,
ହେଲେ ଲାଗେ ଯେମିତି ସବୁ ଅଧା
ଝୁରି ହୁଏ ତୁମରି ପାଇଁ ।।
ତୁମେ ଯେମିତି ଜାଣି ଶୁଣି
ଚୁପ୍ ରହିଯାଅ କଛି ଦିନ,
ଦେଖିବାକୁ ମୋ ମନର ପ୍ରତିକ୍ରିୟା
ଆଉ ମୁଁ ବି ହାରିଯାଏ ତୁମ ଆଗେ
ବ୍ୟତି ବ୍ୟସ୍ତ ହେଇଯାଏ ମନ ।।
ଲାଗେ ଯେମିତି ମୋର ଗୋଟେ
ଅତି ପ୍ରିୟ ଜିନଷ ହଜି ଯାଇଛି,
ବହୁତ ଚେଷ୍ଟା କରୁଛି ଖୋଜିବାକୁ
ହେଲେ ବାରମ୍ବାର ମତେ

ନରାଶା ହିଁ ମିଳୁଛି ।।
କେମିତି କେଜାଣି ତୁମେ
କଣ ପାଇଁ ଏତେ ବ୍ୟାକୁଳତା
ଆଣିଦିଅ ମନରେ ମୋର,
ସବୁ ଜାଣିବି ଦୂରେଇ ଯାଅ ତୁମେ
ମୋଠାରୁ ଟିକେ ପରଖୀ ବାକୁ
ପ୍ରେମକୁ ମୋର ।।
ଭାରି ମଜା ଲାଗେ ତୁମକୁ ନା
ମତେ ତୁମ ପାଇଁ
ବ୍ୟତିବ୍ୟସ୍ତ ହବାର ଦେଖି, ,
ଥରୁଟେ ବି ଆସି କୁହନ
ତୁ କାହିଁ ସେମିତି ହଉଛୁ
ମୁଁ ତ ତୋ ପାଖରେ ସବୁବେଳେ ଅଛି ।।

ଜଗତସିଂହପୁର

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ପ୍ରେମିକ



କବି ପ୍ରସାଦ

ହଁ
ମୁଁ ଜଣେ ପ୍ରେମିକ
ମଧୁମୟ ଜଗତର
ସୌନ୍ଦର୍ଯ୍ୟରେ ମୁଁ ମାଦକ ।

ମୁଁ ଦେଖିଛି
ଦୁଃଖର ଅଧରେ
ସ୍ମିତ ଆହ୍ଲାଦର ହସ
ମୁଁ ପାଇଛି
ଜୀବନ ଯୁଦ୍ଧରେ
କ୍ଷଣେ ହେଉନା କାହିଁକି
ହୃଦୟ ବିଜୟର ସୁଖ ।

ହେଇ ଥାଇପାରେ
ସମୟ ନିଷ୍ଠୁର
ଦେଇ ଥାଇପାରେ
ଅନେକ ଯାତନା
ତଥାପି
ଖୋଜିଛି ମୁଁ
ଖୋଜିକି ପାଇଛି ମୁଁ
ଛଳନା ଆଉ ପ୍ରତାରଣା କୁ
ମନ୍ଥନ କରି
ପ୍ରେମର ମଧୁର ମହକ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା,
ବଲାଙ୍ଗୀର, ଓଡିଶା।

# ସେ ସଞ୍ଜ୍....



ପ୍ରବୀଣ୍ ରମେଶ୍

ଅରନ୍ ମୁଠେ ଖାଏମା ଗୁଲ୍ ଖୋଲିନେ ସୁଇମା
ଆଏଲା ରେ ବୁଢାଦଦାର୍ କେନ କୁଆ ସମିଆଁ
ମନ୍ ମନଛା ବାରଅନାର୍ ପେପେଲ୍ ମେଟ୍
ଠାନ୍ ଆବରିଥା ନାଟ୍ ଦେଖିଗଲେ ହେମା ଭେଟ୍
କନ୍ଦରି କନ୍ଦରି ଦୂଆରି ତୁଇ ଦେଖୁଥିଲୁ ମୁଇଁ ଦେଖୁଥିନ
ନେଇ ପାରୁଛେଁ ପାସରି
କରିଆ କରି ଗଲୁ ଭୁଲି ତୋର୍ ସୋର୍ ନେଇନା ଆଏଜ୍
ମନେ ପଡସି ସେ ଦିନର୍ ଜନ୍ ଉଜଆ ରାଏତ୍
ମୋର୍ ସଙ୍ଗେ ଖେଲିଖେଲି ରାତିର୍ ବେଲେ ବୁଲି ବୁଲି
ସବୁ ଜେଇଛୁ ଭୁଲି
ସେ ରାଏତ୍ କେଲ୍ ବି ଥିଲା ଆଏଜ୍ ବି ଅଛେ
ତୁଇ ନେଇନା ଖାଲି ।।

ଗଣ୍ଡାବାହାଲି, ନୂଆପଡ଼ା

# ଅଭିମାନ ସାଙ୍ଗ



କେଶରୀ ପ୍ରସାଦ ମହାନ୍ତି

ଖଟ ଉପରେ ବସିଥାଏ ଆର୍ଯ୍ୟା, ଆଖିରୁ ଏଯାଏ ନିଦ ଛାଡି ନାହିଁ । ନିଦ ଆଖିକୁ ଛୋଟ ପିଲାଙ୍କ ପରି ହାତରେ ମଳି ଦେଇ ହଠାତ୍ ଫେସବୁକ୍ ଅନ୍ କଲା । ଆଉ ତା ପରେ ଯାହା ଦେଖିଲା ତାର ମନେହେଲା ପ୍ଲେ ଷ୍ଟୋର ରୁ ସନ୍ଦେହ ର ଆପ୍ ଟିଏ ଡାଉନଲୋଡ୍ କରିବାକୁ ।

ହଠାତ୍ ବେଡ୍ ପାଖରେ ଚଷମାଟିକୁ ପିନ୍ଧି କରି ଭଲ ଭାବରେ ଫଟଟିକୁ ଅନୁଧ୍ୟାନ କଲା, ସେ ଫଟୋଟିରେ ସେ ଯାହା ଦେଖିଲା ତାକୁ ଦିର୍ଘ ୫ ବର୍ଷ ତଳର ଘଟଣାକୁ ରୋମନ୍ଥିତ କରାଇଲା ।

ଆର୍ଯ୍ୟା ସେତେବେଳେ ଗ୍ରାଜୁଏସନ୍ କରୁଥାଏ । ସେ ଥିଲା ଶାନ୍ତ, ଶରଳ, ଉଦାର, କୋମଳ, ଆଉ ସଂସ୍କାରି ଝିଅଟିଏ । କିଛି କହିବା ଆଗରୁ ସେ ମନର କଥା ପଢିପାରେ । ସର୍ବୋପରି ତାର ଯନ୍ତ୍ରଶୀଳତା ହିଁ ଅନ୍ୟମାନଙ୍କଠାରୁ ତାକୁ ସ୍ୱତନ୍ତ୍ର ଆଗନ ପ୍ରଦାନ କରିଥିଲା ।

ସେଇ ଯତ୍ନଶିଳତା ଆଉ ତାର ଉପାରତାକୁ ଦେଖି କେତେବେଳେ ଯେ ଅଙ୍କିତ୍ ତାର ପ୍ରେମରେ ପଡିଗଲେ ସେ ନିଜେ ଜାଣିପାରିଲେ ନାହିଁ । ଅଙ୍କିତ୍ ମଧ୍ୟ ତାର କ୍ଲାସମେଟ୍, ତାର ବନ୍ଧୁ, ସମର୍ଥକ ଆଉ ଶୁଭାଙ୍କାଖି । ହେଲେ ଅଙ୍କିତ୍ ଯେ ଉଭୟଙ୍କର ବନ୍ଧୁତାକୁ ସଂପର୍କର ରୂପ ଦେବାପାଇଁ ଚିନ୍ତାକରେ ସେ କଥାକୁ ଆର୍ଯ୍ୟା ବିଶ୍ୱାସ କରିପାରିଲେ ନାହିଁ ।

ଯାହାବି ହେଉ ସେଦିନ ପରଠାରୁ ଅଙ୍କିତ୍ ତାଙ୍କର ଭଲ ପଇବାକୁ କମାଇବାକୁ ଖୁବ୍ ଚେଷ୍ଟା କରିଛନ୍ତି । ହେଲେ ପ୍ରେମ ଯୁଦ୍ଧ ରେ ତ ହୃଦୟ ଜଳେ । ଏଣୁ ଏଇ ଜ୍ୱଳନ୍ତ ହୃଦୟକୁ ଶାନ୍ତ୍ୱନା ଦେବା ସମୟରେ ତାଙ୍କ ଲେଖନିରୁ ଝରିପଡେ ଅନେକ କଥା, ଗାଥା ଓ କବିତା ।

ତେଣୁ ବୋଧହୁଏ ଅଙ୍କିତ୍ ଆର୍ଯ୍ୟାଙ୍କ ପାଇଁ ଯୋଗ୍ୟ ନଥିଲେ । ଏଣୁ ବୋଧହୁଏ ଏମିତି ହେଲା ଅଙ୍କିତ୍ ମନର ଦୁର୍ବଳତାକୁ ନେଇ ଆର୍ଯ୍ୟା ଅନେକ ଭାବନ୍ତି । ଆଉ ବିଚଳିତ ବି ହୋଇ ଯାଆନ୍ତି । ଏମିତି ସମସ୍ୟା ଘେରରେ ଯେଉଁ ଅଙ୍କିତ ଅନ୍ୟମାନଙ୍କୁ ସମାଧାନ ବତାଏ ସେ ଆଜି ନିଜେ ଉତ୍ତର ଶୂନ୍ୟ ହୋଇ ଯାଇଛି ।

ହଁ, ଦିପତଳ ତ ଅନ୍ଧାର, ଦିପ ଅନ୍ୟକୁ ଆଲୋକିତ କରେ, ଠିକ୍ ସେପରି ସମାଜର ଆବର୍ଜନା ସଫା କରୁଥିବା ବ୍ୟକ୍ତିମାନେ ନିଜର ଚତୁପାର୍ଶ୍ୱର ଅଳିଆ ସଫାକରିବାକୁ ଭୁଲି ଯାଆନ୍ତି । ସେଥିପାଇଁ ତ ଏ ସମାଜ ସେମାନଙ୍କୁ ଘୃଣ୍ୟ, କୁଣ୍ଠିତ ମାନସିକତାରେ ଦେଖେ । ଏଣୁ ସେ ଦୃଷ୍ଟିରୁ ଆର୍ଯ୍ୟାଙ୍କର ଏଭଳି ଭାବିବା ସ୍ୱାଭାବିକ କଥା ।

ତେଣୁ ଆର୍ଯ୍ୟାର ମନରେ ଟିକିଏ ବି ଦୁଃଖ ନ ଦେବା ପାଇଁ ଆଙ୍କିତ ଖୁବ୍ ଚେଷ୍ଟା କଲେ, ଆଉ ଏ ସବୁ ଭିତରେ ଅଙ୍କିତ୍ ଖୁବ୍ ଦୂରକୁ ଗୁଲିଗଲେ ।

ଅଙ୍କିତ ର ଆଖିରେ ଥିଲା ଆଖିଏ ସ୍ୱପ୍ନ, ଆଉ ସେ ସବୁ ସ୍ୱପ୍ନ ଭିତରେ ହଜିଯାଇଥିଲା ଆର୍ଯ୍ୟାଙ୍କ ପ୍ରାଣ ଆଉ ପ୍ରେମ । ଦୂରକୁ ଯିବା ସମୟରେ ପତ୍ର ଖଣ୍ଡିଏ ଆର୍ଯ୍ୟାଙ୍କ ହାତକୁ ଟେକି ଦେଇଥିଲେ ଅଙ୍କିତ୍, ହେଲେ ସାଙ୍ଗମାନଙ୍କ କୁମନ୍ତ୍ରଣାରେ ପଡି ସେ ପତ୍ରଟିକୁ ପଢିବା ପରିବର୍ତ୍ତେ ଚିରି ଦେଇଥିଲେ ଆର୍ଯ୍ୟା ।

ହେଲେ ଆଜି ଏମିତି କଣ ହେଲା । ହଠାତ୍ ଆର୍ଯ୍ୟାର ଏତେ ଦୁର୍ବଳତା । ଅବଶ୍ୟ ଅଙ୍କିତ୍ ଆଇ.ଏ.ଏସ୍. ପରିକ୍ଷାରେ ଉତ୍ତିର୍ଣ୍ଣ ହୋଇଛନ୍ତି । ହେଲେ କାହିଁକି ସେଦିନ ବି କଲେଜରେ ଅଙ୍କିତ୍ ଥିଲେ ସ୍ୱତନ୍ତ୍ର, ଅନ୍ୟମାନଙ୍କଠାରୁ ସେ ଥିଲେ ଭିନ୍ନ । କିନ୍ତୁ ଏପରି ଆଜି କାହିଁକି ହେଉଛି । ଏପରି ଭାବୁ ଭାବୁ ଭାବନାଗ୍ନ ଆର୍ଯ୍ୟା ନିଷ୍ପତି ନେଲେ, ସବୁ ସଂପର୍କ ଠାରୁ ଉର୍ଦ୍ଧ୍ୱରେ ହେଉଛି ବନ୍ଧୁତ୍ୱ । ତେଣୁ ସେ ଅଙ୍କିତ୍ କୁ ଭେଟିବାକୁ ଇଚ୍ଛାକଲେ ।

ଏତିକି ବେଳେ ଆର୍ଯ୍ୟାର ଭାବି ସ୍ୱାମୀ ର ଫୋନ ଆସିଲା । ହେଲେ ଆର୍ଯ୍ୟା ତାଙ୍କ ସହ ଖୁବ୍ କମ୍ ସମୟ କଥାହେଲେ । ସକାଳୁ ଫ୍ରେସ୍ ହେଲାପରେ ପୁରୁଣା ଡାଇରି ଖୋଜି ଅଙ୍କିତ୍ ର

ନମ୍ବର କାଢି କଲ୍ କଲେ। ଅଙ୍କିତ ଘରେ ଥାଏ । ଏବେବି ଆର୍ଯ୍ୟାର ନମ୍ବର ତା ଫୋନ୍ ରେ ସେଭ୍ ଥାଏ । ଦୀର୍ଘ ୫ ବର୍ଷ ପରେ ଆର୍ଯ୍ୟାର ଫୋନ୍, କନ୍ତୁ କାହିଁକି?

କଲ୍ ରିସିଭ୍ କରିବା ପରେ ଆର୍ଯ୍ୟା ପୂର୍ବ କଥା ଭୁଲିଯାଇ ଆଗଭଳ ବନ୍ଧୁତା ର ଛଳରେ ଅକତ୍ ଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ନମନ୍ତ୍ରଣ କଲେ। ଅଙ୍କିତ ମଧ ଆର୍ଯ୍ୟାର କଥାକୁ ରଖି ସମ୍ମତି ପ୍ରଦାନ କଲେ। ଅଙ୍କିତ୍ ର ପସନ୍ଦର ଖାଦ୍ୟ ଗୁଡିକ ଆର୍ଯ୍ୟାକୁ ମାଲୁମ । ଏଣୁ ସେ ସବୁ ଖାଦ୍ୟକୁ ନଜେ ଆର୍ଯ୍ୟା ପ୍ରସ୍ତୁତ କରିଥାନ୍ତି । ଆଉ ମନେ ମନେ ଭାବୁଥାନ୍ତି ସତରେ କଣ ଅଭିମାନ ଅଙ୍କିତ୍ ଆସିବ। ସେ ତ ଭାରି ଅଭିମାନ, ମୋ ଉପରେ ରାଗିଥିବ। ସେ କଣ ସବୁ ରାଗ ଭୁଲି ସତରେ ଆସିବ। ଆଜି ତ ସମସ୍ତେ 3 P ( Power, Property, Personality) କୁ ଦେଖି ପ୍ରେମ କରୁଛନ୍ତି । ସେ ଆଉ ତା ଭାବିବନ ତ? ତା ଛଡା ଭାବୁଥାଏ ଯୋଉ ହାତରେ ମୁଁ ତା ଚଠିକୁ ଚରିଥିଲି ସେ ହାତରେ ପ୍ରସ୍ତୁତି ଖାଦ୍ୟକୁ ଅଙ୍କିତ୍ ଖାଇବ ତ?

ଏମିତି କଳ୍ପନା ଜଳ୍ପନା ଗ୍ଭଲିଥାଏ ଆର୍ଯ୍ୟାର ମନ ଭିତରେ । ରୋଷେଇ ସାରିବା ପରେ ଦୁଆର ବନ୍ଧରେ ଅଙ୍କିତକୁ ଅପେକ୍ଷା କରି ବସିଥାଏ ଆର୍ଯ୍ୟା। ତାର ଆସ ଅଙ୍କିତ୍ ନଶ୍ଚିତ ଆସିବ ।

ଠିକ୍ ଏତିକିବେଳେ ଦୂରରୁ ଛୁଟି ଆସିଲା ଆର୍ଯ୍ୟାର ଭାଇ ଶୁଭମ୍ ତର ତର ହୋଇ, ତାଙ୍କ ପାଖ ଛକରେ ଟ୍ରକ୍ ଧକ୍କାରେ ଗୁରୁତର ହୋଇଥିବା ଅଙ୍କିତର କଥାକୁ ଆର୍ଯ୍ୟା ଆଗରେ କହିଦେଲା । ଆର୍ଯ୍ୟାର ଆଖି ଲୁହରେ ଛଳଛଳ । ସେ ହଠାତ୍ ଦୌଡିଗଲା ଦୁର୍ଘଟଣା ସ୍ଥଳକୁ । ମର୍ମାନ୍ତିକ ଅବସ୍ଥାରେ ପଡିଥାଏ ଅଙ୍କିତ୍। ରକ୍ତରେ ଜୁଡୁବୁଡୁ। ଜୀବନ ଯିବା ଉପରେ। ଅଙ୍କିତ୍ ର ପାଖକୁ ଦୌଡିଯାଇ ତାର ମସ୍ତକକୁ ନଜ ହାତରେ ଧରିପକାଇଲା ଆର୍ଯ୍ୟା।

ସେହି ଅବସ୍ଥାରେ ମନକୁ ଯାହା ଆସିଲା କହିପକାଇଲା ଆର୍ଯା। ସବୁ ରାଗ, ଅଭିମାନ କୁ ପ୍ରକାଶ କରିଲା । ଆର୍ଯ୍ୟା ଉଚ୍ଚ ସ୍ୱରରେ କାନ୍ଦୁକାନ୍ଦୁ କହିଲା ଅଭିମାନ ଅଙ୍କିତ୍, ତୁ ଏତେ ଅଭିମାନ କରୁପାରୁ, ଆଜି ମୋ ଉପରେ ଅବିମାନ କରିଛୁ। ଏତିକିବେଳେ ଅଙ୍କିତ୍ ର ଆଖି ମୁଜି ହୋଇ ଆସୁଥାଏ । ପାଣି ପାଣି ଚତ୍କାର କରୁଥାଏ। ଏତିକିବେଳେ ସେ କହିଛି ମୁଁ ରାଗିନ କ ଅଭିମାନ କରିନ। ଯଦି କହିବୁ ତେବେ ପ୍ରମାଣିତ କରିଦେବି ।

ଆର୍ଯ୍ୟା କହିଲେ, ଦୁନଆରେ କବିତା ଲେଖିବା ସବୁଠୁ କଷ୍ଟ । କେଉଁ କାରଣ ପାଇଁ ତୁମ ମନରେ ଏତେ ଦୁର୍ବଳତା ମୋ ପାଇଁ ଥିଲା ତାକୁ କବିତା ରେ ପ୍ରକାଶ କର:

ଏତିକ ବେଳେ ଅଙ୍କିତ ଗାଇଲା –

ତୋ ସରଳତା, ଯତ୍ନଶିଳତା ଆଉ ଅଭିମାନ
ମୋ ଦେହରୁ ମୋ ମନକୁ କଲା ଅନ୍ତର୍ଦ୍ଧାନ ॥
ନୋ ନୀଳ ଆଖି ଦେଖି, ମନ ମୋର ଗଲା ଲାଖି
ତୋର ଗଭିର ବେଣି, ମନ ମୋର ନେଲା କିଣି ॥
ତୋର ବାଙ୍କ ଗୁହାଣି, ଛାଡିକୁ ଦିଏ ହାଣି ।
ଇଚ୍ଛାହୁଏ ସବୁବେଳେ ତୋ ପାଇଁ ଲେଖିବି କାହାଣୀ ॥
ତୋ ଔଦାର୍ଯ୍ୟ ଆଉ ଦୁନଆ ଫିକା ।
ତୋ ବିନା ଅଧା ମୋ କବିତା,
ତୋ ବିନା ଅଧା ମୋ କବିତା ॥

ଏତିକବେଳେ ଆର୍ଯ୍ୟାର ଆଖିରୁ ଝରିପଡିଥିବା ଲୁହ ବୁନ୍ଦା ରୁ କେଇ ଟୋପା ଅଙ୍କିତ୍ ର ପାଟିରେ ପଡିଲା, ଶେଷ ଜଳ ଟୋପାଏ ର ସ୍ପର୍ଷ ପାଇ ତାର ପ୍ରାଣବାୟୁ ଉଡିଗଲା । ଆଉ ତାର ଶବ ପାଖରେ ବସିଥିବା ଆର୍ଯ୍ୟା ଉଚ୍ଚ ସ୍ୱରରେ କହି ପକାଇଲା – "ଅଭିମାନ ସାଙ୍ଗ! ତୁ ଫେରିଆ" ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ,
ଯାଜପୁର

# ପିତା ମାତା



ପ୍ରକାଶ ଚନ୍ଦ୍ର ମୁଦୁଲି

ପିତା ମାତା ମୋର ଜିଅନ୍ତା ଠାକୁର
ଯିବି କଆଁ ମୁଁ ମନ୍ଦିର
ମନ୍ଦିରେ ଆଉ ପିତା ମାତା ନାହିଁ
ଅଛନ୍ତି ଜଗ୍ ମନ୍ଦିର
ପିତା ମାତା ଠାରୁ ବଡ ମୋ ଦେବତା
ଚର୍ତୁଃଧାମେ ନ ମିଳନ୍ତି
ଜର୍‌ଶ୍ରମେ ଦେଖି ଲୁହ ଛଳ ଛଳ
ହୃଦ ମୋ ଯାଉଛି ଫାଟି
କ ହେଲ୍ ଏ ଯୁଗ, କ ହେଲ୍ ସଂସ୍କୃତି
କ ହେଲ୍ ଦୁନଆ ଆଜ
ପିତା ମାତା ଆଜି ବିକଳେ କାନ୍ଦନ୍ତି
କାହିଁ ଗଲୁ ମୋର ଧନ
ଜପ ତପ କରି ପାଇଥିଲି ତୋତେ
ଆଜି ତୁ କରିଲୁ ପର
ଯେଉଁଠି ବି ଥା ଭଲରେ ତୁ ଥା
ଏହି ଅଳ ଶ୍ରୀ ଛାମୁ ରେ
ମୋ ଆଶୀର୍ବାଦ ସବୁ ବେଳେଥାଉ
ମୋ ଧନର ଉପରେ

ସହକାରୀ ଶିକ୍ଷକ, ରାୟଗଡା

# ଶ୍ରମିକ



ଦୀନବନ୍ଧୁ ପୋଇ

ଶ୍ରମିକର ହାତ ସବୁଠାରେ ଥାଏ
ଚହ୍ନ ରହେ ନାହିଁ କାହିଁ,
ଶ୍ରମିକର ପୁଅ ଶ୍ରମିକ ହୁଏନ
ଅଭାବ କଷଣପାଇଁ ।୧।
ବିଭିନ୍ନ ରୂପ ରେ ଶ୍ରମିକ ମିଳନ୍ତି
ସଂସାରରେ କାମ ପାଇଁ,
ହଳ ଲଙ୍ଗଳରେ ବିଲ ଗୃଷ କଲେ
ହଳଆ ବୋଲ୍ଏ ସେଇ । ୨ ।
ଲଙ୍ଗଳ ଲୁହାକୁ ଯେ ଶ୍ରମିକ ଗଢ଼େ
କମାର କହନ୍ତି ଲୋକ,
ଲଙ୍ଗଳ ଈଷକୁ ତିଆରି ଯେ କରେ
ବଢେଇ ସେହି ଶ୍ରମିକ । ୩ ।
କୃଷି ସମ୍ପଦରେ ଭରପୁର ଏଠି
ଶ୍ରମିକମାନଙ୍କ ପାଇଁ,
ମୁଣ୍ଡଝାଳ ତୁଣ୍ଡେ ମାରି କରୁଥାଏ
କାଳକୁ ଖାତିର ନାହିଁ । ୪ ।
ଖଣିରୁ ପଥର କାଟେ ଯେ ଶ୍ରମିକ
ଦିନ ମଜୁରିଆ ସିଏ,

ପଥର ସିମେଣ୍ଟ ଯୋଡେଇ ଶ୍ରମିକ
ରାଜ ମିସ୍ତ୍ରୀ ଆଖ୍ୟା ପାଏ ।୫।
କୋଣାର୍କ ମନ୍ଦିର ସପ୍ତାଶ୍ଚର୍ଯ୍ୟେ ମଧ୍ୟେ
ଶ୍ରମିକ ଯୋଗୁ ଖ୍ୟାତ,
ବିଶୁ ମହାରଣ ସୁଯୋଗ୍ୟ ସନ୍ତାନ
ଇତିହାସେ ଯେ ବର୍ଣ୍ଣିତ ।୬।
ଶ୍ରମିକ ଜାତିଟା ହୀନ କପାଳଆ
କଷ୍ଟେ ଜୀବନ ତାହାର,
ଅଭାବ କଷଣେ ଦୁଃଖେ କାଟେ କାଳ
ଆନେ କୁ ମାରେ ଜୁହାର ।୭।
ଓଡ଼ିଆ ପ୍ରାଣର ଜଗାର ଦେଉଳ
କାରୁ କାର୍ଯ୍ୟେରେ ପୂରିତ,
ଶ୍ରମିକ ସଂସାର ମଙ୍ଗଳରେ ଥାଉ
ହସୁଥାଉ ଏ ଜଗତ ।୮।

ଶିକ୍ଷକ, ସିହସାହି, ତାଳଚେର, ଅନୁଗୋଳ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ୧୫- ଭଦ୍ରକ ହାଇସ୍କୁଲରେ ପ୍ରଥମ ଦିନ

କ୍ଲାସ୍ ୧୦ମ ରୁମ୍‌ଟା ମୁଁ ପ୍ରଥମରୁ ଯାଇ ଦେଖି ଆସିଥିଲି । କ୍ଲାସ୍ ରୁମ୍‌ଟା ମୋତେ ଖୁବ୍ ଭଲ ଲାଗିଥିଲା ।

ପହଞ୍ଚିବା ବେଳକୁ କ୍ଲାସ୍ ଆରମ୍ଭ ହୋଇଯାଇଥିଲା । ଦୁଆର ଆଡକୁ ପଛକରି ଜଗନ୍ନାଥ ସାର (ଗଣିତ) ପଢାଉ ଥିଲେ । ସବୁପିଲା ମାନଙ୍କ ନଜର ମୋ ଉପରେ ବିଶେଷକରି ଝିଅମାନଙ୍କର ବହୁ ସମୟ ପରେ ସାର୍ ପଛକୁ ବୁଲି ଚାହିଁ ମୋତେ ଭିତରକୁ ଡାକଲେ । ଗାଁ ସ୍କୁଲରେ ପଢିବା ବେଳେ ମୁଁ ଆଉ ସୁଶୀ ନାନୀ ବାହାରେ ଚପଲ ଖୋଲି କ୍ଲାସ୍ ରେ ପଶୁଥିଲୁ। ତେଣୁ ଚପଲ ଖୋଲି ଭିତରକୁ ପସିଲି, ଠାରରେ ସାର୍ ମତେ ଚପଲ ପିନ୍ଧି ପସିବାକୁ କହିଲେ । ଅନିତା ନନ୍ଦି ପାଖରେ ସାମନା ବେଞ୍ଚରେ ବସିବାକୁ ଇଙ୍ଗିତ ଦେଲେ । ଅଧଘଣ୍ଟାକ ଭିତରେ ମୋ ମୁଣ୍ଡ ଗରମ । କଛି ମୁଠରେ ପସୁନ, କ'ଣ କେମିତି ହେବ। କ୍ଲାସ୍ ଶେଷ କରି ସାର୍ ଚାଲି ଗଲେଣି । ତା' ପରେ କ୍ଲାସ୍ ର ଛୁଟିରେ ଥିବାରୁ ଫ୍ରି ପିରିୟଡ, ସବୁ ପୁଅମାନେ ବାହାରକୁ ଚାଲିଗଲେ । ହେଲେ ଝିଅମାନେ ମୋତେ ଘେରି ବସିଥିଲେ । ନମିତା ସମସ୍ତଙ୍କୁ ମୋର ପରିଚୟ କରାଇ ଦେଉଥିଲା । ଇଏ ଭଦ୍ରକ ସେକେଣ୍ଡ ଅଫିସରଙ୍କ ସାନ ଭଉଣୀ, ନୂଆକରି ଟ୍ରାନ୍ସଫର ହୋଇ ଆସିଛନ୍ତି ।

"ତୋ ନାଁ କ'ଣ? " ବହୁତ ଗୁଡାଏ ସ୍ୱର

"ଅନୀତା...."ଅନୀତା ଆଡକୁ ଚାହିଁ କହିଲି ।

ମୁଁ ତୋ ନାଁ ପଚାରୁଛି ଶୁଭନକା ରୁକ୍ଷ କଣ୍ଠରେ କହିଲା ।

ଅନୀତା କହିଲା ପଗ୍ ।

ଆରେ ବାଃ...ଆମ କ୍ଲାସ୍ ରେ ଦୁଇଜଣ ଅନୀତା ।

ଅଷ୍ଟମ, ନବମ କେଉଁ ସ୍କୁଲରୁ ଆସିଛୁ?

ତୋ ଭାଇଙ୍କର ବଦଳ ଚାକରୀ, ସେ କ'ଣ ଗୋଟିଏ ବର୍ଷକରୁ ବେଶୀ ରହି ପାରୁଥିବେ । କହିଲା ନମିତା ନାଁ...ନାଁ... ତୁ ଆମକୁ ବହୁତ ଭଲ ଲାଗୁଛୁ । ଆମ ସ୍କୁଲ ଛାଡି ଯିବୁନି ହେମଲତାର କଣ୍ଠ ସ୍ୱର ।

ଏତେ ସବୁ କଥା ଶୁଣି ପୁରାପୁରି ଛାନିଆ ହୋଇଯାଇଥିଲି ।ତୁ ଡରୁଛୁ କାହିଁକି? ଆମେ ସମସ୍ତେ ତୋର ସାଙ୍ଗ । ହେଲେ ମନେ ହେଉଛି ତୁ ଆମ ସମସ୍ତଙ୍କ ଠାରୁ ବୟସରେ ସାନ।

ନାଁ, ଡରିବି କାହିଁକି ? ଆମେ ସବୁ ଫ୍ରେଣ୍ଡ ।

ଆଚ୍ଛା ଏବେ ଏତିକି ଥାଉ । ଖେଳ ଛୁଟିରେ ସାର୍ କ'ଣ ପଢାଇଲେ ବୁଝି ପାରିନି । ମତେ ଟିକଏ ବୁଝେଇ ଦେଲୁ ଶୁଭନକା କହିଲା ହେମଲତା ।

ଏଥର ଅଙ୍କ ବୁଝେଇବାକୁ ମୁଁ ପଇସା ନେବି ।

"କେତେ କୁହ, ମୁଁ କାଲି ଆଣି ଦେଇ ଦେବି । "ଧୀରେ ଧୀରେ କହଲି ।

ଶୁଣ ଶୁଣ ଏ ଗଧି ବି ବୁଝିନି ।

ଆରେ ନାଇଁମ ଶୁଭନକା । ସେ ଡେରିରେ ଆସିଲାତ । କହିଲା ନମିତା ।

ପ୍ରାଣକୃଷ୍ଣ ( ବିଜ୍ଞାନ) ସାର୍ ପିଶିବାରୁ ସମସ୍ତେ ଚୁପ୍ ଚାପ୍ ହୋଇ ନିଜ ନିଜ ସିଟ୍ ରେ ବସି ପଡିଲେ ।

ସନ୍ଧ୍ୟାରେ ବଡ ନନା କଛି ପଚାରିବା ପୂର୍ବରୁ କହିଲି, ଗଣିତ କ୍ଲାସରେ ଜଗନ୍ନାଥ ସାର୍ କ'ଣ ଗୋଲ ଗୋଲ କରି କଛି ପଢାଉଥିଲେ । କଛି ମୁଣ୍ଡରେ ପଶିନି । ଆଜି ଦଶମର କ୍ଲାସ୍ ତା ୩୦ ଥିଅରମ୍ । ଆଚ୍ଛା ଆଚ୍ଛା ବୃତ୍ତ ପଢାଉଥିବେ । ସେଥି ପାଇଁ ଚନ୍ତା କରନା । ତୋର

ଗଣିତ ନାହିଁ । ହୋମ୍ ସାଇନ୍ସ । ନାଁ ମୁଁ ଗଣିତ ପଢ଼ିବି । ନହେଲେ ଶୁଭନକା ମତେ ଗଧି କହିବ ।

ସବୁଥିରେ ଜିଦି କରନା । ଏଇଟା ତୋ ପାଇଁ କଷ୍ଟ ସାଧ ହେବ । ତାଛଡା ତା ପାଇଁ ଅଲ୍‌ଟରନେଟିବ ତ ଅଛି । ୟା ପଛରେ ଲାଗି ତୁ ଅନ୍ୟ ବିଷୟ ଗୁଡିକ ଉପରେ ଗୁରୁତ୍ୱ ଦେଇ ପାରିବୁନ ।

ନାଁ, ମୁଁ ଆଜି ଠୁ ୯ଟାରେ ନ ଶୋଇ ୧୧ଟାରେ ଶୋଇବି । ସେଇ ଦୁଇଘଣ୍ଟା କେବଳ ଗଣିତ କରିବି । ପ୍ଲିଜ୍ ମତେ ପଢାଇ ଦେବ ।

ତୋର ଚ୍ଚରିଟାରେ ଉଠିବା ଅଭ୍ୟାସ । ମାତ୍ର ୫ଘଣ୍ଟା ଶୋଇବୁ! ଦେହ ଖରାପ ହୋଇଯିବ ।

ମାତ୍ର କେତେ ମାସ କଥାତ । ତାପରେ ପୁଣି ଠିକ୍ ଟାଇମ୍ ରେ ଶୋଇବି । ଆପଣମାନେ ଶୋଇ ପଡିବେ । ମୋ କ୍ଷୀର ଗ୍ଲାସ୍ ଟା ଆଗରୁ ରଖିଦେବେ । ଥଣ୍ଡା ହୋଇଯିବ । ତୋର ଗରମ ପିଇବା ଅଭ୍ୟାସ । ଥରେ ବାପା କହୁଥିଲେ କଛି ପାଇବାକୁ ହେଲେ କଛି ଛାଡିବାକୁ ପଡେ । ମତେ ଅଙ୍କ ଠିକ୍ ଭାବେ ଆସିଲେ ମୁଁ ପୁଣି ଗରମ କ୍ଷୀର ପିଇବି ।

ଥରେ ମୋ ମୁହଁକୁ ଆଉ ଥରେ ହାତ ଘଡି ଆଡକୁ ଚାହିଁ ସେ ଉଠିଗଲେ । ହେଁ ଆର ଦିନଠୁ ଆରମ୍ଭ ହୋଇଗଲା । ଚ୍ଚଷ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ପ୍ରତୀକ୍ଷା



ଧିରେନ୍ ବାଗ

କଥା ଦେଇଥିଲ
ତୁମେ ଫେରିବ
ଆଦ୍ୟ ବସନ୍ତେ
କନ୍ତୁ କାହିଁ?
ଏଠି ତ ଖାଁ ଖାଁ
ଝାଇଁ ଝାଇଁ ଖରା ।
ଜରାଜୀର୍ଣ୍ଣ ଦିଶେ
ଧରତୀ ବକ୍ଷ
ଫଗୁଣର ଫଗୁ ନାହିଁ
ସବୁତ ରଙ୍ଗହୀନ ।
ଅଦିନଆ ବର୍ଷା ପାଇ
ଜର୍ଜରିତ ଶେଫାଳୀ
ଗନ୍ଧହୀନ ରୂପହୀନ ।

କଳା ବାଦଲ କାଳମେ
ଲୁଚଯାଇଛି ଚନ୍ଦ୍ର
ନାହିଁ ତା ରୂପ ଅନୁପମ
ମଳନେ ମୁଖ ଶ୍ରୀହୀନ ।
ଠକବନ ମୋତେ
ପୁଣି ଆସିବ
ତୁମ ପ୍ରତୀକ୍ଷାର
ତୃଷାର୍ଥ ଚାତକ ସାଜି
ଫେରନ୍ତା ପଥେ ବସିଛି ।

ଗଉଡରମା, କୁଳଅଣା, ମୟୂରଭଞ୍ଜ

# ମା'



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ମାଆ ଏକ ଶବ୍ଦ ନୁହେଁ ଅଟେ ଏକ ପୋଥି
ନାହିଁଟି କାହା ସାମର୍ଥ୍ୟ ପଢିବାକୁ ଏଠି ।।
ଏ ପୋଥିରେ ଲେଖା ଅଛି ସ୍ନେହର ବାରତା
ଆଦର ଭଲ ପାଇବା ନିଃସ୍ୱାର୍ଥ ଭବ୍ୟତା ।।

ମାଆ ଏକ ନାମ ନୁହେଁ ବିଶାଳ ସାଗର
ଯିଏ ନିତି ଧୋଇ ଦିଏ ଶିଶୁ ଦୁଃଖ ନୀର ।।
ସୁଖେ ନାହିଁ ଏ ସାଗର ନୁହେଁ ଲୁଣି ଜଳ
ମମତାର ନିର୍ଝରଣୀ ଗଙ୍ଗାରୁ ଶୀତଳ ।।

ମାଆ ନୁହେଁ କାଠ ପଥରର ଦିଅଁ ଟିଏ
ଯାହାକୁ ମଣିଷ ନିଜ ହାତେ ଗଢୁଥାଏ ।।
ମାଆ ଅଟେ ସେଇ ସ୍ରଷ୍ଟା ସୃଷ୍ଟିକୁ ବଞ୍ଚାଏ
କେତେ ଦେବଦେବୀଙ୍କୁ ସେ ନିତି ଜନ୍ମ ଦିଏ ।।

ମାଆ ନୁହେଁ ମୂର୍ତ୍ତିଟିଏ ଛୋଟ ମନ୍ଦିରର
ବିଶାଳ ପାନ୍ଥଶାଳା ଟେ ହୃଦୟ ତାହାର ।।
ଖୋଜେ ନାହିଁ ନିଜ ପର ବାଣ୍ଟିବାକୁ ସ୍ନେହ

ସଭିଙ୍କ ଭିତରେ ପାଏ ଆପଣାର ମୁହଁ ।।

ମାଆ ନୁହେଁ ସମ୍ପର୍କର ସୀମିତ ପ୍ରାଚୀର
ପ୍ରତିଟି ସନ୍ତାନ ପାଇଁ ଦୁର୍ଗା ଅବତାର ।।
କୋଳକୁ ନଏ କୋଳେଇ ରଙ୍କୁଣୀଟେ ପରି
ପ୍ରତି ମୁହୂର୍ତ୍ତରେ ଦିଏ କାନକୁ ପ୍ରସାରି ।।

ମାଆ ନୁହେଁ ପଣ୍ୟ ଦ୍ରବ୍ୟ କେଉଁ ବଜାରରେ
ଆଣି ତାକୁ ଫଙ୍ଗିଦେବ ଜର୍ ନବାସରେ ।।
ଅଟେ ଏକ ଅନୁଭବ ଜୀବନ ରଜ୍ଜୁର
ଦୁର୍ମୂଲ୍ୟ ସମ୍ପଦଟିଏ ଦାନ ଈଶ୍ୱରର ।।

ନାହିଁ କା'ର ଶକ୍ତି ଶୁଝିଦେବ ମାଆ ଋଣ
ତ୍ୟାଗ ଓ ପ୍ରେମର ଅଟେ ସେ ଉଦାହରଣ ।।
କୋଟି ପୁଣ୍ୟ ଫଳେ ମିଳେ ମାଆଟିର କୋଳ
ମୋତି ମାଣିକ୍ୟ ନୋହିବେ କେବେ ତା'ର ତୁଲ୍ୟ ।।

ସଦା ପୂଜ ମାଆ ପାଦ ପାଇବାକୁ ଶକ୍ତି
ସର୍ବ ଦେବାଦେବୀ ମାଆ ପାଦରେ ଅଛନ୍ତି ।।
ଲୋଡ଼ା ନାହିଁ ଦିବସ ଟେ ମାଆ ପୂଜା ପାଇଁ
ନିତି ପୁଜିବା ତାହାକୁ ସ୍ନେହ ଶ୍ରଦ୍ଧା ଦେଇ ।।

ସା/ ପୋ- ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ତୁମକୁ ଦେଖିଲା ପରେ



ପ୍ରଶାନ୍ତ କୁମାର ନାଥ

ଚନ୍ଦ ଦେଖି ଆଜି ଚେହେରା ତୁମର
ଚନ୍ଦଟା ଯାଇଛି ରୁଷି
ଦୁଃଖରେ ଭାବୁଛି କିଏ ସେ ଗଢିଲା
ତାଠାରୁ ସୁନ୍ଦରୀ ବେଶି ।
ଛୁଇଁଦେଲା ବୋଲି ଆଜି ତ ଫୁଲକୁ
ଫୁଲଟା ପଡିଲା ଝଡି
ଭାବିଲା ମନରେ କିଏସେ ଗଢିଲା
ତୁମକୁ କୋମଳ କରି ।
କୋଇଲି ଶୁଣିଲା ତୁମ କଣ୍ଠସ୍ୱର
ହୋଇଗଲା ଆଜି ସ୍ଥିର
ଭାବିଲା କିଏସେ ଦେଲାତ ତୁମକୁ
ତାଠାରୁ କଣ୍ଠ ମଧୁର ।
ସାଗର ଦେଖିଲା ତୁମ ନୀଳ ଆଖି
ବହିଲାନ ଢେଉ ତାର
ଭାବିଲା କିଏସେ କରିଲା ତୁମର
ଆଖିକୁ ଏତେ ସୁନ୍ଦର ।
ସବୁ ସୁନ୍ଦରତା ତୁମରି ପାଖରେ
ସଭିଏଁ ଭାବିଲା ପରେ
ଭାବିଲି ତୁମଠୁ ସୁନ୍ଦର ଯେ ନାହିଁ
ଆଉ କଛି ଦୁନଆଁରେ ।

ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର

# ବାସ୍ତବତା



ଶ୍ରୀକ୍ଷେତ୍ର ସୁନ୍ଦର

ପିଲାଟି ଦିନରୁ ଆମକୁ ଶିକ୍ଷା ଦିଆଯାଏ । ସତ କୁହ, ନିର୍ଭିକ ହୁଅ, ନିଜ କାମକୁ ପୂର୍ଣ୍ଣ ନିଷ୍ଠା ଓ ବିଶ୍ୱାସର ସହ ସମ୍ପାଦନ କର ।

ସତ୍ୟ ଆଚରଣର ପାଠ - "ସତ କହିବାକୁ କଆଁ ଡରିବି
ସତ କହି ପଛେ ମଲେ ମରିବି ।"

ପରବର୍ତ୍ତୀ ସମୟରେ ସବୁ ଓଲଟା ହୋଇଯାଏ । ଏବଂ ପରିତାପର ବିଷୟ ବିନା ଦ୍ୱିଧାରେ ଆମେ ପରିସ୍ଥିତି ସହ ତାଳ ଦେଇ ( ସାଲିସ କରି) ବଞ୍ଚିବା କଳାରେ ସିଦ୍ଧହସ୍ତ ହୋଇଯାଉ ।

ଏବଂ କହିବା ବାହୁଲ୍ୟ ଆଜି ଏ ଆଖିର ଲୁହ ପ୍ରଦୂଷିତ, ଓଠର ହସରେ ଛଳନା, ଛାତିର ସ୍ପନ୍ଦନରେ ବି କୃତ୍ରିମତା ସ୍ପଷ୍ଟ ବାରିହୁଏ । ଜୀବନ ନାଟକରେ ଆମେ ଆଜି ସମସ୍ତେ ଜଣେ ଜଣେ ଅନନ୍ୟ ଅପରିଦ୍ୱନ୍ଦୀ ଅଭିନେତାର ଦକ୍ଷତା ହାସଲ କରିଛୁ । ଯାହା ପାଖରେ ନା ଅଛି କୋମଳ ମନ, ନା ଉଚ୍ଚତର ଆଦର୍ଶ, ନା ଅନ୍ୟ ପ୍ରତି ସହନଶୀଳତା । ଏକ ସଂକୁଚିତ ମନ ନେଇ ଆମେ ଜଣେ ଜଣେ ଯନ୍ତ୍ର ମାନବ ଓ ଦୁନିଆରେ ଘୁରିବୁଲୁଛୁ ଓ ଏପରି ଜୀବନଚର୍ଯ୍ୟାର ନାଁ ଆମେ ରଖିଛୁ ଆଧୁନିକତା ।

ଆମେ ଦିନେ ଶିଶୁ ଥିଲେ । ନିଷ୍ପାପ ଥିଲେ । ଏ ଦୁନିଆ ଆମ ପାଇଁ ଅଜଣା ଥିଲା । ତଥାପି ଅସଂଖ୍ୟ ବ୍ୟକ୍ତି, ପରିବେଶ, ପରିସ୍ଥିତି ଆମ ପାଇଁ ସର୍ତ୍ତବିହୀନ ଭାବେ ବିନା ଦ୍ୱିଧାରେ ସ୍ନେହ ଅଜାଡି ଥିଲେ । ଆମ କଅଁଳ କାନ୍ଦଣାରେ ଅନେକେ କୋଳାଇ ନେଇଛନ୍ତି । ଆମ ଅଝଟ

ମନକୁ ଭୁଲାଇବାରେ କେତେ କଏ ନିଜକୁ ଭୁଲିଛନ୍ତି । କେବେ ପୁଣି ଆମରି ଭଲ ପାଇଁ ମିଛିମିଛିକା ନାଲି ଆଖି ଦେଖେଇଛନ୍ତି । ଆମ ଥର ଥର ପାଦର ଚାଲିବା ଚେଷ୍ଟାରେ ଯେଉଁ ଅସଂଖ୍ୟ ହାତର ସାହାରା ଆମକୁ ଚାଲିବା ଶିଖାଇଛି ତାର ହିସାବ ଆମ ପାଖରେ ନାହିଁ । ଏତେ ସ୍ନେହବୋଳା କଥା - ଆଦର - ଆତ୍ମୀୟତା ଏସବୁର ମୂଲ୍ୟ ସତରେ ଆମ ପାଇଁ କିଛି ନୁହେଁ। ଆମେ ଅତୀତକୁ କେବେ ଫେରି ଚାହିଁନୁ । ଆମେ ତ ସୁନେଲି ଭବିଷ୍ୟତ ଆଶାରେ ମତୁଆଲା । ଆମ ପରି ଆମ ଜୀବନର ଉପଲବ୍ଧି ମଧ୍ୟ ବସ୍ତୁ କେନ୍ଦ୍ରିକ । ଏ ସମାଜ ଠାରୁ ପ୍ରାପ୍ତିର ପ୍ରତ୍ୟାସା ତ ଅନେକ କିନ୍ତୁ ପ୍ରତିଦାନ ପାଇଁ ଆମେ ସଦା କୁଣ୍ଠିତ ।

କେବେ ନୀରବରେ ବସି ଚିନ୍ତା କଲେ ଅନ୍ୟ କେହି ନୁହେଁ । ନିଜ ଅନ୍ତର କହିବ ଆମେ ଭୁଲ କରିଛୁ । ଆମେ ନିଜକୁ ନିଜେ କହିହେଉ ନା, ଆମେ ଜଣେ ଜଣେ ବାସ୍ତବବାଦୀ ମଣିଷ । ଆମ ଜୀବନରେ ଭାବପ୍ରବଣତା ବା ଆଦର୍ଶବାଦର ସ୍ଥାନ ନାହିଁ । ପ୍ରକୃତରେ, ଏହାହିଁ ଆମ ଜୀବନର ବାସ୍ତବତା ।

ସଂଗୀତ ଶିକ୍ଷକ, ଓଡିଆ ଆଦର୍ଶ ବିଦ୍ୟାଳୟ,
ଗାଇସିଲଟ, ବରଗଡ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ତୁମେ ଯଦି ହେବ



ସାଗର ପ୍ରଧାନ

ତୁମେ ଯଦି ହେବ ପୂର୍ଣ୍ଣିମାର ଚନ୍ଦ
ମୁଁ ହେବି ତୁମର ଜ୍ୟୋତ୍ସ୍ନା
ତୁମେ ଯଦି ହେବ କୋମଳ କୁସୁମ
ମୁଁ ହେବି ତୁମର ବାସ୍ନା ।

ତୁମେ ଯଦି ହେବ ପଥର ପଥିକ
ମୁଁ ହେବି ଗଛର ଛାଇ
ତୁମେ ଯଦି ହେବ ନୀଳ ପାରବାର
ମୁଁ ହେବି ତୁମର ନଈ ।

ତୁମେ ଯଦି ହେବ ଋତୁରାଜ ବସନ୍ତ
ମୁଁ ହେବି ମୃଦୁ ମଳୟ
ତୁମେ ଯଦି ହେବ ବାଟ ହରା ବାଟୋଇ
ମୁଁ ହେବି ତୁମ ନିଳୟ ।

ତୁମେ ଯଦି ହେବ ସଂଗୀତ ସୁରଟେ
ମୁଁ ହେବି ତୁମ ରାଗ
ତୁମେ ଯଦି ହେବ ଫଗୁଣ ମାସଟେ
ମୁଁ ହେବି ରଙ୍ଗ ଅବିର ।

ତୁମେ ଯଦି ହେବ ମେଘର ମଲ୍ଲାର
ମୁଁ ମୟୂରୀ ତୁମ ପାଇଁ
ସାରା ଜୀବନ ମୁଁ ଅପେକ୍ଷା କରିବି
ତୁମରି ବାଟକୁ ଚାହିଁ ।

ପାତ୍ରପୁର, ଗଂଜାମ

# ସ୍ୱାଧିନ ଆର କେନେ ପାଏଲ



ଏମ୍. ବିଜୟ କୁମାର

ଦେଖି ଦେଖି କରି କଣା ହେଲ
ସୁନ ସୁନତ ଭଁଏର୍ ହେଲ
କହି ଜାନବି କୁଦା ସାଜଲ
ସ୍ୱାଧିନ ଆର କେନେ ପାଏଲ

ଦୁର୍ନତି ବୁଏଡ଼େ ବୁଡ଼ାଲେ ନେତା
କହେସ ବୁଆ ଅଜବ କଥା
ଆମର କାଏ ଜାଉଛେ ପୁତା
ଆମେତ ଭକୁଆ ଭୋଟଦାତା
ସହି ସହି ସବୁକେ ସହେଲ
ସ୍ୱାଧିନ ଆର କେନୁ ପାଏଲ

କାହାକେ ଭରସା କରବ ବବା
ଧରମ ନାଁରେ ଭଣଁଲେ ବାବା
ଦେଖୁଛତ କଲ୍‌କାର୍ ନାମା
ଭଣଁ କେବେ ଭଗବାନ ହେବା
ଭକତିନେ ସକତି ହଜାଲ

ମୁକତି ଆର କେଭେ ପାଏଲ

ବଢ଼ିପାଏନ ଅନତୀ ଅତ୍ୟାଗ୍ଚର
ଜେନଆଡ଼େ ଦେଖବ ଖାଲି ବେକାର
ଗ୍ଚସିରଖେତ ହେଲା୍ ମସାନପଦା
ପେଟରଲାଗିଁ ଦାଦନମରାଁ ଗଦା
ସବୁଥି ଫସି କରି ମରମା ପୁତା
ଜଲଦି ଏଥିର ଉପେଇଟା ବତା
ଭୁଗଲା୍ଦସାକେ ତିହାର ମନାଲ
ସ୍ୱାଧିନ ଆର କେଭେସେ ହେଲ

ମହୁଲପଲ୍ଲୀ, ବୁଢ଼ାବାହାଲ, ସଇଁନ୍ତଲା୍, ବଲାଙ୍ଗୀର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଭିତ୍ତିହୀନ ବିଶ୍ୱାସର ସଂକେତ



ବାଲ୍ମୀକ ନାୟକ

ଭିତ୍ତିହୀନ ବିଶ୍ୱାସ କେବଳ ଭାରତରେ ନୁହେଁ, ସାରା ଦୁନିଆର ଲୋକମାନଙ୍କ ଭିତରେ ଏହା ରହିଛି । ସମାଜର ଗୋଟିଏ ବିଶିଷ୍ଟ ବର୍ଗ ଭିତ୍ତିହୀନ ବିଶ୍ୱାସକୁ ଧର୍ମ ସହିତ ଯୋଡିଦେଇ ନିଜ ପାଇଁ ଧନ ଅର୍ଜନର ଏକ ସୁଗମ ପନ୍ଥା ଆବିଷ୍କାର କରିଦେଇଛନ୍ତି । କିଛି ବର୍ଷ ପୂର୍ବରୁ ଧର୍ମଶାସ୍ତ୍ରରୁ ଉଦ୍ଧୃତ ଉପଦେଶ, ଆଦେଶ ଓ ନିର୍ଦ୍ଦେଶକୁ ପତ୍ରପତ୍ରିକାରେ ପ୍ରକାଶିତ କରି ଏବଂ ଧାର୍ମିକ ସଭା ଆୟୋଜନ କରି ପ୍ରବଚନ ମାଧ୍ୟମରେ ଭିତ୍ତିହୀନ ବିଶ୍ୱାସର ଧନ୍ଦା ଚାଲୁଥିଲା । ଆଜିର ଯୁଗରେ ଟେଲିଭିଜନ, ଇଣ୍ଟେରନେଟ୍, ମୋବାଇଲ୍ ଫୋନ ଆଦିର ବ୍ୟବହାର ଭିତ୍ତିହୀନ ବିଶ୍ୱାସକୁ ପ୍ରଚାର ଓ ପ୍ରସାର କରିବା କାମ ଅନେକ ଗୁଣରେ ବୃଦ୍ଧି କରିଦେଇଛି । ତଥାକଥିତ କେତେକ ଧାର୍ମିକ ଠିକାଦାର, ବ୍ରାହ୍ମଣ, ମୌଲବୀ, ପାଦ୍ରୀ, ସାଧୁ, ସନ୍ଥ, ଗୁଣିଆ, ଜ୍ୟୋତିଷ ଆଦିଙ୍କର ଏହି ଧନ୍ଦାର ପ୍ରସାର ପଛରେ ପୂର୍ଣ୍ଣ ସହଯୋଗ ରହିଛି । ଭାଗ୍ୟବାଦ, ପୁନର୍ଜନ୍ମ, ଜାତି ବୈଷମ୍ୟ, ଛୁଆଁଅଛୁଆଁ ଉପରେ ଆଧାରିତ ବ୍ରାହ୍ମଣବାଦୀ ବିଚାର ଓ ବ୍ୟବହାରକୁ ସଂପୂର୍ଣ୍ଣ ତ୍ୟାଗକରି ସମତାମୂଳକ ସମାଜର ସ୍ଥାପନ କରିବାପାଇଁ ଉତ୍ତର ପ୍ରଦେଶର ଏକ ସଂସ୍ଥା "ଅର୍ଜକ ସଂଘ"ଏକ ବିକଳ୍ପ ପଥାର ପ୍ରସ୍ତାବ ଦେଇଛି । ଏହା ବ୍ୟତୀତ ଆହୁରି ଅନେକ ତର୍କଶୀଳ ସଂଗଠନ ସମାଜରୁ ଭିତ୍ତିହୀନ ବିଶ୍ୱାସଗୁଡିକୁ ଦୂର କରିବାପାଇଁ ପ୍ରୟାସରତ ଅଛନ୍ତି ।

ପ୍ରତ୍ୟେକ ଦେଶର ପରିବେଶ, ଜଳବାୟୁ, ସାମାଜିକ ଚଳଣୀ ଏବଂ ନିଜର ରୁଚି ଅନୁସାରେ ବେଶଭୂଷା ଧାରଣ କରିବା ଏକ ସାଧାରଣ କଥା । ରଙ୍ଗବେରଙ୍ଗ ପୋଷାକ ସହିତ ବିଭିନ୍ନ

ଅଳଙ୍କାର ବ୍ୟବହାର କରିବା ପ୍ରଥା ବି ପ୍ରଚଳତ ଅଛି । ଏହା ସହିତ ଆହୁରି ଅନେକ ଜିନଷ ମଣିଷ ବ୍ୟବହାର କରିଥାଏ କେବଳ ଧାର୍ମିକ ଭିତ୍ତିହୀନ ବିଶ୍ୱାସ କାରଣରୁ । ଆମେ ଏଠି ସମାଜରେ କେବଳ ହିନ୍ଦୁ ସମାଜରେ ବ୍ୟବହୃତ କଛି ବସ୍ତୁ ଉପରେ ବିଗ୍ଚର କରିବା ।

କଳାଟିକା – ଛୋଟ ଶିଶୁଙ୍କ ମଥାରେ ବା ଗାଲରେ ମା ମାନେ କଳାଟିକା ଲଗାଇଥାଆନ୍ତି । ବିଶ୍ୱାସ କର୍‌ଯାଏ ଯେ, ଏହାଦ୍ୱାର୍ ଶିଶୁମାନଙ୍କ ଉପରେ କାହାର ଦୁଷ୍ଟ ଦୃଷ୍ଟି ଲ୍‌ଗିବନ । ଦୁଷ୍ଟ ଦୃଷ୍ଟି ଲ୍‌ଗିଲେ ଶିଶୁଙ୍କୁ ବେମାର ହୋଇଯିବ ।

ହେତୁବାଦୀ ମତ – ମଣିଷର ଦୃଷ୍ଟିରେ ଏମିତି କଛି ଶକ୍ତି ନଥାଏ, ଯାହାଦ୍ୱାର୍ କେହି ବେମାର ହୋଇଯିବ । ଦ୍ୱିତୀୟତଃ, ଛୋଟ ଶିଶୁମାନେ ସମସ୍ତଙ୍କ ପ୍ରିୟ ଲ୍‌ଗନ୍ତି । ଯେତେ କଠୋରମନା ଲୋ୍କ ହେଲେ ବି କଅଁଳ ଶିଶୁର ହସକୁର୍ ମୁହଁଟିକୁ ସେ ଦେଖିଲେ ଗେଲ କରିବାକୁ ଗ୍ଚହିଁବ । ଏହା ଏକ ସ୍ୱାଭାବିକତା, ତେଣୁ ଶିଶୁର ମଥାରେ କମ୍ବା ଗାଲରେ ବଡବଡ କଳାଟିକା ଲଗେଇ ମୁହଁଟିକୁ ବିକୃତ କରିବା ପଛରେ ଥାଏ କେବଳ ଭିତ୍ତିହୀନ ବିଶ୍ୱାସ । ଏହା ପରୀକ୍ଷିତ ଯେ, କଳାଟିକା କୌଣସି ଶିଶୁକୁ କୌଣସି ରୋ୍ଗରୁ ରକ୍ଷା କରିପାରିନ ।

କଳାସୂତା – ଆମ ସମାଜରେ ମା ମାନେ ଛୁଆମାନଙ୍କ ବେକରେ, ହାତରେ, ଅଣ୍ଟାରେ କମ୍ବା ଗୋଡରେ ଗୋଟିଏଗୋଟିଏ କଳାସୂତା ବାନ୍ଧିଦିଅନ୍ତି । ବିଶ୍ୱାସ ରହିଛି ଯେ, ଏପରି କଲେ କୌଣସି ଦୃଷ୍ଟାତ୍ମା ଶିଶୁର ଅନଷ୍ଟ କରିପାରିବ ନାହିଁ ।

ହେତୁବାଦୀ ମତ – ଆତ୍ମାର ସତ୍ତା ବିଜ୍ଞାନସମ୍ମତ ସତ୍ୟ ନୁହେଁ । ତେଣୁ ଦୁଷ୍ଟାତ୍ମା ବା ପୁଣ୍ୟାତ୍ମାର ପ୍ରଶ୍ନ ଉଠୁନାହିଁ । ବରଂ କଳାସୂତା ବାନ୍ଧି ରଖିଲେ ଶିଶୁର କୋମଳ, ସୂକ୍ଷ୍ମ ଚର୍ମରେ ଜୀବାଣୁ ଲ୍‌ଗି କେତେକ ଚର୍ମରୋ୍ଗ ହେବାର ସଂଭାବନା ଥାଏ ।

ଡେଉଁରିଆ – କେତେକ ଭଣ୍ଡ ତାନ୍ତ୍ରିକ, ବାବା, ସାଧୁ, ଜ୍ୟୋତିଷ ମଣିଷର ରିଷ୍ଟ ଖଣ୍ଡନ କରି ସଫଳତା ପ୍ରାପ୍ତ କରେଇପାରିବାର ମନ ଭୁଲାଣିଆ ଗାଲୁ ଗପ ଶୁଣାଇ ଡେଉଁରିଆ ପିନ୍ଧିବାକୁ

ଉପଦେଶ ଦେଇଥାନ୍ତି । ଅନେକ ବ୍ୟକ୍ତି ସେମାନଙ୍କର କଥାକୁ ବିଶ୍ୱାସ କରି ଡେଉଁରିଆ କଣି ପିନ୍ଧନ୍ତି ।

ହେତୁବାଦୀ ମତ – ଡେଉଁରିଆ ଭିତରେ ଏଭଳ କୌଣସି ଚମତ୍କାର ଶକ୍ତି ନାହିଁ, ଯାହାଦ୍ୱାରା ମଣିଷର ଶିକ୍ଷା, ସମ୍ମାନ, ପ୍ରମୋସନ, ବ୍ୟବସାୟ ଆଦିରେ ସଫଳତା ମିଳିବ । ବିନା ପରିଶ୍ରମରେ କିଛି ମିଳେନାହିଁ । ଡେଉଁରିଆର ପ୍ରଭାବଶାଳୀ ଗୁଣ ଉପରେ ବିଶ୍ୱାସ କରିବା ପୂର୍ବରୁ କେତୋଟି ସାଧାରଣ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ ।

ଡେଉଁରିଆ ବିକ୍ରୀ କରୁଥିବା ଜ୍ୟୋତିଷ ବା ତାନ୍ତ୍ରିକଙ୍କ ପରିବାରର ସମସ୍ତ ସଦସ୍ୟ ଡେଉଁରିଆ ପିନ୍ଧି ନିରୋଗ ହୋଇପାରୁଛନ୍ତି କି? ସବୁକାମରେ ସେମାନେ ସଫଳ ହୋଇପାରୁଛନ୍ତି କି? ତାଙ୍କ ଉପରେ କୌଣସି ବାଧାବିଘ୍ନ ପଡୁନି କି? ଏସବୁ ପ୍ରଶ୍ନଗୁଡିକର ଉତ୍ତର ଖୋଜିଲେ ଆପଣ ନିଶ୍ଚୟ ନିରାଶ ହେବେ । ଏହାର କାରଣ, ତାନ୍ତ୍ରିକ ଓ ତାଙ୍କ ପରିବାରର ଲୋକମାନେ ବି ଡେଉଁରିଆ ପିନ୍ଧିଥିବା ଅନ୍ୟ ଲୋକମାନଙ୍କ ଭଳି ରୋଗ, ଶୋକ, ଦୁଃଖ ଆଦି ଭୋଗ କରୁଛନ୍ତି । ହଁ, ଏ କଥା ସତ ଯେ, ସେମାନଙ୍କର ଆର୍ଥିକ ଅବସ୍ଥା ନିଶ୍ଚୟ ସ୍ୱଚ୍ଛଳ ହୋଇଥିବ କାରଣ ଦୁଇଟଙ୍କିଆ ଡେଉଁରିଆକୁ ଦୁଇହଜାର ଟଙ୍କା ଦେଇ କଣି ନେଉଥିବା ଭିତ୍ତିହୀନ ବିଶ୍ୱାସୀ ଲୋକମାନଙ୍କର ଅଭାବ ନାହିଁ ଆମ ସମାଜରେ ।

ମୁଦି – ଅନ୍ୟାନ୍ୟ ଅଳଙ୍କାର ଭଳି ହାତ ଆଙ୍ଗୁଠିରେ ମୁଦି ପିନ୍ଧିବା ଏକ ସୌକ ହୋଇପାରେ । କିନ୍ତୁ ଜ୍ୟୋତିଷମାନଙ୍କ କଥାକୁ ବିଶ୍ୱାସ କରି ସମୃଦ୍ଧି ଲାଭ ଆଶାରେ ବିଭିନ୍ନ ଧାତୁରେ ତିଆରି ମୁଦିରେ ବିଭିନ୍ନ ପ୍ରକାର ପଥର ଲଗେଇ ଆଙ୍ଗୁଠିରେ ପିନ୍ଧିବା ଏକ ଭିତ୍ତିହୀନ ବିଶ୍ୱାସ ମାତ୍ର । ତାନ୍ତ୍ରିକ ଓ ଜ୍ୟୋତିଷମାନେ ଅନ୍ୟ ବ୍ୟକ୍ତିଙ୍କର ରାଶି, ନକ୍ଷତ୍ର ଓ ଜନ୍ମ ତିଥି ଗଣନା କରି କେଉଁ ଧାତୁରେ, କେଉଁ ରଙ୍ଗର ପଥର ଲଗାଇ ମୁଦି ପିନ୍ଧିଲେ ସର୍ବସିଦ୍ଧି ହେବ, ତା କହିଥାଆନ୍ତି । ଲୋକମାନେ ବେଶ୍ ମହଂଗା ଦାମ୍ ରେ ମୁଦି କଣି ଭାବନ୍ତି, ସବୁ କିଛି ଆପେଆପେ ମିଳିଯିବ ।

ହେତୁବାଦୀ ମତ - ଯଦି ମୁଦି ପିନ୍ଧିଲେ ସଫଳତା ମିଳୁଥାନ୍ତା ତେବେ କାହାର ଆଉ ପରିଶ୍ରମ କରିବା ଆବଶ୍ୟକ ପଡନ୍ତା ନାହିଁ ବରଂ ବେଶୀଗୁଡିଏ ମୁଦି ପିନ୍ଧିଲେ, ତା ଭିତରେ ଜମା ହେଉଥିବା ମଇଳା ଓ ଜୀବାଣୁ ଖାଦ୍ୟ ସହିତ ପେଟକୁ ଯାଇ ଅସୁସ୍ଥ କରିବାରେ ସଂଭାବନା ଥାଏ । ମୁଦି କଣୁଥିବା ଲୋକମାନଙ୍କର ଫାଇଦା ହେଉ ବା ନହେଉ, ମୁଦି ଓ ପଥର ବିକ୍ରୀ କରୁଥିବା ତାନ୍ତ୍ରିକମାନଙ୍କର ଫାଇଦା ନିଶ୍ଚୟ ହୋଇଥାଏ ।

ଚନ୍ଦନ ଓ ସିନ୍ଦୂର – କେତେକ ଲୋକ ପ୍ରତିଦିନ କର୍ମସ୍ଥଳକୁ ବାହାରିବା ପୂର୍ବରୁ ଘରେ ପୂଜା କରି ମଥାରେ ଓ କଣ୍ଠରେ ଚନ୍ଦନ କମ୍ବା ସିନ୍ଦୂର ଟିକା ଲଗେଇଥାନ୍ତି । ସେମାନଙ୍କୁ ଦେଖି ସମସ୍ତେ ବୁଝିପାରନ୍ତି ଯେ, ଏହି ବ୍ୟକ୍ତି ଜଣକ ହେଉଛନ୍ତି "ଜଣେ ଧର୍ମପ୍ରାନ ବ୍ୟକ୍ତି" । ଯିଏ ଯେତେ ପରିମାଣରେ ଚନ୍ଦନ ମାଖି ହୋଇଥାନ୍ତି, ସେ ନିଜକୁ ସେତେ ବଡ ଧର୍ମପ୍ରାଣ ବ୍ୟକ୍ତି ବୋଲି ଜଣେଇବାକୁ ଚାହାନ୍ତି । ଧର୍ମପ୍ରାଣ ବ୍ୟକ୍ତିର ଅର୍ଥ ହେଉଛି – ବ୍ୟକ୍ତି ଜଣକ ଦୟାବାନ୍, ସତ୍ ଚରିତ୍ର, ସତ୍ କର୍ମ ଏବଂ ଆଧ୍ୟାତ୍ମିକ ଗୁଣ ସଂପନ୍ନ ।

ହେତୁବାଦୀ ମତ – ଯେଉଁମାନେ ସତରେ ଦୟାବାନ୍, ଚରିତ୍ରବାନ୍ ଓ କର୍ମଠ, ସେମାନେ ନିଜକୁ ବିଜ୍ଞାପିତ କରନ୍ତି ନାହିଁ । ନିଜର କର୍ମ ଓ ବଚନ ମାଧ୍ୟମରେ ସେମାନେ ସମାଜରେ ସମ୍ମାନାସ୍ପଦ ସ୍ଥାନ ହାସଲ କରିଥାନ୍ତି । ଦୁଃଖର କଥା ଯେ, ଅନେକ ଭଣ୍ଡ ତଥାକଥିତ "ଧର୍ମପ୍ରାଣ ବ୍ୟକ୍ତି" ଅଫିସରେ ଲାଞ୍ଚ ନେବାକୁ ଆଦୌ କୁଣ୍ଠାବୋଧ କରୁନାହାନ୍ତି, ସେହିମାନେ ଖାଦ୍ୟ ପଦାର୍ଥରେ ଅପମିଶ୍ରଣ କରିବାକୁ ପଛାଉ ନାହାନ୍ତି । ସେହିମାନେ ମହିଳା ସହକର୍ମୀମାନଙ୍କ ସହ ଅଶ୍ଳୀଳ ବ୍ୟବହାର କରିବାକୁ ଆଦୌ ଲଜ୍ଜା ଅନୁଭବ କରୁନାହାନ୍ତି । ଅପରାଧ କରି କେବେ କେମିତି ସେମାନେ ଧରାପଡିଲେ କହନ୍ତି – "ମୁଁ ଜଣେ ଧର୍ମପ୍ରାଣ ବ୍ୟକ୍ତି । ମୁଁ କଣ କେବେ ଏଭଳି ନିଚ କାମ କରିପାରିବି? " ସେମାନଙ୍କ ବିରୋଧରେ ସଠିକ୍ ପ୍ରମାଣ ନ ମିଳଲେ, ସେ ସ୍ଥଳରେ ସେମାନେ ସହଜରେ ଖସିଯାଆନ୍ତି ।"

ଶଙ୍ଖା, ସିନ୍ଦୁର – ହିନ୍ଦୁ ଧର୍ମରେ ବିବାହିତା ମହିଳାମାନଙ୍କ ପାଇଁ କେତୋଟି ବାଧ୍ୟତାମୂଳକ ଚିହ୍ନ ରହିଛି ଯଥା : - ଶଙ୍ଖା, ସିନ୍ଦୂର, ମଙ୍ଗଳସୂତ୍ର, ଏବଂ ଗୋଡର ମୁଦି ଇତ୍ୟାଦି ।

ଭାରତର ଉତ୍ତର ଭାଗର ଅଧିକାଂଶ ହିନ୍ଦୁ ମହିଳାଙ୍କ ପାଇଁ ଶଙ୍ଖା, ସିନ୍ଦୂର ପିନ୍ଧିବା ଅନିବାର୍ଯ୍ୟ । ଦକ୍ଷିଣ ଭାଗର ମହିଳାମାନଙ୍କ ପାଇଁ ମଙ୍ଗଳ ସୂତ୍ର ଏବଂ ପାଦର ମୁଦି ଅନିବାର୍ଯ୍ୟ କିନ୍ତୁ ମଥାରେ ସିନ୍ଦୂର ନାଇବା ବାଧ୍ୟତାମୂଳକ ନୁହେଁ ।

ହେତୁବାଦୀ ମତ – ହିନ୍ଦୁଧର୍ମର ନୀତିନିୟମ ସବୁ ସ୍ଥାନରେ ଏକାଭଳି କାହିଁକି ନୁହେଁ? ଦେଶର ଗୋଟିଏ ଭାଗର ମହିଳାମାନେ ମଥାରେ ସିନ୍ଦୂର ନ ଲଗାଇଲେ ଅଶୁଭ ଏବଂ ଅନ୍ୟ ଭାଗର ମହିଳାମାନେ ସିନ୍ଦୂର ନ ଲଗାଇଲେ କୌଣସି ଦୋଷ ନାହିଁ – ଏହା ଏକ ବିରୋଧାଭାସ ନୁହେଁ କି? ଆଜିକାଲି ଅବଶ୍ୟ ଶିକ୍ଷିତ ରମଣୀମାନେ ସିନ୍ଦୂରକୁ ବାଏ ବାଏ କରିସାରିଲେଣି । ହାତରେ ବି ଚୁଡି ଜାଗାରେ ଏମାନେ ଘଡି ପିନ୍ଧିବାକୁ ପସନ୍ଦ କଲେଣି ।

ମଜାକଥା ହେଉଛି ଯେ, ରକ୍ଷିବାଦୀ ସ୍ୱାମୀମାନେ ମଧ୍ୟ ଏହାର ବିରୋଧ କରିବାକୁ ସାହସ କରିପାରୁ ନାହାନ୍ତି । ଏହା ସତ୍ୟ ଯେ, ସ୍ତ୍ରୀ ଶଙ୍ଖା ଓ ସିନ୍ଦୂର ନ ପିନ୍ଧିଲେ ସେଇ କାରଣରୁ ତାର ସ୍ୱାମୀ ଅକାଳ ମୃତ୍ୟୁବରଣ କରିବ ନାହିଁ ।

ଚୁଟି – ଏହା ହିନ୍ଦୁ ସମାଜର ଏକ ବିଶେଷ ବର୍ଗର ଚିହ୍ନ । ପୂର୍ବକାଳରେ ଗୁରୁକୁଳ ଆଶ୍ରମରେ ରହି ଶିକ୍ଷା ଗ୍ରହଣ କରୁଥିବା ଶିଷ୍ୟମାନଙ୍କ ମୁଣ୍ଡର ପଛପଟେ କିଛି ଲମ୍ବାବାଳ ଛାଡି ଦିଆଯାଉଥିଲା । ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ଧର୍ମୀୟ କର୍ମକାଣ୍ଡ କରୁଥିବା ବ୍ରାହ୍ମଣ ପୂଜକମାନେ ବି ମୁଣ୍ଡରେ ଚୁଟି ରଖିବା ପରମ୍ପରାକୁ ପାଳନ କଲେ । ଏହାର କୌଣସି ଆବଶ୍ୟକତା ନଥିଲେ ବି ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ଆଜି ବି କେତେକ ମନ୍ଦିର ଓ ଆଶ୍ରମର ପୂଜକମାନେ ଚୁଟି ରଖିଥାନ୍ତି ।

ଯଜ୍ଞୋପବୀତ ବା ପଇତା – ଏହା ହିନ୍ଦୁ ସମାଜର ଏକ ଜାତିଭିତ୍ତିକ ଚିହ୍ନ । କେବଳ ବ୍ରାହ୍ମଣ ଜାତିର ପୁରୁଷମାନେ ହିନ୍ଦୁ ହେଲେ ମଧ୍ୟ ସେମାନଙ୍କର ପଇତା ଧାରଣ କରିବା ନିୟମ ନାହିଁ । ଏହାର ମୁଖ୍ୟ କାରଣ ଥିଲା ଯେ, ସମସ୍ତେ ଯଦି ପଇତା ଧାରଣ କରିବେ, ତେବେ ଦ୍ୱିଜ ବା ବ୍ରାହ୍ମଣମାନଙ୍କୁ ଦେଖିବା ମାତ୍ରେ ଚିହ୍ନି ହେବନି । ସେତେବେଳେ ବ୍ରାହ୍ମଣମାନଙ୍କ ପଇତା ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର ହେଉଥିଲା । ବ୍ରାହ୍ମଣମାନେ ଯଦି କାହା

ଉପରେ ଅସନ୍ତୁଷ୍ଟ ହେଉଥିଲେ, ସେମାନେ ତୁରନ୍ତ ପଇତାକୁ ଧରି ସେହି ବ୍ୟକ୍ତିଙ୍କୁ ଅଭିଶାପ ଦେଉଥିଲେ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଉଛି ।

ହେତୁବାଦୀ ମତ – ପଇତା ପିନ୍ଧିଥିବା ବ୍ରାହ୍ମଣମାନେ ସେତେବେଳେ ଜାଣିଶୁଣି କମିଜ ପିନ୍ଧୁ ନଥିଲେ, କାରଣ ଯଜମାନମାନେ ତାଙ୍କୁ ସହଜରେ ଚିହ୍ନିପାରି ସମ୍ମାନ ଦେବେ । ଆଜିକାଲି ବ୍ରାହ୍ମଣମାନେ କେବଳ ପୁରୋହିତ କାମ କରୁନାହାନ୍ତି, ସେମାନେ ସମାଜର ଅନ୍ୟାନ୍ୟ କର୍ମକ୍ଷେତ୍ରରେ ମଧ୍ୟ କାମ କରୁଛନ୍ତି । ସେମାନେ ବାନୟାନ, ସାର୍ଟ, ତା ଉପରେ କୋଟ୍ ବି ପିନ୍ଧୁଛନ୍ତି । ଏଥିଯୋଗୁଁ ପଇତା ଦେଖାଯିବାର ପ୍ରଶ୍ନ ହିଁ ଉଠୁନ । ତେଣୁ ପଇତା ପିନ୍ଧିବାର ଆବଶ୍ୟକତା ନାହିଁ । ନୂତନ ପିଢିର ଅନେକ ବ୍ରାହ୍ମଣ ଯୁବକ ନିଜ ପଇତାକୁ ବାହାର କରି ରଖିଦେଉଛନ୍ତି । ଧର୍ମୀୟ କର୍ମକାଣ୍ଡବେଳେ ପଇତା ଧାରଣ କରି ସେମାନେ ସମସ୍ତଙ୍କୁ ଦେଖେଇଥାନ୍ତି ଯେ ଆମେ ପରଂପରାକୁ ମାନି ଚାଲୁଛୁ ।

ରକ୍ଷା ବନ୍ଧନ – ନିଜର ସୁରକ୍ଷା ପାଇଁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ସମାଜରେ ଚାଲୁରହିଛି । ( ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ଯୋଗୁଁ ଅନେକ ପରିବାରରେ ଏବେ ଭଉଣୀମାନେ ଭାଇମାନଙ୍କୁ ସୁରକ୍ଷା ଦେବା ସ୍ଥିତିକୁ ଆସି ସାରିଲେଣି) କିନ୍ତୁ ମନ୍ଦିରର ପୂଜକମାନେ ଭକ୍ତଙ୍କ ହାତରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ନାଲିସୂତା ବାନ୍ଧିବା ପଛରେ ଉଦ୍ଦେଶ୍ୟ ହେଉଛି ଧନ କମେଇବା । ଭକ୍ତମାନଙ୍କ ମାନସିକ ଦୋହନ କରି ଧନ ରୋଜଗାର କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ନାଲି ସୂତାରେ ଏମିତି କଅଣ ଶକ୍ତି ଅଛି ଯେ, ତା ମଣିଷକୁ ସୁରକ୍ଷା ଦେଇପାରିବ? ଏ କଥା ଭକ୍ତ ଜାଣେ, ପୂଜକ ବି ଜାଣେ, ତଥାପି ଭକ୍ତ ସୂତାଟିକୁ ହାତରୁ ଖୋଲି ଫିଙ୍ଗିଦେବାର ସାହସ ଜୁଟେଇପାରେନାହିଁ । ଭୟ ଥାଏ, କାଳେ ଦେବତା ଅସନ୍ତୁଷ୍ଟ ହୋଇଯିବେ । ହାତରେ ସୂତାଟି ବନ୍ଧା ହୋଇ ରହିବା ଫଳରେ ପାଣିଲାଗି ତା ଓଦା ହେବ ଏବଂ ମଇଳା ବି ହେବ, ଜୀବାଣୁ ଜାତ ହୋଇ ଚର୍ମରୋଗ ବି ହୋଇପାରେ । ଭିତ୍ତିହୀନ ବିଶ୍ୱାସର ଏହା ହିଁ ପରିଣାମ ।

ଆହୁରି ଏମିତି ଅନେକ ପ୍ରକାର ପ୍ରଥା ଦେଶର ବିଭିନ୍ନ ଅଞ୍ଚଳରେ ରହିଛି, ଯାହାର କୁପ୍ରଭାବ ସରଳ ଜନତାଙ୍କ ଉପରେ ପଡୁଛି । ଆମର ମୁକ୍ତମନା, ସଚେତନ ପାଠକମାନେ ଯଦି ନିଜ ନିଜ ଅଞ୍ଚଳରେ ଥିବା ଭିତ୍ତିହୀନ ବିଶ୍ୱାସଗୁଡିକୁ ଜନତାଙ୍କ ମନରୁ ଦୂର କରିପାରିବେ, ତେବେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହୋଇପାରିବ ।

କେ.ଆର. ପୁରମ, ବାଙ୍ଗାଲୋର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

ବେଦାନ୍ତୀ

# ଶିଶୁ ବିଭାଗ



# ଅଙ୍ଗୁର ବିଲାତି



ରଞ୍ଜିତ କୁମାର ସାହୁ

ବପୂନୁ କୋଳ ଖାଇବା ବହୁତ ପସନ୍ଦ କରେ । କିନ୍ତୁ ତାହା ବ୍ୟତୀତ ଆଉ କୌଣସି ଫଳ ପରିବାରେ ତାହାର ମନ ନାହିଁ । ବାପାଙ୍କର ସବୁବେଳେ ଜିଦ୍ ପ୍ରଚୁର ପରିମାଣରେ ତଟକା ପନିପରିବା ଆଉ ଫଳ ଖାଇବା ପାଇଁ । ଆଉ ବିଲାତି ବାଇଗଣ ଉପରେ ଖାସ ଜୋର ଦିଅନ୍ତି ବାପା । କୁହନ୍ତି ବିଲାତି କୁଆଡେ ଗୋଟିଏ ପରିବା ନୁହଁ, ଗୋଟିଏ ଫଳ । ସତରେ ବିଲାତି ଖଟାଟା ଭେଜିଘରେ ଯେତେ ଭଲଲାଗେ କଞ୍ଚା ଖାଇଲେ ସେତେ ଭଲ ଲାଗେନ । ବାପାଙ୍କର କିନ୍ତୁ ସବୁବେଳେ ବର୍‌ଦ କଞ୍ଚା ବିଲାତି ଖାଇବାକୁ । ବାପାଙ୍କର ମତରେ ଦକ୍ଷିଣ ଆମେରିକାରୁ ଆସିଥିବା ଫଳ ପରିବା ମଧ୍ୟରୁ ବିଲାତି ଅନ୍ୟତମ । ଅନେକ ରଙ୍ଗ, ଆକାର ଆଉ ସ୍ୱାଦର ମିଳେ ଆମେରିକାରେ । ତେଣୁ ଏହାକୁ ବିଲାତିର ଉତ୍ପତ୍ତିସ୍ଥଳ ଭାବରେ ଜଣାଯାଏ । ଯଦିଓ ବିଲାତି ବାଇଗଣର ବ୍ୟବହାର ପ୍ରଥମେ ଆମେରିକାରେ ହେଉଥିଲା, ତଥାପି ଇଉରୋପିଆନ ମାନଙ୍କ ଦ୍ୱାରା ପୃଥିବୀର ଚାରିଆଡେ ଏହାର ପ୍ରସାର ହୋଇଥିଲା ।

ବପୂନୁ ଭାବିବାରେ ଲାଗିଲା, ଯଦି ବିଲାତି ଏତେ ରକମର ଅଛି ତାହାହେଲେ କୋଳ ରକମର କାହିଁକି ନାହିଁ ? କେତେ ଭଲହୁଅନ୍ତା ବିଲାତିଟି କୋଳ ଭଳି ହେଉଥିଲେ ? ଖାଇବାକୁ ବି ମଜା ଲାଗନ୍ତା ଆଉ ବପୂନୁକୁ ସବୁଦିନର ଗଞ୍ଜଣାରୁ ମଧ୍ୟ ତ୍ରାହି ମିଳନ୍ତା ।

ବପୂନୁ ମନରେ ଗୋଟିଏ ବୁଦ୍ଧି ଜୁଟିଲା । ଆଜି ବାପାଙ୍କ ଆଗରେ ଗୋଟିଏ ସର୍ତ୍ତ ରଖିବ । ଯଦି ବାପା ତାକୁ ବିଲାତିକୋଳ ଆଣିକି ଦେବେ ସେ ନିଶ୍ଚୟ ଖାଇବ !

ମନେ ମନେ ଖୁସି ହେଇଗଲା ବପୂନୁ । ପରିବାରୁ ସିନା ଫଳ କରିଦେଲେ ବାପା ବିଲାତିକୁ, କିନ୍ତୁ ଫଳରୁ କୋଳ କରିବାତ ଏତେ ସହଜ ହେବନି !

କବାଟରେ ବାପାଙ୍କର ଆସିବାର ଶବ୍ଦ ଶୁଣି ବପୂନୁ ମୁଣ୍ଡ ଗୁଂଜିଦେଲା ବହି ଭିତରେ । ବାପା ବପୁନୁକୁ ଭଲଭାବରେ ଜାଣନ୍ତି । ବପୂନୁ ବହିଭିତରେ ମୁଣ୍ଡ ଗୁଞ୍ଜିଛି ମାନେ କିଛିଗୋଟାଏ ବରାଦ ଅଛି, ନହେଲେ ବାପା ଆସିଲା କ୍ଷଣି ଯାଇକି ତାଙ୍କୁ କୁଣ୍ଢେଇ ପକାନ୍ତା ।

"ଆଜି ଆମ ରାଜାବାବୁଙ୍କର କଣ ଦରକାର କି? " ବାପାଙ୍କର କଣ୍ଠସ୍ୱର ଶୁଣି ବପୂନୁ ମୁଣ୍ଡ ଉପରକୁ ଉଠେଇଲା ।

"ମୁଁ କେବଳ ବିଲାତିକୋଳ ଖାଇବି ଆଜିଠାରୁ, "ବପୂନୁ କହିଲା ।

"ଆଚ୍ଛା ତାହାହେଲେ ଏଥର ବିଲାତି ଖାଇବାକୁ ଆମ ରାଜାବାବୁ ତୈୟାର? " ବାପା କହିଲେ ।

"ବିଲାତି ନୁହଁ ବିଲାତି କୋଳ, "ବପୂନୁ ଜୋର ଦେଇକି କହିଲା ।

"ହୋଉ ହେଲା ଆଣିବା ତୋପାଇଁ, "ବାପା କହିଲେ ।

"କେଉଁଠାରୁ ଆଉ କେମିତି ଆଣିବେ? " କୌତୁହଳ ହୋଇ ପଚାରିଲା ବପୂନୁ ।

"ବିଲାତିର ଏକପ୍ରକାର କିସମ ଅଛି ଯେଉଁଥିରେ ଅଂଗୁର ଭଳି ଫଳ ହୁଏ, ବିଭିନ୍ନ ରଙ୍ଗର । ଏହାକୁ ଗ୍ରେପଟମାଟୋ କୁହାଯାଏ । ଖାଇବାକୁ ଟିକେ ଅଲଗା କିନ୍ତୁ ବିଲାତି ଭଳି ପୃଷ୍ଟିକର ଆଉ କଞ୍ଚା ଖିଆଯାଏ । ଏ ବିଷୟରେ ତୁ ଅନ୍ୟ ବିବରଣୀ ଖୋଜିପାରୁ । କିନ୍ତୁ ଯେଯାଏଁ ସେଇଟା ଆସିନି ତୋତେ ମିଳୁଥିବା ବିଲାତି ଖାଇବାକୁ ପଡିବ । ଠିକ ଅଛି? " ବାପା କହିଲେ।



ଅବାକ ହେଇକ ଗୃହିଁଲ୍ ବାପାଙ୍କ ଆଡକୁ ବପୂନୁ । ସତରେ ଯୁକ୍ତିରେ ଆଉ ଜିଢିରେ ବାପାଙ୍କୁ ପାରିହୁଏନା । କନ୍ତୁ ବାପା ନଷ୍ଚୟ ଆଣିବେ ତାଲ୍ଗି ଅଙ୍ଗୁରି ବିଲ୍ତି । ସେତିକ ନଷ୍ଚିତଭ୍ବରେ ଜାଣେ ବପୂନୁ । ବାପା ବହୁତ ଭଲପାଆନ୍ତି ବପୁନୁକୁ ।

ଯାଇକ କୁଣ୍ଢେଇ ପକେଇଲ୍ ବପୂନୁ ବାପାଙ୍କୁ ।


ମୁଁ ଖେଳବାକୁ ଯାଉଛି, ଆସିଲେ ସେହି ଅଂଗୂରୀବିଲ୍ତି ବିଷୟରେ ପଢ଼ିବି ।

ବାପା ମୁରୁକ ହସୁଥିଲେ । ବପୂନୁ ବାହାରିଗଲ୍ ଖେଳବାକୁ । ଆଜି ଖେଳପଡିଆରେ ତାହାର ସାଙ୍ଗ ହରପ୍ରସାଦ ଏହି ବିଲ୍ତି ଅଙ୍ଗୁର ବିଷୟରେ କହିବ ମଧ୍ୟ ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଚରଲୋଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ବାପା ମୋ ପରିଚୟ

( ପିତୃ ଦିବସ ଉପଲକ୍ଷେ)



ସୁଧାଂଶୁ ଶେଖର ଦ୍ୱିବେଦୀ

ବାପା ମୋର ଗୁରୁ, ବାପା ମୋର ଗର୍ବ
ବାପା ମୋର କର୍ମ, ବାପା ମୋର ଧର୍ମ
ବାପା ମୋର ଜ୍ଞାନ, ବାପା ମୋ ସମ୍ମାନ
ବାପା ମୋର ଆଶା, ବାପା ମୋ ଭରଷା
ବାପା ମୋର ବନ୍ଧୁ, ବାପା ମୋର ସିନ୍ଧୁ
ବାପା ମୋର ସତ୍ୟ, ବାପା ମୋ ସଂହତି
ବାପା ମୋର ସୁଖ, ବାପା ମୋର ଶାନ୍ତି
ବାପା ମୋ ବିଶ୍ୱାସ, ବାପା ନୋ ନଶ୍ୱାସ
ବାପା ମୋ ଜୀବନ, ବାପା ମୋ ସପନ
ବାପା ମୋ ବିକାସ, ବାପା ମୋ ଆକାଶ
ବାପା ମୋ ଠିକଣା, ସବୁଠି ମୁଁ ଜଣା ।

ଯୋଗ ଫର ଲାଇଫ, ସେକ୍ଟର- ୧,
ସଲ୍ଟ ଲେକ୍, କୋଲକତା

# ଖଟା ମିଠା ଫଳ



ରାଜଶେଖର ସି "ଚମା"

ସର୍ଗିକ ବୃକ୍ଷଲତାଦି ଦେଉଛନ୍ତି ଖାଦ୍ୟୋପଯୋଗୀ ଫଳ,
ନାନାରସ ନାନାସ୍ୱାଦ ରେ ପରିପୂର୍ଣ୍ଣ ଏହି ଆସ୍ୱାଦନୀୟ ଫଳ,
ନାନାଜାତି ତରୁଲତାଙ୍କର ସୁଷୀମ ଶସ୍ୟ ଏହି ଅପରୂପ ଫଳ,
ନାନାପ୍ରକାର ଅର୍ଦ୍ଧଘନ ଅଠାଳଆ ପଦାର୍ଥ ରୂପେ ମିଳନ୍ତି ଫଳ । ୧।

କେତେ ରକମ ର ଅଛନ୍ତି ମିଠା ଫଳ,
କେତେ କସମ ର ଅଛନ୍ତି ଖଟା ଫଳ,
ପ୍ରକୃତି ପ୍ରେମ ସହ ଗଢ଼ିଛନ୍ତି ସବୁ ଫଳ,
ନଆର୍ ସ୍ୱାଦ ରଖିଛନ୍ତି ମଧୁରାମୃତ ଫଳ । ୨।

ସୁନେଲି ଆମ୍ବଫଳ ହେଉଛି ଅନୁପମ ଅମୃତଫଳ,
ଅନ୍ୟତମ ହେଲେ ପିଜୁଳ ବରକୋଳି ସୀତାଫଳ,
କୋମଳ ଯେ ତାଳସଜ ଅଙ୍ଗୁର ଲିଚ ରାମଫଳ,
ଏହି ମଧୁର ଫଳଙ୍କ ମଧ୍ୟେ ଅଛନ୍ତି ସେଓ ରମ୍ଭାଫଳ । ୨।

ଖଟାମିଠା କୋଳିବିଶେଷ ହେଲେ ବରକୋଳି,
ମିଠା ମିଠା ଲାଗେ ବହୁ ବିବିଧ ଖଜୁରୀକୋଳି,
କଷାୟ ରସ ର ଜ୍ଞାତ କରନ୍ତି ଅଁଳା ଜାମୁକୋଳି,
କ୍ଷୁଦ୍ର ଗୋଲାକୃତି ମଞ୍ଜି ଥିବା ରସାଳଫଳ ହେଲେ କୋଳି ।୩।

କମଳା ବାତାପୀଲେମ୍ବୁ ଲେମ୍ବୁ ହେଲେ ଖଟା ଫଳ,
ମିଷ୍ଟ ଅମ୍ଳ ସଂଯୋଗ ସ୍ୱାଦ ଦିଅନ୍ତି ଲେମ୍ବୁ ବୃକ୍ଷ ଫଳ,
କଷାରସ ସୁମିଷ୍ଟ ରସ ରୁଚ ଦିଏ ଡଉଲିଆ ଡାଳମ୍ବ ଫଳ,
ଆମ୍ବିଳା ଶସ୍ୟ ପଦାର୍ଥ ବହୁ ରସଗ୍ରହଣଯୋଗ୍ୟ ରସୁଆଳ । ୪।

ପଣସ ତରଭୁଜ ଅମୃତଭଣ୍ଡା ଯେ ରସପୂର୍ଣ୍ଣ ଫଳ,
ଆମ୍ର ଆଖୁ ହେଉଛନ୍ତି ସୁମଧୁର ରସଘନ ଫଳ,
ଅତି ପବିତ୍ର ପୂଜନୀୟ ଦୃଢ଼ ଯେ ବେଲ ନାରିକେଳ,
ଶ୍ରୀଜିଉ ଠାକୁରଙ୍କ ଭୋଗ ରେ ଲାଗେ ଏହି ଶ୍ରୀଫଳ । ୫।

ଅଲୌକିକ ଯେ ସମସ୍ତ ଖଟା ମିଠା ଫଳ,
ଆୟୁ ଆରୋଗ୍ୟ ପ୍ରଦାନ କରନ୍ତି ଏହି ଫଳ,
ଆୟୁର୍ବେଦ ରେ ବ୍ୟବହାର ହୁଅନ୍ତି କଛି ଫଳ,
ଆନନ୍ଦ ସହ ଆସ୍ୱାଦନ କରାଯାଉ ଖଟା ମିଠା ଫଳ । ୬।

chvrajasekhar@gmail.com

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପିଲାଙ୍କ ପାଇଁ ଗପଟିଏ



ନରେନ୍ଦ୍ର ପ୍ରସାଦ ବେହେରା

ବହୁ ପୁରାତନ ଯୁଗର କଥା । ଗୋଟିଏ ଗାଁରେ ଜଣେ ସାଧୁ ପଣ୍ଡିତ ରହୁଥିଲେ । ତାଙ୍କର ମନରେ ଅହଂକାର ସ୍ୱଭବ ପୁରି ରହିଥିଲା । ନିଜର ପାଣ୍ଡିତ୍ୱକୁ ନେଇ ସଦାସର୍ବଦା ଗର୍ବ କରୁଥିଲେ ସେ । ଦିନେ ସାଧୁ ଜଣଙ୍କ ଦୂର ସ୍ଥାନକୁ ଯିବାକୁ ବାହାରିଲେ । ଯିବା ବାଟରେ ଗୋଟିଏ ନଦୀ ପଡିଲା । ଘାଟରେ ଥିବା ନାଉରିଆକୁ ସାଧୁ ଜଣଙ୍କ ଡାକିଲେ ନଦୀ ପାର କରି ଦେବା ପାଇଁ । ଡାକଶୁଣି ନାଉରିଆ ଜଣଙ୍କ କୂଳକୁ ଆସିଲା । ସାଧୁ ଜଣଙ୍କ ନାଆରେ ବସିଲେ । ନାଆରେ ସାଧୁ ଜଣଙ୍କ ଛଡା ଆଉ କେହି ନ'ଥାନ୍ତି । ନାଆଟି କିଛି ଦୂର ଗଲାପରେ ସାଧୁଙ୍କର ଅହଂକାର ଜାତ ହେଲା । ନାଉରିଆ ପ୍ରତି ସାଧୁଙ୍କର ହେୟ ମନୋବୃତ୍ତି ଉପୁଜିଲା । ସାଧୁ ଜଣଙ୍କ ନାଉରିଆକୁ ପ୍ରଶ୍ନ କଲେ, ଆରେ ନାଉରିଆ ! ତୁମେତ ନାଆ ଚଳାଉଥିବା ସମୟରେ ଗୁଣୁଗୁଣୁ ହୋଇ କ'ଣ ଗୀତ ବୋଲୁଛ ? ଆଚ୍ଛା ତୁମେ ସଂସ୍କୃତରେ କିଛି ପଦ ଓ ଶ୍ଳୋକ ଜାଣିଛ କି ? ନାଉରିଆ ଉତ୍ତର ଦେଲା, କ୍ଷମା କରିବେ ଆଜ୍ଞା ! ମୁଁ ଚାଟଶାଳୀ ଦ୍ୱାର ମାଡି ନାହିଁ । ସାମାନ୍ୟ ନାଉରିଆଟିଏ । ବାଟୋଇ ମାନଙ୍କୁ ଡଙ୍ଗା ପାର କରିବା ମୋର ବେଉସା । ମୁଁ ସଂସ୍କୃତ ପଦ ଓ ଶ୍ଳୋକ ଜାଣିବି କିପରି । ଏହି ବୃତ୍ତିକରି ମୁଁ ମୋର ପରିବାର ପୋଷଣ କରୁଛି । ମୋତେ ସେଥିରୁ କ'ଣ ବା ମିଳ ? ସାଧୁ ଜଣକ ନାଉରିଆର କଥାକୁ ଅଟ୍ଟହାସ୍ୟ କରି କହିଲେ ତୁମେ ସଂସ୍କୃତରେ କିଛି ଶ୍ଳୋକ ଜାଣିନ ମାନେ ତୁମ ଜୀବନର ଏକ ଚତୁର୍ଥାଂଶ ନଷ୍ଟ ହୋଇଗଲା । ତୁମେ କ'ଣ ନିପଟ ନିର୍ବୋଧ ? ସାଧୁଙ୍କ କଥାରେ ନାଉରିଆ ଜଣକ ବାଧ ହୋଇ ଗୀତ ଗାଇବା ବନ୍ଦ କରି ନୀରବ ହୋଇଗଲା । ପୁଣି କିଛି ବାଟ ଗଲାପରେ ସାଧୁ ଜଣଙ୍କ ପ୍ରଶ୍ନକଲେ ଆଚ୍ଛା ନାଉରିଆ ଭାଇ, ତୁମେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ବିଷୟରେ କିଛି ଶୁଣିଥିବ । ସେ ଜଣେ ମହାନ କବି ଥିଲେ ବୋଲି । ବର୍ତ୍ତମାନ ତୁମେ ତାଙ୍କର ଗୋଟିଏ ଛାନ୍ଦ ଗାଇ ପାରିବ । ନାଉରିଆ

ଜଣଙ୍କ ଉତ୍ତର ଦେଲା ମୋର ଜଣେ ସମ୍ପର୍କୀୟ ଲୋକ ଅଛନ୍ତି, ସେ ପାଲା ଦଳରେ କାମ କରନ୍ତି, ସେହିଁ ଜାଣିଥିବେ ତାଙ୍କୁ କହିଲେ ହୁଏତ ସେ ଗାଇ ପାରିବେ । ମୁଁ ସେଥିରେ କଛି ଧାର ଧରିନାହିଁ ।

ନାଉରିଆ କଥା ଶୁଣି ସାଧୁ ଜଣଙ୍କ କହିଲେ ତୁମେ ଉପେନ୍ଦ୍ରଭଞ୍ଜଙ୍କ ଛାନ୍ଦ ଚଉପଦୀ ଜାଣିନ ଅର୍ଥ ଜୀବନର ଅର୍ଦ୍ଧେକ ବେକାର ହୋଇଗଲା । ତୁମେ ଜଣେ ଏତେ ବଡ ଅଜ୍ଞାନ ଜାଣି ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ତୁମ ଜୀବନର କଛି ମୂଲ୍ୟ ନାହିଁ । ମୋତେ ଦେଖ କେତେବଡ ମାହାତ୍ମ୍ୟ । ମୋତେ ସର୍ବଦା ଲୋକମାନେ ପୂଜା କରି ଆସୁଅଛନ୍ତି । ହଠାତ୍ ନାଆଟି ଯାଇ ଗୋଟିଏ ଅଗଭୀର ଗଣ୍ଡ ଭିତରେ ପଡିଗଲା । କାତ ଆଉ ପାଇଲା ନାହିଁ । ଠିକ୍ ଏହି ସମୟରେ ବିରାଟକାୟ କଳାମେଘ ଘୋଟି ଆସିଲା । ନାଉରିଆ ଜଣକ ଅତିମାତ୍ରାରେ ବ୍ୟତିବ୍ୟସ୍ତ ହୋଇ ପଡିଲା । ପବନ ଜୋରରେ ବହିବାକୁ ଆରମ୍ଭ କରିଦେଲା । ନାଆଟି ଧିରେଧିରେ ନାଉରିଆର ଆୟତ୍ତରୁ ଖସି ଯିବାକୁ ଲାଗିଲା । କଳାହାଣ୍ଡିଆ ମେଘଟି ଘଡଘଡି ସହ ଖୁବ ଜୋରରେ ବର୍ଷିବାକୁ ଲାଗିଲା । ନାଉରିଆ ଜାଣିପାରିଲା ଯେ ତା'ର ନାଆଟି ନଷ୍ଟୟ ବୁଡିଯିବ । ସଂଗେ ସଂଗେ ନାଉରିଆ ସାଧୁଙ୍କୁ କହିଲେ ହେ ମାହାତ୍ମ୍ୟ ଆପଣ ପହଁରି ଜାଣିଛନ୍ତି ? ନାଆଟି ବର୍ତ୍ତମାନ ବିପଦ ଅବସ୍ଥାରେ । ବୁଡିଯିବାର ସମ୍ଭାବନା ଅଛି । ମୁଁ ଆଉ ସମ୍ଭାଳ ପାରୁନାହିଁ । ମୁଁ ବର୍ତ୍ତମାନ ନରୁପାୟ । ସାଧୁ ଜଣଙ୍କ ବିଚଳତ ହୋଇ କହିଲେ ଆରେ ନାଉରିଆ ଭାଇ ମୋତେତ ପହଁରା ଜଣାନାହିଁ । କ'ଣ କରାଯିବ ? ନଜକୁ ବହୁତ ପଣ୍ଡିତ ଓ ଜ୍ଞାନୀ ମନେ କରୁଥିବା ସାଧୁ ଜଣକ ମୁହଁ ସେତେବେଳକୁ ଫିକା ପଡିଯାଇଥିଲା । ମୃତ୍ୟୁ ଆଶଙ୍କାରେ ଗୋଟାପଣେ ଥରୁଥା'ନ୍ତି । ପହଁରା ନ ଜାଣିଥିବା ସାଧୁଙ୍କୁ ନାଉରିଆଟି କହିଲା ଆପଣ ଏତେ ଜ୍ଞାନୀ ଓ ପଣ୍ଡିତ୍ୟର ଅଧିକାରୀ ଅଥଚ ପହଁରା ଜାଣି ନାହାଁନ୍ତି, ତାହେଲେ ଆପଣଙ୍କର ମଧ ସାରା ଜୀବନ ବ୍ୟର୍ଥ ହୋଇଗଲା । ସେଥିପାଇଁ ବହୁଲୋକ କହିଥା'ନ୍ତି ମଣିଷର ସବୁଠାରୁ ବଡ ସମ୍ପଦ ହେଉଛି ଯଶ ବା ଖ୍ୟାତି । ଏହା ସତ୍ୟ ନୁହେଁ । ଚରିତ୍ର, ବାର୍ତ୍ତାଳାପ, ସଙ୍କୋଚପଣିଆ, ନମ୍ରତା ଓ ଉଦାରତା ହେଉଛି ମଣିଷର ଶ୍ରେଷ୍ଠ ସମ୍ପଦ ଅଟେ ।

ଆଳଦା, ଖଇରା, ବାଲେଶ୍ୱର

# ଅଂଶୁଘାତ



ଚନ୍ଦ୍ର ଶେଖର ଗୋ

ଶୀତୋଷ୍ଣ କହିଲ୍ ତା ଅଜାକୁ
ଖରାବେଳେ ଯାଅନା ପଦାକୁ ।
ଅଜା ପଚାରିଲେ କାଇଁକି
ମୋର ବଳଶକତ ନାଇଁକି ।

ଶୀତୋଷ୍ଣ କହିଲ୍ ବୁଝେଇ
ଶୁଣ ଅଜା ମନ ଲଗେଇ ।
ଟାଣ ଖରାରେ ଲୁଚ ରହଇ
ଝାଉଁ ବା ଅଂଶୁଘାତ
ଅସହ୍ୟ ତାତି ଥରାଏ ଛାତି
ଆଉ ନ ଚଳେ ପାଦ ।

ଦେହରୁ ଶୋଷେ ଜଳୀୟ ଅଂଶ
ଶରୀର କରେ ଅଚେତ୍
ଘୁରୁମୁଷେଇ ପଡ଼ିଲେ ତଳେ
ବିପଦ ଧରେ ହଠାତ୍ ।

ଅଜା କହିଲେ ଆରେ ନାତିଆ
ଯଦି କାମ ପଡ଼େ ଖରାବେଳଆ ।

ପଦାକୁ ନଗଲେ ଯଦି ନଚଳେ
ଏଇ କଥା ମନେ ରଖିବ ଭଲେ ।
ପାଦେ ଚପଲ ମୁଣ୍ଡକୁ ଛତା
ଧରି ପାଣି ବୋତଲ ସାଥେ
ଧଳା କପଡ଼ା କଳା ଚଷମା
ପିନ୍ଧି ଚାଲିବ ଲକ୍ଷ୍ୟପଥେ ।

କର୍ଲାଖମାର, ନୂଆପଡ଼ା

# ଆପଣ ମାନେ ସବୁ ଖୁସି ତ



ସନ୍ତୋଷ କୁମାର ମହାନ୍ତି

ବାବୁନା କେବଳ ବାପାକୁ ଡରେ । ଘରେ ସିଏ କାହାକୁ ମାନେ ନାହିଁ ? ବାପା ଘରେ ନ ଥିଲେ ବାବୁନାର ଭଲ । ଇଚ୍ଛା ହେଲେ ପଢିବ ନହେଲେ ଯାଇ ଖେଳୁଥିବ । ଧକନ, ଡୁବୁନା, ଟୁନା, ଗଣେଶ ଓ ବଳିଆ ତାର ଭରି ସାଙ୍ଗ । ସେମାନଙ୍କ ସହ ସବୁବେଳେ ଖେଳେରେ ମାତି ଥାଏ । କିନ୍ତୁ ବାବୁନା ସ୍କୁଲ କେବେ ବନ୍ଦ କରେନାହିଁ ? ସ୍କୁଲରେ ସବୁ ଛୁଆଙ୍କ ସହ ତାର ଗଣ୍ଡଗୋଳ । ସାର ଓ ଦିଦିଙ୍କ ଠାରୁ ବହୁତ ମାଡ ଖାଏ । ଶ୍ରେଣୀରେ କାହା ଛୁଟି ଘୋଷାରିବା, କାହାର ଗୋଡ ଛନ୍ଦି ଦେଇ ତାକୁ ତଳେ ପକେଇବାର ବାବୁନାର ଭରି ଖୁସି । ବାବୁନାକୁ ଶ୍ରେଣୀରେ କେହି ବେଶୀ ଭଲ ପାଆନ୍ତି ନାହିଁ । ମୁନ, ବାବୁନାକୁ ବେଶୀ ଡରେ । ମୁନା ଭରି ସରଳ ପିଲା । ସେଥିପାଇଁ ବାବୁନା ତାକୁ ବେଶୀ ଚଡ଼ାଏ ।



ଶନିବାର ଓ ରବିବାର ବାବୁନାର ମନ ଭରି ଖୁସି । ଘରେ ଜମା ରହିବନି । ବାପା ଯଦି ଘରେ ନଥିବେ ତାର ଖୁସି ନ କହିଲେ ସରେ । ସାଙ୍ଗ ମାନଙ୍କ ସହ ଯାଇ ଦିନ ସାରା

ଖେଳେରେ ମାତିଥିବ । ସାଇକେଲ ଚଳେଇ ବୁଲୁଥିବ । ବୋଉ କ ଜେଜେ ଯିଏବି ଡାକଲେ ସେ ଶୁଣିବ ନାହିଁ ? ଗାଁକୁ ଯଦି ମାଙ୍କଡ ଆସିଗଲ୍ ବାବୁନାର କଚେ ପୁଅ ବାର। ଧକନ, ଟୁନା ଓ ଗଣେଶ ସହ ମିଶି ବାବୁନା ମାଙ୍କଡ଼ ଦଳଙ୍କୁ ଗୋଡ଼େଇବାରେ ଲ୍ଗିଥିବ । ପାଠରେ ବାବୁନାର ଜମା ମନ ନଥାଏ । ସେଥିପାଇଁ ବାପାଙ୍କ ଠାରୁ ବହୁତ ମାଡ ଖାଏ । ଗାଳ ବି ଶୁଣେ। ବାପା, ବୋଉଙ୍କ ମାଡ ଗାଳ ତା ଉପରେ କଛି ଫରକ ପଡେ ନାହିଁ ।

ବାବୁନାକୁ ଗାଁ ସ୍କୁଲରେ ଆଉ ପଢ଼େଇବେ ନାହିଁ ବୋଲି ବାପା, ବୋଉ କଥା ହେଉଥିଲେ । ସେମାନେ ବାବୁନା ପାଇଁ ହଷ୍ଟେଲ ସ୍କୁଲ ବୁଝିଛନ୍ତି। ସେ ସେଠି ରହି ପଢିବ । ବାବୁନାର ସପ୍ତମ ସରିଗଲ୍ । ଆଉ ତିନ ବର୍ଷ ପରେ ସେ ମାଟ୍ରିକ ପରୀକ୍ଷା ଦେବ । ଗାଁରେ ରହିଲେ ବାବୁନା ଜମା ପଢୁନ। ଆଗକୁ ଆହୁରି ଦୁଷ୍ଟ ହେଇଯିବ । ସେଥିପାଇଁ ତାକୁ ଗାଁ ଠାରୁ ଦୂର ଶ୍ରୀକ୍ଷେତ୍ର ହଷ୍ଟେଲ ସ୍କୁଲରେ ରଖିବା ପାଇଁ ବାପା, ଜେଜେ ଓ ବୋଉ ସବୁବେଳେ କଥା ହେଉଛନ୍ତି ।

ବାବୁନା ସବୁ କଥା ଶୁଣେ । କାହାକୁ କଛି କୁହେ ନାହିଁ । ବାପା ଘରେ ନ ଥିଲ୍ ବେଳେ ବୋଉ ସହ କଜିଆ କରେ । ହଷ୍ଟେଲରେ ରହି ପଢିବ ନାହିଁ ବୋଲି କୁହେ । ହଷ୍ଟେଲ କଥା କହିଲେ ନ ଖାଇ ଜିଦ କରି ଶୁଏ ।

ବାବୁନା କାଲି ବାପାଙ୍କ ସହ ହଷ୍ଟେଲ ଯିବ । ସେଥିପାଇଁ ବାପା ତା ପାଇଁ ଗୋଟେ ବଡ ଟ୍ରଙ୍କ କଣି ଦେଇଛନ୍ତି । ବୋଉ ଟ୍ରଙ୍କରେ ବାବୁନାର ପୋଷାକ, ଖାଇବା ଜିନଷ ଓ ବହି ସବୁ ଭର୍ତି କରିସାରିଲେଣି । ବାବୁନାକୁ ରାତିରେ ଜମା ନଦ ହେଉ ନଥାଏ । ଗାଁ ଛାଡିକ ଯିବ । ସେଠି ଆଉ ତାକୁ ସାଙ୍ଗ ମିଳବେ ନାହିଁ । ସବୁବେଳେ ସାର ମାନେ ପଢିବାକୁ କହିବେ । ସେ ଆଉ ବୁଲି ପାରିବ ନାହିଁ । ଏଇ କଥା ଭାବି ତାକୁ ନଦ ହେଉ ନଥାଏ ।

ସକାଳ ହେଲ୍ । ବାପା କାମ ସାରିଲେ । ବାବୁନା ମନ ଦୁଃଖରେ ବାପାଙ୍କ ସହ ହଷ୍ଟେଲ ବାହାରିଲ୍ ।

ଦାଣ୍ଡରେ ରମେଶ ଜେଜେ ଓ ଶଙ୍କର ଦାଦା ବସିଥିଲେ । କଣ ବାବୁନା ବାବୁ ଆମର ହଷ୍ଟେଲ ଗଲେ ...କେତେ ବଡ କଥା ମ - ରମେଶ ଜେଜେ କହିଲେ ।

- ମୁ ଆଜି ଘର ଛାଡ଼ି ହଷ୍ଟେଲ ଯାଉଛି, ଆପଣମାନେ ସବୁ ଖୁସି ତ- - ବାବୁନା ହସି ହସି କହିଲା ।

ବାବୁନା କଥା ଶୁଣି ବାପା, ବୋଉ, ସନ୍ଆ ଜେଜେ, ରମେଶ ଜେଜେ, କନକ ମା , ଭବାନୀ ଦି ସମସ୍ତେ ହସି ଉଠିଲେ ।

ହଁ- ଆମେ ସବୁ ବହୁତ ଖୁସି ବୋଲି ସମସ୍ତେ କହିଲେ ।

ବାବୁନା ବି ଟିକେ ହସି ଦେଇ କହିଲେ - ମୁଁ ବି ଆଜି ବହୁତ ଖୁସି । ଏଥର ମୁ ଆଉ ବେଶୀ ଦୁଷ୍ଟ ହେବି ନାହିଁ । ଆଗକୁ ମନ ଦେଇ ପଢ଼ିବି । ଆଉ ଆପଣମାନେ ଆଗକୁ ଆହୁରି ଖୁସି ହେବେ ।

ବାପା ଗାଡି ଷ୍ଟାର୍ଟ କଲେ । ବାବୁନା ସମସ୍ତଙ୍କୁ ନମସ୍କାର କରି ବାପାଙ୍କ ସହ ଗ୍ଳଲିଗଲା । ବାବୁନା ହଷ୍ଟେଲ ଯାଇଥିବାରୁ ସମସ୍ତେ ଖୁସି ହେଲେ ।

ବାବୁନା ହଷ୍ଟେଲରେ ରହିବା ପରେ ପୁରା ବଦଳ ଯାଇଛି । ପାଠ ପଢ଼ାରେ ମନ ଦେଉଛି । ଶ୍ରେଣୀରେ ସବୁ ବିଷୟରେ ଭଲ ନମ୍ବର ରଖୁଛି । ଆଉ ଏବେ ଘରେ ଓ ଗାଁରେ ବାବୁନାକୁ ସମସ୍ତେ ଭଲ ପାଉଛନ୍ତି ।

ନବଜୀବନ ସମାଜ, ଗ୍ରାମ/ ଡାକ- ସଫା,
ଜିଲ୍- କଟକ- ୭୫୪୦୨୨

# ପାଠକୁ ଯାଅନ ଡରି



ପ୍ରଶାନ୍ତ କୁମାର ନାଥ

ପାଠଯେ ଅଟଇ ବହୁତ ସହଜ
ଯାଅ ନାହିଁ ଜମା ଡରି
ଯେତେ ଡରୁଥିଲେ ସେତେ ଡରେଇବ
ମନେଦେଵ ଭୟଭରି ।
ଭ୍ବିବନ କେତେ ଏମିତି ପାଠଟେ
ମୋ ଦ୍ଵାର୍ ହୋଇବ ନାହିଁ
ମନରେ ରଖିଲେ ଏହି ଭ୍ବନାଟି
ନିଶ୍ଚୟ ହେବ ବିଜୟୀ ।
ପାଠଯେ ଅଟଇ ବହୁତ ସରଳ
ଜଟିଳ ଦିଅନ କରି
ଧ୍ୟାନ ରଖିଥିଲେ ପାଠରେ ଉପରେ
ରହିଯିବ ଘର କରି ।

ଥରେ ପଢ଼ିଦେଲେ ମନେ ରହିଯିବ
ପଢିବାରେ ମନଦେଲେ
ଯେତେ ପଢିଲେବି ମନେ ରହିବନ
ପାଠରେ ଧ୍ୟାନ ନଦେଲେ ।
ପାଠକୁ ଡରିକି ମୁରୁଖ ହୋଇଲେ
ମିଳବ ଅନେକ କଷ୍ଟ
ପଛରେ ଭ୍ବିବ ପାଠ ପଢିଲିନ
ଜୀବନ ହୋଇଲ୍ ନଷ୍ଟ ।
ପାଠଟା ଅଟଇ ନହାତି ଜରୁରୀ
ସଫଳ ଜୀବନ ପାଇଁ
ପଢିବାରେ ହେଳା କରିବ ନଜମା
କାନ୍ଦିବ ଲୁହ ଝର୍ଇ ।

ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୬/ ୨୦୧୯ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୨/ ୦୬/ ୨୦୧୯ | ସବେ- କଦର୍ ( ପୂର୍ବରାତ୍ରି) |
| ୦୩/ ୦୬/ ୨୦୧୯ | ସାବିତ୍ରୀ ଅମାବାସ୍ୟ ଓ ସୋମମହତୀ ସ୍ନାନ |
| ୦୫/ ୦୬/ ୨୦୧୯ | ଇଦୁଲ୍ ଫିତର୍ ଓ ରମ୍ଭା ତୃତୀୟା |
| ୦୬/ ୦୬/ ୨୦୧୯ | ଗୌର ଚତୁର୍ଥୀ |
| ୦୭/ ୦୬/ ୨୦୧୯ | ଶିବ ବିବାହ |
| ୦୮/ ୦୬/ ୨୦୧୯ | ଶୀତଳ ଷଷ୍ଠୀ |
| ୧୩/ ୦୬/ ୨୦୧୯ | ନିର୍ଜ୍ଜଳା ଏକାଦଶୀ ଉପବାସ ବ୍ରତ, ରୁକ୍ମିଣୀ ବିବାହ |
| ୧୪/ ୦୬/ ୨୦୧୯ | ପହିଲି ରଜ, ଚମ୍ପକ ଦ୍ୱାଦଶୀ |
| ୧୫/ ୦୬/ ୨୦୧୯ | ମିଥୁନ ( ରଜ) ସଂକ୍ରାନ୍ତି, ଶିବ ଚତୁର୍ଦ୍ଦଶୀ ଉପବାସ |
| ୧୬/ ୦୬/ ୨୦୧୯ | ଭୂଦାହ ଓ ଚନ୍ଦ୍ରପୂଜା |
| ୧୭/ ୦୬/ ୨୦୧୯ | ବସୁମତୀ ସ୍ନାନ ଓ ଦେବସ୍ନାନ ପୂର୍ଣ୍ଣିମା |
| ୧୯/ ୦୬/ ୨୦୧୯ | ଶରଣ ଆରମ୍ଭ |
| ୨୪/ ୦୬/ ୨୦୧୯ | ଶରଣ ଶେଷ |
| ୨୯/ ୦୬/ ୨୦୧୯ | ଖଳଲାଗି ଏକାଦଶୀ ଉପବାସ |
| ୩୦/ ୦୬/ ୨୦୧୯ | ପଠାଣି ସାମନ୍ତଙ୍କ ତିରୋଧାନ ଦିବସ ଓ ଅଣସର ଦ୍ୱାଦଶୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ଏଇ ମୋର ହାତେ ଖେଳଅଛି କେତେ ସାଙ୍ଗସାଥି ସାଥେ
ମନେ ପଡ଼ିଗଲା ମୋର ଅତୀତର ସ୍ମୃତିଯାକ ସତେ ।।
ବାଲ୍ୟକାଳ- ଆଦ୍ୟ କୈଶୋରର ଅପାଶୋର୍ ସେହିସ୍ମୃତି
ଝଡ଼- ଝଞ୍ଜିଟିଆ- ଯଉବନେ ଲଭିଲ୍ ଯେ ଫଳବତୀ ।।
କାହିଁକି ନା ପ୍ରିୟ ବେଦାନ୍ତୀର"ଚିତ୍ର କଥା କହେ"ସ୍ତମ୍ଭେ
"ବେଟେନ୍ ଖେଳ"କୁ ପାଇ ଜାଣିଗଲି ତା ପ୍ରସିଦ୍ଧି କେତେ ।।

ବିଜେତା: ଚନ୍ଦ୍ର ଶେଖର ଗୌ, କର୍ଲାଖମାର, ନୂଆପଡ଼ା

ହାତପାପୁଲି ଉପରେ ଅଛି ପାଞ୍ଚଟି ଗୋଡ଼ି,
ଯାହା ଗୋଟେଇବାର କ୍ରୀଡ଼ା ହେବନ ଛାଡ଼ି
ଟେକ ଫୋପାଡ଼ିଲେ ଖସିବେ ତଳ କୁ ପଡ଼ି,
ଭିନ୍ନ ଖେଳ ଯେ ଛୋଟପିଲାଙ୍କ ଜୀବ ନାଡ଼ି,
ମନେପଡୁଛି ପିଲାଦିନ ଦେଖିକ ଏହି ଗୋଡ଼ି

ବିଜେତା: ରାଜଶେଖର ସି 'ଚମା'

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ବ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**